ISSN: 2583-147X (P)
ISSN: 3048-8958 (O)

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ ପତ୍ରିକା



The Official Journal of
Prachee Centre for
Cultural Relations

Prachee
Patrika

ନଭେମ୍ବର ୨୦୨୫
ମୂଲ୍ୟ : ୨୫ ଟଙ୍କା

# Prachee Centre for Cultural Relations(PCCR)
Niladri Vihar
Naya Bazar, Cuttack-753004


Culture consists of the beliefs, behaviours, objects and other characteristics common to the members of a particular group or society. Through culture, people and groups define themselves, conform to society's shared values, and contribute to society. Prachee Centre for Cultural Relations (PCCR) was founded in 2015 by Voice for Voiceless society, for the cultural promotion and participation, fostering of different literature and language and its contribution for society. The literary personalities of different literature, journalist, editor, artist, singer, dancer, photographer, spiritual leader, sports & game personalities, poet, story writer, novelist, dramatist, essayist, columnist, writers, authors, are part of this society. This organization publishes a monthly literature magazine is "Bastabatara Pariprakash Prachee" and different social relevant books in different language.

## Prachee Centre for Cultural Relations (PCCR) aims to:

- To foster and strengthen cultural relations and mutual understanding among different region of India;
- To promote cultural exchanges among different communities and people, and to develop relations with each other's;
- To promote peace, harmony and nonviolence through cultural programme and literature;
- To promote classical music, dance, song, traditional culture and social values;
- To support the needy people to pursue their education in arts and literature;
- To promote interest in contemporary literature and genres of creative writing;
- To organize cultural functions and competition;
- To serve as a major resource Centre for the arts, literature, especially written, oral and visual source materials;
- To undertake research and publication programmes of reference works, glossaries, dictionaries and encyclopedia concerning the arts and the humanities;
- To establish a tribal and folk arts division with a core collection for conducting systematic scientific studies and for live presentations;
- To provide a forum for a creative and critical dialogue through performances, exhibitions, multi-media projections, conferences, seminars and workshops between and amongst the diverse arts, traditional and contemporary;
- To foster dialogue between arts and current ideas in philosophy, science and technology, with a view toward bridging the gap in intellectual understanding between modern sciences and arts and culture;
- To evolve models of research programmes and arts administration more pertinent to the Indian ethos;
- To elucidate the formative and dynamic factors in the complex web of interactions between diverse social strata, communities and regions;
- To promote a network with national and international institutions;
- To conduct related research in the arts, humanities and culture.



ପ୍ରେରଣାର ଉତ୍ସ
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ



ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା, ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ  ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ଆଗାମୀ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଋଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

– ସଂପାଦକ

# ଓଁ 'ପ୍ରାଚୀ'ର କଲମ ଋ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତ୍ତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟାବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରୁ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୂନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଙ୍ଗ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦୀନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟୋପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

## ଉପଦେଷ୍ଟା ମଣ୍ଡଳୀ

**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ନଟବର ଶତପଥୀ**
ଅବସରପ୍ରାପ୍ତ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର
ଓଡ଼ିଆ ବିଭାଗ

**ପ୍ରଫେସର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ
ଦର୍ଶନ ବିଭାଗ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ଅବସରପ୍ରାପ୍ତ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ

**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ**
କୁଳପତି
ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର

## ମୁଖ୍ୟ ସଂପାଦିକା

**ପ୍ରଫେସର ମନ୍ଦାକିନୀ ଦାସ**
ଅବସରପ୍ରାପ୍ତ ପ୍ରଫେସର
ସଭାପତି, ପ୍ରାଚୀ ସେଣ୍ଟର ଫର କଲଚରାଲ ରିଲେସନ୍ସ

## ସମ୍ପାଦନା ସହଯୋଗୀ

**ପ୍ରଫେସର ବିକ୍ରମ କେଶରୀ ମିଶ୍ର**
ସମାଜ ବିଜ୍ଞାନ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର
ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

**ଡକ୍ଟର ଆଲୋକ ବରାଳ**
ବରିଷ୍ଠ ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ଡକ୍ଟର ଦୀପକ କୁମାର ଦାଶ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ସହାୟକ ପ୍ରଫେସର
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ

**ଡକ୍ଟର ସଂଜିତା ମିଶ୍ର**
ସହାୟକ ପ୍ରଫେସର
ଶୈଳବାଳା ମହିଳା ସ୍ୱୟଂଶାସିତ
ମହାବିଦ୍ୟାଳୟ, କଟକ

**ପ୍ରଫେସର ରାମକୃଷ୍ଣ ପ୍ରଧାନ**
ରାଜନୀତିବିଜ୍ଞାନ ବିଭାଗ
ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ବିଳାସପୁର, ଛତିଶଗଡ଼

**ଡକ୍ଟର ଭିନୀତ ସାହୁ**
ଆସୋସିଏଟ୍ ପ୍ରଫେସର
ଦର୍ଶନ ବିଭାଗ, ଆଇ.ଆଇ.ଟି, କାନପୁର

## ସଂପାଦକ

ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ

## ସଂପାଦକ ମଣ୍ଡଳୀ

**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ବଭ୍ରୁବାହାନ ମହାପାତ୍ର**
ଓଡ଼ିଆ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ

**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
ଶିକ୍ଷାବିତ

**ଡ଼କ୍ଟର ସୁମନ୍ତ ନାଏକ**
ସହକାରୀ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ଧରଣୀଧର ବିଶ୍ୱବିଦ୍ୟାଳୟ

**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସେମିଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର କମଳ ମାହୁନ୍ତ**
ଅଧ୍ୟାପକ
ଓଡ଼ିଆ ବିଭାଗ

**ଡକ୍ଟର ନାକୁ ହାଁସଦାଃ**
ସହାୟକ ପ୍ରଫେସର
ସ୍ନାତକୋତ୍ତର, ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ଡକ୍ଟର ଲୋପାମୁଦ୍ରା ସ୍ୱାଇଁ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସରକାରୀ ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ପଲ୍ଲିଶ୍ରୀ ପଟ୍ଟନାୟକ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

**ଡକ୍ଟର ମମତା ଖଣ୍ଡାୟତରାୟ**
ସହାୟକ ପ୍ରଫେସର
ପାରାଦୀପ କଲେଜ, ପାରାଦୀପ

**ଡକ୍ଟର ପ୍ରତୀଚୀ ନନ୍ଦ**
ଅଧ୍ୟାପିକା
ଓଡ଼ିଆ ବିଭାଗ

# ପ୍ରାଚୀର ନିୟମାବଳୀ



1. ବାସ୍ତବତାର ପରିପ୍ରକାଶ 'ପ୍ରାଚୀ' ଏକ ମାସିକ ଗବେଷଣାଧର୍ମୀ ସମାଲୋଚନାମୂଳକ ପତ୍ରିକା । ଏଥିରେ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଲୋକ ଜୀବନ, ଇତିହାସ, ସମାଜ, ସଂସ୍କୃତି, କଳା, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
2. 'ପ୍ରାଚୀ' ଯୁବପିଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ତେଣୁ ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସଂରଚନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ।
3. ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକଲେଖିକାମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ।
4. ପୂର୍ବରୁ ଅନ୍ୟ ପତ୍ର-ପତ୍ରିକା କିମ୍ବା ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଲେଖା 'ପ୍ରାଚୀ' ପତ୍ରିକା ପାଇଁ ଗ୍ରହଣୀୟ ନୁହେଁ।
5. 'ପ୍ରାଚୀ' ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ। ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ କମ୍ପୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ।
6. ଲେଖାଟି ଆକ୍ଷେପମୂଳକ କିମ୍ବା ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ। ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ। ଲେଖାଟି ପ୍ରକାଶ ପାଇବା ପରେ ଡାକ କିମ୍ବା ଇ-ମେଲ ଯୋଗେ ଲେଖକଲେଖିକାଙ୍କୁ ଜଣାଇ ଦିଆଯିବ।
7. ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ। ତେଣୁ ଲେଖକଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ। ଲେଖକଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ।
8. କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ। ପ୍ରାଚୀ ପାଇଁ ପଠାଉଥିବା ଲେଖାଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ ପତ୍ରିକା, ନୀଳାଦ୍ରି ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିବେ।
9. ଲେଖାଗୁଡ଼ିକ ପେଜ୍ ମେକର୍ ଫର୍ମାଟ୍ ଓ ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ।
10. ପ୍ରବନ୍ଧ ପଠାଇବାର ଚାରିମାସ ମଧ୍ୟରେ ପତ୍ରିକାରେ ପ୍ରକାଶିତ ନହେଲେ ଲେଖକ ନିଜର ପ୍ରବନ୍ଧକୁ ଅନ୍ୟତ୍ର ପ୍ରକାଶ କରିପାରିବେ। ଲେଖାଟି ଅପ୍ରକାଶିତ ଓ ଏହାର ମୌଳିକତା ସମ୍ପର୍କରେ ଗବେଷକ ଏକ ସ୍ୱୀକାରୋକ୍ତି ପତ୍ର ଲେଖା ସହିତ ସଂଲଗ୍ନ କରି ପଠାଇବେ। ପ୍ରକାଶିତ ଲେଖାର ମୌଳିକତା ନେଇ ପ୍ରଶ୍ନ ଉପୁଜିଲେ ଏଥିପାଇଁ ସଂପୃକ୍ତ ଲେଖକ ଉତ୍ତରଦାୟୀ ହେବେ । ପତ୍ରିକାକୁ ପଠାଇଥିବା ଲେଖା ପ୍ରକାଶିତ ନହେଲେ ସଂପାଦକ ବା ସମ୍ପାଦନା ମଣ୍ଡଳୀ ଦାୟୀ ରହିବେ ନାହିଁ ।

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

# ଆପଣଙ୍କର ଟିକିଏ କଷ୍ଟ
# ଆମର ଗୋଟିଏ ପେଟ



**ବୁଲା ପଶୁଙ୍କୁ ଖାଦ୍ୟ ଦିଅନ୍ତୁ * FEED THE STRAY ANIMAL**

ବାସ୍ତବତାର ପରିପ୍ରକାଶ
ପ୍ରାଚୀ
Vol.- 11, November 2025, Issue No. VIII
ISSN NO. 2583-147X (P)
ISSN NO. 3048-8958 (O)
RNI No. : ODIODI/2015/64435
P.R. No. : CK(C)/96/2025-2027

**ପ୍ରକାଶକ :**
ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍
ନିଳାଦ୍ରୀ ବିହାର, ନୂଆବଜାର, କଟକ

**ପ୍ରଚ୍ଛଦ ଚିତ୍ର :**
ବିଜୟ କୁମାର ସାହୁ

**ଅକ୍ଷର ସଜ୍ଜା :**
ବିକ୍ରମ କିଶୋର ସାହୁ

**ଡିଟିପି :**
ଶିବ ପ୍ରସାଦ ଧଳ

**ଅଳଙ୍କରଣ :**
ବିଭୁପ୍ରସାଦ ନାୟକ

**ୱେବ ଡ଼ିଜାଇନର୍ :**
ଶୁଭ୍ରାଂସୁ ଶତପଥି

**ବିଜ୍ଞାପନ ଅଧିକାରୀ :**
ଅବିନାଶ ଦାଶ

**ବିତରଣ ଅଧିକାରୀ :**
ସନ୍ତୋଷ କୁମାର ପାଲ୍

**ମୁଦ୍ରଣ :**
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

# ଏଇ ସଂଖ୍ୟାରେ...

୧. ଓଡ଼ିଆ ସମାଲୋଚନାର ଦିଗ୍‌ବଳୟରେ ଭରଦ୍ୱାଜ
ସଂଘମିତ୍ରା ବେହେରା ........................... ୯

୨. ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଗଳ୍ପରେ ସମାଜବାଦୀ ସିଦ୍ଧାନ୍ତ
ସ୍ୱପ୍ନାରାଣୀ ସିଂ ............................. ୧୪

୩. "ଆଧୁନିକତାର ପରେ : ଓଡ଼ିଆ ଗଳ୍ପର ନୂତନ ଅନୁଭୂତି ଓ ଶୈଳୀ"
ଅଜୟ କୁମାର ସାହୁ ....................... ୨୪

୪. ସାରଳା ମହାଭାରତର କ୍ରିୟା ଆଲୋଚନାର ଧାରା
ରମେଶ ଚନ୍ଦ୍ର ପ୍ରଧାନ ....................... ୩୨

୫. କ୍ଷଣିକ ଭୋଗସର୍ବସ୍ୱ ଓ
ଆତ୍ମଦହନର ପୀଡ଼ା "ଏକା ଏବଂ ଏକା ଏକା"
ରଞ୍ଜନ କୁମାର ଖଣ୍ଡା ......................... ୩୭

୬. କୁନ୍ତଳା କୁମାରୀଙ୍କ ଉପନ୍ୟାସରେ ନାରୀର ସ୍ଥିତି ଓ ସ୍ୱାତନ୍ତ୍ର୍ୟ
ସନ୍ଦିପ୍ତା ପାଢ଼ୀ ............................... ୪୭

୭. ଓଡ଼ିଶାରେ ଗୋପାଳ ଜାତିର ସାଂସ୍କୃତିକ ଐତିହ୍ୟ
ସିପୁନ ଭୂତିଆ............................... ୫୩

୮. ଓଡ଼ିଆ ସଂସ୍କୃତି ଓ ଧର୍ମ ଧାରାରେ ଯାଜପୁରର ମହାବିନାୟକ
ବଳରାମ ଦାସ .............................. ୬୨

୯. ଓଡ଼ିଆ ଉପନ୍ୟାସିକା ପରିପ୍ରେକ୍ଷୀରେ ପ୍ରାପ୍ତିର ଭୂମିକା
ଶୁଭଶ୍ରୀ ଜେନା .............................. ୬୫

୧୦. ମିଥ୍‌ର ପୁନର୍ମୂଲ୍ୟାୟନ ପ୍ରେକ୍ଷାପଟ୍ଟରେ
ରତ୍ନାକର ଚଇନିଙ୍କ 'ଅଥଚ ଚାଣକ୍ୟ' ନାଟକ
ହିତେଶ୍ ବେହେରା .......................... ୬୯



# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣଙ୍କର ମୁଠାଏ ଦାନା
## ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ * FEED THE BIRDS**

Voice for Voiceless

# SARVODAYA SOCIETY GOALS

1 Stop Contaminating Water

2 Stop Polluting Air

3 Stop Plastic Use

4 Save Earth

5 Stop Drug Abuse and Alcoholism

6 Stop Untouchability

7 Help Dibyanga

8 Help Mentally Disable Person

9 Help Senior Citizens

10 Help Sick Person

11 Help Poor Children

12 Help Poor Women

13 Planting Tree

14 Protecting Animals and Birds

15 Spreading Basic Education

16 Women Empowerment

17 Cleanliness Campaign

18 Satya and Ahmisha

19 Health and Hygienic

20 Communal Harmony

21 Vocational Education

22 Cottage Industries

23 Village Economy

24 Self Help Groups


25 Feed the Need

26 Farming and Agriculture

Voice for Voiceless

SARVODAYA SOCIETY GOALS

For Positive Constrictive Programme



# ଗାନ୍ଧିଜୀ ଓ ସଂଗୀତ

ଏକ ଅନୁଶାସନ ଆଉ ରୁଟିନ୍‌ବନ୍ଧା ଜୀବନ କାଳରେ ଗାନ୍ଧିଜୀ ଅଧିକାଂଶ ସମୟ ସତ୍ୟାଗ୍ରହ ଆନ୍ଦୋଳନ, ପଦଯାତ୍ରା ଅଥବା ଗଠନମୂଳକ କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ । ଦକ୍ଷିଣ ଆଫ୍ରିକାରୁ ଅନ୍ୟାୟ ଆଉ ବର୍ଣ୍ଣବୈଷମ୍ୟ ନୀତି ବିରୁଦ୍ଧରେ ସଂଗ୍ରାମ କରିବାର ଯେଉଁ ଅଭିଜ୍ଞତା ଧରି ସେ ଭାରତ ଫେରିଥିଲେ, ତା'ର ପ୍ରତିଫଳନ ଚମ୍ପାରନ ଓ ଖେଦାର ଚାଷୀ ଆନ୍ଦୋଳନ ଠାରୁ ଆରମ୍ଭ କରି ଅହମଦାବାଦର ମିଲ୍ ଶ୍ରମିକ ଆନ୍ଦୋଳନରେ ପ୍ରତିଫଳିତ ହେଲା । ତା'ପରେ ଆରମ୍ଭ ହୋଇଗଲା ସ୍ୱାଧୀନତା ନିମନ୍ତେ ଜଟିଳ ସଂଗ୍ରାମ । ଶୃଙ୍ଖଳା, ସମୟାନୁବର୍ତ୍ତିତା ଆଉ ଅନୁଶାସନ ଭିତରେ ସମୟ କାଟୁଥିବା ଗାନ୍ଧିଜୀଙ୍କ ଜୀବନରେ ସଂଗୀତର କୋମଳ ତାନ ଯେ ସ୍ୱର୍ଗୀୟ ଆନନ୍ଦ ଓ ଶାନ୍ତି ଆଣି ପାରୁଥିଲା, ତାହା ଅନେକ ବ୍ୟକ୍ତି ବିଶ୍ୱାସ କରିପାରନ୍ତି ନାହିଁ ।

ମନୁଷ୍ୟ ଜୀବନରେ ସଂଗୀତର ପ୍ରଭାବକୁ ନେଇ ଏକ ପ୍ରଶ୍ନର ଉତ୍ତରରେ ଗାନ୍ଧିଜୀ 'ୟଙ୍ଗ ଇଣ୍ଡିଆ'ରେ ଲେଖିଥିଲେ, "ସଙ୍ଗୀତ ବୋଧ ନ ଥିବା ଜୀବନରେ ସୌନ୍ଦର୍ଯ୍ୟବୋଧ ନ ଥାଏ ।" ଜୀବନର ଝଡ଼ଝଞ୍ଜା ମଧ୍ୟରେ ସଂଗୀତର ମୂର୍ଚ୍ଛନା ଆନନ୍ଦ ଆଣିଥାଏ । ଈଶ୍ୱରଙ୍କ ସହ ସଂପର୍କିତ ହେବା ନିମନ୍ତେ ସଙ୍ଗୀତ ଏକ ଶକ୍ତିଶାଳୀ ମାଧ୍ୟମ । ଭକ୍ତିପୂର୍ଣ୍ଣ ପ୍ରାର୍ଥନା ବା ଭଜନ, ମନରେ ଅପାର ଶାନ୍ତି ଭରିଦିଏ । ଦକ୍ଷିଣ ଆଫ୍ରିକାରେ ଘଟିଥିବା ଏକ ଘଟଣାର ବର୍ଣ୍ଣନା କରି, ପ୍ରାର୍ଥନା ତାଙ୍କ ଜୀବନରେ କିପରି ଗଭୀର ପ୍ରଭାବ ପକାଇଥିଲା ତା'ର ଉଦାହରଣ ସେ ଦେଇଥିଲେ । କିଛି ଦୁର୍ବୃତ୍ତଙ୍କ ଆକ୍ରମଣର ଶୀକାର ହୋଇ ଚିକିତ୍ସିତ ହେଉଥିବା ବେଳେ, ତାଙ୍କର ସେବା କରୁଥିବା ସିଷ୍ଟର "ଲିଡ୍ କାଇଣ୍ଡଲି ଲାଇଟ" ପ୍ରାର୍ଥନାଟିକୁ ପ୍ରତ୍ୟହ ତାଙ୍କ ବିଛଣା ନିକଟରେ ବସି ଗାନ କରୁଥିଲେ । ପ୍ରାର୍ଥନାର ସ୍ନିଗ୍ଧ କୋମଳତା ଓ ଆଧ୍ୟାତ୍ମିକ ଭାବ ତାଙ୍କ ଶାରୀରିକ କ୍ଳେଶ ହ୍ରାସ କରିବା ସହିତ ତାଙ୍କୁ ମାନସିକ ସାନ୍ତ୍ୱନା ପ୍ରଦାନ କରୁଥିଲା । ଏବେ ଚିକିତ୍ସାଶାସ୍ତ୍ରରେ 'ମ୍ୟୁଜିକ୍ ଥେରାପୀ' ବା ସଂଗୀତ ଚିକିତ୍ସା ଦ୍ୱାରା ରୋଗୀର ଯନ୍ତ୍ରଣା ଉପସମ କରିବାର ପଦ୍ଧତି ପ୍ରଚଳିତ ହେଉଛି । ସରଳ, ଭକ୍ତି ଭାବାତ୍ମକ ଭଜନ / କୀର୍ତ୍ତନ ପ୍ରତି ଗାନ୍ଧିଜୀଙ୍କର ପ୍ରଗାଢ଼ ରୁଚି ରହିଥିଲା । ଦକ୍ଷିଣ ଆଫ୍ରିକା ରହଣୀ କାଳରେ ଗାନ୍ଧିଜୀ ଯେଉଁ ସାମୂହିକ ଜୀବନ ବିତାଉଥିଲେ ସେଥିରେ ଅନେକ ଧର୍ମ ଓ ସମ୍ପ୍ରଦାୟର ଲୋକଙ୍କ ସଂସ୍ପର୍ଶରେ ଆସିଥିଲେ । ବିଭିନ୍ନ ଧର୍ମର ଲୋକପ୍ରିୟ ଓ ଆଦୃତି ଲାଭ କରିଥିବା ଭଜନ ମାଧ୍ୟମରେ ସେ ବିଭିନ୍ନ ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ଏକତା ରକ୍ଷା ନିମନ୍ତେ ଉଦ୍ୟମ କରୁଥିଲେ । ଖ୍ରୀଷ୍ଟିଆନ ପ୍ରାର୍ଥନା 'ଲିଡ୍ କାଇଣ୍ଡଲି ଲାଇଟ୍' ହେଉ ଅଥବା 'ଆବାଇଡ୍ ୱିଥ୍ ମି' ସହିତ କବୀର ଓ ମୀରାବାଈଙ୍କ ଭଜନ, ଏପରିକି କୋରାନ ଓ ଗୁରୁ ସାହିବର ପଂକ୍ତି ମଧ୍ୟ ସାମୂହିକ ଭାବରେ ଗାନ କରାଯାଉଥିଲା । ଭାରତରେ ତାଙ୍କର ପ୍ରାତଃକାଳୀନ ପ୍ରାର୍ଥନା ସଭା ବ୍ୟତୀତ ସାଧାରଣ ସଭା ଗୁଡ଼ିକରେ ଭଜନ ଗାନର ଏକ ନିୟମିତ ପ୍ରଥା ପ୍ରଚଳିତ ଥିଲା, ତାଙ୍କ ନିମନ୍ତେ ଭଜନ ଗାନ କେବଳ ଏକ ଆସ୍ତିକ ଭାବ ସୂଚକ ପ୍ରଥା ନ ଥିଲା; ବରଂ ସାମୂହିକ ଆଶା, ଆକାଂକ୍ଷାର ପରିପ୍ରକାଶ ନିମନ୍ତେ ଏକ ବଳିଷ୍ଠ ମାଧ୍ୟମ ହିଁ ଥିଲା । ତାଙ୍କ ସଂଗୀତ ଥିଲା ଅହିଂସା ଓ ସରଳତାର ଅନ୍ୟତମ ପରିପ୍ରକାଶ ।

ଭାରତର ସ୍ୱାଧୀନତା ସଂଗ୍ରାମ କାଳରେ ଭଜନ ଗାନର ଚଳଣୀକୁ ଗାନ୍ଧିଜୀ ଅଧିକ ବ୍ୟାପକ କରିପାରିଥିଲେ । ପ୍ରଭାତ ଫେରି ସମୟରେ କଂଗ୍ରେସ କର୍ମୀମାନେ ପ୍ରସିଦ୍ଧ ରାମଧୂନ 'ରଘୁପତି ରାଘବ ରାଜାରାମ' ଓ 'ବୈଷ୍ଣବ ଜନ ତୋ ତେନ କହିଏ'ର ଗାନ କରି ଜନସାଧାରଣଙ୍କ ମନରେ ଏକ ପ୍ରକାରର ନବଜାଗରଣ ସୃଷ୍ଟି କରିପାରିଥିଲେ । ଲବଣ ସତ୍ୟାଗ୍ରହ କାଳରେ ସାବରମତୀ ଆଶ୍ରମରୁ ଦାଣ୍ଡି ପର୍ଯ୍ୟନ୍ତ ୨୪୧ ମାଇଲର ପଦଯାତ୍ରା ସମୟରେ ଏହି ରାମଧୂନ ସତ୍ୟାଗ୍ରହୀମାନଙ୍କ ମନରେ ଆଧ୍ୟାତ୍ମିକ ଚେତନା, ଜାତୀୟତା, ଐକ୍ୟ, ସମଭାଗୀତା, ଅନ୍ତର୍ଭୁକ୍ତିକରଣ, ସାମ୍ପ୍ରଦାୟିକ ସଂହତିରର ଭାବ ଉଦ୍ରେକ କରିପାରିଥିଲା । ଏହି ଦୁଇ ସଙ୍ଗୀତ ସହିତ ଗାନ୍ଧି ନାମର ବ୍ରାଣ୍ଡ ଯୋଡ଼ିହୋଇ ରହିଛି । ଗାନ୍ଧିଜୀଙ୍କ ଜୀବନାଦର୍ଶନ ଉପରେ ଆୟୋଜିତ ପ୍ରତ୍ୟେକଟି ସଭା ଅଥବା କର୍ମଶାଳା, ଏପରିକି ସମାଜସେବା, ଜାତୀୟ ସଂହତି ଓ ଦେଶ ଗଠନ ସଂକ୍ରାନ୍ତିୟ ଉତ୍ସବ ବା ସ୍ମରଣୀୟ ଦିବସ ଗୁଡ଼ିକରେ ଗାନ୍ଧିଜୀଙ୍କ ପ୍ରିୟ ଭଜନଗାନ କରାଯିବା ଏକ ସାଂସ୍କୃତିକ ପରମ୍ପରାରେ ପରିଣତ ହୋଇଯାଇଛି । ମନରେ କୌଣସି ଦ୍ୱନ୍ଦ ଦେଖାଦେଲେ, କାର୍ଯ୍ୟକ୍ଷେତ୍ରରେ କୌଣସି ଆହ୍ୱାନ ସୃଷ୍ଟି ହେଲେ, ଗାନ୍ଧିଜୀ ପ୍ରାର୍ଥନା

କରୁଥିଲେ । ବ୍ୟକ୍ତିଗତ ଅପେକ୍ଷା ପ୍ରାର୍ଥନାର ସାମୂହିକ ଗାନ ଉପରେ ଗାନ୍ଧିଜୀ ଅଧିକ ଗୁରୁତ୍ୱ ପ୍ରଦାନ କରୁଥିଲେ । କରୁଣା, ଅନୁକମ୍ପା, ସଦ୍‌ଭାବନା, ଐଶ୍ୱରିକ ଚେତନା ଓ ସମର୍ପଣର ଭାବ ସହିତ ଆଧାତ୍ମିକ ମାର୍ଗଦର୍ଶନ ନିମନ୍ତେ ପ୍ରାର୍ଥନା ଏକ ବଳିଷ୍ଠ ମାଧ୍ୟମ ରୂପେ ସ୍ୱୀକୃତି ଲାଭ କରିପାରିଥିଲା ।

ଦାଣ୍ଡି ମାର୍ଚ୍ଚ ସମୟରେ ସଙ୍ଗୀତର ସାମୂହିକ ଗାନ ହଜାର ହଜାର ସତ୍ୟାଗ୍ରହୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହିତ, ସେମାନଙ୍କୁ ନିୟନ୍ତ୍ରିତ ଓ ଶାନ୍ତ ରଖିପାରିଥିଲା । ହରତାଳର ଚାପ ଓ ପୋଲିସ ଜୁଲମର ଭୟ ମଧ୍ୟରେ କଂଗ୍ରେସ କର୍ମୀମାନେ ଦୃଢ଼, ସ୍ଥିର ଓ ଅବିଚଳିତ ରହି ପାରିଥିଲେ । ଗାନ୍ଧିଜୀଙ୍କ ନିମନ୍ତେ ସଙ୍ଗୀତ କେବଳ ଆତ୍ମବିଶ୍ୱାସ ବୃଦ୍ଧି ଓ ଆଧାତ୍ମିକତା ଜାଗରଣର ମାଧ୍ୟମ ନଥିଲା, ଏହାଦ୍ୱାରା ସାଂପ୍ରଦାୟିକ ସଦ୍‌ଭାବନା, ସାମାଜିକ ଐକ୍ୟ ବୃଦ୍ଧି କରାଯିବା ସହ ରାଷ୍ଟ୍ରଗଠନର ଭିତ୍ତିଭୂମି ମଧ୍ୟ ଗଠିତ ହୋଇପାରିବ ବୋଲି ସେ ବିଶ୍ୱାସ କରୁଥିଲେ । ଗୋଟିଏ ମଂଚରେ ହିନ୍ଦୁ ଓ ମୁସଲମାନ କାଳକାରମାନେ ଏକାଠି ବସି ସଙ୍ଗୀତ ପରିବେଷଣ କରିବା ଦ୍ୱାରା ସଦ୍‌ଭାବନା ଓ ଭାଇଚାରାର ସଂସ୍କୃତି ସୃଷ୍ଟି ହୋଇପାରିବ ବୋଲି ସେ ବିଚାର କରୁଥିଲେ । ଏହି ଭାଇଚାରା, ସ୍ୱରାଜ ସ୍ଥାପନା ନିମନ୍ତେ ଏକାନ୍ତ ଆବଶ୍ୟକ ବୋଲି ମଧ୍ୟ ବିଶ୍ୱାସ ରଖୁଥିଲେ । ସେ ସମୟର ରକ୍ଷଣଶୀଳ ଆଉ ପୁରୁଷ ପ୍ରଧାନ ସମାଜରେ ଝିଅମାନଙ୍କୁ ପାଠ ପଢ଼ିବା ନିମନ୍ତେ ପରିବାରର ଅନୁମତି ମିଳୁ ନଥିଲା ବେଳେ ସଂଗୀତ ଶିକ୍ଷା ନିମନ୍ତେ ତାହା ନ ମିଳିବା ଅତ୍ୟନ୍ତ ସ୍ୱାଭାବିକ ଥିଲା । ନାରୀଶିକ୍ଷାର ପ୍ରସାର ନିମନ୍ତେ ଆହ୍ୱାନ ଦେବା ସହିତ ସେମାନେ ଯେପରି ଅଧିକରୁ ଅଧିକ ସଂଖ୍ୟାରେ ସଙ୍ଗୀତ ଶିକ୍ଷା କରିପାରିବେ, ତାହା ଉପରେ ଗାନ୍ଧିଜୀ ମଧ୍ୟ ଗୁରୁତ୍ୱ ଦେଉଥିଲେ । ଏହା ବ୍ୟତୀତ, ସେତେବେଳେ କେବଳ ସ୍ୱଚ୍ଛଳ ଆଉ ସମ୍ପନ୍ନ ପରିବାରର ପିଲାମାନେ ସଂଗୀତ ଶିକ୍ଷା ନିମନ୍ତେ ଆଗ୍ରହ ପ୍ରକାଶ କରୁଥିଲେ । ସେଥିପାଇଁ ଗାନ୍ଧିଜୀ ନିଜର ଉଦ୍‌ବିଗ୍ନତା ପ୍ରକାଶ କରି ଏପରି ସୀମିତ ପରିସର ମଧ୍ୟରେ ବନ୍ଦୀ ହୋଇଗଲେ, ସଂଗୀତର ସ୍ୱର ନରମିଯିବ ବୋଲି ଆଶଙ୍କା କରୁଥିଲେ । ସଂଗୀତର ପରିସରକୁ ବ୍ୟାପକ କରିବା ନିମନ୍ତେ ସେ ସଂଗୀତପ୍ରେମୀ ଓ ସଂଗୀତଜ୍ଞମାନଙ୍କୁ ଆହ୍ୱାନ ଦେଉଥିଲେ ।

ସଂଗୀତ ଶିକ୍ଷାକୁ ବ୍ୟାପକ କରିବା ନିମନ୍ତେ ଗାନ୍ଧିଜୀ ଅନ୍ୟ ଏକ ଉଲ୍ଲେଖନୀୟ ଉଦ୍ୟମ କରିଥିଲେ । ୧୯୩୭ ମସିହା ସେପ୍ଟେମ୍ବର ୧୧ ତାରିଖରେ 'ହରିଜନ' ପତ୍ରିକାରେ, ଗାନ୍ଧିଜୀ ଏକ ପ୍ରବନ୍ଧ ଲେଖି, ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ପିଲାମାନଙ୍କ କାନ୍ଧରୁ ପାଠ ବହିର ବୋଝକୁ କମେଇବା ଜରୁରୀ ବୋଲି ମତ ଦେଇଥିଲେ । ପ୍ରତ୍ୟେକ ଶ୍ରେଣୀରେ ସଙ୍ଗୀତ ଶିକ୍ଷାର ପ୍ରଚଳନ ନିମନ୍ତେ ସେ ପ୍ରସ୍ତାବ ରଖିଥିଲେ । ନାଚ, ଗୀତ ମାଧ୍ୟମରେ ଶିକ୍ଷା ଦେଲେ ପିଲାମାନେ ଆଗ୍ରହର ସହ ତାହାକୁ ଶିଖି ଥାଆନ୍ତି । ପ୍ରାଦେଶିକ ସରକାରମାନଙ୍କୁ ପତ୍ର ଲେଖି ପ୍ରାଥମିକ ପାଠ୍ୟ ଖସଡ଼ାରେ କ୍ରୀଡ଼ା, ସଂଗୀତ, ଚିତ୍ରାଙ୍କନ, ହସ୍ତକର୍ମ ଆଦିର ପ୍ରଚଳନ ନିମନ୍ତେ ସେ ଅନୁରୋଧ କରିଥିଲେ । ଏହାଦ୍ୱାରା ପିଲାମାନଙ୍କ ଭିତରେ ସୃଜନୀ ଶକ୍ତିର ସୃଷ୍ଟି ହୋଇପାରିବ ବୋଲି ସେ ସଠିକ୍ ଆକଳନ କରିପାରିଥିଲେ ।

କେବଳ ଭଜନ ବା ଜଣାଣ ନୁହେଁ, ଭାରତୀୟ ଲୋକସଂଗୀତ ଓ ପାରମ୍ପରିକ ସଙ୍ଗୀତର ସୁରକ୍ଷା ଉପରେ ମଧ୍ୟ ଗାନ୍ଧିଜୀ ଗୁରୁତ୍ୱ ପ୍ରଦାନ କରୁଥିଲେ । ଏହାଦ୍ୱାରା ସାଂସ୍କୃତିକ ଐତିହ୍ୟର ସୁରକ୍ଷା ଓ ଜାତୀୟ ପୁନର୍ଜୀବନ ସମ୍ଭବପର ହୋଇପାରିବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା । ଭାରତୀୟ ଓ ପାଶ୍ଚାତ୍ୟ ସଂଗୀତର ମିଶ୍ରଣରେ ଏକ ବ୍ୟାପକ ସାଂସ୍କୃତିକ ଐକ୍ୟ ପ୍ରତିଷ୍ଠା କରାଯାଇ ପାରିବାର ବିଶ୍ୱାସ ମଧ୍ୟ ସେ ପୋଷଣ କରିଥିଲେ । ସେଥିନିମନ୍ତେ ବିଶ୍ୱଭାରତୀ ପରି ବିଶ୍ୱବିଦ୍ୟାଳୟମାନେ ଆଗେଇ ଆସିବାକୁ ସେ ଆହ୍ୱାନ ଜଣାଇ ଥିଲେ ।

ଗାନ୍ଧିଜୀଙ୍କର ସଂଗୀତ ପ୍ରୀତି, ପିଲାବେଳର ମାଉଥ ଅର୍ଗାନ ବଜେଇବା ଭିତରେ ସୀମିତ ରହିଯାଇ ନଥିଲା । ପରବର୍ତ୍ତୀ ଜୀବନର ପ୍ରତିଟି କ୍ଷେତ୍ରରେ ଏହି ଅନୁରକ୍ତି ପ୍ରତିଫଳିତ ହୋଇପାରିଥିଲା । ଏପରିକି ଚରଖାରେ ସୂତାକାଟିବା ବେଳେ, ସେଥିରୁ ବାହାରୁଥିବା ଶବ୍ଦରେ ସେ ସଙ୍ଗୀତର ତାଳ ଆଉ ଲୟକୁ ଲକ୍ଷ୍ୟକରି ପାରୁଥିଲେ । ସଙ୍ଗୀତରୁ ହାସଲ କରୁଥିବା ଶାନ୍ତି ଓ ଶକ୍ତି ତାଙ୍କୁ ଅଧିକ ଦୃଢ଼ତା, କର୍ମତତ୍ପର ଓ ଈଶ୍ୱର ବିଶ୍ୱାସୀ କରି ପାରିଥିଲା । ସମସ୍ତ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ରହି ମଧ୍ୟ ସଂଗୀତର ପ୍ରଚାର ଓ ପ୍ରସାର ନିମନ୍ତେ ଉଦ୍ୟମ କରିବା ଗାନ୍ଧିଜୀଙ୍କ ସଂଗୀତ ପ୍ରତି ଥିବା ପ୍ରୀତି ଓ ଅନୁରକ୍ତିର ପ୍ରମାଣ ବୋଲି କୁହାଯାଇପାରେ ।

**ଡକ୍ଟର ମନ୍ଦାକିନୀ ଦାସ**
ପ୍ରଶାନ୍ତି ବିହାର, ଭୁବନେଶ୍ୱର

**ଖୁସିର ସହିତ ଜଣାଉଛୁ ଯେ,**
**ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ**
**ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।**







## PRACHEE SAHITYA SAMAJ PUBLICATION


At-Niladri Vihar. Po-Naya Bazar, Dist.-Cuttack-753004 (Odisha)
Mob. : 88957 07011

DOI : https://doi.org/10.5281/zenodo.18181033 ମୂଳ ପ୍ରବନ୍ଧ

# ଓଡ଼ିଆ ସମାଲୋଚନାର ଦିଗ୍‌ବଳୟରେ ଭରଦ୍ୱାଜ

**ସଂଘମିତ୍ରା ବେହେରା**

**ସଂକ୍ଷିପ୍ତସାର :**

ଓଡ଼ିଆ ସାହିତ୍ୟରେ ଜାନକୀବଲ୍ଲଭ ମହାନ୍ତି ଦୁଇଜଣ ଏକ ସମୟରେ ରେଭେନ୍ସା ମହାବିଦ୍ୟାଳୟରେ କାର୍ଯ୍ୟ କରିଥିଲେ । ଏହି ଦୁଇ ସ୍ରଷ୍ଟାଙ୍କୁ ନେଇ ଆଲୋଚନା ପରିସର ବ୍ୟାପକ ଥିବା ପରି ମନେହୁଏ ନାହିଁ । ନିକଟରେ ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ)ଙ୍କ ଜୟନ୍ତୀର ଶତବାର୍ଷିକୀ ପାଳନ ଅବସରରେ ସାହିତ୍ୟ ଅକାଡେମୀର ଆଲୋଚନା ନିମନ୍ତେ ଅନୁସନ୍ଧାନ କରିବା ସମୟରେ କିଛି ତଥ୍ୟ ସଂଗ୍ରହ କରିଥିଲି । ଏହି ସଂଗ୍ରହରେ ଯେଉଁ କେତେକ ତଥ୍ୟ ମିଳିଥିଲା ଉଭୟଙ୍କୁ କିପରି ଚିହ୍ନଟ କରାଯିବ ତାହା ହିଁ ମୋର ପ୍ରଥମ ଉଦ୍ଦେଶ୍ୟ ଥିଲା । ଅନୁସନ୍ଧାନରୁ ଉଭୟଙ୍କ ଲେଖା ପାଇବା ପରେ ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ)ଙ୍କର ୩ଟି ସୃଷ୍ଟିକୁ ଏଥିରେ ଆଲୋଚନା କରାଯାଇଛି । ଦ୍ୱିତୀୟରେ ଜାନକୀବଲ୍ଲଭ ମହାନ୍ତି (A)ବା ଏମ୍.ଏ., ଏଲ୍.ଏଲ୍.ବିଙ୍କର ପାଇଥିବା କେତୋଟି ସୃଷ୍ଟିର କେବଳ ନାମକରଣ ଦର୍ଶାଯାଇଛି ।

**ପ୍ରମୁଖ ଶବ୍ଦାବଳୀ :**

ଗୀତିକାବ୍ୟ, ଓଡ୍, ଲିରିକ୍, କୀର୍ତ୍ତନ, ଘାଟି, ଛାନ୍ଦ, ବୋଲି, ଅମିତ୍ରାକ୍ଷର, ଯତିପାତ

ଜାନକୀବଲ୍ଲଭ ମହାନ୍ତିଙ୍କ କର୍ମ ଓ ଲେଖକୀୟ (ସ୍ରଷ୍ଟା) ଜୀବନ ଓଡ଼ିଆ ସାହିତ୍ୟରେ ସ୍ୱାଧୀନତା ପରବର୍ତ୍ତୀ ସମାଲୋଚନା ଧାରାର ପର୍ଯ୍ୟାୟ । ଏହି ସମୟରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି । ରେଭେନ୍ସାରେ ଓଡ଼ିଆ ଓ ସଂସ୍କୃତ ବିଭାଗ ମିଳିତ ଭାବେ ଚାଲୁଥାଏ । ଏହା ପୂର୍ବରୁ ସେ ରେଭେନ୍ସାରେ ଦ୍ୱିତୀୟ ବ୍ୟାଚ୍‌ରେ ଏମ୍.ଏ କରିଥାନ୍ତି ବୋଲି 'ଏକାକୀ ପଥିକ' ଆତ୍ମଜୀବନୀରେ ସ୍ୱୀକାର କରିଛନ୍ତି । ଏଭଳି ପରିସ୍ଥିତିରେ ସେ ଆଇ.ଏ, ବି.ଏ ଓ ଏମ୍.ଏ କରିଥିବାର ଜଣାଯାଏ । ଆଇ.ଏ ରେ ସେ ଅର୍ଥନୀତି, ମନସ୍ତତ୍ତ୍ୱ ଓ ଓଡ଼ିଆ ନେଇଥିଲେ । ସେହିପରି କଳାରେ ଅର୍ଥନୀତି ନେଇଥିଲେ ମଧ୍ୟ ପରେ ଓଡ଼ିଆ ନେଇ ନିଜର କଳା ଶିକ୍ଷା ସମାପନ କରିଥିଲେ । ଶେଷରେ ଓଡ଼ିଆରେ ସ୍ନାତକୋତ୍ତର ଶେଷ କରିଥିଲେ । ତାଙ୍କର ଗବେଷଣା ବିଷୟ ହେଉଛି 'ଓଡ଼ିଆ ଗୀତିକାବ୍ୟ' । ତାଙ୍କ ମତରେ 'ତାଙ୍କ ସମୟରେ ଓଡ଼ିଆ ଓ ସଂସ୍କୃତ ବିଭାଗ ଏକାଠି ଚାଲୁଥିବା ବେଳେ ଓଡ଼ିଆ ପ୍ରତି ସମାଦର ନଥିଲା ।' ମାତ୍ର ସ୍ୱାଧୀନତା ପରେ ଏକ ନୂତନ ପରିମଣ୍ଡଳ ଦେଖିବାକୁ ମିଳେ । ୧) ଉତ୍କଳ, ସମ୍ବଲପୁର, ବ୍ରହ୍ମପୁରରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ସ୍ନାତକୋତ୍ତର ଓଡ଼ିଆ ଅଧ୍ୟୟନ, ୨) ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠା, ୩) ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାର ସାହିତ୍ୟର ଉନ୍ନତି ପାଇଁ କାର୍ଯ୍ୟକ୍ରମ, ୪) ପ୍ରାଚୀନ ସାହିତ୍ୟର ଶୁଦ୍ଧ ସଂସ୍କରଣ ସହ ପ୍ରାଚୀନ ସ୍ରଷ୍ଟାଙ୍କର କାଳ ନିରୂପଣ, ୫) ଇତିହାସ ଓ ସଂସ୍କୃତିର

**ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ**

**Quick Response Code:**

**Available online at :** https://pracheenews.com/

**DOI:** https://doi.org/10.5281/zenodo.18181033

Article No - BPP00352

**ଯୋଗାଯୋଗ :**
**ଡ଼କ୍ଟର ସଂଘମିତ୍ରା ବେହେରା,** ଆସିଷ୍ଟାଣ୍ଟ ପ୍ରଫେସର
ଓଡ଼ିଆ ବିଭାଗ , ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
**E-mail.ID :** sanghamitraoriya@gmail.com
**ORCID ID :** https://orcid.org/0009-0009-4988-9406

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୮.୨୦୨୫ | ୧୧.୦୯.୨୦୨୫ | ୨୫.୧୦.୨୦୨୫ | ୧.୧୧.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବେହେରା, ସଂଘମିତ୍ରା; ୨୦୨୫ । ଓଡ଼ିଆ ସମାଲୋଚନାର ଦିଗ୍‌ବଳୟରେ ଭରଦ୍ୱାଜ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : ଜ ; ପୃଷ୍ଠା :୯-୧୩ ।

ପୃଷ୍ଠପଟରେ ପ୍ରାଚୀନ ଓଡ଼ିଆ ସାହିତ୍ୟର ନବ ମୂଲ୍ୟାୟନ, ତୁଳନାତ୍ମକ ସମାଲୋଚନା ଧାରା, ପତ୍ରିକାର ବିକାଶକ୍ରମ ଇତ୍ୟାଦି ସମାଲୋଚନାର ପରିସରକୁ ବ୍ୟାପକ କରିବାକୁ ପ୍ରୟାସ କରିଥିଲା।

ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ)ଙ୍କ ରେଭେନ୍ସା ମହାବିଦ୍ୟାଳୟରେ କାର୍ଯ୍ୟକଳାପକୁ ନେଇ ୧୯୫୫-୭୦ ଓ ୧୯୭୩-୮୨ ଦୁଇଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମ ଧାରାରେ ଅଧ୍ୟାପକ ଜୀବନରେ ତାଙ୍କୁ ତାଙ୍କର ନିଜସ୍ୱ କଳା ଯଥା କବିତା, ଶିଶୁ ସାହିତ୍ୟ ଇତ୍ୟାଦି ମୌଳିକ କୃତିରେ ଦେଖିବାକୁ ମିଳେ। ଏହି ସମୟରେ ସେ ସାହିତ୍ୟ ସମାଲୋଚନାରେ ମଧ୍ୟ ନିଜକୁ ନିୟୋଜିତ କରିଥିଲେ। ଏ ସମ୍ପର୍କରେ 'ଏକାକୀ ପଥିକ'ରେ ସେ ସ୍ୱୀକାର କରିଛନ୍ତି- ଓଡ଼ିଆ ପ୍ରତି ରୁଚିର ଅଭାବକୁ ନେଇ ଅନ୍ୟାନ୍ୟ ବିଷୟ ପରି ଓଡ଼ିଆରେ ନୂତନ ଆଲୋଚନା ତତ୍କାଳୀନ ସମୟ ଓ ନିଜସ୍ୱ ଅଧ୍ୟୟନ କାଳରେ ସେ ପାଇ ପାରିନାହାନ୍ତି। ତେଣୁ ନିଜ ଅଧ୍ୟାପକ ଜୀବନର ସମୟଖଣ୍ଡରେ ସେହି ଅଭାବବୋଧକୁ ସେ ଦୂରେଇବା ପାଇଁ ପ୍ରୟାସ କରିଛନ୍ତି। ନିଜ ଜୀବନକାଳ ମଧ୍ୟରେ ପ୍ରାୟ ୧୭ଟି ସାହିତ୍ୟ ସମାଲୋଚନା ଗ୍ରନ୍ଥ ସହ ୧୫ଟି ସଂକଳନ ଓ ସଂପାଦନାକୁ ନେଇ ସେ କେତେଗୁଡ଼ିଏ ସ୍ଥାନରେ ଲୋକ ଜୀବନର ଗାୟନ ଧାରା, କେଉଁଠାରେ ପ୍ରାଚୀନ ଗୀତିକବିଙ୍କ ଗୀତିଧାରା, ପୁନଶ୍ଚ କେଉଁଠାରେ ମୁଖବନ୍ଧରେ ନିଜର ବୈଜ୍ଞାନିକ ଓ ନାନ୍ଦନିକ ସମାଲୋଚନାକୁ ପରିପ୍ରକାଶ କରିଛନ୍ତି। ଏହି ଦୃଷ୍ଟିରୁ ସମାଲୋଚନାର ସମାଲୋଚନା ଆଧାରାରେ ତାଙ୍କର 'ଓଡ଼ିଆ ଛାନ୍ଦ ପରିଚୟ', 'ଓଡ଼ିଆ ଗୀତିକାବ୍ୟ' ଓ 'ଆର୍ତ୍ତଦାସଙ୍କ ଭଜନ ମାଳିକା'କୁ ଆଲୋଚନାର ଅନ୍ତର୍ଭୁକ୍ତ କରାଯାଇଛି।

ଓଡ଼ିଆ ଗୀତିକାବ୍ୟ (୧୯୬୭/ ନୂତନ ସଂସ୍କରଣ ୧୯୯୮)- ଓଡ଼ିଆ ଗୀତିକାବ୍ୟକୁ ୬ଟି ପରିଚ୍ଛେଦରେ ବିଭକ୍ତ କରାଯାଇଛି। ଏହା ଗବେଷଣା ସନ୍ଦର୍ଭ ହୋଇଥିବାରୁ ଏଥିରେ ବର୍ଣ୍ଣନାତ୍ମକ, ତୁଳନାତ୍ମକ ଓ ନାନ୍ଦନିକ ସମାଲୋଚନାକୁ ସେ ଅନୁସରଣ କରିଛନ୍ତି। ସମାଲୋଚନା ତତ୍ତ୍ୱରେ 'ଆଧୁନିକତା ଓ ପରମ୍ପରା' ଅଧ୍ୟାୟରେ ସମାଲୋଚକ ଦୀନବନ୍ଧୁ ମିଶ୍ର କହନ୍ତି - 'ସମାଜରେ ପ୍ରଚଳିତ ଯେ କୌଣସି ଚଳଣି ଓ ପରମ୍ପରାକୁ ଆଧୁନିକ କାଳର ମଣିଷ ଗ୍ରହଣ କରିନିଏ ନାହିଁ। ଏକ ବୈଜ୍ଞାନିକ ଯୁକ୍ତିବାଦ ସାହାଯ୍ୟରେ ସେ ଉକ୍ତ ପରମ୍ପରାକୁ ପରୀକ୍ଷା କରି ଦେଖେ, ସେ ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ଉତ୍‌ଥାପନ କରେ ଏବଂ ଯୁଗୋପଯୋଗିତା ହରାଇଥିବା ଯୁକ୍ତିହୀନ ଅବୈଜ୍ଞାନିକ ପରମ୍ପରାକୁ ପ୍ରତ୍ୟାଖ୍ୟାନ କରିଦିଏ ***ଏବଂ ଏକ ଯୁଗୋପଯୋଗୀ ଯୁକ୍ତିବାଦୀ ମନସ୍ତତ୍ତ୍ୱ ତା ଭିତରେ ଗଢ଼ିଉଠେ।(ସମାଲୋଚନା ତତ୍ତ୍ୱ, ପୃ.୧) ଓଡ଼ିଆ ଗୀତିକାବ୍ୟରେ ସେଥିରୁ କେତେକ ଏଠାରେ ଉପସ୍ଥାପନ କରାଯାଇପାରେ। ୧) ପ୍ରଥମ ପରିଚ୍ଛେଦରେ ସଂସ୍କୃତ ଆଳଙ୍କାରିକଙ୍କ ମତ ପ୍ରଦାନ ସହ ଓଡ଼ିଆ ଗୀତିକବିତା ଓ କବିତା ଶବ୍ଦ ପ୍ରୟୋଗରେ ଅର୍ଥବୋଧ, ପ୍ରାଚୀନ ଓ ଆଧୁନିକ ଓଡ଼ିଆ ଗୀତିକାବ୍ୟ, ଲୋକଗୀତ ଓ ଗୀତିକାବ୍ୟର ଲକ୍ଷଣ ନିରୂପଣ କରାଯାଇଛି। ୨) ଗୀତିକାବ୍ୟରେ ସ୍ୱଚ୍ଛନ୍ଦତା, ଉଦ୍ଦୀପ୍ତ ଭାବ, ଭାବର ଚରମ ଅବସ୍ଥାରେ ଉପନୀତ ଅର୍ଥାତ ରସ ଉତ୍ପନ୍ନ ଏହାର ଆଭିମୁଖ୍ୟ। ୩) ପୁନଶ୍ଚ ଗୀତିକାବ୍ୟ ଉପଦେଶ ବା ଆଦର୍ଶ ଅପେକ୍ଷା ବ୍ୟକ୍ତିତ୍ୱର ରହସ୍ୟ ଉଦ୍‌ଘାଟନ କରେ। ଏହିଭଳି କାବ୍ୟ ବହୁତଥ୍ୟ, ଭାବ ଓ ରସକୁ ସନ୍ନିବେଶିତ କଲାବେଳେ ଗୀତିକାବ୍ୟର ଏକମୁଖୀନତାକୁ ସେ ଭିନ୍ନ ଦୃଷ୍ଟିରେ ଦର୍ଶାଇଛନ୍ତି। ସଂସ୍କୃତ କବିତାକୁ ସେ ମୁକ୍ତକ ନାମରେ ନାମିତ କରିଛନ୍ତି। ଏହାର ଉଦାହରଣରେ ସେ ଏକାଦଶ ଶତାବ୍ଦୀର ବିଦ୍ୟାକରଙ୍କ 'ସୁଭାଷିତ ରତ୍ନକୋଷ' ଓ ବାଲ୍ମୀକି ରାମାୟଣର 'ବାଲ୍ମୀକିଙ୍କ ଅଭିଶାପ'କୁ ଦର୍ଶାଇଛନ୍ତି। ସମାଲୋଚକ ଗୀତିକାବ୍ୟକୁ ପ୍ରେମମୂଳକ ଓ ଭକ୍ତିମୂଳକ ୨ଟି ଭାଗରେ ବିଭକ୍ତ କରିଛନ୍ତି। ଜୟଦେବଙ୍କ ଗୀତଗୋବିନ୍ଦକୁ ସଂସ୍କୃତ ଗୀତିକବିତାର ଅନ୍ୟତମ ନିଦର୍ଶନ ବୋଲି ଉଲ୍ଲେଖ କରିବା ସହ ଏହାକୁ ଅଷ୍ଟପଦୀର ପରିଚୟ ପ୍ରଦାନ କରିଛନ୍ତି। ଏହାକୁ ସେ ସଂସ୍କୃତ ସାହିତ୍ୟର ଶେଷ କାବ୍ୟ ଓ ଗୀତକୁ ସଂସ୍କୃତ ସାହିତ୍ୟର ପ୍ରଥମ ଗୀତ କହିଛନ୍ତି। ସେହିପରି କେତେକ ପ୍ରାକୃତ (ଗାହା ସତ୍ତସଈ ବା ଗାଥା ସପ୍ତଶତୀ) ଗୀତିକା ସଂପର୍କରେ ଆଲୋଚନା କରିଛନ୍ତି।

ଦ୍ୱିତୀୟ ପରିଚ୍ଛେଦରେ ଓଷାବ୍ରତ, ଲୋକଗୀତ, ଲୋକଗାଥା, ପ୍ରାଚୀନ ଲୋକ ସଂସ୍କୃତିର ବିଶ୍ୱାସ ହିଁ ଗୀତିର ମୂଳ ଆଧାର ବୋଲି ଯୁକ୍ତି ଉପସ୍ଥାପନ କରିଛନ୍ତି। ଓଡ଼ିଶାର ରକ୍ଷଣଶୀଳତା ପ୍ରାଚୀନ ବିଶ୍ୱାସ କେବେ ମୌଳିକ ଭାବରେ ତ କେତେବେଳେ ଆର୍ଯ୍ୟ ସଂସ୍କୃତିର ପ୍ରଭାବରେ ଋଦ୍ଧିମନ୍ତ। ପୁନଶ୍ଚ ନବଜାଗରଣ ସମୟରେ ପ୍ରାଚୀନ ସହ ଆଧୁନିକର ସମନ୍ୱୟରେ କାବ୍ୟକବିତାରେ ନୂତନ କଳେବର (ଫର୍ମ) ପରିପ୍ରକାଶ ଘଟିଥିଲା। ପ୍ରାଚୀନ ଓ ମଧ୍ୟକାଳୀନ ଓଡ଼ିଆ ଗୀତିକବ୍ୟକୁ ସେ ଆଠଟି ଭାଗରେ ବିଭକ୍ତ କରିଛନ୍ତି।

୧) ସଂଖ୍ୟାଶ୍ରିତ ଗୀତିକାବ୍ୟ (ଚବିଶ, ପଚାଶ ପଦିଆ, ନ'ପୋଇ, ଦଶପୋଇ)

୨) ଋତୁ ଓ ଉତ୍ସବମୂଳକ ଗୀତିକାବ୍ୟ - (ଚନ୍ଦନ, ରଥ, ବାରମାସୀ, ଷଡ଼ଋତୁ, ମଙ୍ଗଳଗୀତ)

୩) ବର୍ଣ୍ଣମାଳାଶ୍ରିତ ଗୀତିକାବ୍ୟ - ଚଉତିଶା, ଷୋଡ଼ଶା

୪) ପୂଜା ଓ ଧର୍ମାଶ୍ରୟୀ ଗୀତିକାବ୍ୟ - ଜଣାଣ, ଭଜନ, ଶରୀରଭେଦ, ମାଳଶ୍ରୀ

୫) ଛନ୍ଦ ଓ ରାଗାଶ୍ରୟୀ ଗୀତିକାବ୍ୟ - ଚୌପଦୀ

୬) କଥାଶ୍ରିତ ଗୀତିକାବ୍ୟ - ବୋଲି

୭) ସନ୍ଦେଶାତ୍ମକ ଗୀତିକାବ୍ୟ - କୋଇଲି, ଚିଟାଉ

୮) ବିବିଧ - କାନ୍ଦଣା ଓ ଢମାଳି ଗୀତ

ନବଜାଗରଣ ପ୍ରଭାବିତ ଗୀତିକାବ୍ୟ - ଚତୁର୍ଦ୍ଦଶପଦୀ (ସନେଟ୍), ସମ୍ବୋଧନ ଗୀତି (ଓଡ୍), ଲୋକଗୀତ (ଏଲିଜି), ଗାଥା କବିତା (ବାଲାର୍ଡ଼), ଲାଳିକା (ପାରୋଡ଼ି), ନାଟକୀୟ ରୀତିରେ ଲିଖିତ ବ୍ୟକ୍ତିର ଚିନ୍ତା (ଡ୍ରାମାଟିକ୍ ମନୋଲଗ୍) ଇତ୍ୟାଦି। ଓଡ଼ିଶାରେ ନୃତ୍ୟ ଓ ସଙ୍ଗୀତକୁ ସ୍ୱାତନ୍ତ୍ର୍ୟ କରି ରଖିଥିବାର ଧାରା ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ସୁଦୃଢ଼ ଥିବାର ଜଣାଯାଏ। ଇଂରେଜ ଶାସନ କାଳରେ ତାହା ଓଡ଼ିଶାରୁ କିଭଳି ହ୍ରାସ ଘଟିଛି, ତାହାର ଐତିହାସିକ ମୂଲ୍ୟାୟନ କରାଯାଇଛି। ତୃତୀୟ ପରିଚ୍ଛେଦରେ ରୂପଭେଦରେ (ଚଉପଦୀ, ଓଡ଼ିଆ ଭକ୍ତି ସଙ୍ଗୀତ, ଚଉତିଶା, କୋଇଲି ଓ ସନ୍ଦେଶ ଗୀତିକା, ବୋଲି)ର ବିସ୍ତୃତ ସ୍ୱରୂପ ଓ ପ୍ରକାରଭେଦ ଦର୍ଶାଯାଇଛି। ଯେଉଁ ସମୟରେ ଏହାର ଧାରାକୁ କେନ୍ଦ୍ରକରି କୌଣସି ଆଲୋଚନା ଦେଖିବାକୁ ମିଳେ ନାହିଁ। ଏହି ପ୍ରସଙ୍ଗରେ ଚଉପଦୀର ବ୍ୟବହାର ଦିଗ ଦୃଷ୍ଟିରୁ ସେ ନିଜର ମତ ପ୍ରଦାନ କରନ୍ତି- 'ବିଭିନ୍ନ ଶତାବ୍ଦୀରେ ଏହି ଶବ୍ଦଟି ସଂଗୀତକୁ ହିଁ ନିର୍ଦ୍ଦେଶ କରୁଥିଲା; ମାତ୍ର ଆଧୁନିକ ଯୁଗରେ ଓଡ଼ିଶା ବାହାରେ ସ୍ୱତନ୍ତ୍ର ଗାନରୀତି ସମନ୍ୱିତ 'ଓଡ଼ିଶୀ ସଙ୍ଗୀତ' ଶବ୍ଦଟିକୁ ବହୁଳ ପ୍ରଚଳନ କରିବା ଯୋଗୁଁ 'ଚଉପଦୀ' ଶବ୍ଦଟି ଏକପ୍ରକାର ବିସ୍ମୃତ ହେବାକୁ ବସିଛି।' (ଓଡ଼ିଆ ଗୀତିକାବ୍ୟ, ପୃ.୪୪) ସେହିପରି ଓଡ଼ିଆ ଭକ୍ତି ସଙ୍ଗୀତର ଏକ ଅଂଶବିଶେଷ ସଂକୀର୍ତ୍ତନ ଗାନକୁ ପ୍ରାଧାନ୍ୟ ଦେଇ ଓଡ଼ିଆ ଓ ବଙ୍ଗଳା କୀର୍ତ୍ତନର ସାତଗୋଟି ଭିନ୍ନଭିନ୍ନ ଘାଟି(ରୀତି)କୁ ଦର୍ଶାଇଛନ୍ତି। କୀର୍ତ୍ତନର ସାତଟି ଘାଟି ଯଥା ରାଢୀ ଘାଟି, ଗରଳ ଘାଟି, ବିଷ୍ଣୁପୁରୀ, ମନ୍ଦାରୁଣୀ, ଉତ୍କଳୀ, ଝାଡ଼ଖଣ୍ଡୀ, ଗୌଡ଼ ଦେଶୀ ମଧ୍ୟରୁ ଓଡ଼ିଆ କୀର୍ତ୍ତନ ରୀତି ଏକ ଘାଟି ହୋଇଥିବା ବେଳେ ବଙ୍ଗଳାର ରେନେଟି, ମନୋହର, ସାହୀ, ଗଡେରହାଟୀ, ବିଷ୍ଣୁପୁରୀ, ମନ୍ଦାରୁଣୀ ଇତ୍ୟାଦି ପରିଚିତ।(ତତ୍ରୈବ, ପୃ.୭୬) ଚତୁର୍ଥ ପରିଚ୍ଛେଦରେ ଗୀତି-କାବ୍ୟର ଛନ୍ଦ ସଂପର୍କରେ ବିଶଦ ଆଲୋଚନା ରହିଛି। ତାଙ୍କ ମତରେ 'ଓଡ଼ିଆରେ ଛାନ୍ଦ ତିନିଟି ବିଶିଷ୍ଟ ଅର୍ଥ ଯେପରି ଗୀତର ରାଗ, ରାଗିଣୀ ବନ୍ଧା ଗୀତ; କବି ଉପେନ୍ଦ୍ର ଭଞ୍ଜ ଏକ କାବ୍ୟ ରୂପେ ଏବଂ ଓଡ଼ିଆ କାବ୍ୟର ବିବିଧ ସର୍ଗ ବିବିଧ ଛନ୍ଦରେ ଲିଖିତ ଅର୍ଥରେ ମଧ୍ୟଯୁଗରେ ତାହା ବ୍ୟାପକ ଅର୍ଥରେ ଗ୍ରହଣୀୟ ହୋଇଛି।'(ତତ୍ରୈବ, ପୃ.୧୬୩) ପଂଚମ ପରିଚ୍ଛେଦରେ ଗୀତିକବିମାନଙ୍କ କୃତି ଓ ପରିଚୟରେ ୧୯୯ ଜଣ କବିଙ୍କୁ ସେ ଆଲୋଚନା ପରିସରକୁ ଆଣିଛନ୍ତି ଏବଂ ଷଷ୍ଠ ପରିଚ୍ଛେଦରେ ଓଡ଼ିଆ ଗୀତିକାବ୍ୟ ସଂକଳନର ଇତିବୃତ୍ତ ଓ ପରିଶିଷ୍ଟ ଉଲ୍ଲେଖ ରହିଛି। ପୂର୍ବ ପରିଚ୍ଛେଦର ଅନେକ ପ୍ରାମାଣିକ ଓ ଯୁକ୍ତିନିଷ୍ଠତାର ଏହା ନିଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ଗ୍ରନ୍ଥଟି ଖ୍ରୀଷ୍ଟାବ୍ଦ ୧୫୫୦-୧୯୦୦ ତିନିଶହ ପଚାଶ ବର୍ଷର ଗୀତିକାବ୍ୟର ଏକ ବିସ୍ତୃତ ବର୍ଣ୍ଣନା। ଏହା ପୂର୍ବରୁ ଏହି ବିଷୟକୁ ନେଇ ତୁଳନାତ୍ମକ ବା ବର୍ଣ୍ଣନାତ୍ମକ ଓ ବୈଜ୍ଞାନିକ ପଦ୍ଧତିରେ ଆଲୋଚନା ଦେଖିବାକୁ ମିଳେନାହିଁ। ଏହାକୁ ନେଇ କେବଳ କେତେକ ପ୍ରବନ୍ଧ ପତ୍ରପତ୍ରିକାରେ ପ୍ରକାଶ ପାଇଥିଲା। ଓଡ଼ିଆ ଛାନ୍ଦ ପରିଚୟ (ପ୍ରଥମ ସଂସ୍କରଣ ୧୯୬୫, ଦାସ ବ୍ରଦର୍ସ, ବ୍ରହ୍ମପୁର)

ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) ତାଙ୍କ ଗ୍ରନ୍ଥର ଭୂମିକାରେ ସ୍ୱୀକାର କରନ୍ତି - 'ପ୍ରାଚୀନ ଓ ମଧ୍ୟଯୁଗରେ ରଚିତ ହୋଇଥିବା ସମସ୍ତ କାବ୍ୟ ଓ ପୁରାଣରେ ବିଭିନ୍ନ ରାଗ, ବାଣୀ ଓ ବୃତ୍ତ ନିୟୋଜିତ ହୋଇଅଛି। ଏହିସବୁ ଛନ୍ଦ ପ୍ରୟୋଗ ଦୃଷ୍ଟିରୁ ଉତ୍ତର -ଭାରତୀୟ ସାହିତ୍ୟ କ୍ଷେତ୍ରରେ ଓଡ଼ିଆ ସାହିତ୍ୟର ସ୍ଥାନ ବହୁ ଉର୍ଦ୍ଧ୍ୱରେ।'ଓଡ଼ିଆ କାବ୍ୟର ଛାନ୍ଦ ଚଉପଦୀ ଓ ସଙ୍ଗୀତର ରାଗରାଗିଣୀ ଅନ୍ୟ ଗୀତ ଓ ଛନ୍ଦ ଠାରୁ କିଭଳି ଭିନ୍ନ ତାହାର ସଂଜ୍ଞା, ବୈଶିଷ୍ଟ୍ୟକୁ ଏହି କ୍ଷୁଦ୍ର ଗ୍ରନ୍ଥରେ ସେ ଦର୍ଶାଇଛନ୍ତି। ଷୋଡ଼ଶ ଶତାବ୍ଦୀ ଠାରୁ ଏହାର ବ୍ୟବହାରର ସ୍ୱଷ୍ଟତାକୁ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ମାତ୍ର ଏହାର ଅନେକ ସ୍ରଷ୍ଟା କାଳଗର୍ଭରେ ବିଲୀନ। ସେମାନଙ୍କର ଅନୁସନ୍ଧାନ କେତେ ଆବଶ୍ୟକ ତାହାକୁ ସମାଲୋଚକ ଭାବେ ଯେତିକି ଅନୁଭବ କରିଛନ୍ତି, ସେତିକି ପର୍ଯ୍ୟବେକ୍ଷଣ କରିଛନ୍ତି। ତାଙ୍କ ମତରେ ଏଗୁଡ଼ିକ ଲୋକଗୀତ, ସଂସ୍କୃତ ଓ ପ୍ରାକୃତରେ ପ୍ରଚଳିତ ଛନ୍ଦ ଆଧାରରେ ସମ୍ଭବପର ହୋଇଥିବ। ସେ ନିଜର ଆଲୋଚନାର ଆଦ୍ୟ ଉତ୍ସ ଭାବେ ଶ୍ୟାମସୁନ୍ଦର ରାଜଗୁରୁ, ବାମଣ୍ଡା ରାଜା ସଚ୍ଚିଦାନନ୍ଦ ଦେବଙ୍କ

'ଅଳଙ୍କାରସାର', ବଳଭଦ୍ର ବହିଦାରଙ୍କ 'ଯତିପାତ' (୧୯୩୭) ଗ୍ରନ୍ଥର ସୂଚନା ପ୍ରଦାନ ସହ ପ୍ରାଚୀନ ସମିତି, ଓଡ଼ିଶୀ ସଙ୍ଗୀତର ଗୁରୁ ଚନ୍ଦ୍ରଶେଖର ପଟ୍ଟନାୟକଙ୍କ ଠାରୁ ତଥ୍ୟ ଓ ପୋଥି ଆଦି ସଂଗ୍ରହ କରିଥିବା ସମ୍ପର୍କରେ ସ୍ପଷ୍ଟୀକରଣ ପ୍ରଦାନ କରିଛନ୍ତି। 'ଯତିପାତ' ଗ୍ରନ୍ଥରେ ସୂଚି ଅନୁସାରେ ପଦ, ପଦ୍ୟ, ଯତି, ଦୋଷ, ବୃତ୍ତ, ଆନନ୍ଦ, ମୁଖାରୀ ପଟହ ପ୍ରଭୃତି ୧୨୮ଟି ଛନ୍ଦ ସହ ୧୩୩ଟି ପ୍ରସଙ୍ଗରେ ଆଲୋଚନା କରାଯାଇଛି। ଯତିପାତ ଗ୍ରନ୍ଥରେ ଗାୟନ ପରମ୍ପରାକୁ ମଧ୍ୟ ଆଲୋଚନା କରାଯାଇଛି। ଏହି ସ୍ରଷ୍ଟାମାନଙ୍କର ପ୍ରୟାସକୁ ଦେଖି ବିନାୟକ ମିଶ୍ର ୧୯୫୮ ରେ ଓଡ଼ିଆ ଛାନ୍ଦ ସାହିତ୍ୟ ରଚନା କରିଥିଲେ। ମାତ୍ର ତାହା ଛାନ୍ଦକୁ ପୂର୍ବସୂରୀଙ୍କ ପରି ଉତ୍ତମ ବିଶେଷତ୍ୱ ପ୍ରଦାନରେ ସାମର୍ଥ୍ୟ ଲାଭ କରିପାରିନଥିଲା। ଛନ୍ଦକୁ କେନ୍ଦ୍ର କରି ସମାଲୋଚକ 'ଓଡ଼ିଆ ଛାନ୍ଦ ପରିଚୟ' ଭଳି 'ଓଡ଼ିଆ ଛନ୍ଦର ବିକାଶ' (୧୯୬୧)ରେ ପ୍ରକାଶ କରିଥିଲେ। ତାଙ୍କ ମତରେ ପ୍ରାଚୀନ କାଳରେ କାବ୍ୟକୁ ଛାନ୍ଦ-ଗୀତ କୁହାଯାଉଥିଲା। ତାହାକୁ ଗାନ ପାଇଁ ପାଲା ଗାୟକମାନଙ୍କ ଦ୍ୱାରା ଆବୃତ୍ତି କରାଯାଉଥିଲା। ଛାନ୍ଦମାନଙ୍କ ବୃତ୍ତ ଓ ରାଗର ନିର୍ଦ୍ଦିଷ୍ଟ ରୀତି ଥିଲା। ଏହାର ବ୍ୟବହାର ଚଉପଦୀରେ ଥିଲା। ତାଙ୍କ ମତରେ ସଂସ୍କୃତରେ ଛନ୍ଦ ୨ପ୍ରକାର ବୃତ୍ତ ଓ ଜାତି। ଅକ୍ଷର ଗଣନା ପଦ୍ୟ ହେଉଛି ବୃତ୍ତ ଏବଂ ମାତ୍ରାର ସଂଖ୍ୟାନୁସାରେ ରଚିତ ପଦ୍ୟ ଜାତି ଭାବେ ପରିଚିତ। ଓଡ଼ିଆରେ ଅକ୍ଷର ସଂଖ୍ୟାକୁ ଗୁରୁତ୍ୱ ଦେଇ ଅନେକ ଛାନ୍ଦ ଲେଖାଯାଇଛି। ଓଡ଼ିଆରେ ବୃତ୍ତକୁ ବାଣୀରେ ଗାନ କରାଯାଏ।ଯତିପାତ କେବେ ଶବ୍ଦର ଶେଷରେ ଓ କେବେ ମଝିରେ ହୋଇଥାଏ। ଏହାର ଅର୍ଥ ଜିହ୍ୱା ସ୍ୱେଚ୍ଛାକୃତ ବିଶ୍ରାମ ନେବା। ବିରାମ ଓ ବିଚ୍ଛେଦ ଏହାର ଅନ୍ତର୍ଭୁକ୍ତ।

ଏହି ଗ୍ରନ୍ଥରେ ବୃତ୍ତକୁ ସମ ଓ ବିଷମ ଚରଣ କରି ଦୁଇଭାଗ କରାଯାଇଛି। ସମଛନ୍ଦରେ ୨୨ଟି ଓ ବିଷମ ଛନ୍ଦରେ ୨୩ଟି ଛନ୍ଦର ନିରୋଳା ବର୍ଣ୍ଣନା କରାଯାଇଛି। ଏଥିରେ ଛାନ୍ଦର ଉତ୍ପତ୍ତି, ପ୍ରୟୋଗ ଓ ଯତିପାତକ୍ରମ ଗାଣିତିକ ପର୍ଯ୍ୟାୟରେ ନିରୂପଣ କରାଯାଇଛି। ଅମିତ୍ରାକ୍ଷର ଛନ୍ଦ ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ କବି ରାଧାନାଥ ରାୟଙ୍କ ମହାଯାତ୍ରା କାବ୍ୟରେ କିଭଳି ସଫଳ ପ୍ରୟୋଗ କରାଯାଇଛି ତାହା ଉଲ୍ଲେଖନୀୟ। ଇଂରାଜୀ ସାହିତ୍ୟରେ ଅମିତ୍ରାକ୍ଷର (blank verse)କୁ ପ୍ରୟୋଗ କରାଯାଉଥିଲା। ବଙ୍ଗଳା କାବ୍ୟରେ ମାଇକେଲ ମଧୁସୂଦନ 'ମେଘନାଦ ବଧ' କାବ୍ୟରେ ଏହାକୁ ପ୍ରୟୋଗ କରିଥିଲେ। ଏଥିରେ ପାଦ ବିଭାଜନ ନାହିଁ ପ୍ରତ୍ୟେକ ପାଦ ସାଧାରଣତଃ ୧୪ଅକ୍ଷର ବିଶିଷ୍ଟ। ଏହାର ଦୁଇ ଚରଣରେ ପ୍ରାନ୍ତ ବର୍ଣ୍ଣର ମିଳନ ନଥାଏ। ଏହାର ଯତିପାତରେ ନିର୍ଦ୍ଦିଷ୍ଟ କ୍ରମ ନଥାଏ। ଭାବ ଅନୁସାରେ ଶବ୍ଦ ଯୋଜନା କେଉଁଠି ୪ର୍ଥ, ୮ମ ଓ ଶେଷ ଅକ୍ଷର, କେଉଁଠି ୩ୟ, ୮ମ ଶେଷାକ୍ଷର ଅବା ୬ଷ୍ଠ ଓ ଶେଷାକ୍ଷର ବିଭିନ୍ନ ଭାବରେ ହୋଇଥାଏ।(ଓଡ଼ିଆ ଛାନ୍ଦ ପରିଚୟ, ପୃ.୧) ସେହିପରି ପ୍ରାଚୀନତମ ବୃତ୍ତ ଭାବରେ ଦାଣ୍ଡିବୃତ୍ତକୁ ସେ ଗ୍ରହଣ କରିଛନ୍ତି। ସାରଳା ମହାଭାରତ, ଦାଣ୍ଡି ରାମାୟଣ ଓ ବହୁ ଓଡ଼ିଆ ପୁରାଣ ଏହି ବୃତ୍ତରେ ରଚିତ। ପରବର୍ତ୍ତୀ କାଳରେ ଏହି ବୃତ୍ତକୁ ଭାଙ୍ଗି ଚତୁର୍ଦ୍ଦଶ ଅକ୍ଷର ବିଶିଷ୍ଟ ବୃତ୍ତରେ ପରିଣତ କରାଯାଇଥିଲା। ଏହାର ଯତିପାତରେ ନିର୍ଦ୍ଦିଷ୍ଟ କ୍ରମ ନଥାଏ।

ଆର୍ତ୍ତ ଦାସଙ୍କ ଭଜନମାଳିକା (ପ୍ରଥମ ପ୍ରକାଶ, ୧୯୭୬, ଆର୍ତ୍ତତ୍ରାଣ ସ୍ମାରକ ସମିତି, ଡଗର ସାହି, ନିମାପଡ଼ା, ପୁରୀ)

ଭଜନମାଳିକାଟି ଗୋଟିଏ କ୍ଷୁଦ୍ର ପୁସ୍ତିକାଟିଏ। ଏହାର ମୁଖବନ୍ଧକୁ ପାଠକଲେ ଜଣାଯାଏ ହଜିଯାଇଥିବା ସାଧକଙ୍କ କୃତି ଆଧାରରେ ଲେଖକ ଏହି ସାଧକଙ୍କୁ ପ୍ରାଚୀନ ଭକ୍ତ କବି ଓ ସନ୍ଥ କବି ଭାବେ ଲୋକଲୋଚନକୁ ଆଣିଛନ୍ତି। ପୁନଶ୍ଚ ଏଭଳି ଗ୍ରନ୍ଥର ଆବଶ୍ୟକତାକୁ ସାଂପ୍ରତିକ ନିଷ୍କର୍ଷ ଦୃଷ୍ଟିରୁ ଦେଖିଲେ ମନେହୁଏ, ଏଥିରେ ୧)ଲୋକଧାରାର ଅନୁକୃତ ଉକ୍ତ ଅଂଚଳର ଲୋକମତ ସଂଗ୍ରହ ୨) ଆଲୋଚନାର ପ୍ରସଙ୍ଗ ଉକ୍ତ ଗାଦିରୁ ଆରମ୍ଭ। ଏହି ଆଲୋଚନାରେ ବୈଜ୍ଞାନିକ ଯୁକ୍ତିନିଷ୍ଠ ପଦ୍ଧତିକୁ ଅବଲମ୍ବନ କରାଯାଇଛି। ସନ୍ଥକବିଙ୍କ ପରିଚୟ ସହ ପଦାବଳୀ ସଂଗ୍ରହରେ ଗୋବିନ୍ଦ ରଥ, ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ପରବର୍ତ୍ତୀ ପର୍ଯ୍ୟାୟରେ ଜାନକୀବଲ୍ଲଭ ମହାନ୍ତିଙ୍କ ସ୍ଥାନ ସର୍ବାଗ୍ରେ। ଏହା ପୂର୍ବରୁ ଆର୍ତ୍ତ ଦାସଙ୍କୁ ନେଇ କୌଣସି ତଥ୍ୟ ସନ୍ଧାନ ଓ ଗାଦି ପ୍ରସଙ୍ଗ ଆଲୋଚନା କରାଯାଇନଥିଲା। ସଂପାଦକ ତାଙ୍କୁ ଅଷ୍ଟାଦଶ ଶତାବ୍ଦୀର ବୋଲି ଉଲ୍ଲେଖ କରିଛନ୍ତି -'ଅଷ୍ଟାଦଶ ଶତକର ଶେଷ ପାଦରେ ପୁରୀ ଜିଲ୍ଲା ନିମାପଡ଼ା ଥାନାର ପଡ଼ା ଗୁଆଡିରା ଗ୍ରାମରେ ସେ ଭୂମିଷ୍ଠ ହୋଇଥିଲେ। ଏହି ଗ୍ରାମର ଉପାନ୍ତବର୍ତ୍ତୀ ଏକ ଡିହକୁ ଏବେ ବି ଲୋକେ ଆର୍ତ୍ତ ଦାସଙ୍କ ଡିହ ବୋଲି କହନ୍ତି।'ଜଣେ ସାଧାରଣ ଗ୍ରାମୀଣ ଲୋକ ଭଳି ଚାଷକାର୍ଯ୍ୟ କରି ଏହି ସନ୍ଥ କବି ଜୀବନ ଧାରଣ କରୁଥିଲେ। ମାତ୍ର ତାଙ୍କର ବୈରାଗ ଭାବ ସଂପର୍କରେ ଜଣାଯାଏନି। ଅଲୌକିକ କ୍ରିୟା ଫଳରେ ସେ ଲୋକାଦୃତ ହୋଇଥିଲେ ଏବଂ ୩୫ ବର୍ଷ ବୟସରେ ବିସରପୁର ଠାରେ ମଠ/ଗାଦିଟିଏ କରିଥିଲେ। ଧର୍ମୋପଦେଶ ବଢ଼ାଇବା ପାଇଁ ସେ

ସ୍ଥାନରୁ ସ୍ଥାନ ଯାଇ ୭୫୨ଟି ଗାଦି ପ୍ରତିଷ୍ଠା କରିଥିବା ବିଷୟରେ ସଂକଳକ ସ୍ୱୀକାର କରିଛନ୍ତି । ପୁନଶ୍ଚ ନିଜସ୍ୱ ସଂଗ୍ରହ ଓ ଗୀତିକାରୁ ତଥ୍ୟ ଆକଳନ କରି ତାଙ୍କ ସମୟରେ ଗାଦିବ୍ରହ୍ମ ଶବ୍ଦଟି ଓଡ଼ିଶାରେ ପ୍ରଚଳିତ ବୋଲି ଉଲ୍ଲେଖ କରିଛନ୍ତି । ଗ୍ରନ୍ଥଟିର ଭୂମିକାରେ ସନ୍ଥଙ୍କର ଜୀବନୀ, ଓଡ଼ିଶାରେ ଉତ୍କଳୀୟ ବୈଷ୍ଣବର ସନ୍ତକ ସ୍ୱରୂପ ଆର୍ତ୍ତ ଦାସଙ୍କ ମଠରେ ଟୋପି ବାଡ଼ିର ବ୍ୟବହାର ସଂପର୍କରେ ଜଣାଯାଏ । ପୁନଶ୍ଚ ଏହି ସନ୍ଥ କବି ନିଜ କବିତାରେ ଓଡ଼ିଆ କୁମାର ବୋଲି ଉଲ୍ଲେଖ କରିଛନ୍ତି । ତେଣୁ ତାଙ୍କର ସଂପ୍ରଦାୟ ସଂପୂର୍ଣ୍ଣ ଉତ୍କଳୀୟ ପରମ୍ପରାରେ ପ୍ରତିଷ୍ଠିତ ବୋଲି କହିଛନ୍ତି । ପୁନଶ୍ଚ ପୁରୀସ୍ଥିତ ବେନୁପଡ଼ାରେ ବାଇଦାସଙ୍କ ନିର୍ମିତ ମଠର ସେ ତୃତୀୟ ମଠାଧୀଶ ଥିବା ବିଷୟ ସଂକଳକ ସ୍ୱୀକାର କରିଛନ୍ତି ।

ଏହିଭଳି ଭରଦ୍ୱାଜ ପରିଚୟରେ ପରିଚିତ ଜାନକୀବଲ୍ଲଭ ମହାନ୍ତି ଓଡ଼ିଆ ଗୀତିକାବ୍ୟ, ଛନ୍ଦ ଓ ଛାନ୍ଦକୁ ଏକ ନୂତନ ଦୃଷ୍ଟିକୋଣରୁ ବିଶ୍ଳେଷଣ କରିଛନ୍ତି । ଓଡ଼ିଆ ସମାଲୋଚନାର ନାନ୍ଦନିକ ଦିଗକୁ ଏହି ତିନୋଟି ଗ୍ରନ୍ଥ ବେଶ ଋଦ୍ଧିମନ୍ତ କରିପାରିଛି । ଏହି ଗ୍ରନ୍ଥମାନଙ୍କରେ ଯୁକ୍ତିନିଷ୍ଠତା, ଐତିହାସିକ ଓ ବୈଜ୍ଞାନିକ ପଦ୍ଧତିରେ ବିଶ୍ଳେଷଣ ଓ ପର୍ଯ୍ୟାଲୋଚନା ପାଠକଙ୍କ ଚିନ୍ତନ ଜଗତକୁ ପ୍ରଭାବିତ କରିବା ସହ ଲାଳିତ୍ୟ ଭାବ ଉଦ୍ଦୀପନା ଜାଗରଣ କରେ । ଓଡ଼ିଆ ଭାଷାସାହିତ୍ୟର ଶିକ୍ଷା ଜଗତରେ ଆମେ ଦୁଇଜଣ ଜାନକୀବଲ୍ଲଭ ମହାନ୍ତିଙ୍କୁ ଏକ ସମୟରେ ଓ ଏକ ସ୍ଥାନରେ ଦୀର୍ଘ ସମୟଧରି କାର୍ଯ୍ୟ କରିଥିବାର ଦେଖିବାକୁ ପାଇଥାଉ । ଉଭୟ ସ୍ରଷ୍ଟାଙ୍କ ଆଲୋଚନା-କ୍ଷେତ୍ର ଭିନ୍ନ ଭିନ୍ନ । ଉଭୟଙ୍କ ଆଲୋଚନା ସଂପର୍କରେ ସମାଲୋଚନା ପ୍ରସାରମୁଖୀ ହୋଇଥିବାର ଜଣାଯାଏ ନାହିଁ । ମାତ୍ର ଉଭୟ ସ୍ରଷ୍ଟାଙ୍କୁ ଓଡ଼ିଆ ସାହିତ୍ୟରେ ଚିହ୍ନଟ କରିବାକୁ ହେଲେ ଜଣକୁ ରେଭେନ୍ସା କ୍ୟାଲେଣ୍ଡରରେ (A) ଏବଂ ଅପରଜଣଙ୍କୁ (B) ବା ଭରଦ୍ୱାଜରେ ଚିହ୍ନିବାକୁ ପଡ଼ିଥାଏ । ଦ୍ୱିତୀୟରେ Aଙ୍କର ଜନ୍ମସ୍ଥାନ ଖୋର୍ଦ୍ଧା ହୋଇଥିବା ବେଳେ Bଙ୍କର ସ୍ଥାନ ପୁରୀ ଅନ୍ତର୍ଭୁକ୍ତ ଅଟେ । ତୃତୀୟରେ ଜାନକୀବଲ୍ଲଭ ମହାନ୍ତି (A) ଙ୍କର ଶିକ୍ଷାଗତ ଯୋଗ୍ୟତା ଏମ୍.ଏ, ଏଲ୍.ଏଲ୍.ବି ହୋଇଥିବା ବେଳେ ଭରଦ୍ୱାଜଙ୍କର ଏମ୍.ଏ, ପିଏଚ.ଡି ତଥା ମୁଖ୍ୟ ଅଧ୍ୟାପକ ଓ କେତେକ ସ୍ଥାନରେ ପ୍ରଫେସର (ଡକ୍ଟର) ଶିକ୍ଷାରୁ ଅବଗତ ହେବାକୁ ପଡ଼ିଥାଏ । ପୁନଶ୍ଚ ଭରଦ୍ୱାଜଙ୍କର କାବ୍ୟ ଓ ସଙ୍ଗୀତ ପ୍ରତି ଯେଉଁ ଅନୁରାଗ ଥିଲା ଜାନକୀବଲ୍ଲଭ ମହାନ୍ତି (A)ଙ୍କର ସେ ଦିଗରୁ ଭିନ୍ନ ଥିଲା । ଜାନକୀବଲ୍ଲଭ ମହାନ୍ତି (A)ଙ୍କ ସମ୍ପର୍କରେ ତାଙ୍କର 'ମଥୁରାମଙ୍ଗଳ ଓ କବି ଭକ୍ତଚରଣ ଦାସ' (ସଂପାଦନା), 'ଉପନ୍ୟାସ କଳା ଓ କଣାମାମୁଁ', 'ମୁକୁନ୍ଦଦେବ ଓ ନାଟ୍ୟକାର ଗୋଦାବରୀଶ', 'ଭରସା ଓ ନାଟ୍ୟକାର ଗୋପାଳ ଛୋଟରାୟ', 'ଓଡ଼ିଆ କବିତା ଓ ଯୁଗେ ଯୁଗେ ଓଡ଼ିଆ କବିତା', 'ଓଡ଼ିଆ ନାଟକର ଚଳନ୍ତି ଯୁଗ ଓ ପ୍ରତିଭା' ଭଳି କେତେକ ଗ୍ରନ୍ଥରେ ଦେଖିବାକୁ ମିଳିଥାଏ । ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ)ଙ୍କର ବହୁଧା ପ୍ରତିଭା ତାଙ୍କର କବିତା ସଂକଳନ ସହ ସଂପାଦନା, ସମାଲୋଚନା ଓ ଶିଶୁ ସାହିତ୍ୟ ରଚନାରେ ପରିପୁଷ୍ଟ ଲାଭ କରିଛି ।

**ସହାୟକ ଗ୍ରନ୍ଥସୂଚୀ :**


୧) ଏକ ନଦୀ ଅନେକ ପ୍ରବାହ, (ସଂକଳନ ଓ ସଂପାଦନା) ଖଗେନ୍ଦ୍ର ନାଥ ମଲ୍ଲିକ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ, ପ୍ରଥମ ପ୍ରକାଶ, ୧୯୯୨ (ଉତ୍ସ: ଓଡ଼ିଆ ବିଭବ)

୨) ରେଭେନ୍ସା କଲେଜ କ୍ୟାଲେଣ୍ଡର, (୧୯୫୫ - ୧୯୮୨) ।

୩) ଓଡ଼ିଆ ଗୀତିକାବ୍ୟ, ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ), ଗ୍ରନ୍ଥମନ୍ଦିର, ନୂତନ ସଂସ୍କରଣ, ୧୯୯୮ ।

୪) ସମାଲୋଚନା ତତ୍ତ୍ୱ, ଦୀନବନ୍ଧୁ ମିଶ୍ର, ନବୋଦୟ ପ୍ରକାଶନ, କଟକ, ଦ୍ୱିତୀୟ ସଂସ୍କରଣ, ୨୦୧୪ ।

୫) ଓଡ଼ିଆ ଛାନ୍ଦ ପରିଚୟ, ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ), ଦାସ ବ୍ରଦର୍ସ , ବ୍ରହ୍ମପୁର: କଟକ, ୧୯୬୫ ।

୬) ଏକାକୀ ପଥିକ, ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ), ଶ୍ରୀମତୀ ପଦ୍ମାବତୀ ମହାନ୍ତି, ଶ୍ରଦ୍ଧା ନର୍ସିଂ ହୋମ, ବଡ଼ଦାଣ୍ଡ, ପୁରୀ, ପ୍ରଥମ ସଂସ୍କରଣ, ୨୦୦୦ ।

୭) ଯତିପାତ, ବଳଭଦ୍ର ବହିଦାର, ବାଳକୃଷ୍ଣ କର, ସାରସ୍ୱତ ପ୍ରେସ, କଟକ, ପ୍ରଥମ ସଂସ୍କରଣ, ୧୯୩୭ । (ଉତ୍ସ: ଓଡ଼ିଆ ବିଭବ)

୮) ଆର୍ତ୍ତଦାସଙ୍କ ଭଜନ ମାଳିକା, (ସଂକଳୟିତା) ଜାନକୀବଲ୍ଲଭ ମହାନ୍ତି (ମୁଖ୍ୟ ଅଧ୍ୟାପକ), ଆର୍ତ୍ତତ୍ରାଣ ସ୍ମାରକ ସମିତି, ଡଗରାସାହି, ନିମାପଡ଼ା, ପୁରୀ, ପ୍ରଥମ ପ୍ରକାଶ, ୧୯୭୬


❖ ❖ ❖

DOI : https://doi.org/10.5281/zenodo.18181079

ମୂଳ ପ୍ରବନ୍ଧ

# ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଗଳ୍ପରେ ସମାଜବାଦୀ ସିଦ୍ଧାନ୍ତ

**ସ୍ୱପ୍ନାରାଣୀ ସିଂ**

**ସଂକ୍ଷିପ୍ତସାର :**

ଓଡିଆ ଗଳ୍ପ ସାହିତ୍ୟ ଜଗତରେ ଶ୍ରୀଯୁକ୍ତ ଶାନ୍ତନୁ କୁମାର ଆଚାର୍ଯ୍ୟ ଏକ ନିଆରା ସ୍ୱର। ବୃତ୍ତିର ପ୍ରଭାବରେ ସେ ବିଜ୍ଞାନ, ମନସ୍ତତ୍ତ୍ୱ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେଇଥିଲେ ହେଁ, ଜଣେ ସଚେତନ ନାଗରିକ ଭାବରେ ସେ ସମାଜ ଏବଂ ରାଜନୀତି ସହିତ ଦେଶର ଅର୍ଥନୈତିକ ଭିତ୍ତିଭୂମିକୁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ବିଭିନ୍ନ ସମୟରେ ବିଶେଷକରି ୧୯୫୦ ପରବର୍ତ୍ତୀ ସମାଜ ଏବଂ ରାଜନୀତି କୈନ୍ଦ୍ରିକ ବିଶ୍ୱର ବିଭିନ୍ନ ପ୍ରସଙ୍ଗକୁ ସେ କେବଳ ଆଲୋଚନା କରିନାହାନ୍ତି। ଜଣେ ଗବେଷକ ଭାବରେ ଏହାର ଭଲ ଏବଂ ମନ୍ଦ ଉଭୟ ଦିଗକୁ ମଧ୍ୟ ବିଚାର କରିଛନ୍ତି।

**ପ୍ରମୁଖ ଶବ୍ଦାବଳୀ:**

ସମାଜ, ରାଜନୀତି, ବ୍ୟକ୍ତି, ଦେଶ, ବିଶ୍ୱ

## ଉପକ୍ରମ:

ବ୍ରିଟିଶ୍ ସରକାର ଭାରତ ଉପରେ ଶାସନ କରିବାପାଇଁ ଆହରଣ କରିଥିବା ଚାରୋଟି ପ୍ରମୁଖନୀତି ଯଥା- ସାମ, ଦାମ, ଦଣ୍ଡ, ଭେଦ ମଧ୍ୟରୁ ଭେଦ ହେଉଛି ପ୍ରମୁଖ। ଯାହା ସେମାନଙ୍କୁ କେବଳ ଭାରତ ନୁହେଁ ଅଷ୍ଟ୍ରେଲିଆ, ଆମେରିକା ଭଳି ଭୂଖଣ୍ଡରେ ମଧ୍ୟ ଶାସନ କରିବାପାଇଁ ସାହାଯ୍ୟ କରିଥିଲା। ଏହି ଭେଦନୀତି ଭାରତରେ ହିନ୍ଦୁ, ମୁସଲମାନ ବିବାଦ ସହିତ ଭାରତ ଓ ପାକିସ୍ଥାନ ଗଠନ ପାଇଁ ମଧ୍ୟ ଉପକୂଳ ବାତାବରଣ ଯୋଗାଇଥିଲା। ଏହି ଭେଦନୀତି ଦ୍ୱାରା ଇଂରେଜ ସରକାର ଏକ ତତ୍ତ୍ୱ ପ୍ରଦାନ କରିଥିଲେ ଯାହା ଥିଲା ଆର୍ଯ୍ୟ ଆଗମନ ସଂପର୍କିତ ସିଦ୍ଧାନ୍ତ। ଯାହା ଉନବିଂଶ ଶତାବ୍ଦୀରେ ଇଉରୋପୀୟ ଗବେଷକ ମାକ୍ସ ମୁଲାରଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିଲା। ଏହି ସିଦ୍ଧାନ୍ତ ଭାରତରେ ଏକ ବିରାଟ ପରିବର୍ତ୍ତନ ଆଣିବା ସହ ଭାରତକୁ ଉତ୍ତର ଏବଂ ଦକ୍ଷିଣରେ ବାଣ୍ଟି ଦେଇଥିଲା। ଯାହା ଭାରତୀୟଙ୍କ ମନକୁ ବିଷାକ୍ତ କରିବା ସହ ଭାରତୀୟଙ୍କ ଏକତା ଉପରେ ପ୍ରଭାବ ସୃଷ୍ଟି କରିଥିଲା। ଆର୍ଯ୍ୟମାନେ ବା ଇଉରୋପୀୟମାନେ ହିନ୍ଦୁକୁଶ ପର୍ବତ ଦେଇ ଭାରତରେ ପ୍ରବେଶ, ସିନ୍ଧୁ ସଭ୍ୟତାରେ ରହୁଥିବା ଦ୍ରାବିଡଙ୍କ ଉପରେ ଅତ୍ୟାଚାର ଏବଂ ତାଙ୍କ ଅତ୍ୟାଚାରକୁ ସମ୍ମୁଖିନ ନ ହୋଇପାରି ଦ୍ରାବିଡୀୟ ମାନଙ୍କର ଦକ୍ଷିଣ ଆଗମନ ଆଦି କପୋଳ କଳ୍ପିତ ଇତିହାସ ଭାରତରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିଲା। ଏହି ପରିସ୍ଥିତି ବା ବିଷମଞ୍ଜିକୁ ଜଳଦେଇ ଏକ ସୁସ୍ଥ ସୁଦୃଢ ବୃକ୍ଷରେ ପରିଣତ କରିବାରେ ସାହାଯ୍ୟ କରିଥିଲେ ରାଜନୈତିକ ଗୋଷ୍ଠୀ। ଏହାଦ୍ୱାରା ଦ୍ରାବିଡ ଯାହାର ପ୍ରକୃତ ଅର୍ଥ ଥିଲା ଏକ ଏପରି ସ୍ଥଳଭାଗ ଯାହାକୁ ତିନୋଟି ଦିଗରୁ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.18181079
Article No - BPP00353

**ଯୋଗାଯୋଗ :**
**ଡକ୍ଟର ସ୍ୱପ୍ନାରାଣୀ ସିଂ,** ଅଧ୍ୟାପିକା
ବିଶ୍ୱଭାରତୀ, ଶାନ୍ତିନିକେତନ
**Email :** swapnaranisingh32@gmail.com
**ORCID ID:** https://orcid.org/0000-0003-0157-0470

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୮.୨୦୨୫ | ୧୧.୦୯.୨୦୨୫ | ୨୫.୧୦.୨୦୨୫ | ୧.୧୧.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସିଂ, ସ୍ୱପ୍ନାରାଣୀ ; ୨୦୨୫। ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଗଳ୍ପରେ ସମାଜବାଦୀ ସିଦ୍ଧାନ୍ତ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଜ; ପୃଷ୍ଠା :୧୪-୨୩।

ଜଳ ଘେରି ରହିଥିବ। ଯାହା ଆମେ ଭାରତର ମାନଚିତ୍ରର ନିମ୍ନଭାଗରେ ଦେଖୁ ତାହା କ୍ରମେ ଏକ ଜାତିରେ ରୂପାନ୍ତରିତ ହୋଇଗଲା। ଭୌଗୋଳିକ ଏବଂ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାରକଲେ ଉତ୍ତର ଏବଂ ଦକ୍ଷିଣ ଭାରତୀୟଙ୍କ ମଧ୍ୟରେ ଚର୍ମ ବା ତ୍ୱକ୍ ରଙ୍ଗଗତ ପାର୍ଥକ୍ୟ ମୁଖ୍ୟତଃ ମେଲାନିନ୍ ଉତ୍ପାଦନ ସହିତ ଜଡିତ ଜେନେଟିକ୍ ପରିବର୍ତ୍ତନର କାରଣ। ଦକ୍ଷିଣ ଭାରତର ବ୍ୟକ୍ତି ବିଶେଷ, ବିଷୁବରେଖା ନିକଟତର ହୋଇଥିବାରୁ, ସେମାନଙ୍କର ଚର୍ମ ଗାଢ ହୋଇଥାଏ, ଯାହା ପ୍ରବଳ ୟୁ ଭି ବିକିରଣ ବିରୁଦ୍ଧରେ ଅଧିକ ସୁରକ୍ଷା ପ୍ରଦାନକରେ। ଉତ୍ତର ଭାରତୀୟ ଜନସଂଖ୍ୟା, ବିଷୁବ ରେଖା ଠାରୁ ଆହୁରି ଦୂରରେ, ହାଲୁକା ଚର୍ମ ଥାଏ, ଯାହା ପାଇଁ କମ୍ ମେଲାଲିନ୍ ସୁରକ୍ଷା ଆବଶ୍ୟକ ହୁଏ। ଏହି କାରଣ ବଶତଃ ଉତ୍ତର ଭାରତୀୟଙ୍କ ରଙ୍ଗ ସଫା ହୋଇଥିବା ସ୍ଥଳେ ଦକ୍ଷିଣ ଭାରତୀୟଙ୍କ ରଙ୍ଗ କୃଷ୍ଣବର୍ଣ୍ଣ ହୋଇଥାଏ। ମାତ୍ର ଏହିଭଳି ବୈଜ୍ଞାନିକ ଏବଂ ଭୌଗୋଳିକ ପ୍ରେକ୍ଷାପଟ୍ଟ ସାମାଜିକ ଏବଂ ରାଜନୈତିକ ପ୍ରେକ୍ଷାପଟ୍ଟରେ ବିକୃତ ରୂପ ଧାରଣ କରିବା ପଛରେ ଇଂରେଜମାନେ ଯେତିକି ଦାୟୀ ସେତିକି ଦାୟୀ ଭାରତର ରାଜନୈତିକ ପ୍ରେକ୍ଷାପଟ୍ଟ। ଏହିଭଳି ପ୍ରସଙ୍ଗକୁ କେନ୍ଦ୍ରକରି ରଚିତ ହୋଇଛି ଗାଳ୍ପିକଙ୍କର 'ହୃଦକୋଳପ' ଗଳ୍ପ। "ତା ପରଠୁଁ ମୁଁ ଓ ସେ ପରସ୍ପରର ବହୁ ଦୂରକୁ ଚାଲିଗଲୁଁ ଓ ସେଇଠୁ ଜଣେ ଅପରକୁ ଖତେଇ ହେବା ଆରମ୍ଭ କରି ଦେଇଥିଲୁ । ଏପରିକି ବହୁଦୂର ଓ ନିରାପଦ ସ୍ଥାନରେ ଥାଇ ମୁଁ ତାଙ୍କୁ ନିରୀକ୍ଷଣ କରି ଯାହା ତାଙ୍କ ସଂପର୍କରେ ବୁଝିଥିଲି, ତାହା ହେଉଛି- ସେ ନିଶ୍ଚୟ ଜଣେ ଖାଣ୍ଟି ଦକ୍ଷିଣୀ ଲୋକ। କିନ୍ତୁ ତାଙ୍କ ବେଶ ପୋଷାକରୁ ସେମିତି କିଛି ଖାଣ୍ଟି କଥା ଦେଖାଯାଉ ନଥିଲା। ମୋର ପୋଷାକ ଓ ତାଙ୍କର ପୋଷାକ ପ୍ରାୟ ସମାନ ଥିଲା। ମୋ ପରି ସେ ବି ସାହେବୀ ପେଣ୍ଟ- କୋଟ୍ ଓ ଟାଇ ପିନ୍ଧିଥିଲେ ଏବଂ ତାଙ୍କ ହାବଭାବରୁ ମୁଁ ଯାହା ଠଉରେଇଥିଲି, ମୋ ପରି ସେ ବି ଜଣେ ସରକାରୀ କର୍ମଚାରୀ; ହୁଏତ ଅଧିକ ଶକ୍ତିଶାଳୀ କୌଣସି ସର୍ବଭାରତୀୟ କର୍ମଚାରୀ ବି ହୋଇଥାଇ ପାରନ୍ତି। କିନ୍ତୁ ସାମଗ୍ରିକ ଭାବେ ବାହ୍ୟ ସାମଞ୍ଜସ୍ୟ ସତ୍ତ୍ୱେ ଆମ ଭିତରେ ଏତେ ଅସାମଞ୍ଜସ୍ୟ ରହିଥିଲା ଯେ, ଆମର ଦୀର୍ଘ- କାଳର ରେଳଯାତ୍ରା ସତ୍ତ୍ୱେ କେବଳ ଥରଟିଏ ଛଡା ଦ୍ୱିତୀୟ ଥର ପାଇଁ ଏକାଠି ମିଶିବାକୁ ଆମେ ଆମ ଆଖିର ପୁଅ ମାନଙ୍କୁ ଏକାଠି ଛାଡି ଦେଇ ନଥିଲୁ।" ( ପଚାଶ ବର୍ଷର ଗଳ୍ପ 'ସଳ- ପ୍ରଥମ ଖଣ୍ଡ- ପୃ- ୨୪୨) **ଉତ୍ତର ଉପନିବେଶବାଦୀ** ଚିନ୍ତାଧାରା ଦୃଷ୍ଟିରୁ ଗାଳ୍ପିକଙ୍କର 'ପିଠି' ଏକ ଉତ୍କୃଷ୍ଟ କୃତି। ଇଂରେଜମାନଙ୍କ ଦ୍ୱାରା ସୃଷ୍ଟି ଭାରତର ବିକୃତ ଇତିହାସ ଏବଂ ଭେଦନୀତି ବିକୃତ ରାଜନୀତି ଗଢିବାରେ କିପରି ସହାୟ ହୋଇଛି ତାହାକୁ ଗାଳ୍ପିକ ଏଥିରେ ଚମତ୍କାର ଭାବେ ପ୍ରତିଫଳିତ କରିଛନ୍ତି। **ଏ ଦେଶର** ସାମାଜିକ ଏବଂ ରାଜନୈତିକ ପରିବେଶକୁ ଆକ୍ଷେପକରି ରଚିତ 'ନକ୍ସଲାଇଟ୍' ଗାଳ୍ପିକଙ୍କର ଏକ ଭିନ୍ନ ସ୍ୱାଦର କୃତି। ଏ ଦେଶରେ ଘଟୁଥିବା ପ୍ରତିଟି ବିପ୍ଲବ ତାହା ସବୁଜ ବିପ୍ଲବ ଅଥବା ରକ୍ତାକ୍ତ ବିପ୍ଳବ ଯାହା ହେଉନା କାହିଁକି ପ୍ରତିଟିର ଆବେଦନ ହେଉଛି ସମାନ। ଏହି ବିପ୍ଲବ ପ୍ରକୃତରେ ଏକ ବିଷାକ୍ତ ଉପାଦାନ ଯିଏ ବିପ୍ଲବୀର କାନ୍ଧର ଆଶ୍ରା ଲୋଡା ହେଲେ ପ୍ରକୃତରେ ନିଜର ଭୟଙ୍କର ବିଷଦ୍ୱାରା ଧିରେ ଧିରେ ବିପ୍ଲବୀକୁ ହିଁ ମାରିଚାଲେ। **ରାଜନୈତିକ** ଭ୍ରଷ୍ଟାଚାର ଏବଂ କଳା ବଜାରୀର ନିଦର୍ଶନ ରହିଛି 'ଧର୍ମହାଟ' ଗଳ୍ପରେ। **ସ୍ୱପ୍ନର ବୈଜ୍ଞାନିକ** ଅଧ୍ୟୟନ ଯାହାକୁ Oneirology କୁହାଯାଏ। ତାହାର ପ୍ରତିଫଳନ ଦେଖିବାକୁ ମିଳେ 'ପଶ୍ଚାତ୍ ଯାତ୍ରୀ' ଗଳ୍ପରେ। ଆମେରିକା ଏବଂ ସୋଭିଏତ ୟୁନିଅନକୁ କେନ୍ଦ୍ରକରି ଶୀତଳ ଯୁଦ୍ଧ ଏବଂ ରାଜନୈତିକ ପ୍ରେକ୍ଷାପଟ୍ଟରେ ପରିବର୍ତ୍ତନ ଯାହା ସମଗ୍ର ବିଶ୍ୱକୁ ଦୁଇ ଭାଗ ଯଥା- ପଶ୍ଚିମ ଏବଂ ପୂର୍ବରେ ବାଣ୍ଟି ଦେଇଥିଲା। ସୋଭିଏତ ୟୁନିଅନର ପୂର୍ବ ସହିତ ସଂପର୍କ ଏବଂ ଆମେରିକାର ପଶ୍ଚିମ ସହିତ ସଂପର୍କ ଏହାକୁ ଆହୁରି ବର୍ଦ୍ଧିତ କରିଥିଲା। ଏହି ପ୍ରେକ୍ଷାପଟ୍ଟରେ ଭାରତ ଭଳି କ୍ଷୁଦ୍ର ବିକାଶଶୀଳ ରାଷ୍ଟ୍ର ମାନଙ୍କର ସ୍ଥିତିକୁ ବଡ ଚମତ୍କାର ଭାବେ ଗାଳ୍ପିକ ଉକ୍ତ କୃତିରେ ପ୍ରତିଫଳିତ କରିଛନ୍ତି- "ସେମାନେ ପରା ସମସ୍ତେ ମୋ ପଡୋଶୀ। ସେମାନଙ୍କୁ ମୁଁ ଚିହ୍ନି ନାହିଁ? କାଳ ବାବୁଙ୍କ କୋଠା, କୃଷ୍ଣବାବୁଙ୍କ କୋଠା, ଦାସଙ୍କ କୋଠା, ପଟ୍ଟନାୟକଙ୍କ କୋଠା- ସେମାନେ ସମସ୍ତେ ମତେ ଘେରି ଯାଇଥିଲେ। XXXX କାଳବାବୁଙ୍କ କୋଠା କେତେ ମହଲା କହିପାରିବି ନାହିଁ।- ତେବେ ସଭା ଉପର ମହଲାର ଘରଗୁଡିକ ଗୋଟାଏ ବିନ୍ଦୁରେ ମିଳିଯାଇଥିଲେ। କୃଷ୍ଣବାବୁ ବି କିଛି କମ୍ ଉପରକୁ ଉଠି ନଥିଲେ। ଦାସଙ୍କ କୋଠା ? ତାଙ୍କ କୋଠାଟି ଥିଲା ନୂଆ। ସେଇଟା ତ କାଳୁବାବୁ ଆଉ କୃଷ୍ଣବାବୁ ଦୁହିଁଙ୍କ କୋଠା ଭିତରେ ଭୁଲୁଥିଲା ! ଓ। ତା ହେଲେ ସେମାନେ ସମସ୍ତେ ଆପଣଙ୍କ ଗୁମ୍ଫାକୁ ଘେରି ଯାଇଥିଲେ ? କେବଳ ଘେରି ଯାଇନଥିଲେ। ସେମାନେ ମୋ ମୁଣ୍ଡ ଉପରେ ଆଉ ଗୋଟିଏ ଛାତ ବାନ୍ଧି ଦେଇଥିଲେ, ଯେମିତି ମୁଁ ଉପରକୁ ବଢିନପାରେ।" (ପଚାଶ ବର୍ଷର ଗଳ୍ପ ଫସଲ- ପୃ- ୩୨୬) ଏତଦ୍ ବ୍ୟତୀତ ଭାରତ ଉପରେ ସୋଭିଏତ୍ ୟୁନିଅନ ବା ସାମ୍ୟବାଦର ପ୍ରଭାବ ସଂପର୍କିତ ସୂଚନା ମଧ୍ୟ ଉକ୍ତ କୃତିରେ ଲକ୍ଷଣୀୟ। "ସେମାନେ ମତେ ଧରି ନେଉଥିଲେ କାଲିଫର୍ଣ୍ଣିଆକୁ ଥଇଥାନ ପାଇଁ। ଦିନେ ମୋର ମନେପଡୁଛି- ଏଇ

କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ପାଠ ପଢିବାକୁ ଯିବି ବୋଲି କେତେ ଲୋକଙ୍କୁ ମୁଁ ଖୋସାମତ କରିଥିଲି- କେତେ ହାକିମଙ୍କ ଗୋଡ ଧରିଥିଲି- ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ ସେମାନେ ମୋର ନାଁ କାଟିଦେଇଥିଲେ ତାଙ୍କ କାଗଜରୁ। ଆଜି ସେମାନେ ମତେ ବାନ୍ଧି ନେଉଛନ୍ତି ସେଇ ଜାଗାକୁ। ତଥାପି ମୋର ଆନନ୍ଦ ନାହିଁ। କାହିଁକି ? କାରଣ, ପୁଲିସ୍ ମୁହଁରୁ ଶୁଣିଲା ପରେ କାଲଫର୍ଣ୍ଣିଆ ପ୍ରତି ମୋର ମୋହ ତୁଟିଯାଇଥିଲା। ମୋହ ଲାଗୁଥିଲା ଚନ୍ଦ୍ର, ମଙ୍ଗଳ, ବୃହସ୍ପତି, ଶୁକ୍ରରେ।" (ପଚାଶ ବର୍ଷର ଗଳ୍ପ 'ସଲ- ପୃ- ୩୨୯- ୩୩୦) ଗଳ୍ପର ଏହିଭଳି ପଂକ୍ତି କେବଳ ଭାରତର ରୁଷିଆ ପ୍ରତି ସମର୍ଥନ ଏବଂ ଆମେରିକା ପ୍ରତି ବିରୋଧାଭାଷକୁ ପ୍ରତିଫଳିତ କରୁନାହିଁ। ଏହା ପରବର୍ତ୍ତୀ ସମୟରେ ଆରମ୍ଭ ହୋଇଥିବା ଅନ୍ତରୀକ୍ଷ ଦୌଡ ପ୍ରତିଯୋଗିତାକୁ ମଧ୍ୟ ସୂଚାଉଅଛି। ଯେଉଁଥିରେ ବିବାଦ ପୃଥିବୀର କକ୍ଷ ଅତିକ୍ରମ କରି ଅନ୍ୟାନ୍ୟ ଗ୍ରହକୁ ମଧ୍ୟ ଅତିକ୍ରମ କରିଥିଲା। ଯେଉଁଥିରେ ସୋଭିଏତ୍ ୟୁନିଅନ୍ ପ୍ରଥମ ସାଟେଲାଇଟ୍ ସ୍ପୁଟନିକ୍- ୧ ମାଧ୍ୟମରେ ପ୍ରଥମ ମଣିଷ ୟୁରି ଗାଗାରିନ୍‌ଙ୍କୁ ସ୍ପେସ୍ ପଠେଇଥିଲା। ଅନ୍ୟ ପକ୍ଷରେ ଆମେରିକା ଚନ୍ଦ୍ରପୃଷ୍ଠରେ ଆପୋଲୋ-୧୧ ମିଶନ୍ ଦ୍ୱାରା ମଣିଷକୁ ପଠେଇଥିଲା। ଏତଦ୍ ବ୍ୟତୀତ ଗାଳ୍ପିକ ଉକ୍ତ କୃତି ମାଧ୍ୟମରେ ରାଜନୈତିକ ପରିସ୍ଥିତିରୁ ମୁକ୍ତି ପାଇଁ ଗ୍ରହତ୍ୟାଗ କରି ଅନ୍ୟ ଏକ ଗ୍ରହକୁ ଯିବାର ପରିକଳ୍ପନା ମଧ୍ୟଦେଇ ଗୋଟିଏ ଦିଗରେ ବିଜ୍ଞାନର ଅଗ୍ରଗତି ଏବଂ ଅନ୍ୟ ଦିଗରେ ସାଧାରଣ ମଣିଷର ଅସହାୟତାକୁ ରୂପାନ୍ତରିତ କରିଛନ୍ତି। ଏହି ଅସହାୟତା ଏତେ ଉତ୍କଟ ଯେ, ସଂପ୍ରତି ଗ୍ରହତ୍ୟାଗ ବିଜ୍ଞାନର ଅଗ୍ରଗତି ଦ୍ୱାରା ଯଦି ସମ୍ଭବ ହୁଏ ତଥାପି ମଣିଷର ନିସ୍ତାର ନାହିଁ। କାରଣ ବିବାଦ ପୃଥିବୀ ପୃଷ୍ଠକୁ ଅତିକ୍ରମକରି ଅନ୍ୟାନ୍ୟ ଗ୍ରହକୁ ମଧ୍ୟ ସଂକ୍ରମିତ ହୋଇଛି। ଆଜି ଶ୍ରେଷ୍ଠ ରାଜନୈତିକ ଶକ୍ତି ଅନ୍ୟାନ୍ୟ ଗ୍ରହରେ ମଧ୍ୟ ନିଜର ଆଧିପତ୍ୟ ବିସ୍ତାରପାଇଁ କ୍ରିୟାଶୀଳ ହେବା ପ୍ରସଙ୍ଗ ଏହାକୁ ସ୍ପଷ୍ଟ କରିଥାଏ। "ପୁଲିସ୍ ମୋ ସାଙ୍ଗେ ସାଙ୍ଗେ ଚାଲିଥିଲା। ଅଧାବାଟରେ ସେ ମୋ ସାଙ୍ଗରେ ଖୁବ୍ ଦୋସ୍ତି ବି ଜମେଇ ସାରିଥିଲେ। ମୁଁ ତାଙ୍କୁ ପଚାରିଲି, ଆଚ୍ଛା, ମଙ୍ଗଳ ଗ୍ରହକୁ କଣ ଆମେ ଯାଇପାରିବା ନାହିଁ ? ମୋ କାନରେ ମୁହଁ ଗୁଞ୍ଜି ପୁଲିସ୍ କଣ ପଦେ କହିଲେ। ସେତେବେଳକୁ ମୋ ଆଖି ସଫାହୋଇ ଆସିଲା। ଏଥର ମୁଁ ସ୍ପଷ୍ଟ ଦେଖିପାରିଲି ସବୁ କଥା। ମୋ ନିଦ ଭାଙ୍ଗିଯାଉଥିଲା ହୁଏତ। XXXX ଠିକ୍ ସେତିକିବେଳେ ଗୋଟାଏ ଖବର କାଗଜ ହକର ସେଇବାଟ ଦେଇ ଡାକି ଡାକି ଚାଲିଗଲା- ପ୍ୟାରିସ୍ ଆକାଶରେ ଚତୁର୍ଥ ସ୍ପୁଟନିକ୍- ଶିଖର ସମ୍ମିଳନୀ ଭାଙ୍ଗିଗଲା।" ( ପଚାଶ ବର୍ଷର ଗଳ୍ପ 'ସଲ- ପୃ- ୩୩୦) **ଗାଳ୍ପିକଙ୍କର** 'ହନୁମାନ ପ୍ରଶ୍ନ' ଏକ ଭିନ୍ନ ସ୍ୱାଦର କୃତି। ପ୍ରତିଟି ମଣିଷ ଭିତରେ ରହିଥିବା ଅନ୍ୟର ସ୍ୱାଭାବ ଏବଂ ପ୍ରବୃତ୍ତିକୁ ଜାଣିବା ଜନିତ ଅଦମ୍ୟ ଇଚ୍ଛାକୁ ଗାଳ୍ପିକ ଏଥିରେ ପ୍ରତିଫଳିତ କରିଛନ୍ତି। **ଦ୍ୱିତୀୟ ବିଶ୍ୱଯୁଦ୍ଧ** ପରବର୍ତ୍ତୀ ଦେଶର ରାଜନୈତିକ ପରିସ୍ଥିତିରେ ପରିବର୍ତ୍ତନ। ଏଥି ସହିତ ନିଜ ଆଦର୍ଶକୁ ତ୍ୟାଗକରି ବାହାରୁ ଆସିଥିବା ଆଦର୍ଶକୁ ନିଜ ଦେଶର ପୃଷ୍ଠଭୂମିରେ ପ୍ରତିଷ୍ଠା କରିବାର ଉଦ୍ୟମ। ଯାହାକୁ ନା ତ ହଜମ କରିପାରିବା ନା ହିଁ ତ୍ୟାଗ କରିପାରିବା ଜନିତ ଜନସାଧାରଣଙ୍କର ଅସହାୟତା। ସର୍ବଶେଷରେ ନିଜ ଆଦର୍ଶକୁ ପ୍ରତିଷ୍ଠା କରିବାକୁ ଯାଇ ନିଜକୁ ହରାଇବସିବା ଜନିତ ଅସହାୟତାକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ତିନିମାସର ଦରମା ଓ ଅବସର' ଗଳ୍ପରେ। **୨୧ ମାସ ଧରି** ଚାଲିଥିବା ୧୯୭୫ର ଜରୁରୀକାଳୀନ ପରିସ୍ଥିତି ଏବଂ ଦେଶର ଉନ୍ନତି ନାମରେ ଏହି ସମୟରେ ସଂଜୟ ଗାନ୍ଧି ଆଣିଥିବା ୫ ସୂତ୍ର କାର୍ଯ୍ୟସୂଚୀ ଯଥା- ଯୌତୁକ ପ୍ରଥାର ବିଲୋପ, ପୌଢ ଶିକ୍ଷା, ବୃକ୍ଷ ରୋପଣ, ଜାତିପ୍ରଥାର ବିଲୋପ ଏବଂ ବନ୍ଧ୍ୟାକରଣ। ଏଥି ମଧ୍ୟରୁ ସବୁଠାରୁ ଭୟଙ୍କର ଥିଲା ବନ୍ଧ୍ୟାକରଣ। ଯାହା ଜର୍ମାନ୍‌ରେ ହିଟଲର ଦ୍ୱାରା ହୋଇଥିବା ନସବନ୍ଦି ଅଭିଜାନ ଠାରୁ ମଧ୍ୟ ଭୟଙ୍କର ଥିଲା। ଏହି ଉନ୍ନତି ନାମରେ ଜନସାଧାରଣଙ୍କ ଉପରେ ଅତ୍ୟାଚାର ଏହାର କାରଣ ବଶତଃ ଦେଶରେ ସୃଷ୍ଟି ବିଶୃଙ୍ଖଳା। ଏହା ସହିତ ତତ୍କାଳୀନ ରାଜନୈତିକ ପରିବେଶକୁ କେନ୍ଦ୍ରକରି ଜନସାଧାରଣଙ୍କର ଅସହାୟତାକୁ ଗାଳ୍ପିକ ବ୍ୟଙ୍ଗ କରିଛନ୍ତି 'ପ୍ରୋଜେକ୍ଟ ଟାଇଗର' ଗଳ୍ପରେ। **ରାଜନୈତିକ** ଭ୍ରଷ୍ଟାଚାର ସହିତ ସ୍ଥାନକୁ କେନ୍ଦ୍ରକରି ପରିବର୍ତ୍ତିତ ବ୍ୟକ୍ତିତ୍ୱ ଓ ତାହାର ଗୁରୁତ୍ୱକୁ ଗାଳ୍ପିକ ଚିତ୍ରିତ କରିଛନ୍ତି 'ଟେକ୍‌ନିକ' ଗଳ୍ପରେ। **୧୯୪୨ ଦ୍ୱିତୀୟ** ବିଶ୍ୱଯୁଦ୍ଧ ସମୟରେ ବ୍ରିଟିଶ୍ ଶାସିତ ଭାରତ ବର୍ଷରେ ସୃଷ୍ଟି ହୋଇଥିବା ଖାଦ୍ୟଭାବ ଏବଂ ଏହାକୁ ଦୂର କରିବାପାଇଁ ଆରମ୍ଭ ହୋଇଥିବା 'ଗ୍ରୋ ମୋର୍ 'ଫୁ' ଆନ୍ଦୋଳନ। ଯାହା ୧୯୪୭ ପର୍ଯ୍ୟନ୍ତ ଚାଲିଥିଲା। ଯାହା ସାଧାରଣତଃ ବିଫଳ ହେବା ସହ ସ୍ୱାଧୀନ ଭାରତରେ ଏହାକୁ ପୁନଃ ୧୯୪୮ରେ ଆରମ୍ଭ କରାଯାଇଥିଲା। ସାଧାରଣତଃ ଭାରତର ଶସ୍ୟ ଉତ୍ପାଦନ ମୂଳତଃ ବର୍ମା ଏବଂ ପଶ୍ଚିମବଙ୍ଗ ଉପରେ ନିର୍ଭରଶୀଳ ଥିଲା। ବର୍ମାକୁ ଜାପାନ ସେନା ଅଧିକାର କରିନେବା ଦ୍ୱାରା ବ୍ରିଟିଶ୍ ସରକାର ପଶ୍ଚିମବଙ୍ଗ, ଓଡିଶା ଆଦି ରାଜ୍ୟର ଶସ୍ୟ ଉତ୍ପାଦନକୁ ବୃଦ୍ଧି କରି ଏହି ଅଭାବକୁ ଦୂର କରିବାପାଇଁ ଏହି ଅଭିଯାନ ଚଳେଇଥିଲା। ଯାହାର ସ୍ୱରୂପ ଥିଲା ୧୯୪୩ରେ ବଙ୍ଗ ଦୁର୍ଭିକ୍ଷ। ଏହି ଅଭିଯାନ କାଳୀନ ଜାପାନ କବଳରୁ ବ୍ରିଟେନ୍‌କୁ ସୁରକ୍ଷା ଦେବାକୁ ଯାଇ ଭାରତ ଉପରେ ବ୍ରିଟିଶ୍‌ର

ସାମରିକ ଶକ୍ତି ହ୍ରାସହେବା । ଏହାକୁ କେନ୍ଦ୍ରକରି ଭାରତର ରାଜନୈତିକ ଦିଗ ସବଳ ହେବା, ସ୍ୱାଧୀନ ଭାରତୀୟ ଦଳ ଗଠନ । ଏହା ସହିତ ଧର୍ମକୁ କେନ୍ଦ୍ରକରି ରଣନୀତିରେ ପରିବର୍ତ୍ତନ ଭଳି ପ୍ରସଙ୍ଗକୁ ବେଶ୍ ସଚେତନ ଭାବେ ଗାଳ୍ପିକ 'ଜାତୀୟ ଶୋକର ଅଧିକାରୀ' ଗଳ୍ପରେ ଚିତ୍ରିତ କରିଛନ୍ତି । **ଇତିହାସର** ଖଳନାୟକ ହିଟ୍‌ଲରଙ୍କ ନାମରେ ଲିଖିତ ଗାଳ୍ପିକଙ୍କର 'ହିଟ୍‌ଲର' ଗଳ୍ପ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଓଡିଶାର ସ୍ୱରୂପକୁ ପ୍ରତିଫଳିତ କରିଥାଏ । ବିଶେଷକରି ୩ ଅକ୍ଟୋବର ୧୯୮୦ ମସିହା ବିରୁଡି ଗାଁର ବିଲୁଆଖାଇ ନଦୀ କୂଳରେ ଘଟିଥିବା ଛବିରାଣୀ ଦୁଷ୍କର୍ମ ଏବଂ ଏଥିରେ ଓଡିଶାର ରାଜନେତା, ପ୍ରଶାସନ ଏବଂ କଳାବଜାରୀଙ୍କ ସଂପୃକ୍ତିକୁ ଗାଳ୍ପିକ ପ୍ରତୀକାତ୍ମକ ଭାବେ ଉକ୍ତ କୃତିରେ ପ୍ରତିଫଳିତ କରିଛନ୍ତି । ଏହା ବ୍ୟତୀତ ହିଟ୍‌ଲର୍ ଗଳ୍ପର ନାମକରଣ ହିଟ୍‌ଲରଙ୍କର ସାମ୍ରାଜ୍ୟର ପତନ ଭଳି କଂଗ୍ରେସ ସାମ୍ରାଜ୍ୟର ପତନକୁ ଇଙ୍ଗିତ କରୁଥିବା ମନେହୁଏ । "ଯାହା ଘଟିଲା ତାକୁ ସ୍ଥାନୀୟ ଶିକ୍ଷିତ ଲୋକେ କହିଲେ, 'ଲ୍ ଅ୍' ବର୍ଲିନ୍- ବର୍ଲିନ୍ ପତନ । " (ପଚାଶ ବର୍ଷର ଗଳ୍ପ 'ସଲ- ଦ୍ୱିତୀୟ ଭାଗ- ପୃ- ୧୯୦) **୧୯୭୫ ମସିହାରେ** କଂଗ୍ରେସ ସରକାର ଦ୍ୱାରା ଲାଗୁ ହୋଇଥିବା ଜରୁରୀକାଳୀନ ପରିସ୍ଥିତି ଏବଂ ଏହାର ବିକଟ ସ୍ୱରୂପର କାରଣ ବଶତଃ ୧୯୭୭ ମସିହାରେ କଂଗ୍ରେସ ପରାଜିତ ହେବା । ୩୦ ବର୍ଷ ପରେ ଅଣ କଂଗ୍ରେସ ସରକାର ଗଠନ ହେବା ଏବଂ ଜନତା ସରକାର 'ମୋରାରଜି ଦେଶାଇ' ପ୍ରଧାନମନ୍ତ୍ରୀ ପଦରେ ବିଭୂଷିତ ହେବା ଭଳି ବହୁ ପରିବର୍ତ୍ତନ ଭାରତର ରାଜନୈତିକ ପୃଷ୍ଠଭୂମିରେ ସଂଗଠିତ ହୋଇଥିଲା । ଜନତା ସରକାରର ଆଗମନ ପରେ ସରକାର ଜରୁରୀକାଳୀନ ପରିସ୍ଥିତିକୁ ସମାପ୍ତ କରିବା ସହିତ ଭବିଷ୍ୟତରେ ଯେପରି କୌଣସି ସରକାର ଏହିପରି ମନମୁଖି ଜରୁରୀକାଳୀନ ପରିସ୍ଥିତି ଲାଗୁ ନ କରିପାରିବେ ସେଥିପାଇଁ କିଛି ନିୟମ ପ୍ରଣୟନ କଲେ । ଏହା ସହିତ ବିଦେଶୀ ଉଦ୍ୟୋଗ ଉପରେ କଟକଣା ଜାରିକରିବା ପାଇଁ ସରକାର କିଛି ନିୟମ ପ୍ରଣୟନ କଲେ । କାରଣ ସରକାର ସ୍ଥାନୀୟ ବ୍ୟବସାୟ ଏବଂ ବ୍ୟବସାୟୀଙ୍କୁ ପ୍ରୋତ୍ସାହନ ଦେବାକୁ ଉଦ୍ୟମ କରୁଥିଲେ । ତେଣୁ ସରକାରୀ ନିୟମ ଅନୁସାରେ ଯଦି କୌଣସି ବିଦେଶୀ କମ୍ପାନୀ ଭାରତରେ ନିଜର ବ୍ୟବସାୟ ସ୍ଥାପନ କରିବେ ତେବେ ସେମାନେ ୪୦ ପ୍ରତିଶତରୁ ଅଧିକ ଅଂଶ ରଖିପାରିବେ ନାହିଁ, ୬୦ ପ୍ରତିଶତରେ ସେମାନେ ଭାରତୀୟ ଉଦ୍ୟୋଗୀ ମାନଙ୍କୁ ନିଜର ସହଯୋଗୀ କରିବାପାଇଁ ବାଧ୍ୟ । ଏହାଦ୍ୱାରା Kodak, IBM, General Electric ଏବଂ Coco- Cola ଭଳି ୫୦ରୁ ଉର୍ଦ୍ଧ୍ୱ ସଂସ୍ଥା ଭାରତଛାଡି ପଳେଇଥିଲେ । ଏହାପରେ ଅବଶ୍ୟ Coco- Cola ପୁଣି ଭାରତକୁ ଫେରିଥିଲା । ମାତ୍ର ଏହିଭଳି ପଦକ୍ଷେପ ଦ୍ୱାରା ଭାରତର ବ୍ୟବସାୟୀ ଏବଂ ବ୍ୟବସାୟ ସଂସ୍ଥାକୁ ପ୍ରୋତ୍ସାହନ ମିଳିଥିଲା । ଏହିଭଳି ପ୍ରସଙ୍ଗକୁ କେନ୍ଦ୍ରକରି ଜାତୀୟତାବାଦର ବହ୍ନି ଏବଂ ସରକାର ପରିବର୍ତ୍ତନ ମାଧ୍ୟମରେ ଦେଶର ଉନ୍ନତିକୁ ଗାଳ୍ପିକ ଓଡିଶା ପ୍ରେକ୍ଷାପଟ୍ଟରେ କଳିଙ୍ଗ ସମ୍ରାଟ ଖାରବେଳଙ୍କର ପ୍ରତୀକ ମାଧ୍ୟମରେ ଘଟିଥିବା ଉନ୍ନତିକୁ ଚିତ୍ରିତ କରିଛନ୍ତି 'ଖାରବେଳ' ଗଳ୍ପରେ । ବାସ୍ତବିକ ଉତ୍ତର ଉପନିବେଶବାଦୀ ଚିନ୍ତାଧାରା ଦୃଷ୍ଟିକୋଣରୁ ଉକ୍ତ କୃତିଟି ବେଶ୍ ଉଲ୍ଲେଖଯୋଗ୍ୟ । ଗଳ୍ପର କେତେକ ପଂକ୍ତି ଏହାର ବାର୍ତ୍ତା ବହନ କରିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । "ଏକ୍‌ସକ୍ୟୁଜ୍ ମି- ଆଇଥଟ୍... ନୋବଡି ଥିଙ୍କସ୍ ଏନିଥିଙ୍ଗ ହିଅର ମିଷ୍ଟର ଗାଇଡ୍ ! ବଦ୍‌ରାଗୀ ବିଦେଶୀ ପରିବ୍ରାଜକଟି ଆଉ ଚୁପ୍ ରହିପାରିବ ନାହିଁ ଜାଣି କହିଲା... ଆଇ ହାଭ ଫିନସଡ୍ ମାଇଁ ଟୁର୍ ଅଫ୍ ଇଣ୍ଡିଆ- ଏ ପ୍ରେଟି ମଡର୍ଣ୍ଣ ଆନସିଏଣ୍ଟକଣ୍ଟ୍ରି ହୋୟାର କେଭସ୍ ଗ୍ରୋ ଇନ୍ ଦି ମାଉଥସ୍ ଅଫ୍ ପ୍ରେଟି ମଡର୍ଣ୍ଣ ଚିଲଡ୍ରେନ୍ ! କେହି ଜଣେ ପରଦେଶୀ ପର୍ଯ୍ୟଟକ ବଡପାଟିରେ ପଚାରୁଥାଏ- ହେ ! କୋକାକୋଲା କମ୍ପାନୀ ସତେ ଉଠିଯିବ ଇଣ୍ଡିଆରୁ ? ଗୋପୀ ହସୁଥାଏ । ମହାରାଜ ଐର ମହାମେଘବାହନ ଖାରବେଳଙ୍କ ପିଲାଦିନର ହସଟିଏ ପରି ବୀରତ୍ୱପୂର୍ଣ୍ଣ ହସଟିଏ ହୁଏତ ତାହା ।" (ପଚାଶ ବର୍ଷର ଗଳ୍ପ- 'ସଲ- ପୃ- ୧୯୮) **ଇଂରେଜ ଶାସିତ** ଓଡିଶାରେ ବଙ୍ଗାଳୀଙ୍କର ଓଡିଶାକୁ କେନ୍ଦ୍ରକରି ଶୃଗାଳନୀତି, ଓଡିଆବାସୀଙ୍କ ଦୁର୍ଭାଗ୍ୟ, ଏକତା ଏବଂ ଭାଷାପ୍ରିତିର ଅଭାବ ଏବଂ ସର୍ବୋପରି ନିଜର ସଂସ୍କୃତି ଅପେକ୍ଷା ଅନ୍ୟର ସଂସ୍କୃତିକୁ ଗୁରୁତ୍ୱ ଦେବାର ମାନସିକତା । ଏହିଭଳି ଉତ୍ତର ଉପନିବେଶବାଦୀ ପ୍ରସଙ୍ଗକୁ ଗାଳ୍ପିକ ବ୍ୟଙ୍ଗାତ୍ମକ ଶୈଳୀରେ ଉପସ୍ଥାପିତ କରିଛନ୍ତି 'ମହାପୁରୁଷେର ବାନୀ' ଗଳ୍ପରେ । ଇତିହାସର ଦ୍ୱାହି ଦେଇ ବର୍ତ୍ତମାନର ମଣିଷକୁ ସମାଲୋଚନା କରିବା ସହ ସତର୍କ କରିଦେବାର ଉଦ୍ୟମ ମଧ୍ୟ ଉକ୍ତ କୃତିର ସ୍ୱାତନ୍ତ୍ୟ । **ଭାରତୀୟ ଚିତ୍ରକଳା** ଜଗତରେ ପିକାଶୋ ରୂପେ ପରିଚିତ ଏମ୍. ଏ଼. ହୋସେନ୍ ବା ମକ୍‌ବୁଲ୍ ଫିଦା ହୋସେନ୍ । ଯିଏ ୧୯୭୦ ମସିହାରେ ଭାରତର ବାଗ୍‌ଦେବୀ ସରସ୍ୱତୀଙ୍କର ଏକ ନଗ୍ନ ଚିତ୍ର ଆଙ୍କି ୧୯୯୬ ମସିହାରେ ମଧ୍ୟପ୍ରଦେଶରୁ ପ୍ରକାଶିତ 'ବିଚାର ମୀମାଂଶା' ନାମକ ଏକ ମାସିକ ପତ୍ରିକାର ସମ୍ବାଦ ମାଧ୍ୟମରେ ସର୍ବପ୍ରଥମେ ବିବାଦକୁ ଆସିଥିଲେ । ପରବର୍ତ୍ତୀ ସମୟରେ ବିବାଦ ବଢିବା ସହିତ ଶିବ, ପାର୍ବତୀ, ଗଣେଶ, ହନୁମାନ ଓ ଭାରତମାତାଙ୍କର ନଗ୍ନ ଚିତ୍ର ମଧ୍ୟ ସମ୍ମୁଖକୁ ଆସିଥିଲା । ଏହା ପୂର୍ବରୁ ବଦ୍ରି ବିଶାଲର ମୋଦି ଭବନରେ

ସେ ରାମାୟଣର ୧୫୦ରୁ ଊର୍ଦ୍ଧ୍ୱ ଚିତ୍ର ଅଙ୍କନ କରିଥିଲେ। ଯେଉଁଥିରେ ମଧ୍ୟ ଅନେକ ଚିତ୍ର ବିବାଦାତ୍ମକ ଥିଲା। ଯାହା ଫଳରେ ସମଗ୍ର ଭାରତରୁ ତାଙ୍କ ଉପରେ ୧୨୦୦ କେସ୍ କୋର୍ଟରେ ଲାଗୁ ହୋଇଥିଲା। ଏହାପରେ ସମଗ୍ର ଭାରତରେ ତାଙ୍କ ବିରୋଧରେ ବିକ୍ଷୋଭ ଜାରି ରହିଲା। ୨୦୦୫ରେ ଏହା ଭୟଙ୍କର ରୂପ ଧାରଣ କଲା। ଭାରତର ହିନ୍ଦୁ ସଂସ୍ଥା ତାଙ୍କର ଷ୍ଟୁଡିଓ ମଧ୍ୟ ଭାଙ୍ଗି ଦେଇଥିଲା। ଏହାପରେ ସେ ୨୦୦୬ ମସିହାରେ ଭାରତ ଛାଡି କତର୍ ପଳାଇ ଯାଇଥିଲେ। ପ୍ରକୃତରେ ହୁସେନ୍‌ଙ୍କର ଯୁକ୍ତି ଥିଲା ସେ କିଛି ଅନ୍ୟାୟ କରିନାହାନ୍ତି। ସେ କେବଳ କଳାର ଏକ ଭିନ୍ନ ସ୍ୱରୂପକୁ ପ୍ରତିଫଳିତ କରିଛନ୍ତି। ଯାହା ନଟରାଜ ମୂର୍ତ୍ତି ଏବଂ ଭାରତର ମନ୍ଦିର ଗାତ୍ରରେ ଥିବା ଶତଶତ ଚିତ୍ର ପ୍ରତିଫଳିତ କରିଥାଏ। କଳାର ମହିମାଗାନ ସହିତ ଭାରତରେ ଜନସାଧାରଣଙ୍କୁ ପ୍ରଦାନ କରାଯାଇଥିବା ମୌଳିକ ଅଧିକାର ଯଥା- ନିଜକୁ ପ୍ରକାଶ କରିବାର ସ୍ୱାଧୀନତାର ଦୃଷ୍ଟାନ୍ତ ଦେଇଥିଲେ। ଏହିଭଳି ପ୍ରସଙ୍ଗକୁ ଗାଳ୍ପିକ ଏମ୍. ଏସ୍.ହୋସେନ୍ ରୂପୀ କୁକୁଡା ମାଧ୍ୟମରେ ସମାଲୋଚନା କରିଛନ୍ତି 'ବଣପାରା' ଗଳ୍ପରେ। ବିଶେଷକରି ଗାଳ୍ପିକ ଏହିଭଳି ପ୍ରସଙ୍ଗକୁ କେନ୍ଦ୍ରକରି ଅନେକ ଧର୍ମ ଉଦାସିନ ଅତ୍ୟାଧୁନିକ ମଣିଷ ମାନଙ୍କୁ ସମାଲୋଚନା କରିଛନ୍ତି। "ଦେଖିଚୁ ସେ ଛବି ନା ଖାଲି ଶୁଣିଛୁ?ତୋ ଜୀବନ କାଳରେ ଗୋଟିଏ ବି ଉଲଗ୍ନ ମୁର୍ଗୀ ଚରି ବୁଲିବାର ତୁ କୋଉଠି କେବେ ଦେଖିଚୁ? ମୁର୍ଗୀମାନଙ୍କର ପର ଆଉ ରୁମର ପୋଷାକ କେତେ ବହଳ ଜାଣୁରେ ମୂର୍ଖ? କୋଉ ଏମ୍. ଏଂ. ହୁସେନ୍ କାଢି ଦେଇ ପାରିବ ସେ ସତୀର ଆବରଣକୁ ତା ଦେହ ଉପରୁ? ଛି ଛି ରେ ମାଙ୍କଡ ଜାତି? ଉଲଗ୍ନ ସୀତାଙ୍କ ସ୍ୱପ୍ନ ଦେଖୁଚ- ଏଣେ କହୁଚ ହନୁମାନଙ୍କ ବଂଶଧର? ତମ ମୁହଁ କଣ ତୁଛେଇଁକି କଳା ହେଇଚି କିରେ ବନ୍ଦର୍? ସେ ମୁହଁରେ ନିଆଁ ଲାଗୁ..." (ପଚାଶ ବର୍ଷର ଗଳ୍ପ- 'ସଲ; ଦ୍ୱିତୀୟ ଖଣ୍ଡ- ପୃ- ୪୮୦) ପ୍ରକୃତରେ ଗାଳ୍ପିକଙ୍କର କ୍ଷୋଭ ଏବଂ ସମାଲୋଚନା ଯୁକ୍ତି ଯୁକ୍ତ କାରଣ କଳା ଏବଂ ସ୍ୱାଧୀନତା ବା ଅଭିବ୍ୟକ୍ତି ଜନିତ ସ୍ୱାଧୀନତାର ଅର୍ଥ ହେଉଛି ଆମେ ନିଜର ଅଭିବ୍ୟକ୍ତି ଏବଂ ବିଚାର ଧାରାକୁ ନିର୍ଭୟରେ ବା କୌଣସି ଚାପର ବଶବର୍ତ୍ତୀ ନ ହୋଇ ପ୍ରକାଶ କରିପାରିବା। ଏହାର ଅର୍ଥ ଏହା ନୁହେଁ ଯେ ଆମେ ଯାହା ଚାହିଁବା, ଯେଉଁଠି ଚାହିଁବା କହିପାରିବା। ପ୍ରକୃତରେ ଲୋକତନ୍ତ୍ରର ବାସ୍ତବିକତାକୁ ଦିଆଯାଇଥିବା ସ୍ୱତନ୍ତ୍ରତା ଏବଂ ତାହାର ବ୍ୟବହାର ଜନିତ ସୀମା ଦ୍ୱାରା ମପାଯାଏ। **ଉତ୍ତର ଉପନିବେଶବାଦୀ** ଚିନ୍ତାଧାରା ଦୃଷ୍ଟିକୋଣରୁ 'ଶିମିଳା' ଏକ ଅସାଧାରଣ କୃତି। ଭାରତୀୟ ମାନଙ୍କ ମଧ୍ୟରେ ରହିଥିବା ଜାତୀୟତାର ଅଭାବ ଏବଂ ପାଶ୍ଚାତ୍ୟ ଆକର୍ଷଣକୁ ଗାଳ୍ପିକ ଏଥିରେ ସମାଲୋଚନା କରିବା ସହ, ଆଜିବି ପ୍ରତ୍ୟେକଟି ଭାରତୀୟଙ୍କ ମଧ୍ୟରେ ନିଜର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଅପେକ୍ଷା ଅନ୍ୟର ସଂସ୍କୃତିକୁ ଆହରଣ କରିବା ଜନିତ ଲାଳସା। କିପରି ଆଜି ଆମର ଅଧପତନର କାରଣ ହୋଇଛି ତାହାକୁ ଗାଳ୍ପିକ ସୂଚେଇ ଦେଇଛନ୍ତି। **ଦୂର ପାହାଡ** ଯେପରି ସୁନ୍ଦର ଲାଗେ ସେହିପରି ଗାଁ କନିଆଁ ସିଙ୍ଘାଣିନାକି ମନେହୁଏ। ମାତ୍ର ସଠିକ୍ ଭାବେ ଦୁଇଟିର ବିବେଚନାକଲେ ସତ୍ୟାସତ୍ୟ ଅନୁଭବ କରିହୁଏ। ଏହିପରି ଭାରତୀୟ ଜ୍ଞାନ ପରମ୍ପରା ଏବଂ ବିଦ୍ୱାନତା ଯାହାକୁ ଇଉରୋପର କଳଙ୍କମୟ ଅନ୍ଧକାର ଢାଙ୍କି ଦେଇଥିଲା। ସମୟ ପୁଣି ସେହି ଅନ୍ଧକାରର ସମାପ୍ତି ଘଟାଇ ଏକ ନୂତନ ସୂର୍ଯ୍ୟୋଦୟ ଆଣିବା। ଯାହାର ନିଦର୍ଶନ ସ୍ୱରୂପ ଭାରତର ସାମାଜିକ, ଅର୍ଥନୈତିକ ଏବଂ ବୈଜ୍ଞାନିକ ଅଭିବୃଦ୍ଧି। ଏହାକୁ କେନ୍ଦ୍ରକରି ଭାରତ ପରମାଣୁ ଦେଶରେ ପରିଣତ ହେବା। ଏହି ପ୍ରେକ୍ଷାପଟରେ ଭାରତକୁ କେନ୍ଦ୍ରକରି ଆମେରିକାର ଭୟ ଆଦି ପ୍ରସଙ୍ଗର ଚିତ୍ରଣ ଦେଖିବାକୁ ମିଳେ 'ବଜର୍ ବାଜେ କାହାପାଇଁ' ଗଳ୍ପରେ। ଗଳ୍ପର କେତେକ ପଂକ୍ତି ଏହାକୁ ସ୍ୱଷ୍ଟ କରିଥାଏ। "ତମେ ବୃଥାଟାରେ ନିନ୍ଦୁଚ ତମ ଦେଶକୁ ଗୌତମ, ଚା କପ୍ ହାତକୁ ନେଲେXXXX ଏ ଦେଶ ଆଉ ସେ ଦେଶ ହୋଇନାହିଁ ବଳରାମ, ଯେତେବେଳେ ଆମେ ପଢୁଥିଲେ କଲେଜରେ। XXXX ଯଦି ଇଣ୍ଡିଆରେ ବ୍ରେନ୍‌ର ଆଦର ନାହିଁ କହୁଚ ତମେ, ତେବେ ଏ ଅଗ୍ନି କ୍ଷେପଣାସ୍ତ୍ର ତିଆରି କରିଛନ୍ତି କିଏ ଏଠି ଏ ଦେଶରେ? ମୁଁ ତ ଆଖିଆଗରେ ଦେଖିଆସିଲି ଚାନ୍ଦିପୁରରେ ସେ ଦୃଶ୍ୟ। ସେଠି ଆବୁଲ୍ କାଲାମ୍ ନିଜେ ବସିଥିଲେ। ତାଙ୍କୁ ଘେରିଥାନ୍ତି ରାଜା ରମନ୍, କସ୍ତୁରୀ ରଙ୍ଗନ୍ ଆଉ ପଚାଶ ଶହେ ସାଇଣ୍ଟିଷ୍ଟ। କେଉଁଠିକାର ଲୋକ ଏମାନେ? ଆମେରିକା ନା ଋଷିଆର? ଅଙ୍କଲ, ଆପଣ କାହିଁକି ଚାନ୍ଦିପୁର ଆସିଥିଲେ? କୌତୁହଳ ଚାପିପାରିଲା ନାହିଁ ରୁବି, କଣ ସ୍ପାଇଂ କରିବାକୁ? ଆମେରିକା ସରକାର କଣ ଡରୁଚି ଇଣ୍ଡିଆକୁ? XXXX ମୁଁ ଗୁପ୍ତଚର ବି ନୁହେଁ ଯେମିତି ସି. ଆଇ. ଏ କି ପୂର୍ବର କେଜିବି ଭଳି। ତେବେ ଜଣେ ବୈଜ୍ଞାନିକ ଭାବେ ମୁଁ ଏକ ପ୍ରକାର ଗୁପ୍ତଚର। ଯେତେବେଳେ ଦୁଇଦେଶ ଭିତରେ ଟେକ୍ନୋଲଜିକାଲ୍ ପ୍ରଗତିରେ ପ୍ରତିଯୋଗିତା ଦେଖାଦିଏ, ସେତେବେଳେ ବୈଜ୍ଞାନିକମାନେ ହିଁ ଫ୍ରଣ୍ଟଲାଇନ୍‌କୁ ଆସନ୍ତି ଅନୁସନ୍ଧାନ କରିବାକୁ।XXXX ଆମ ବ୍ୟାଚ୍‌ର ଓ୍ୱର୍ଷ୍ଟ ଷ୍ଟୁଡେଣ୍ଟ ଥିଲା ଏ ଗଧ ବଳିଆ। ଏ ଦେଶରେ ତାକୁ କିଏ ପଚାରିଥାଆନ୍ତା? ବର୍ତ୍ତମାନ ଦେଖ। ଇଆରି ଭାଗ୍ୟ। ଇଣ୍ଡିଆର ରଦ୍ଦିମାଲ୍ ଆମେରିକାରେ ଜିନିୟସ୍।" (ଛାୟା ପୁରୁଷ- ପୃ- ୬୭- ୬୯)

**୧୯୯୦ ମସିହାରେ** ହୋଇଥିବା ଅଯୋଧ୍ୟା ଗୁଳିକାଣ୍ଡ ଘଟଣା, ଯାହାକୁ ଅଯୋଧ୍ୟା ଇତିହାସର ଏକ ସମ୍ବେଦନଶୀଳ ଘଟଣା ଭାବେ ବିବେଚନା କରାଯାଇଛି। ଏଥିରେ ସ୍ୱେଚ୍ଛା ସେବକ ମାନଙ୍କୁ ଅଯୋଧ୍ୟାର ବିବାଦୀୟ ସ୍ଥାନରେ ପହଞ୍ଚିବାରୁ ରୋକିବାପାଇଁ ବହୁ ସଂଖ୍ୟକ ପୋଲିସ କର୍ମଚାରୀ ନିଯୋଜିତ ହୋଇଥିଲେ। ଅନେକ ସ୍ୱେଚ୍ଛା ସେବକ ପାଦରେ ଅଯୋଧ୍ୟା ଯାତ୍ରା କରୁଥିଲେ, ଏବଂ କେତେକ ପୋଲିସ୍ ବ୍ୟାରିକେଡ୍ ଏବଂ କର୍ଫ୍ୟୁ ସତ୍ତ୍ୱେ ପହଁରି ସରୟୁ ନଦୀ ପାର ହୋଇଥିଲେ। ଏହି ସମୟରେ ଦେଶରେ ସୃଷ୍ଟି ରାଜନୈତିକ ଅସ୍ଥିରତା ଏବଂ ହିନ୍ଦୁ ମୁସଲମାନ ବିବାଦ ବିଶେଷକରି ଏହାକୁ କେନ୍ଦ୍ରକରି ସାଧାରଣ ପ୍ରସଙ୍ଗକୁ ଅସାଧରଣ ସ୍ୱରୂପ ପ୍ରଦାନ କରିବାକୁ ଯାଇ ଜନସାଧାରଣଙ୍କ ଉପରେ ଅତ୍ୟାଚାର। ଏହିଭଳି ପ୍ରସଙ୍ଗର ଇଙ୍ଗିତ ଦେଖିବାକୁ ମିଳେ ଗାଳ୍ପିକଙ୍କର 'ଅସୀମ ପାତ୍ରର ଆଖିରି ଓ୍ୱକ୍ତ' ଗଳ୍ପରେ।**୧୯୭୧ ମସିହାରେ** ଭାରତ- ପାକିସ୍ତାନ ଯୁଦ୍ଧ ପରେ ଆସାମରେ ବହୁମାତ୍ରାରେ ବଙ୍ଗଳାଦେଶୀ ମାନଙ୍କର ସଂଖ୍ୟା ବୃଦ୍ଧିଘଟିଥିଲା। ଯାହାଦ୍ୱାରା ଆସାମର ସାମାଜିକ ଏବଂ ଆର୍ଥିକ ସ୍ଥିତି ଉପରେ ଏହାର ପ୍ରଭାବ ପଡିଥିଲା। ଏହାଦ୍ୱାରା ଆସାମରେ ଏକ ବିଦ୍ରୋହୀ ଦଳର ଗଠନ ହୋଇଥିଲା। ଯାହାର ନାମ ଥିଲା ULFA (United Liberation Front of Assam) ଏହି ସଂସ୍ଥା ଆସାମକୁ ଏକ ନୂତନ ଦେଶରେ ପରିଣତ କରିବାପାଇଁ ବିଦ୍ରୋହ ଆରମ୍ଭ କରିଥିଲା। ଏହି ସଂସ୍ଥାର ବିଦ୍ରୋହାତ୍ମକ କାର୍ଯ୍ୟକଳାପ ଏତେ ମାତ୍ରାରେ ବୃଦ୍ଧି ପାଇଥିଲା ଯେ ସେମାନେ ପାକିସ୍ତାନ ଠାରୁ ଅସ୍ତ୍ର ଶସ୍ତ୍ର କିଣିବା ଆରମ୍ଭ କରିଥିଲେ। ଏହି ଅସ୍ତ୍ର ଶସ୍ତ୍ର କିଣିବାପାଇଁ ସେମାନେ ହତ୍ୟା, ଅପହରଣ କରିବାକୁ ମଧ୍ୟ ପଛେଇନଥିଲେ। ଫଳରେ ଏହିଭଳି ପରିସ୍ଥିତିର ସମ୍ମୁଖିନ ହେବାପାଇଁ ଭାରତର RAW ନାମକ ସଂସ୍ଥା 'ଅଭିଯାନ ବଜରଙ୍ଗୀ' ଆରମ୍ଭ କରିଥିଲେ। ଯେଉଁଥିରେ ULFA ସଂଗଠନର ତିନିଜଣ ପ୍ରମୁଖଙ୍କୁ ବନ୍ଦୀ କରାଯାଇଥିଲା। ମାତ୍ର ଚତୁର୍ଥ ଜଣକ ବଙ୍ଗଳା ଦେଶରେ ଆତ୍ମଗୋପନ କରିଥିଲା। ଏହି ଆସାମ ସହିତ ଭାରତର ସଂପୂର୍ଣ୍ଣ ଉତ୍ତର ପୂର୍ବ ଅଞ୍ଚଳ ଆଜି ମଧ୍ୟ ଭାରତଠାରୁ ଅଲଗା ହେବା ଅଭିଯାନରେ ସକ୍ରିୟ ରହିଛନ୍ତି। ୧୮ ଏପ୍ରିଲ ୧୯୪୭ ଭାରତ ସ୍ୱାଧୀନ ହେବାର ମାତ୍ର ୪ ମାସ ପୂର୍ବରୁ ଜବାହାରଲାଲ ନେହେରୁ ଏକ ବିବାଦାତ୍ମକ ଭାଷଣ ଦେଇଥିଲେ। ତାହା ହେଉଛି- "ଯେଉଁ ରାଜ୍ୟ ଭାରତ ସହିତ ସମ୍ମିଳିତ ହେବାପାଇଁ ରାଜି ହେବନାହିଁ। ତାକୁ ଏକ ଶତ୍ରୁ ରାଜ୍ୟ ଭାବେ ବିବେଚନା କରାଯିବ ଏବଂ ସେହି ରାଜ୍ୟକୁ ଏହାର ପରିଣାମ ମଧ୍ୟ ଭୋଗିବାକୁ ପଡିବ।" ଏହା ଫଳରେ ୧୫ ଅଗଷ୍ଟ ୧୯୪୭ ପୂର୍ବରୁ ୫୬୦ ରାଜ୍ୟ ନିଜର ହଜାର ହଜାର ବର୍ଷର ସାମ୍ରାଜ୍ୟକୁ ଭାରତ ସରକାରଙ୍କ ହାତରେ ଟେକି ଦେଇଥିଲେ। ଯାହାଦ୍ୱାରା ବିଭିନ୍ନ ରାଜ୍ୟରେ ବାଣ୍ଟିହୋଇଥିବା ଭାରତବର୍ଷ ଏକ ଲୋକତାନ୍ତ୍ରିକ ଦେଶରେ ପରିଣତ ହୋଇଥିଲା। ତେଣୁ ପ୍ରକୃତରେ ଲୋକତାନ୍ତ୍ରିକ ଦେଶର ଗଠନ ବନ୍ଧୁକର ନଳୀରେ ହୋଇଥିବା ଅବଧାରଣା ଆଜି ମଧ୍ୟ ରହିଛି ଉତ୍ତର ପୂର୍ବ ଭାରତର ରାଜ୍ୟମାନଙ୍କ ଭିତରେ। ଆଜି ମଧ୍ୟ ଏହି ବିଦ୍ରୋହ ପ୍ରଭାବରେ ମଣିପୁର ନିଜକୁ ଏକ ସ୍ୱତନ୍ତ୍ର ରାଜ୍ୟ ଘୋଷଣା କରିସାରିଛି। ଏହିଭଳି ଭାରତ ଭୂଖଣ୍ଡ ଖଣ୍ଡ ଖଣ୍ଡ ହେବା ଯାହା ଆମେ ପାକିସ୍ତାନର କାଶ୍ମିର ଅଧିକୃତ ଅଞ୍ଚଳ ଯଥା- ଆଜାଦ୍ କାଶ୍ମିର୍ ଏବଂ ଗିଲ୍‌ଗିଟ୍ ବାଲ୍‌ଟିସ୍ତାନ ମାଧ୍ୟମରେ ଦେଖିବାକୁ ପାଉ। ଏହିଭଳି ପ୍ରସଙ୍ଗକୁ ଗାଳ୍ପିକ ବଡ ଚମତ୍କାର ଭାବେ ଦୁଇଟି କୁକୁରର ଗୋଟିଏ ବସ୍ତୁକୁ କେନ୍ଦ୍ରକରି ପରସ୍ପର ମଧ୍ୟରେ କଳହ ପ୍ରତୀକ ମାଧ୍ୟମରେ ଚିତ୍ରିତ କରିଛନ୍ତି 'ରାତିର ଶବ୍ଦ' ଗଳ୍ପରେ। ଏଥିରେ ଚିତ୍ରିତ ମନୁର ନିଜ କୁକୁର ପ୍ରତି ପ୍ରେମ ଭାରତ ମାତାର ତାର ପ୍ରତିଟି ରାଜ୍ୟ ପ୍ରତି ପ୍ରେମକୁ ସୂଚିତ କରିଥିବା ବେଳେ। ଦୁଇଟି କୁକୁର ଗୋଟିଏ ମୂର୍ତ୍ତିକୁ କେନ୍ଦ୍ରକରି ପରସ୍ପର ମଧ୍ୟରେ କଳହ। ନିଜ ସ୍ୱାର୍ଥପାଇଁ ବିଭିନ୍ନ ବିଦ୍ରୋହକୁ ଜନ୍ମ ଦେଉଥିବା ସଂଗଠନକୁ ପ୍ରତୀକିତ କରିଥାଏ। "ମନୁର ମା ଭଙ୍ଗା ମୂର୍ତ୍ତିଟାକୁ ଗୋଟେଇ ଆଣି ଦେଖିଲେ – ମୂର୍ତ୍ତିଟାର ମୁଣ୍ଡଟା ଛଡା ଆଉ ସବୁ ଅଂଶରେ କୁକୁର ଦୁଇଟା ଟଣା ଓଟରା କାମୁଡା ଭିଡାରେ ନଷ୍ଟ କରି ଦେଇ ସାରିଛନ୍ତି। କେବଳ ମୁଣ୍ଡର ଗୋଟାଏ ଫାଳ ଆଉ ବାକୁ ଅଛି XXXX ମା ! ଏ ମୂର୍ତ୍ତିଟା କାହା ମୁହଁ ଜାଣ ? କଇଁ କଇଁ ହୋଇ କାନ୍ଦିଉଠିଲା ମନୁ, ଏଇଟା ଭାରତମାତାଙ୍କର ! ହେଇ ଦେଖୁନ XXXX ଏଇଟା.... ଏଇଟା... କାଶ୍ମୀରର ଛବି ନୁହଁ? XXXX କହୁକହୁ ମନୁ ହାତର ମୂର୍ତ୍ତି ମୁଣ୍ଡରୁ ଖଣ୍ଡେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ଖସିପଡିଲା। XXXX ହେଇଟି ଦେଖିଲ ! ଆସାମ ଆସାମ ଏ ମା ! ଆମ ଆସାମ ଖଣ୍ଡକ ଭାରତମାତାଙ୍କ ମୁଣ୍ଡରୁ ଛିଣ୍ଡିପଡିଲା ମା।" (ଗଳ୍ପ- ବର୍ଣ୍ଣାଳୀ- ପୃ- ୮୭-୮୮) **ଗାଳ୍ପିକଙ୍କର** 'ଭବିଷ୍ୟତବାଣୀ' ଏକ ଭିନ୍ନ ସ୍ୱାଦର ସୃଷ୍ଟି। ଉକ୍ତ କୃତିରେ ଗାଳ୍ପିକ ଭାରତର ରାଜନୀତିରେ ସୃଷ୍ଟି କଂଗ୍ରେସ ବିରୋଧୀ କାର୍ଯ୍ୟ କଳାପ, ରାଜନୈତିକ ସ୍ଥିତିରେ ପରିବର୍ତ୍ତନ, ଜନତାଦଳ ସତ୍ତାକୁ ଆସିବା ଆଦି ପ୍ରସଙ୍ଗକୁ ପ୍ରତିଫଳିତ କରିଛନ୍ତି। ବିଶେଷ ସ୍ପଷ୍ଟ ନ ହେଲେ ମଧ୍ୟ, ଗାଳ୍ପିକ ଏଥିରେ ମୋରାର୍ ଜି ଦେଶାଇଙ୍କ ସାହାଯ୍ୟରେ ପାକିସ୍ତାନ ପରମାଣୁ ରାଷ୍ଟ୍ରରେ ପରିଣତ ହେବା ଏବଂ RAW ର ଏଜେଣ୍ଟ ମାନଙ୍କର ଭୟଙ୍କର ମୃତ୍ୟୁ ସଂପର୍କରେ ସୂଚନା ଦେଇଥିବା ମନେହୁଏ। **ମଣ୍ଡଳ କମିଶନ** ଯାହାକୁ

ଦ୍ୱିତୀୟ ପଛୁଆ ବର୍ଗ କମିଶନ୍ ବା Second Backword Class Commission ମଧ୍ୟ କୁହାଯାଏ । ଯାହା ଭାରତରେ ଜନତାପାର୍ଟି ଦ୍ୱାରା ୧୯୭୯ ମସିହାରେ ଲାଗୁ ହୋଇଥିଲା । ମଣ୍ଡଳ କମିଶନ ଯାହାର ଚେୟାରମେନ୍ ଥିଲେ ବି.ପି.ମଣ୍ଡଳ । ଏହାଙ୍କ ନାମ ଅନୁସାରେ ଏହି କମିଶନର ନାମ ହୋଇଥିଲା ମଣ୍ଡଳ କମିଶନ୍। ଏହି କମିଶନ୍‌ର ଉଦ୍ଦେଶ୍ୟ ଥିଲା ସାମାଜିକ ଏବଂ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ଜାତିପାଇଁ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ମତ ପ୍ରଦାନ କରିବା । ଯାହାର ରିପୋର୍ଟ ୧୯୯୦ରେ ଦିଆଯାଇଥିଲା । ଏହା ଅନୁସାରେ ୨୭ ପ୍ରତିଶତ ଚାକିରି ଏବଂ ଶିକ୍ଷା ଅନୁଷ୍ଠାନରେ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ କରିବା । ଏହି ରିପୋର୍ଟ ସମଗ୍ର ଭାରତବର୍ଷକୁ ଦୁଇଟି ଦଳରେ ବାଣ୍ଟି ଦେଇଥିଲା । ସମଗ୍ର ଭାରତରେ ଏହାକୁ କେନ୍ଦ୍ରକରି ବିରୋଧ ଆରମ୍ଭ ହୋଇଯାଇଥିଲା । ଗୋଟିଏ ଦଳ ଏହାର ସମର୍ଥନ କରୁଥିବା ବେଳେ ଅନ୍ୟ ଦଳ ଏହାର ବିରୋଧ କରିଥିଲା । ଏହି ସ୍ୱାଗତ ଏବଂ ବିରୋଧ ସେତେବେଳେ ଆହୁରି ବୃଦ୍ଧି ଘଟିଥିଲା । ଯେତେବେଳେ ଭି.ପି.ସିଂ ଙ୍କ ସରକାର ଏହି କମିଶନକୁ ସ୍ଥାପନ କରିବାର ମତ ଦେଇଥିଲା । ଏହାପରେ ଭାରତର ଛାତ୍ରଗୋଷ୍ଠୀ ପରସ୍ପରର ବିରୋଧରେ ଦଣ୍ଡାୟମାନ ହୋଇଥିଲେ । ଯାହା ପରେ ଏକ ବୃହତ୍ତ ସାମାଜିକ ଏବଂ ରାଜନୈତିକ ପ୍ରସଙ୍ଗ ବନିଯାଇଥିଲା । ଏହିଭଳି ରାଜନୈତିକ ପ୍ରସଙ୍ଗରେ ବଳିପଡିଥିବା ଦେଶ ଏବଂ ଛାତ୍ରଗୋଷ୍ଠୀଙ୍କ ସହିତ ତାଙ୍କ ପରିବାରବର୍ଗଙ୍କର ଅସହାୟତାକୁ ଗାଳ୍ପିକ ଚିତ୍ରିତ କରିଛନ୍ତି 'ମଣ୍ଡଳ' ଗଳ୍ପରେ । **ମିଳିତ ଜାତିସଂଘରେ** ଶାନ୍ତି ନାମରେ ପରମାଣୁ ରାଷ୍ଟ୍ର ବନିବା, ଦ୍ୱିତୀୟ ବିଶ୍ୱଯୁଦ୍ଧ ଭଳି ଭୟଙ୍କର ଯୁଦ୍ଧପରେ ନିଜକୁ ପ୍ରମୁଖ ଶାନ୍ତିଦୂତ ଭାବେ ପ୍ରଚାରିତ କରିବା, ହଜାର ହଜାର ଲୋକଙ୍କର ରକ୍ତପାନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଶାନ୍ତିର ପୁରସ୍କାର ମିଳିବା, ଶ୍ରୀଲଙ୍କାର ଉତ୍ତର ଭାଗରେ ବାସକରୁଥିବା ତାମିଲ ଯେଉଁମାନେ ସିଂହଳୀଙ୍କ ସହିତ ବିବାଦକୁ କେନ୍ଦ୍ରକରି ଏକ ସ୍ୱତନ୍ତ୍ର ଦେଶ ଦାବୀ କରୁଥିଲେ । ଯାହାଙ୍କୁ କୁହାଯାଉଥିଲା LTTE (Liberation Tigers of Tamil Elam) ଏହିଭଳି ପ୍ରସଙ୍ଗକୁ ସମାଲୋଚନା କରିବା ସହ ବିଶ୍ୱର ପ୍ରକୃତ ଶାନ୍ତି ସମଗ୍ର ବିଶ୍ୱର ଧ୍ୱଂସରେ ହିଁ ସମ୍ଭବ ହେବଭଳି ଏକ ଅବଧାରଣାକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ଭବିଷ୍ୟତର ନୋବେଲ୍ ପୁରସ୍କାର ବିଜେତା' ଗଳ୍ପରେ । **୧୯୭୫ ମସିହା** ଜରୁରୀକାଳୀନ ପରିସ୍ଥିତି ସମୟରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଆରମ୍ଭ ହୋଇଥିବା ନସବନ୍ଦି ଯୋଜନା । ଯାହାକୁ ରାଷ୍ଟ୍ର ସ୍ତରରେ ଅତ୍ୟନ୍ତ କ୍ରୂର ଭାବେ ଲାଗୁ କରାଯାଇଥିଲା । ଏହି ଯୋଜନା ୨ ବର୍ଷ ଧରି ଲାଗୁ ହୋଇଥିଲା । ଯେଉଁଥିରେ ୬୨ ଲକ୍ଷ ନାରୀ ଏବଂ ପୁରୁଷଙ୍କର ନସବନ୍ଦି କରାଯାଇଥିଲା । ସଲମାନ୍ ରୁସ୍‌ଦିଙ୍କ ଦ୍ୱାରା ରଚିତ Midnights Children ଉପନ୍ୟାସ ରେ ଭାରତରେ ହୋଇଥିବା ନସବନ୍ଦି ନାଜିମାନଙ୍କ ଦ୍ୱାରା ହୋଇଥିବା ନସବନ୍ଦିର ତୁଳନାରେ ୧୫ ଗୁଣ ଅଧିକ ଥିବା ପ୍ରସଙ୍ଗ ବର୍ଣ୍ଣିତ । ଏହି ସମୟରେ ଭୁଲ୍ ଅପରେସନ ଦ୍ୱାରା ୨୦୦୦ ଲୋକଙ୍କର ମୃତ୍ୟୁ ମଧ୍ୟ ଘଟିଥିଲା । ପରମାଣୁ ବୋମା ବନେଇବା ଦ୍ୱାରା ପ୍ରକୃତି ନଷ୍ଟ ପ୍ରସଙ୍ଗ ଅପେକ୍ଷା ଏହିଭଳି ରାଜନୈତିକ ପ୍ରସଙ୍ଗ ଯେ କେତେ ଭୟଙ୍କର ତାହାକୁ ଗାଳ୍ପିକ ଚିତ୍ରିତ କରିଛନ୍ତି 'ଅଂଶୁଘାତ' ଗଳ୍ପରେ । ଏତଦ୍ ବ୍ୟତୀତ ଆଧୁନିକ ଗବେଷଣା ଦ୍ୱାରା ପ୍ରମାଣିତ ପ୍ରସଙ୍ଗ ଯେ, ପ୍ରକୃତିରୁ ମଣିଷକୁ ଯେଉଁ ଅମ୍ଳଜାନ ମିଳେ ତାହା କେବଳ ୩୦ ପ୍ରତିଶତ ବୃକ୍ଷରୁ ମିଳିଥାଏ । ଅନ୍ୟ ୭୦ ପ୍ରତିଶତ ଅମ୍ଳଜାନ ଜୀବଜଗତକୁ ସମୁଦ୍ରରୁ ମିଳିଥାଏ । ସମୁଦ୍ରର କ୍ଷୁଦ୍ର କ୍ଷୁଦ୍ର ଶୈବାଳଙ୍କ ଦ୍ୱାରା ହେଉଥିବା ଆଲୋକସଂଶ୍ଳେଷ ଦ୍ୱାରା ଅମ୍ଳଜାନର ଉତ୍ପତ୍ତି ଘଟେ । ଯାହା ସମଗ୍ର ଜୀବଜଗତକୁ ଅମ୍ଳଜାନ ଦେଇଥାଏ । ଏହିଭଳି ଏକ ଆଧୁନିକ ଗବେଷଣା ପ୍ରସଂଗ ଯାହା NOAA ( National Ocean Service Smithsonian Environmental Research Center) ଭଳି ସଂସ୍ଥାମାନଙ୍କ ଦ୍ୱାରା ପ୍ରମାଣିତ । ଏହା ସଂପର୍କରେ ସାମାନ୍ୟ ସୂଚନା ଉକ୍ତ କୃତିରେ ମଧ୍ୟ ଦେଖିବାକୁ ମିଳେ- "ଗଣତନ୍ତ୍ର ନାମରେ ଆପଣମାନେ ଯାହା କଲେ, ସେଥିରେ ପ୍ରକୃତି ବର୍ତ୍ତମାନ ବିବସ୍ତ୍ରା ଭାବେ ଅରଣ୍ୟ ତ୍ୟାଗକରି ସମୁଦ୍ରକୁ ପଳାୟନ କଲାଣି ।" (ଦୃଶ୍ୟ ଅଦୃଶ୍ୟ- ପୃ- ୧୮) **ଭାରତୀୟ** ରାଜନୀତିର ପ୍ରକୃତ ସ୍ୱରୂପ ସହିତ । ସାଂପ୍ରତିକ ଭ୍ରଷ୍ଟାଚାରମୟ ସମାଜରେ ନାରୀର ସତୀତ୍ୱ ରକ୍ଷାପାଇଁ ଏଡସ୍ ଯେ ମହୋଷଧି ଭଳି ବ୍ୟଙ୍ଗ ପ୍ରତିଫଳିତ ହୋଇଛି 'ଏଡସ୍' ଗଳ୍ପରେ । **ଓଡିଶାର** ରାଜନୈତିକ ପ୍ରେକ୍ଷାପଟ୍ଟ ସଙ୍ଗକୁ ସଭ୍ୟତା ଏବଂ ସଂସ୍କୃତିର ଚିତ୍ରଣ ଦେଖିବାକୁ ମିଳେ 'କାର୍‌ଗିଲ୍‌ରୁ ଶବାଧାର ବିମାନ ବନ୍ଦରରେ ପହଞ୍ଚିବା ପରେ' ଗଳ୍ପରେ ।**୨୦୦୦ ମସିହାରେ** ନନ୍ଦନ କାନନରେ ଚାରିଦିନ ମଧ୍ୟରେ ୧୨ଟି ବାଘର ମୃତ୍ୟୁ ଘଟିଥିଲା । ଯେଉଁଥିରେ ୮ଟି ଧଳାବାଘ ମଧ୍ୟ ଥିଲେ । ମୃତ୍ୟୁର କାରଣ ସ୍ୱରୂପ 'ଟ୍ରିପୋନୋସୋମିଆସିସ୍' ନାମକ ଏକ ରୋଗକୁ ଦାୟି କରାଯାଇଥିଲା । ଯାହାକୁ ପ୍ରାଣୀଙ୍କ ନିଦ୍ରା ରୋଗ ମଧ୍ୟ କୁହାଯାଏ । ମାତ୍ର ଅନ୍ୟ କେତେକ ତଥ୍ୟ ଅନୁସାରେ ଏହି ମୃତ୍ୟୁରେ ବାଘଙ୍କର କେତେକ ଶାରୀରିକ ଅଙ୍ଗ ମଧ୍ୟ ଉଭାନ୍ ହୋଇଯାଇଥିଲା । ଯାହାର ବଜାରର ମୂଲ୍ୟ ଥିଲା ଲକ୍ଷାଧିକ । ଯାହା ପଛରେ ରାଜନୈତିକ

କାରଣକୁ ଦାୟି କରିଛନ୍ତି ଗାଳ୍ପିକ 'ନିଶାଚର' ଗଳ୍ପରେ। ଏତଦ୍ ବ୍ୟତୀତ ଏଥିରେ ଗାଳ୍ପିକ ସନ୍ୟାସର ଶକ୍ତିକୁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। **ବଜରଙ୍ଗ ଦଳ** କର୍ମୀ ଦାରା ସିଂହ ଯାହାଙ୍କର ପିତୃଦତ୍ତ ନାମ ଥିଲା ରବୀନ୍ଦ୍ର କୁମାର ପାଲ। ଅନେକ ହତ୍ୟାକାଣ୍ଡସହିତ ସେ ଜଡିତ ଥିଲେ। ତାଙ୍କ ଉପରେ ଅଷ୍ଟ୍ରେଲିୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଏବଂ ତାଙ୍କ ଦୁଇ ପୁଅଙ୍କୁ ହତ୍ୟା କରିବାର ଅଭିଯୋଗ ଲାଗିଥିଲା। ଏହା ବ୍ୟତୀତ ମୟୁରଭଞ୍ଜ ଜିଲ୍ଲାରେ ଜଣେ ମୁସଲମାନ ବ୍ୟବସାୟୀ ଶେଖ ରେହମାନ ଏବଂ ଜଣେ ଖ୍ରୀଷ୍ଟିଆନ ପାଦ୍ରୀ ଫାଦର ଅରୂଳ ଦାସଙ୍କ ହତ୍ୟାପାଇଁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଯାହାଙ୍କୁ ୨୦୦୦ ମସିହା ଜାନୁଆରୀ ମାସରେ ଗିରଫ କରାଯାଇଥିଲା। ହିନ୍ଦୁ ଧର୍ମର ରକ୍ଷକ ରୂପେ ପରିଚିତ ଏହି ବ୍ୟକ୍ତି। ଏହାକୁ କେନ୍ଦ୍ରକରି ଧାର୍ମିକ ବିଶୃଙ୍ଖଳା ଏବଂ ଏହାର ରାଜନୈତିକ ସ୍ୱରୂପ ସହିତ ଏଥିରେ ବଳିପଡିଥିବା ସାଧାରଣ ମଣିଷଙ୍କ ଅସହାୟତାକୁ ଗାଳ୍ପିକ ପ୍ରତିଫଳିତ କରିବା ସହ, ପ୍ରଶାସନିକ ବ୍ୟବସ୍ଥା ପ୍ରତି ସମାଲୋଚନା ଦେଖିବାକୁ ମିଳେ 'ଭୀମକୁଣ୍ଡ' ଗଳ୍ପରେ। **ସରକାରୀ** ସ୍ତରରେ ଚାଲିଥିବା ଦୁର୍ନିତିକୁ ଗାଳ୍ପିକ ସମାଲୋଚନା କରି ଲେଖିଛନ୍ତି 'କଳାଷଣ୍ଢ' ଗଳ୍ପ। **ଦେଶର ଉର୍ଦ୍ଧ୍ୱରେ** ବ୍ୟକ୍ତିଗତ ସ୍ୱାର୍ଥକୁ ପୂରଣ କରିବାପାଇଁ ଚାଲିଥିବା ରାଜନୈତିକ ବ୍ୟବସ୍ଥା ପ୍ରତି ଆକ୍ଷେପୋକ୍ତି ଦେଖିବାକୁ ମିଳେ 'ରାଜଯୋଗ' ଗଳ୍ପରେ। ବିଶ୍ୱାସ ହିଁ ମାନବ ଜାତିର ଶ୍ରେଷ୍ଠ ସମ୍ପତ୍ତି। ଯାହାକୁ ସୁରକ୍ଷିତ କରିବାପାଇଁ ସ୍ୱୟଂ ଭଗବାନଙ୍କର ମଧ୍ୟ ଆବିର୍ଭାବ ଘଟିପାରେ। 'ଶଙ୍ଖତୀର୍ଥ' ଗଳ୍ପରେ ଏହିଭଳି ଏକ ଚିନ୍ତାଧାରାର ପ୍ରତିଫଳନ ଦେଖିବାକୁ ମିଳେ। NSG (Black Cat) ବା କଳାବିରାଡୀ ଯାହା ଭାରତର ଆତଙ୍କବାଦୀ ବିରୋଧି ଏକ ସାମରିକ ବାହିନୀ। ଏହି ଦଳରେ ରାଜନୈତିକ ପରିସ୍ଥିତିକୁ କେନ୍ଦ୍ରକରି ଆରମ୍ଭ ହୋଇଥିବା ବ୍ୟଭିଚାରର ନିଦର୍ଶନ ଦେଖିବାକୁ ମିଳେ 'ନଈ ଆରପାରିର ଦୃଶ୍ୟ' ଗଳ୍ପରେ। ଏତଦ୍ ବ୍ୟତୀତ ବୈଜ୍ଞାନିକ ଦୃଷ୍ଟିକୋଣରୁ ଅସ୍ୱିକୃତ ହେଲେ ମଧ୍ୟ ଜଳଦେବତା ଭଳି ମିଥ୍ ସଂପର୍କରେ ଗାଳ୍ପିକ ଏଥିରେ ସୂଚନା ଦେଇଛନ୍ତି। **ଦ୍ୱିତୀୟ ବିଶ୍ୱଯୁଦ୍ଧ,** ପାକିସ୍ଥାନ ଦେଶ ଗଠନ, ଏହାକୁ କେନ୍ଦ୍ରକରି ସାମ୍ପ୍ରଦାୟିକ ଦଙ୍ଗା, ରାଜନୈତିକ ସ୍ୱାର୍ଥ ପୂରଣ କରିବାକୁ ଯାଇଁ ହଜାର ହଜାର ନିରୀହ ହିନ୍ଦୁ ଏବଂ ମୁସଲମାନ ବଳୀ ଚଢିବା ଭଳି ପ୍ରସଙ୍ଗକୁ ଗାଳ୍ପିକ ରୂପ ଦେଇଛନ୍ତି 'ଅନ୍ଧ କ୍ୟାମେରା' ଗଳ୍ପରେ। **ଭାରତ ଦ୍ୱାରା** ବିରୋଧ କରାଯାଉଥିବା ଡଙ୍କେଲ ପ୍ରସ୍ତାବର ସମର୍ଥନା ସହିତ ଭାରତର ଯୁବଗୋଷ୍ଠୀଙ୍କୁ ନିଜର ଇତିହାସ ସହିତ ଜଡିତ କରିବାର ଉଦ୍ୟମ ରହିଛି 'ମୁଖ୍ୟବକ୍ତା' ଗଳ୍ପରେ। **ମେ ୨୬ ୨୦୧୪** ମୋଦୀ ସରକାର ବା ବିଜେପି ଶାସନକୁ ଆସିବା ଏବଂ ଏହାକୁ କେନ୍ଦ୍ରକରି ଭାରତୀୟ ଶାସନ ନୀତିରେ ପରିବର୍ତ୍ତନ। ବିରୋଧୀ ଦଳ ଦ୍ୱାରା ହିନ୍ଦୁଧର୍ମ ଏବଂ ବ୍ରାହ୍ମଣବାଦର ସ୍ୱରୂପକୁ ଭିନ୍ନ ଭାବେ ଜନସାଧାରଣଙ୍କ ଆଗରେ ଉପସ୍ଥାପନ କରିବା । ଏହାକୁ କେନ୍ଦ୍ରକରି ବୁଦ୍ଧିଜୀବି ମହଲରେ ସୃଷ୍ଟି ପ୍ରତିକ୍ରିୟା ଯାହାର ନାମ ଥିଲା Operation Award Wapsi। ତାହାକୁ ଗାଳ୍ପିକ ଦୃଢ ଭାବେ ସମାଲୋଚନା କରିଛନ୍ତି ଉକ୍ତ କୃତିରେ। ଏତଦ୍ ବ୍ୟତୀତ ଗାଳ୍ପିକ ଗୋଷ୍ଠୀ ବା ଦଳ ଅପେକ୍ଷା ସ୍ୱତନ୍ତ୍ର ଅସ୍ତିତ୍ୱର ଗୁରୁତ୍ୱ ସଂପର୍କରେ ମଧ୍ୟ ସୂଚନା ଦେଇଛନ୍ତି। "ଆପଣ ତେବେ ସମର୍ଥନ କରନ୍ତି ମୋଦୀ ସରକାରକୁ ? ମୋଦୀ ନୁହେଁ କି ମାଦୀ ନୁହେଁ... ମୁଁ ମୁଁ। ଆପଣ ତେବେ ଆପଣଙ୍କ ଏକାଡେମୀ ପୁରସ୍କାର ୱାପସ୍ କରିବେନାହିଁ ? କାହିଁକି କରିବି ? ମୁଁ ତ କାହାକୁ ଧରାଧରିକରି ଏ ପୁରସ୍କାର ପାଇନାହିଁ ? ସାମ୍ବାଦିକ ମାନେ ନିଜନିଜ ମୁହଁକୁ ଚାହିଁ ମୁରୁକି ହସା ମାରିଲେ- ତା ମାନେ ଆପଣ କହୁଚନ୍ତି ଏ ସବୁ ପୁରସ୍କାର ପାଇବାକୁ ହେଲେ ଧରାଧରି ଦରକାର ପଡେ ? ଆମେ ଯାହା ଶୁଣିଥିଲୁ ସେ ସବୁ ତା ହେଲେ ସତ୍ୟ ? ଅଳ୍ପଦିନ ଅପେକ୍ଷା କରନ୍ତୁ। ଜାଣିବେ ସତ୍ୟାସତ୍ୟ, ଉତ୍ତର ଦେଲେ ଶ୍ୟାମ ସୁନ୍ଦର। ସାମ୍ବାଦିକମାନେ ବାହୁଡିଗଲେ। ଅଳ୍ପଦିନ ନ ଯାଉଣୁ ସମ୍ବାଦପତ୍ରରେ ପୁଣି ପ୍ରକାଶ ପାଇଲା, ଆୱାର୍ଡ ୱାପସି ବାତ୍ୟାର ଉଜାଣି ଯାତ୍ରା- କିଛିମାସ ତଳେ ଆୱାର୍ଡ ୱାପସ କରିଥିବା ବହୁ ମହାନ କବି ସାହିତ୍ୟିକ ସେମାନଙ୍କର ଆୱାର୍ଡ ସବୁକୁ ଫେରାଇ ନେବାକୁ ପୁଣି ଦରଖାସ୍ତ ଦେଇଛନ୍ତି ଭାରତ ସରକାରଙ୍କୁ।" (ଅଷ୍ଟସିଦ୍ଧି ଓ ଅନ୍ୟାନ୍ୟ ଗଳ୍ପ- ପୃ- ୩୪) **ଦେଶରେ ଧର୍ମ,** ସଂସ୍ଥା, ଜାତି ନାମରେ ଯୁବକ ମାନଙ୍କୁ ପଥଭ୍ରଷ୍ଟ କରି ଆତଙ୍କବାଦୀ ଗୋଷ୍ଠୀ ନିଜର ରାଜନୈତିକ ସ୍ୱାର୍ଥକୁ କିପରି ବୃଦ୍ଧି କରିଚାଲିଛନ୍ତି ତାହାର ସୂଚନା ରହିଛି 'ଭୂମିକଂପ ପରେ' ଗଳ୍ପରେ। **ରାଜନୈତିକ ସ୍ୱାର୍ଥକୁ** ସାଧନ କରିବାପାଇଁ ଦେଶ ଦେଶ ମଧ୍ୟରେ ହେଉଥିବା ଯୁଦ୍ଧ। ଏଥିରେ ବଳି ପଡୁଥିବା ସାଧାରଣ ନିରିହ ଜନତା, ଏହିଭଳି ପ୍ରଳୟାଙ୍କାରୀ ଯୁଦ୍ଧର ଭୟାବହତାକୁ ଲକ୍ଷକରି ନିଜର ସ୍ଥିତି ଅନୁସନ୍ଧାନ କରୁଥିବା ଯୁବପିଢୀଙ୍କର ଅସହାୟତା ପ୍ରତିଫଳିତ ହୋଇଛି 'ପ୍ରଳୟ ପୂର୍ବ ରାତ୍ରିର ଆଳାପ' ଗଳ୍ପରେ। ବିଶେଷକରି ଗାଳ୍ପିକ ଏଥିରେ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ଜନସାଧାରଣଙ୍କୁ କିପରି ବଳି ଚଢାଯାଏ। ତାହାର ଦୃଷ୍ଟାନ୍ତ ପ୍ରଦାନ କରିବାପାଇଁ ୧୯୬୩ରୁ ୧୯୭୩ ମଧ୍ୟରେ ଭିଏତନାମ ଯୁଦ୍ଧ ସମୟରେ ଯୁକ୍ତରାଷ୍ଟ୍ର ଆମେରିକାର ଭିଏତନାମ ଉପରେ ବ୍ୟବହାର କରାଯାଇଥିବା ପରମାଣୁ ବୋମା ଠାରୁ ମଧ୍ୟ ଭୟଙ୍କର 'ନାପାଲ୍ମ ବୋମା' (ନାପାଲ୍ମ ଏକ ଅତ୍ୟନ୍ତ ଜ୍ୱଳନଶୀଳ ପଦାର୍ଥ, ଏହା ଏକ ଜେଲିଯୁକ୍ତ ପେଟ୍ରୋଲ। ଯେଉଁଠି ତାହା ଲାଗେ ସେଠି ସେ ଲାଖିରହିଯାଏ। ଏବଂ ବାୟୁର ସଂସ୍ପର୍ଶରେ ତୀବ୍ର ଭାବରେ

ଜଳିବାକୁ ଆରମ୍ଭକରେ। ଏହା ଚର୍ମ ଏବଂ ମାଂସକୁ କ୍ଷତି ପହଁଚାଇଥାଏ। ଏହି ବୋମାର ପ୍ରୟୋଗରେ ଭିଏତନାମର ସାଧାରଣ ନାଗରିକ ପୋଡିଜଳି ଛଟ୍‌ପଟ୍ ହୋଇ ମରିଥିଲେ। ଏହି ନାପାଲ୍ମ ବମ୍ ସହିତ ଜଡିତ ଏକ ବିଶେଷ ବିନାଶକାରୀ ଘଟଣା ୧୯୭୨ ମସିହା ଜୁନ୍ ୮ ତାରିଖରେ ଟ୍ରାଙ୍ଗ୍ ବାଙ୍ଗରେ ଘଟିଥିଲା, ଯେତେବେଳେ ଦକ୍ଷିଣ ଭିଏତନାମ ବିମାନଗୁଡିକ ଭୁଲବଶତଃ ଯୁଦ୍ଧରୁ ପଳାୟନ କରୁଥିବା ସାଧାରଣ ନାଗରିକଙ୍କ ଉପରେ ନାପାଲମ୍ ପକାଇଦେଇଥିଲା। ଚର୍ଚ୍ଚିତ ନାପାଲମ୍ ଗର୍ଲ 'ଫୋଟିଚିତ୍ର ଏହି ଯୁଦ୍ଧର ନିଷ୍ଠୁରତାର ଏକ ଜ୍ୱଳନ୍ତ ନମୁନା।) ଏବଂ ତାର ଭୟାବହତାକୁ ଦର୍ଶାଇଛନ୍ତି। "ପିକଚରଗୁଡାକୁ ଖୁବ୍ ଧୈର୍ଯ୍ୟ ସହକାରେ ଗୋଟିଗୋଟି କରି ଦେଖି ଚାଲିଲା ଅସିତା ହଠାତ୍ ଗୋଟାଏ ଛବି ଉପରେ ତା ଆଖି ପଡିଲା। ଆଠ ନ ବର୍ଷର ଗୋଟିଏ ଭିଏତ୍‌ନାମି ଝିଅ ଜୀବନ ବିକଳରେ ସଂପୂର୍ଣ୍ଣ ଉଲଗ୍ନ ହୋଇ ଦଉଡୁଥାଏ। ତା ଦେହରେ ଚିରାକନା ଖଣ୍ଡିଏ ବି ଆଉ ନ ଥାଏ। ସବୁ ଜଳି ଯାଇଥାଏ। ବୋମା ପଡିଲା ପରେ ତା ପୋଷାକରେ ନିଆଁ ଲାଗିଯାଇଥାଏ ଆଉ ସେ ଆତ୍ମରକ୍ଷା ପାଇଁ ଧାଉଁଥାଏ। ସେ ନିଶ୍ଚୟ ଗୋଟାଏ ବଳି ପଡୁଥିବା ପଶୁପରି ବୋବାଳି ଛାଡୁଥାଏ। ତାର ଦୁଇ ଭାଡି ଧଳା ଧଳା ଦାନ୍ତ ପାଟି ମେଲା ହୋଇଯାଇ ଗୋଟାଏ ବିରାଟ ଗାତପରି ଆଁ ଫଟୋରେ ଦେଖା ଯାଉଥାଏ। ନୁଖୁରା ମୁଣ୍ଡବାଳ ପବନରେ ପଛକୁ ଉଡିବା ସମୟରେ ସେଥିରୁ ଧୂଆଁ ବାହାରୁଥାଏ। ସମ୍ଭବତଃ ନାପଲମ୍ ବୋମା ଏମିତି କେତେରେଇ କରି ମଣିଷଙ୍କୁ ଜାଳିପୋଡି କଲବଲ କରି ମାରିଦିଏ।" (କଳା ପର୍ଦ୍ଦାର ଆରପଟେ- ପୃ- ୩୨-୩୩) **ଦେଶର ଅର୍ଥନୈତିକ** ଅଗ୍ରଗତି ବା ଅନ୍ୟଭାବେ କହିଲେ ପୁଞ୍ଜିବାଦ ହିଁ ମାଓବାଦ ଏବଂ ନକ୍ସଲ ଭଳି ଭଣ୍ଡାମିକୁ ନାଶକରିବାର ଏକମାତ୍ର ଅସ୍ତ୍ର। 'କାଗଜବାଘ' ଗଳ୍ପରେ ଏହିଭଳି ଏକ ଚିନ୍ତାଧାରାର ପ୍ରତିଫଳନ ଦେଖିବାକୁ ମିଳେ। **ଏକବିଂଶ** ଶତାବ୍ଦୀର ରାଜନୈତିକ ପରିବେଶ ଓ ପରିସ୍ଥିତିକୁ ପ୍ରତୀକାତ୍ମକ ଭାବେ ଗାଳ୍ପିକ ଉପସ୍ଥାପିତ କରିଛନ୍ତି 'ଅସତ୍ୟ ଯୁଗର ପଦଧ୍ୱନି' ଗଳ୍ପରେ। ସତ୍ୟ ଅସତ୍ୟ, ପ୍ରାଚୀନ ଆଧୁନିକ ଭିତରେ ଏହାକୁ କେନ୍ଦ୍ରକରି ବୁର୍ଜୁଆ ଓ ସର୍ବହରା ପ୍ରସଙ୍ଗ ମଧ୍ୟ ଏଥିରେ ଉତ୍‌ଥାପିତ। **ସଂପ୍ରତି ରାଜନୈତିକ** ଭ୍ରଷ୍ଟାଚାର ଓ ଭଣ୍ଡାମି ଭିତରେ ରାମ ରାଜ୍ୟର ସ୍ୱପ୍ନ କିପରି ମଉଳି ପଡିଛି ତାହାକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ରାମରାଜ୍ୟ' ଗଳ୍ପରେ। ଏହା ସହ ରାମରାଜ୍ୟର ସ୍ୱପ୍ନରେ ବିଭୋର ମଣିଷର ଅସହାୟତା ମଧ୍ୟ ଏଥିରେ ବେଶ୍ ଲକ୍ଷଣୀୟ। **ଭାରତରେ** ନକ୍‌ସଲ ଆନ୍ଦୋଳନର ପ୍ରଭାବ। ଏହାକୁ କେନ୍ଦ୍ରକରି ରାଜନୈତିକ ପ୍ରେକ୍ଷାପଟ୍ଟରେ ପରିବର୍ତ୍ତନ। ସାମାଜିକ ସ୍ତରରେ ବୁଦ୍ଧିଜିବୀଙ୍କ ଉପରେ ଅତ୍ୟାଚାର। ସର୍ବୋପରି ମାଓସେତୁଂଙ୍କ ଭଳି ଦେଶର ଯୁବଗୋଷ୍ଠୀଙ୍କୁ ପଥଭ୍ରଷ୍ଟ କରିବା ଭଳି ପ୍ରସଙ୍ଗ ରୂପପାଇଛି 'ଅଜାମିଲ' ଗଳ୍ପରେ। **୧୯୮୦** ଦଶକରେ ସୋଭିଏତ୍ ୟୁନିୟନ୍‌ର ରାଷ୍ଟ୍ରପତି Michail Gorbachev ଏକ ଉତ୍ତମ ରାଷ୍ଟ୍ରଗଠନ କରିବାପାଇଁ ପ୍ରଦାନ କରିଥିବା ଦୁଇଟି ବିଚାର ଅଥବା ସିଦ୍ଧାନ୍ତ ଥିଲା Glasnost/ Openness ( ମୁକ୍ତପଣ)। ଅର୍ଥାତ୍ ମିକେଲଙ୍କ ମତରେ ଏକ ଉତ୍ତମ ରାଷ୍ଟ୍ର ଗଠନ ପାଇଁ ଜନସାଧାରଣ ସଚେତନ ହେବା ଉଚିତ୍। ଏପରିକି ସରକାରଙ୍କର ନୀତି ଓ ବ୍ୟଭିଚାରକୁ ମଧ୍ୟ ଖୋଲାଖୋଲି ଆଲୋଚନା ଓ ସମାଲୋଚନା କରିବା ଓ ତା ଉପରେ ପ୍ରଶ୍ନବାଚୀ ସୃଷ୍ଟିକରିବା ର ଅଧିକାର ତାଙ୍କ ପାଖରେ ଥିବା ଉଚିତ୍। ଏହା ବ୍ୟତୀତ 'Perestroika' ଥିଲା ତାଙ୍କ ଦ୍ୱାରା ପ୍ରଦତ୍ତ ଅନ୍ୟ ଏକ ସିଦ୍ଧାନ୍ତ। ଏହାର ଉଦ୍ଦେଶ୍ୟ ଥିଲା ଜନସାଧାରଣଙ୍କର ସାମାଜିକ ଆର୍ଥିକ ଉନ୍ନତି। ଶାନ୍ତନୁ କୁମାର ଆଚାର୍ଯ୍ୟ ତାଙ୍କର 'ଗ୍ଲାସ୍‌ନଷ୍ଟ' ଗଳ୍ପରେ କୁଭିନେଲିଆନ୍ ସାଟାୟାର ଶୈଳୀରେ ଭାରତୀୟ ଶାସନ ବ୍ୟବସ୍ଥାରେ ଏହିଭଳି ସିଦ୍ଧାନ୍ତର ଭିତ୍ତିହୀନତାକୁ ଅତ୍ୟନ୍ତ ସିଦ୍ଧହସ୍ତତାର ସହ ସୂଚାଇ ଦେଇଛନ୍ତି। **ସଂପ୍ରତି ଦେଶରେ** ଅର୍ଥନୈତିକ ଅବସ୍ଥା, ବେକାରୀ ସମସ୍ୟା ଆଦିକୁ କେନ୍ଦ୍ରକରି ରଚିତ ଗାଳ୍ପିକଙ୍କର 'ଜନଗଣମନ ଓ ତାର ଅଧିନାୟକ' ଏକ ଭିନ୍ନ ସ୍ୱାଦର ସୃଷ୍ଟି। ଏଥିରେ ଗାଳ୍ପିକଙ୍କର ସଂପ୍ରତି ଗଣତାନ୍ତ୍ରିକ ବ୍ୟବସ୍ଥା ଓ ତାର ପ୍ରତିନିଧିମାନଙ୍କ ପ୍ରତି ଆକ୍ଷେପୋକ୍ତି ବେଶ୍ ସ୍ପଷ୍ଟ।

## ନିଷ୍କର୍ଷ:

ଉପରୋକ୍ତ ଆଲୋଚନା ଦୃଷ୍ଟିରୁ ବିଚାର କଲେ ବାସ୍ତବିକ ଶ୍ରୀଯୁକ୍ତ ଆଚାର୍ଯ୍ୟ ଜଣେ ସଚେତନ ଲେଖକର ଭୂମିକା ସଂପାଦନ କରିପାରିଛନ୍ତି। ଓଡିଶା ଠାରୁ ଆରମ୍ଭ କରି ଭାରତ ମଧ୍ୟ ଦେଇ ବିଶ୍ୱର ପ୍ରତିଟି ପ୍ରମୁଖ ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ପ୍ରସଙ୍ଗ ପ୍ରତି ସେ ପାଠକର ଦୃଷ୍ଟିକୁ ଆକର୍ଷିତ କରିପାରିଛନ୍ତି। ସୂଚନା ଦେବା ସମ୍ବାଦର ପରିସର। ମାତ୍ର ସଚେତନ କରିବା ସାହିତ୍ୟର ଆଦର୍ଶ। ଯାହାକୁ ଶ୍ରୀଯୁକ୍ତ ଆଚାର୍ଯ୍ୟଙ୍କ ଲେଖନୀ ସଫଳ କରିପାରିଛି।

## ସହାୟକ ଗ୍ରନ୍ଥସୂଚୀ :


1. *"South Asia, 2000–1000 B.C. | Chronology | Heilbrunn Timeline of Art History | The Metropolitan Museum of Art". The Met's Heilbrunn Timeline of Art History. Retrieved 20 December 2024.*
2. *^ Sahim, Sarmad (31 May 2022). "Evolution of Languages in South*

*Asia - Scientia Magazine". Retrieved 20 December 2024*

3. Dionysius Periegetes's dates are unknown, but he is generally understood to have been writing in the time of Emperor Hadrian, who reigned from AD 117 to 138.
4. *Takeuchi T, Miyasita A, Inugami M, Yamamoto Y (2001). "Intrinsic dreams are not produced without REM sleep mechanisms: evidence through elicitation of sleep onset REM periods". Journal of Sleep Research.* ***10*** *(1): 43–52. doi: 10.1046/j.1365-2869.2001.00237.x. PMID 11285054. S2CID 44345259.*
5. ^ Jump up to:[a b c d e f] *Kavanau JL (2000). "Sleep, memory maintenance, and mental disorders". Journal of Neuropsychiatry and Clinical Neurosciences.* ***12*** *(2): 199–208. doi:10.1176/jnp.12.2.199. PMID 11001598. S2CID 21414730.*
6. "INFCIRC/397 – Note to the Director General from the Ministry of Foreign Affairs of the Russian Federation". *23 November 2003. Archived from* the original *on 23 November 2003*
7. *Bose, Sugata; Jalal, Ayesha (2024), "The Indian Emergency (1975–1977) in Historical Perspective", When Democracy Breaks, Oxford University Press, pp. 221–236, doi:10.1093/oso/9780197760789.003.0008, ISBN 978-0-19-776078-9*
8. *^ "Interview with Indira Gandhi". Interview relecast through India times. TV Eye. 18 December 2016. Retrieved 14 June 2018.*
9. *"Project Tiger". National Tiger Conservation Authority. Archived from the original on 5 April 2024. Retrieved 1 April 2024.*
10. Jump up to:[a b] *Tiger reserves (Report). National Tiger Conservation Authority. Archived from the original on 18 March 2024. Retrieved 1 April 2024.*
11. *ainting auctioned for ¹ 18.5cr". Hindustan Times. 31 August 2020. Archived from the original on 9 July 2021. Retrieved 9 July 2021.*
12. *^ "15th National Film Awards" (PDF). International Film Festival of India. Archived (PDF) from the original on 25 February 2012. Retrieved 21 September 2011*
13. Bhattacharya, Amit. *"Who are the OBCs?". Archived from the original on 27 June 2006. Retrieved 19 April 2006. Times of India*, 8 April 2006.
14. *^ "Mandal commission report - salient features and summary" (PDF). simplydecoded.com. Retrieved 7 February 2018.*
15. Szczepanski, Kallie (10 February 2017). "Napalm and Agent Orange in the Vietnam War". *ThoughtCo*. Archived from the original on 20 September 2017. Retrieved 27 November 2024.

❖ ❖ ❖

DOI :https://doi.org/10.5281/zenodo.18181094

ମୂଳ ପ୍ରବନ୍ଧ

# "ଆଧୁନିକତାର ପରେ : ଓଡ଼ିଆ ଗଳ୍ପର ନୂତନ ଅନୁଭୂତି ଓ ଶୈଳୀ"

**ଅଜୟ କୁମାର ସାହୁ**

## ସଂକ୍ଷିପ୍ତସାର :

୧୯୮୦ ପରବର୍ତ୍ତୀ ଓଡ଼ିଆ ଗଳ୍ପ ସାଧାରଣତଃ ବିଶ୍ୱବ୍ୟାପୀ ଉତ୍ତରଆଧୁନିକ ଚେତନାର ପ୍ରଭାବରେ ଗଢିଉଠିଛି। ଏହି ସମୟଖଣ୍ଡରେ ଗଳ୍ପଗୁଡିକ ପାରମ୍ପରିକ ଧାରାଠାରୁ ଅଲଗା ହୋଇ, ନୂତନ ଅନୁଭୂତି, ଚିନ୍ତାଧାରା ଓ ଶୈଳୀ ଆଦିଗୁଡିକରେ ପରୀକ୍ଷା କରାଯାଇଛି। ଏବର ଗାଳ୍ପିକମାନେ ବ୍ୟକ୍ତିଗତ ଅନୁଭବ, ଅନୁଭୂତି ଓ ଭାବଜଗତର ଜଟିଳତା ସହିତ ସାମାଜିକ ଅସ୍ଥିରତାକୁ ଏକ ନୂତନ ଭାବରେଉତ୍ତୋଳନ କରିଛନ୍ତି। ଏଥିସହିତ ରଚନାରେ ଘଟଣା ଓ ଚରିତ୍ର ସଂପୂର୍ଣ୍ଣ ଭିନ୍ନ ରୂପରେଖକୁ ବହନକଲା। ବିଶେଷ କରି ଚରିତ୍ରଗୁଡିକ ଆତ୍ମସନ୍ଦେହ, ବିଭ୍ରାନ୍ତ ଓ ଅସ୍ତିତ୍ୱମୟ ଜଟିଳତାର ରହସ୍ୟ ମଧ୍ୟରେ ସର୍ବଦା ଦୃଶ୍ୟମାନହେଲା। ସହରୀ ଜୀବନର ଦ୍ରୁତ ଅଭିବୃଦ୍ଧି ଘଟିଛି ସତ ପରନ୍ତୁ, ମହିଳା, ଦଳିତ, ଅସ୍ପୃଶ୍ୟ ଏବଂ ଆପେକ୍ଷିତ ଶ୍ରେଣୀର ଦୁଃଖ ଦୂରେଇଯାଇ ନାହିଁ। ଏହି ଭାବବସ୍ତୁକୁ କେନ୍ଦ୍ରକରି ଗାଳ୍ପିକମାନେ ଉପମା ସଂକେତ ଓ ମୂଳ ଶବ୍ଦ ଜରିଆରେ ଏକ ନୂତନ ରଚନାକଳା ଆରମ୍ଭ କଲେ। ଫଳରେ ଏଥିରେ ଦେଖିବାକୁ ମିଳିଲା ଯେ, ଆଧୁନିକତାର ଯନ୍ତ୍ରଣାଧିନ ମଣିଷର ମନ ଜଗତରେ ଘଟୁଥିବା ଚିନ୍ତାଧାରା ଓ ନୂତନ ଶୈଳୀର ରଚନାକଳା। ଯାହା ଭାବ ଗମ୍ଭୀର ବିଷୟବସ୍ତୁ ସହିତ ବର୍ଣ୍ଣାଢ୍ୟ ଶୈଳୀ ଉପରେ ଗୁରୁତ୍ୱ ରକ୍ଷାକରେ।

**ପ୍ରମୁଖ ଶବ୍ଦାବଳୀ:** ଉତ୍ତରଆଧୁନିକ, ଅସ୍ତିତ୍ୱବିଚାର, ଚେତନା ପ୍ରଭାବ, ନାରୀ ମନୋସ୍ତତ୍ତ୍ୱ , ଦଳିତ, ନିଃସଙ୍ଗତାବୋଧ, ଆତ୍ମସନ୍ଦେହ, ସାଂକେତିକତା,ପ୍ରୟୋଗ,ପରମ୍ପରା।

## ବିଷୟ :

ଓଡ଼ିଆ ସାହିତ୍ୟ ଆଜି ଯେଉଁ ବକାଶ ପଥରେ ଅଗ୍ରସର ହୋଇଛି ତାହା ଏକ ଦୀର୍ଘ ଐତିହାସିକ ଯାତ୍ରାର ପରିପକ୍ୱ ଫଳସ୍ୱରୂପ। ପ୍ରାଚୀନ କାବ୍ୟଧାରାରେ ଭକ୍ତିଭାବନା, ଆଧାତ୍ମିକ ଚିନ୍ତନର ପ୍ରତିଫଳନ ପରେ ଆରମ୍ଭ ହେଲା ଆଧୁନିକତା। ଯେଉଁଥିରେ କେବଳ ଭାଷା ନୁହେଁ, ବରଂ ଭାବ ଓ ବିଷୟବସ୍ତୁରେ ନୂତନ ଅନୁଭୂତିର ପ୍ରଭାବ ଏକତ୍ରିତ ହେବାକୁ ଲାଗିଲା ଏଣୁ ଆମକୁ ଉତ୍ତରଆଧୁନିକ ସମ୍ପର୍କରେ ବୁଝିବାକୁ ହେଲେ ପ୍ରଥମେ ଆଧୁନିକ ସମ୍ପର୍କରେ ଜାଣିବାକୁ ପଡିବ। ଆଧୁନିକତତାର ଅର୍ଥ ହେଉଛି ପାରମ୍ପରିକ ଧାରାରୁ ମୁକ୍ତହୋଇ ଏକ ନୂତନ ଚିନ୍ତାଧାରା ଅର୍ଥାତ୍

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI : https://doi.org/10.5281/zenodo.18181094
Article No - BPP00354

ଯୋଗାଯୋଗ : ଡକ୍ଟର ଅଜୟ କୁମାର ସାହୁ,
ଅଧ୍ୟାପକ ଓଡ଼ିଆ ଭାଷା ସାହିତ୍ୟ ବିଭାଗ,
ଧରଣୀଧର ବିଶ୍ୱବିଦ୍ୟାଳୟ,କେନ୍ଦୁଝର,ଓଡ଼ିଶା
**Email :** ajaykumarsahoo942@gmail.com
**ORCID ID :** https://orcid.org/0009 0009 0963 8207

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ४.०८.२०२५ | ११.०९.२०२५ | २५.१०.२०२५ | १.११.२०२५ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ଅଜୟ କୁମାର; ୨୦୨୫। "ଆଧୁନିକତାର ପରେ : ଓଡ଼ିଆ ଗଳ୍ପର ନୂତନ ଅନୁଭୂତି ଓ ଶୈଳୀ"। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଜ; ପୃଷ୍ଠା :୨୪-୩୧।

ବ୍ୟକ୍ତିଗତ ଅନୁଭୂତି, ବୈଜ୍ଞାନିକ ମନୋଭାବ, ସାମାଜିକ ବୈଚିତ୍ର୍ୟ, ଅସ୍ତିତ୍ୱର ବିଚାରବୋଧ ଆଦି ସମ୍ପର୍କରେ କାର୍ଯ୍ୟ କରିବା। ଏହି ଆଧୁନିକ ଅନୁପ୍ରେରଣା ଶକ୍ତି ଆମକୁ ବ୍ରିଟିଶମାନଙ୍କର ଶିକ୍ଷା ପ୍ରଣାଳୀ, ମିଶ୍ନାରୀ ପ୍ରଭାବରୁ ପତ୍ର ପତ୍ରିକାର ବିକାଶ ଏବଂ ପାଶ୍ଚାତ୍ୟବାଦି ଚେତନା ଆଡକୁ ଅଗ୍ରସର କରାଇଲା। ୧୮୦୩ ମସିହାରେ ଇଂରେଜମାନଙ୍କର ଓଡ଼ିଶା ଅଧିକାର ପରେ ଏକ ନୂତନ ସମୀକରଣ ଏଠାରେ ଆରମ୍ଭ ହୋଇଥିଲା। ଶିକ୍ଷାବ୍ୟବସ୍ଥାର ସୁଧାରଆଣିବାକୁ ଯାଇ ଆରମ୍ଭକଲେ ସ୍କୁଲ କଲେଜର ପ୍ରଚଳିତ ବ୍ୟବସ୍ଥା। ଫଳରେ ୧୮୫୦ ପରେ ପରେ ଓଡ଼ିଶାର ଶିକ୍ଷା, ମୁଦ୍ରଣଯନ୍ତ୍ର ଏବଂ ବଙ୍ଗୀୟମାନଙ୍କର ଭାଷାବିଲୋପ ଆନ୍ଦୋଳନରୁ ଓଡ଼ିଆ ମାନଙ୍କର ନବଜାଗରଣ ସ୍ୱର ଶୁଭିବାକୁ ମିଳିଲା। ପାଶ୍ଚାତ୍ୟ ଶିକ୍ଷାଦୀକ୍ଷାର ପ୍ରଭାବ ଓ ନବଚେତନାର ଅଭିମନ୍ତ୍ରରେ ଆଧୁନିକ ସାହିତ୍ୟ ବିକାଶ ଲାଭକଲା।

ଆଧୁନିକଯୁଗର ପ୍ରାରମ୍ଭରେ ଗତାନୁଗତିକ କାବ୍ୟଧାରାକୁ ଛାଡି ଲେଖକମାନେ ଗଦ୍ୟଶୈଳୀ ଜରିଆରେ ସାମାଜିକ ଘଟଣାବଳୀକୁ ଉପସ୍ଥାପନ କରିବା ପାଇଁ ଆଗ୍ରହ ସୃଷ୍ଟିକଲେ। ଯେଉଁଥିରେ ମଣିଷ ଜୀବନର ସୁଖ-ଦୁଃଖ, ହସ-କାନ୍ଦ, ନ୍ୟାୟ-ଅନ୍ୟାୟ ଆଦିର ବିଚାର କରାଗଲା। ସାମାଜିକ ଘଟଣାଗୁଡିକ ବିଶେଷକରି ଗ୍ରାମୀଣ ପରିବେଶରୁ ଆରମ୍ଭ କରି ସହରୀ ସଭ୍ୟତା ପର୍ଯ୍ୟନ୍ତ ସମସ୍ତ ପ୍ରସଙ୍ଗକୁ ଆଧାରିତ ହେଲା।

## ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପର ଭୂମି ଓ ଭୂମିକା :

ଦେଶ ସ୍ୱାଧୀନପରେ ଆଧୁନିକ ମଣିଷ ଯେଉଁ କ୍ଷୀର-ସରର ସ୍ୱପ୍ନ ଦେଖିଥିଲା ତାହା ସ୍ୱପ୍ନରେ ହିଁ ରହିଗଲା। ସ୍ୱାଧୀନ ପାଇବାପରେ ନେତାମାନେ ରାମରାଜ୍ୟର ଆଶା ଦେଖାଇ ଥିଲେ ପରନ୍ତୁ, ରାଜନୈତିକ ପରିବେଶ ଓ ସାମାଜିକ ପ୍ରତିଦ୍ୱନ୍ଦିତା ମଧ୍ୟରେ ନିଜକୁ ବଦଳାଇ ସେ ସବୁକୁ ଭୁଲିଗଲେ। ଦୁଇ ଦୁଇଟି ବିଶ୍ୱଯୁଦ୍ଧର ବିଭୀଷିକାରେ ମଣିଷ ମନରେ ବଂଚିବା ପାଇଁ ଅନେକ ଆଶଙ୍କା ସୃଷ୍ଟିହେଲା। ଆରମ୍ଭ ହେଲା ଦେଶ ବିଭାଜନର ସୂତ୍ରପାତ ଫଳରେ ଚାରିଆଡେ ସାଂପ୍ରଦାୟିକ ଦଙ୍ଗା ଦେଖାଗଲା। କ୍ଷମତା ଲାଳସାରେ ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ସମାଜରେ ସାମାଜିକ ସ୍ଥିତି, ରାଜନୈତିକ ପ୍ରଭାବ ଓ ସାଂସ୍କୃତିକ ଭାବଭୂମିରେ ଅନେକ ପରିବର୍ତ୍ତନ ହେବାକୁ ଲାଗିଲା। ପ୍ରାଚୀନ ଓ ପାରମ୍ପରିକ ଧାରାଠାରୁ ମୁକ୍ତ ହୋଇ ଓଡ଼ିଆ ସାହିତ୍ୟ ଏକ ନୂତନ ଚେତନା ଓ ଦୃଷ୍ଟିକୋଣରେ ଉଦ୍‌ଭାସିତ ହେବାକୁ ଲାଗିଲା। ଏହି ସମୟର ଓଡ଼ିଆ ଗଳ୍ପର ସ୍ଥିତି ସମ୍ପର୍କରେ ସମାଲୋଚକ ବୈଷ୍ଣବ ସାମଲ ମତ ଦିଅନ୍ତି ଯେ- "ସ୍ୱାଧୀନତା ପରେ ବିଶେଷତଃ ୧୯୫୦ ମସିହା ପରେ ସାମାଜିକ ଜୀବନ, ରାଜନୀତି ଓ ପରିବର୍ତ୍ତିତ ମୂଲ୍ୟବୋଧକୁ ନେଇ ଦ୍ରୁତଗତିରେ ବଦଳିବାକୁ ଲାଗିଲା। ଅତୀତର ସ୍ୱାଭିମାନୀ ଜାତୀୟ ଜୀବନ ଏକ ମୋହଗ୍ରସ୍ତ ଆନ୍ତର୍ଜାତୀୟ ଜୀବନରେ ହେଲା ରୂପାନ୍ତରିତ ଏକ ନୂତନ ଅଭିଜାତ ଗୋଷ୍ଠୀ ହେଲା ଉଦ୍‌ଭବ। ଏହି ଶ୍ରେଣୀ ଅତୀତରେ ଥିଲା ମାତ୍ର ତା'ର ରୂପଥିଲା ସ୍ୱତନ୍ତ୍ର। ସ୍ୱାଧୀନତା ପରେ ଏହି ଶ୍ରେଣୀ ହୋଇଗଲା ସାମାଜିକ, ରାଜନୈତିକ, ଆର୍ଥନୈତିକ ଓ ସାଂସ୍କୃତିକ ଜୀବନର କେନ୍ଦ୍ରବିନ୍ଦୁ।" (ଓଡିଆ ଗଳ୍ପ : ଗତି ଓ ପ୍ରକୃତି,ପୃ-୮୨)

ସ୍ୱାଧୀନତା ପରେ ମଣିଷ ଦେଖିଥିବା ନ୍ୟାୟ, ସମତା ଓ ସମୃଦ୍ଧିର ସାମାଜିକ ଜୀବନ ଶୈଳୀ ତାହା ସଂମ୍ପୂର୍ଣ୍ଣ ସଫଳ ହୋଇପାରିଲା ନାହିଁ। ଫଳରେ ଗରୀବ, ବେକାରୀ, ଭୂମିହୀନ, ନାରୀ ନିର୍ଯ୍ୟାତନା ଓ ଦଳିତ ଶୋଷଣର ଚିତ୍ର ଦେଖିବାକୁ ମିଳିଲା। ଯେମିତି ସହର ଉନ୍ନତି ହେଲା ପରନ୍ତୁ, ଗାଁର ମାନଚିତ୍ର ବଦଳିବାକୁ ଲାଗିଲା। ଶିକ୍ଷାହାର ବୃଦ୍ଧିହେଲା- ବେକାରୀ ସଂଖ୍ୟା ବଢିବାକୁ ଆରମ୍ଭ କଲା। ଚାଷ ଛାଡି ମଣିଷ ସହରକୁ ଚାକିରୀ ପାଇଁ ବାହାରିଗଲା। ଏସବୁ ଭିତରେ ନାରୀର ଅସ୍ତିତ୍ୱକୁ ନେଇ ଅନେକ ସମସ୍ୟା ମଧ୍ୟ ଆମ ସମାଜରେ ଦେଖାଗଲା। ସୁତରାଂ ଆଧୁନିକ ଜୀବନ ଧିରେ ଧିରେ ଚାପଗ୍ରସ୍ତ ସମାଜ, ପାରିବାରିକ ଅସନ୍ତୋଷ, ନିଃସଙ୍ଗତାପଣ, ମନସ୍ତାତ୍ତ୍ୱିକ ପ୍ରଭାବ ଆଦି ଭାବବସ୍ତୁ ଗୁଡିକ ଗଳ୍ପ ରଚନାର ମୂଳ ଥିମ୍ ପାଲୋଟି ଗଲା। ଏହି ସମୟର ଗଳ୍ପରେ ମଣିଷର ଯନ୍ତ୍ରଣା ସଂଘର୍ଷ ଓ ଅନ୍ତର୍ମୁଖୀ ଆତ୍ମବୋଧକୁ ଗଭୀର ଭାବରେ ପ୍ରଭାବପକାଇବାର ଦେଖିବାକୁ ମିଳିଲା। ଏଥିପାଇଁ ଆଲୋଚକ ସୌରୀନ୍ଦ୍ର ବାରିକ୍ କୁହନ୍ତି- "ବାହ୍ୟ ପୃଥିବୀର ମଣିଷର ଅନ୍ତରୀଣ ପୃଥିବୀର ସଂଘାତ ଏବଂ ତହିଁରୁ ଉତ୍ତରଣ ହିଁ ଆଜିର କ୍ଷୁଦ୍ରଗଳ୍ପର ବିଷୟବସ୍ତୁ। ଯେଉଁ ଗାଳ୍ପିକ ବାହ୍ୟ ପୃଥିବୀର ମଣିଷର ସାମ୍ନା ହୁଏ। ସେହି ସ୍ତରରେହିଁ ସେ କାହାଣୀକୁ ଅବଲମ୍ବନ କରେ।" (ବାମନର ପାଦ, ପୃ- ୨୭)

ସ୍ୱାଧୀନତା ପରେ ଓଡ଼ିଆ ଗଳ୍ପ କେବଳ ଗ୍ରାମ୍ୟକଥା କିମ୍ବା କଳ୍ପନାରେ ଅଟକି ଯାଇନାହିଁ। ଏଥିରେ ମଣିଷର ଯନ୍ତ୍ରଣା, ସଂଘର୍ଷ ଏବଂ ଅନ୍ତର୍ମୁଖୀ ଆତ୍ମବୋଧକୁ ଗଭୀର ଭାବରେ ଆଲୋଚିତ ହେଉଛି। ଏହି ସମୟର ଗଳ୍ପ ନୂତନ ଚେତନାର ବାଦ ଓ ପ୍ରତିବାଦର ମାଧ୍ୟମ ହୋଇ ଉଭୟ ଅଣୀ ପରବର୍ତ୍ତୀ ସାହିତ୍ୟ ଓ ସମାଜକୁ ପ୍ରେରଣା ଦେଇଥାଏ।

## ଆଧୁନିକତାର ପରେ ଓଡ଼ିଆ ଗଳ୍ପର ପ୍ରଭାବ :

ସାହିତ୍ୟ ହେଉଛି ଏକ ଆତ୍ମଅନୁଭୂତି ଓ ଆତ୍ମଅଭିବ୍ୟକ୍ତିର ସମ୍ମିଳିତ ଚିତ୍ର। ବିଶ୍ୱ ସାହିତ୍ୟ ପରି ଓଡ଼ିଆ ସାହିତ୍ୟରେ ମଧ୍ୟ ଆଧୁନିକତା ପରେ ଏକ ନୂତନ ପରିଚୟ ନେଇ ସୃଷ୍ଟି ହୋଇଥିଲା, ଯାହାକୁ ଆମେ ଉତ୍ତରଆଧୁନିକ କହିଥାଉ। ଏହା ପଶ୍ଚିମ ଦେଶରେ ଆରମ୍ଭ ହୋଇଥିଲେ ମଧ୍ୟ ଏହାର ପ୍ରଭାବ ଭାରତୀୟ ତଥା ଓଡ଼ିଆ ଗଳ୍ପରେ ଯଥେଷ୍ଟ ମାତ୍ରାରେ ଦେଖିବାକୁ ମିଳିଲା। ଏହା କେବଳ ଏକ ସାହିତ୍ୟିକ ଧାରା ନୁହେଁ। ଏହା ଏକ ଅସ୍ତିତ୍ୱର ଚିନ୍ତା, ଏକ ନୂତନ ଦୃଷ୍ଟିଭଙ୍ଗୀ, ଯାହା ଆଧୁନିକତାର ବିକଳ୍ପଧର୍ମୀ ଆଲୋଚନାତ୍ମକ ପରିଚୟ। ଏଥିରେ ସାମାଜିକ ନୀତି, ନ୍ୟାୟ ଓ ପରଂପରା ସମ୍ପୂର୍ଣ୍ଣ ରୂପେ ନୂତନ ଢଙ୍ଗରେପର୍ଯ୍ୟବେଶିତ ହେଲା। ଫଳରେ ଏହି ସମୟର ସାହିତ୍ୟରେ ଅସ୍ତିତ୍ୱର ଅନିଶ୍ଚିତତା, ମନଜଗତର ବିଭିନ୍ନ ଦ୍ୱନ୍ଦ୍ୱ, ଆତ୍ମ ସନ୍ଧାନର ପ୍ରୟାସ, ନିଃସଙ୍ଗତା ମୁହୂର୍ତ୍ତ ଆଦି ବିଷୟବସ୍ତୁ ପରିଲକ୍ଷିତ ହେଲା। ୧୯୮୦ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ନୂତନ ଚିନ୍ତାଚେତନାର ସମୀକରଣ ଆରମ୍ଭ ହୋଇଯାଇଥିଲା ପରନ୍ତୁ, ଏହାକୁ ସମୀକ୍ଷକ ସମ୍ପୂର୍ଣ୍ଣରୂପେ ଉତ୍ତରଆଧୁନିକ ବୋଲି ଗ୍ରହଣ କଲେ ନାହିଁ। କେବଳ ଆଧୁନିକ ଏବଂ ପ୍ରୟୋଗବାଦି ଚିନ୍ତାଧାରାର କ୍ଷେତ୍ରରୂପେ ଆଲୋଚନା କରି ଆଧୁନିକତାର କଳେବରକୁ ବୃଦ୍ଧି କରାଇଲେ। ଏ ସଂପର୍କରେ ଆଲୋଚକ ଗୁରୁଚରଣ ବହେରା ମତ ଦିଅନ୍ତି- "ଉତ୍ତରଆଧୁନିକ ସାହିତ୍ୟ ଆଧୁନିକତାକୁ ନିଜ ଭିତରେ ସ୍ଥାନ ଦେଇଥାଏ ଓ ତାକୁ ଛିନ୍ନ ବିଛିନ୍ନ କରେ। ଆଧୁନିକତା ସହିତ ଉତ୍ତରଆଧୁନିକତା, ଆଧୁନିକତା ଭିତରେ ଉତ୍ତର ଆଧୁନିକତା ଓ  ଉତ୍ତର ଆଧୁନିକ ଭିତରେ ଆଧୁନିକତା ଏମିତି ଭିନ୍ନ ଭିନ୍ନ ପରିଚୟ ଉତ୍ତର ଆଧୁନିକତାର।" (ଉତ୍ତର-ଆଧୁନିକ :ଏକ ପରିଚିତି, ପୃ- ୧୩)

ଆଧୁନିକତାର ପ୍ରାରମ୍ଭରେ ସୃଷ୍ଟି ହୋଇଥିବା ନୂତନ ପ୍ରୟାସ ଓ ଭାବବସ୍ତୁ ଯାହା ସମ୍ପୂର୍ଣ୍ଣ ପରିପକ୍ୱ କିମ୍ବା ସମ୍ପୂର୍ଣ୍ଣ ବିକାଶଲାଭ କରିବା ସମ୍ଭବ ନୁହେଁ ତାହା ଉତ୍ତରଆଧୁନିକତା ସମୟରେ ସମ୍ଭବ ହୋଇପାରିଛି। ଏଣୁ ଏହା ସାର୍ବଜନୀନ ବିଚାର ଉପରେ ଗୁରୁତ୍ୱାରୋପ କଲା। ଯେଉଁ ସବୁକାରଣ ଉତ୍ତରଆଧୁନିକ ସମୟ ଖଣ୍ଡକୁ ନିଜର ସ୍ୱତନ୍ତ୍ର ପରିଚୟ ଦେଇଛି ତତ୍‌ସଂପର୍କରେ ନିମ୍ନରେ ଆଲୋଚନା କରାଗଲା।

ବିଶ୍ୱ ସାହିତ୍ୟ ଏକ ନିର୍ଦ୍ଦିଷ୍ଟ ସମୟରେ ସମଚିନ୍ତାଧାରାର ପ୍ରଭାବରେପ୍ରତିଫଳିତ ହେବାର ଦେଖାଯାଏ। ୧୯୮୦ ପରବର୍ତ୍ତୀ ଭାରତୀୟ ସାହିତ୍ୟ ପୃଷ୍ଠଭୂମିକୁ ଅବଲୋକନ କଲେ ଦେଖାଯାଏ। ଓଡ଼ିଆ ଗଳ୍ପରେ ବିଭିନ୍ନ ସମସ୍ୟାକୁ କେନ୍ଦ୍ରକରି ଲେଖା ଆରମ୍ଭ ହେଲା। ଯେଉଁଥିରେ : –

## ପରିବେଶବାଦ ଚିନ୍ତାଧାରା :

ମାନବ ଓ ପ୍ରକୃତି ମଧ୍ୟରେ ପରିବେଶ ହିଁସୁସମ୍ପର୍କ ସ୍ଥାପନ କରିଥାଏ। ପରନ୍ତୁ ଆଜି ମଣିଷ ଓ ପ୍ରକୃତି ମଧ୍ୟ ସମ୍ପର୍କ ଧୀରେ ଧୀରେ ବିଗିଡିବାରେ ଲାଗିଛି। ଯାହା ପରିବେଶ ଧ୍ୱଂସର ମୁଖ୍ୟ କାରଣ। ଫଳରେ ଜଳବାୟୁ ପ୍ରଦୂଷଣ, ଜଙ୍ଗଲ ଅବକ୍ଷୟ, ଜୀବଜନ୍ତୁ ବିଲୁପ୍ତ, ବିପୁଳ ଜନସଂଖ୍ୟା ବୃଦ୍ଧି ଆଦି ବିଷୟକୁ ନେଇ ଓଡ଼ିଆ ଗଳ୍ପର ଧାରା ଆଜି ଅଗ୍ରସର ହେବାକୁ ଲାଗିଛି। ଯେଉଁଥିରେ ଗୋପୀନାଥ ମହାନ୍ତିଙ୍କ 'ଘରବାହୁଡା', ରାମଚନ୍ଦ୍ର ବେହେରାଙ୍କ 'ଚେର' , ଗାଳ୍ପିକା ସଂଘମିତ୍ରା ମିଶ୍ରଙ୍କ 'ନଦୀ ମୁଁ ନାହିଁ' କଇଳାଶ ପଟ୍ଟନାୟକଙ୍କ 'ଭୂମି ଓ ଈଶ୍ୱର', ଦାଶ ବେନହୁରଙ୍କ 'ସବୁଜ ସମ୍ପର୍କ' ପରି କେତେକ ଗଳ୍ପରେ ଆମେ ପ୍ରକୃତି ଓ ପରିବେଶ ଆଧାରିତ କଥାବସ୍ତୁର ଛାପ ଦେଖିବାକୁ ପାଇଥାଉ। ଯେଉଁଥିରେ ସମାଜର ବିକାଶ ଆଳରେ ଗ୍ରାମୀଣ ଓ ଆଦିବାସୀ ଜନ ଜୀବନ ସହିତ ପରିବେଶ ପ୍ରଦୂଷଣର ଚିତ୍ର ଦେଖିବାକୁ ମିଳେ।

## ଦଳିତ ପ୍ରସଙ୍ଗ :

ଅଶୀ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ଦଳିତ ପ୍ରସଂଗ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ସମାଜରେ ବୈଷମ୍ୟ, ଶୋଷଣ ତଥା ଶ୍ରେଣୀହୀନ ସମାଜଗଠନ ପ୍ରତିବାଦର ସ୍ୱର ଦେଖିବାକୁ ମିଳେ। ବିଶେଷ କରି ଏକବିଂଶ ଶତାବ୍ଦୀରେ ଦଳିତ ଗଳ୍ପରେ ସାମାଜିକ ନ୍ୟାୟ, ସ୍ୱାଭିମାନ ଓ ସ୍ୱାଧୀନ ଅଂଶୀଦାର ଆଦିକୁ ନେଇ ଏକ ସାହିତ୍ୟ ଆନ୍ଦୋଳନ ଦେଖିବାକୁ ମିଳିଲା। ଜଗତୀକରଣର ପ୍ରଭାବ ଫଳରେ ଧୀରେ ଧୀରେ ଏହା ଜନସମାଜରେ ପ୍ରମୁଖ ବିଷୟବସ୍ତୁ ପାଲଟିଗଲା। ଫଳରେ ଉତ୍ତରଆଧୁନିକ ସାହିତ୍ୟରେ ଏହା ଆଲୋଚନାର ମୁଖ୍ୟ ବିଷୟବସ୍ତୁ ରୂପେ ବ୍ୟବହାର ହେଲା। ଦଳିତ ସାହିତ୍ୟର ମୁଖ୍ୟଲକ୍ଷ୍ୟ ହେଉଛି ସାମାଜିକ ପରିବେଶରେ ପ୍ରତ୍ୟେକ ମଣିଷ ପରି  ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଇବା। ବସନ୍ତ କୁମାର ଶତପଥୀଙ୍କ 'କାଠ' ଗଳ୍ପରେ ସୁସ୍ଥ ସମାଜରେ ଅବହେଳିତ ଆଦିବାସୀ ମଣିଷଟି ବଂଚିବା ପାଇଁ କିପରି ସଂଗ୍ରାମ କରୁଛି ତାହା ଦେଖିବାକୁ ମିଳେ। ସେହିପରି ସୁପ୍ରିୟା ମଲ୍ଲିକଙ୍କ 'ପ୍ରବହମାନ' ଓ 'ଛକ' ଆଦି ଗଳ୍ପରେ ଦଳିତ ଚେତନାର ସ୍ୱର ଦେଖିବାକୁ ମିଳେ। ପ୍ରସିଦ୍ଧ ଗାଳ୍ପିକ ହୃଷୀକେଶ ପଣ୍ଡାଙ୍କ 'ସିସିଫସ୍

ଓ ବୋଣ୍ଡା', 'ରାଜପୁତ୍ର', 'କୋରସ' ପରି କେତେକ ଗଳ୍ପରେ ଏହି ଚେତନାର କ୍ଷୀଣ ଆଲୋକ ଦୃଶ୍ୟମାନ ହୁଏ।

ସାଂପ୍ରତିକ ଓଡ଼ିଆ ଗଳ୍ପରେ ଦଳିତ ଜୀବନର ଯନ୍ତ୍ରଣା ଏବଂ ନିରାଶା ଆଦି ମୁଖ୍ୟ ପ୍ରସଙ୍ଗ ନୁହେଁ, ଏଥିରେ ମଧ୍ୟ ସଂଘର୍ଷ, ପ୍ରତିବାଦ ତଥା ଆତ୍ମ ଉପଲବ୍ଧିର କାହାଣୀ ବର୍ଣ୍ଣିତ। ଏଣୁ ସମୟର ଗତି ସହିତ ଓଡ଼ିଆ ସାହିତ୍ୟରେ ଦଳିତ ଚେତନାର ଅଭାସ ଦେଖିବାକୁ ପାଉ।

## ମାଟି ମନସ୍କତାର ସ୍ୱର :

ଗାଁ, ମାଟି, ପାଣି ଓ ପବନକୁ ଏଡାଇ ସାହିତ୍ୟ ରଚନା କରିବା ଅସମ୍ଭବ ଉତ୍ତର-ଅଶୀ ଓଡ଼ିଆ ଗଳ୍ପରେ ଏହି ମାଟିମନସ୍କତାର ଚିତ୍ର ବା ଗ୍ରାମ୍ୟ ଚେତନାର ସ୍ୱର ଅଧିକ ମାତ୍ରାରେ ପ୍ରତିଫଳିତ ହେଲା। ଗାଁ, ମାଟି କେବଳ ଭୂଗୋଳ ନୁହେଁ ବରଂ ଏହା ହେଉଛି ଆମ ସଂସ୍କୃତି, ମୂଲ୍ୟବୋଧ, ଜୀବନଦୃଷ୍ଟି ଏବଂ ମାନସିକ ଚେତନା ସହ ଜଡିତ। ଯେଉଁଥିରେ ଆମେ ଦେଖିବାକୁ ପାଉ- ଜୀବିକା ନିର୍ବାହପାଇଁ ହେଉ କିମ୍ବା ଆଧୁନିକ ସହରୀ ଜୀବନ ସହ ତାଳ ଦେଇ ନିଜକୁ ଗତି କରିବାକୁ ହେଉ ସର୍ବଦା ମଣିଷକୁ ପୁନର୍ବାର ନିଜ ଗ୍ରାମୀଣ ସଂସ୍କୃତିକୁ ଫେରିବାକୁ ପଡିଥାଏ। ଏହାକୁ କେନ୍ଦ୍ରକରି ଓଡ଼ିଆ ଗଳ୍ପ ଜଗତରେସୃଷ୍ଟି ହୋଇଥିବା ରଚନାଗୁଡ଼ିକ ମଧ୍ୟରେ ପ୍ରତିଭା ରାୟଙ୍କ – 'ହାତବାକ୍ସ', 'ଗୁପ୍ତଧନ', ଦାଶ ବେନହୁରଙ୍କ- 'କୁହୁଡ଼ିର ଘର', 'ଚିତ୍ରିତଚଉପାସ', ରଜନୀକାନ୍ତ ମହାନ୍ତିଙ୍କ- 'ମାଟିଆପୁଅ', ପ୍ରଶାନ୍ତ ମହାନ୍ତିଙ୍କ- 'ଉଉଁରୀ ଭିତରେ ଭାଗ୍ୟ', ଅଜୟ ସ୍ୱାଇଁଙ୍କ- 'ମାମୁଁଘର ଗାଁ', 'ବୋଉର ଗୀତ ଖାତା' ପରି କେତେକ ଗଳ୍ପରେ ଆମେ ଏହି ଗ୍ରାମ୍ୟ ଚିନ୍ତା ଚେତନାର ଚିତ୍ର ଦେଖିବାକୁ ପାଇଥାଉ। ଯେଉଁଥିରେ ଗାଁ ମାଟିର ମହୁଆ ବାସ୍ନା ବାରି ହୁଏ।

## ଜନଜାତି ପ୍ରସଙ୍ଗ :

ଓଡ଼ିଆ ଗଳ୍ପ ସାହିତ୍ୟରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଜନଜାତିଙ୍କ ଜୀବନଧାରାକୁ କେନ୍ଦ୍ରକରି ସାହିତ୍ୟ ରଚନା କରିବା। ଓଡ଼ିଶା ହେଉଛି ଭାରତ ବର୍ଷର ଅନ୍ୟତମ ବୃହତ ଆଦିବାସୀ ବହୁଳ ରାଜ୍ୟ ଯେଉଁଠାରେ ପ୍ରାୟ ୬୨ ପ୍ରକାର ଜନଜାତି ବସବାସ କରନ୍ତି। ଏହି ଜନଜାତିମାନଙ୍କର ଓଡ଼ିଆ ସମାଜ ସହ ଅଙ୍ଗାଅଙ୍ଗୀ ଭାବେ ଜଡିତ। ହେଲେ ଆଜି ବିଦେଶୀ ବଣିକ, ଖଣିମାଫିଆ ଓ କଣ୍ଟ୍ରାକ୍ଟରଙ୍କ ଜାଲରେ 'ଶିଯାଇ ଜନଜାତିମାନେ ବିସ୍ଥାପନ ସମସ୍ୟାଠାରୁ ଆରମ୍ଭ କରି ନିଜର ସାମାଜିକ ଜୀବନ ଚର୍ଯ୍ୟାରେ ଅସ୍ତବ୍ୟସ୍ତ ହୋଇପଡିଛନ୍ତି। ଯାହା ଉତ୍ତର ଆଧୁନିକ ଓଡ଼ିଆ ଗଳ୍ପରେ ପ୍ରମୁଖ ବିଷୟବସ୍ତୁ ହୋଇଛି। କଥାକାର ଗୋପୀନାଥ ମହାନ୍ତିଙ୍କ 'ବଘେଇ' ଗଳ୍ପଠାରୁ ଆରମ୍ଭକରି, ବାମାଚରଣ ମିତ୍ରଙ୍କ 'ଅପରାଧୀ' ଉତ୍ତମ କୁମାର ପ୍ରଧାନଙ୍କ 'ନଚିକେତାର ହାତ', ରାମଚନ୍ଦ୍ର ବେହେରାଙ୍କ 'ସୂର୍ଯ୍ୟୋଦୟ ସନ୍ଧାନରେ', ବସନ୍ତ କୁମାର ଶତପଥୀଙ୍କ 'ବାଲିଡିହା ବାଘ' ଆଦି ଗଳ୍ପରେ ଆମର ଏହି ଜନଜାତିମାନଙ୍କର ଅରଣ୍ୟ ପରିବେଶରୁ କଥା ପ୍ରସଙ୍ଗକୁ ଆଧାରକରି ଗାଳ୍ପିକମାନେ ସଭ୍ୟ ସମାଜରେ ଉପସ୍ଥାପନ କରିଥାନ୍ତି। ଏଥିରେ ଅଛି ଶୋଷକ ଗୋଷ୍ଠୀ ବିରୁଦ୍ଧରେ ସ୍ୱର, ନାରୀପ୍ରତି ଅସଦାଚରଣର ଚିତ୍ର, ଗୋଷ୍ଠୀମୟ ଜୀବନଠାରୁ ଦୂରେଇଯାଇ ଆଜି ସେମାନେ କିପରି ନିଃସଙ୍ଗ ଜୀବନ ଆଡକୁ ମାଡିଚାଲିଛନ୍ତି ଏବଂ, ସହରୀ ସଭ୍ୟତାର ପ୍ରଭାବ ଆଳରେ ବିପନ୍ନ ହୋଇପଡିଥିବା, ସେମାନଙ୍କ ସାଂସ୍କୃତିକ ଜୀବନଚିତ୍ର ଦେଖିବାକୁ ମିଳେ।

## ମିଥ୍‌ର ପୁନଃମୂଲ୍ୟାୟନ :

ଓଡ଼ିଆ ଗଳ୍ପ ସାହିତ୍ୟରେ ଉତ୍ତର ଆଧୁନିକ ସମୟଖଣ୍ଡ ଗଭୀର ପ୍ରଭାବ ପକାଇଛି। ଉତ୍ତର ଅଶୀ ଓଡ଼ିଆ ସମାଜ ନୂତନ ଜ୍ଞାନ କୌଶଳ, ତଥା ଟେକ୍ନୋଲୋଜି ଦୁନିଆରେ ପ୍ରବେଶ, ନଗର ଜୀବନ ବିପନ୍ନ ଓ ସାଂସ୍କୃତିକ ଅବକ୍ଷୟ ମନୁଷ୍ୟ ଭିତରେ ଏକ ଆତ୍ମ ସନ୍ଦେହ ଅସ୍ଥିରତାବୃଦ୍ଧି ଓ ଭୟାତ୍ମକ ବାତାବରଣ ସୃଷ୍ଟିକଲା। ଫଳରେ ଗାଳ୍ପିକମାନେ ପୁରୁଣା ପ୍ରସଙ୍ଗକୁ ନୂତନଭାବରେ ପୁନଃପଠନ କରି ଆଧୁନିକ ସମସ୍ୟାସହ ସାମିଲ କରି ବିଶ୍ଳେଷଣ କରିବା ଆରମ୍ଭ କଲେ। ବିଶେଷକରି ଏହି ସମୟରେ ପୁରାଣ ଅଥବା ପାରମ୍ପରିକ ପ୍ରସଙ୍ଗକୁ ଭିତ୍ତି କରି ନୂତନ ପ୍ରସଙ୍ଗ ନୂତନ ଦୃଷ୍ଟିକୋଣରୁ ସେ ସବୁକୁ ସାମାଜିକ, ରାଜନୈତିକ, ନାରୀବାଦ ଓ ଆତ୍ମଚେତନା ଭିତ୍ତିରେ ରଚନା କରାଗଲା। ଯାହାକୁ ଓଡ଼ିଆ ଗଳ୍ପରେ ମିଥ୍‌ର ପୁନଃନିର୍ମାଣ ବୋଲି କୁହାଗଲା। ପ୍ରାଚୀନ ସାହିତ୍ୟ ଯଥା 'ପଞ୍ଚତନ୍ତ୍ର', 'କଥାସରିତ ସାଗର', 'ଦଶକୁମାର ଚରିତ' ଆଦି ରଚନାଗୁଡ଼ିକ ପ୍ରଭାବ ଅଧୁନା ଆମ ସାମାଜିକ ଓ ରାଜନୈତିକ ଜୀବନ ଉପରେ ଗଭୀର ମାତ୍ରାରେ ପ୍ରତିଫଳିତ ହେଉଛି ଯାହାକୁ ଭିତ୍ତିକରି ସାମ୍ପ୍ରତିକ ସମୟଖଣ୍ଡରେ ଗାଳ୍ପିକ ଯଥା – ମନୋଜ ଦାସଙ୍କ 'ଅବଲୋକରା କାହାଣୀ', 'ଉଡନ୍ତା କଇଁଛ', ମହାପାତ୍ର ନୀଳମଣି ସାହୁଙ୍କ 'ଅଭିଶପ୍ତ ଗନ୍ଧର୍ବ', ରତ୍ନାକର ଚଇନିଙ୍କ 'ଜଳି ଜଳି ଜୟଦ୍ରଥ' ଡକ୍ଟର ଅର୍ଚ୍ଚନା ନାୟକଙ୍କ 'ଶ୍ରମଣାର

ପୃଥିବୀ' ଆଦି ଗଳ୍ପ ସହିତ ଫକୀରମୋହନଙ୍କ 'ରେବତୀ' ଗଳ୍ପ ଓ ଭଗବତୀ ଚରଣ ପାଣିଗ୍ରହୀଙ୍କ 'ଶିକାର' ଗଳ୍ପରେପୁନର୍ମୂଲ୍ୟାୟନର ରୂପ ଦେଖିବାକୁ ମିଳୁଛି। ଏଣୁ ଉତ୍ତର ଆଧୁନିକ ଓଡ଼ିଆ ଗଳ୍ପରେ ମିଥର ପୁନଃନିର୍ମାଣ ମାନବତା, ନୀତି, ନ୍ୟାୟ, ଲିଙ୍ଗ, ସମାନତା ଏବଂ ସାମାଜିକ ଚେତନାରେ ପ୍ରଭାବ ପକାଇଛି।

## ଲୋକ ଉପାଦନର ପ୍ରୟୋଗ :

୧୯୮୦ ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ନୂତନଚିନ୍ତା ଓ ଚେତନାର ଅନୁସନ୍ଧାନରେ ପ୍ରତିଫଳିତ ହେବାକୁ ଲାଗିଲା। ଯେଉଁଥିରେ ଅନୁଭୂତି ଅଭିଜ୍ଞତା ଓ ଅଲୌକିକତାକୁ ଗୁରୁତ୍ୱ ଦିଆଗଲା। ଫଳରେ ସାହିତ୍ୟର ବିଭିନ୍ନ ବିଭବରେ ଲୋକସଂସ୍କୃତିଠାରୁ ଆରମ୍ଭକରି ଲୋକ ଜୀବନାନୁଭୂତି, ଲୋକକଥା, ଲୋକତତ୍ତ୍ୱ, ଲୋକାନୁଷଙ୍ଗିକତା ତଥ୍ୟାବଳୀ ଆଧାରିତ ହେଲା ପରନ୍ତୁ, ଏଥିରେ ଅର୍ଥଗତ ପରିବର୍ତ୍ତନ ସହିତ ରଚନାର କଳା ଓ କୌଶଳ ସଂପୂର୍ଣ୍ଣ ବଦଳିଗଲା। ସେଥିମଧ୍ୟରୁ ମନୋଜ ଦାସଙ୍କ- 'କିମ୍ଭିରିଣୀ', 'ଭୂତକୋଠିର ଏକରାତ୍ରି', 'ଭୂତୁଣୀ ଏକ ବିଦାୟ','ଅବୋଲକରା କାହାଣୀ', ହୃଷୀକେଶ ପଣ୍ଡାଙ୍କ- 'ପଣ୍ଡିତେ ଓ ଅବୋଲକରା କଥା', 'ପଦ୍ମ ଗୁଞ୍ଜି ଗୁଞ୍ଜି ଯାଉଛି', 'ଏକ ଦାର୍ଶନିକ ହାତୀକଥା', ନିମାଇଁ ପଟ୍ଟନାୟକଙ୍କ- 'ଗଙ୍ଗଦତ୍ତ ଉପାଖ୍ୟାନ', 'ଅକାଳ ଚଡକ', 'ଅଶ୍ୱତ୍ଥ ତରୁରେ ଝଡ', ଅଚ୍ୟୁତାନନ୍ଦ ପତିଙ୍କ- 'ମାମୁଁଘର କଟୁରୀ', 'କଣ୍ଢେଇ ରାଜ୍ୟ', 'ଚାରି ସଂଗାତ କଥା', 'ମଉନାବତୀର ମାନ', ସତ୍ୟପ୍ରିୟ ମହାଳିକଙ୍କ-'ସାହାଡ଼ା ସୁନ୍ଦରୀ', 'ପରୀ କାହାଣୀ','ଘାତକ' ଓ କଇଳାଶ ପଟ୍ଟନାୟକଙ୍କ- 'ଶୁଣ ଅବୋଲକରା' ଗ୍ରନ୍ଥରେ ଥିବା ସମସ୍ତ ଗଳ୍ପ ଲୋକ ଉପାଦାନ ଭିତ୍ତିରେ ଲେଖାଯାଇଥିବାର ଦେଖିବାକୁ ମିଳେ।

## ବାମାବାଦୀ ଚିନ୍ତାଧାରା :

ଓଡ଼ିଆ ଗଳ୍ପଜଗତ ସଦାସର୍ବଦା ବିଭିନ୍ନ ପ୍ରସଙ୍ଗକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବାର ଦେଖିବାକୁ ମିଳେ। କିନ୍ତୁ, ସବୁ କ୍ଷେତ୍ରରେ ନାରୀମାନଙ୍କର ଅଭିଜ୍ଞତା, ଅନୁଭୂତି ଏବଂ ଅନ୍ତର୍ନିହିତ ଚେତନାକୁ କେନ୍ଦ୍ରକରି ଗଳ୍ପ ରଚନା ଉପରେ ଗୁରୁତ୍ୱ ଦିଆଯାଇନଥିଲା। ପରନ୍ତୁ, ୧୯୮୦ ପରବର୍ତ୍ତୀ ସମୟରେ ଓଡ଼ିଆ ଗଳ୍ପର ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିଲା। ଫଳରେ ଏ ଯୁଗରେ ନାରୀକୁ କେବଳ ଜଣେ ପ୍ରେମୀକା, ଗୃହିଣୀ, ଅବଳା କିମ୍ବା ଦୁର୍ବଳା ରୂପେ ନୁହେଁ ବରଂ, ତା'ର ଅସ୍ତିତ୍ୱ ଅଧିକାର ଓ ଆତ୍ମସ୍ୱତନ୍ତ୍ରତା ପାଇଁ ସଂଘର୍ଷ କରୁଥିବାର ଦେଖିବାକୁ ମିଳିଲା। ନାରୀ ହେଉଛି କେବଳ ଶାରୀରିକ ସୁଖ ସମ୍ଭୋଗ ପାଇଁ ନୁହେଁ, ଏହା ତାଙ୍କ ଅସ୍ତିତ୍ୱକୁ ମଧ୍ୟ ଗୁରୁତ୍ୱ ଦେଇଥାଏ। ଫଳରେ ଅଧୁନା ନାରୀ ନିଜ ଅସ୍ତିତ୍ୱ ଉପରେ ସମ୍ପୂର୍ଣ୍ଣ ଅଧିକାର ଦାବି କରିପାରୁଛି। ଯାହାକୁ କେନ୍ଦ୍ରକରି ଅଶୀ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ଲିଙ୍ଗଗତ ଅନ୍ୟାୟ, ନିର୍ଯ୍ୟାତନା, ଯୌନଶୋଷଣ ଏବଂ ବ୍ୟବସ୍ଥାଗତ ଅନ୍ୟାୟ ଉପରେ ତୀବ୍ର ସମାଲୋଚନା ଦେଖିବାକୁ ମିଳୁଛି। ଗାଳ୍ପିକା ବୀଣାପାଣି ମହାନ୍ତିଙ୍କ- 'ପାଟଦେଇ', 'ଅନ୍ଧକାରର ଛାଇ', 'ପାନ୍ଥଶାଳା', 'ରକ୍ତ କରବୀ' ଓ'ବସ୍ତ୍ର ହରଣ', ରବି ପଟ୍ଟନାୟକଙ୍କ- 'ଏକବିଂଶର କନ୍ୟା', 'ବନ୍ଧ୍ୟା ଗାନ୍ଧାରୀ', କବିତା ବାରିକଙ୍କ- 'ଟିକି ଅଗଣାର ଝିଅ', 'ପୁଣି ଜଣେ ରାଧା', ଆଦି କେତେକ ଗଳ୍ପ ସହିତ ଗାଳ୍ପିକା ବିନୋଦିନୀ ମିଶ୍ରଙ୍କ- ଯୌନ ଶୋଷିତ ନାରୀ ତା'ର ଅପମାନକୁ କିପରି ବିରୋଧ କରି ମୃତ୍ୟୁବରଣ କରେ ଏହାକୁ ଭିତ୍ତିକରି ସେ 'ମୂଲ୍ୟ' ଗଳ୍ପ ରଚନା କରିଛନ୍ତି। ସେହିପରି 'ନିଶାବନ୍ଧନ' ଗଳ୍ପରେ ଗାଳ୍ପିକା ମାଳତୀ ନାୟକ ବଳତ୍କାର ପାଇଁ ନିଜ ଶରୀରକୁ ନେଇ ଲଜ୍ଜିତ ନୁହେଁ ବରଂ ସମାଜରେ ବଂଚିବା ପାଇଁ ନିଜକୁ ବିପରୀତ ମୁଖୀ ଧାରାରେ ଗତି କରାଇଛି।

ସୁତରାଂ ଅଶୀ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ନାରୀ କୈନ୍ଦ୍ରିକ ବିଚାରଧାରା, ନାରୀର ଆତ୍ମବିଶ୍ୱାସ, ଆତ୍ମବିକାଶ, ଶାରୀରିକ ଓ ମାନସିକ ଅଧିକାରକୁ ଜାହିର କରିପାରିଛି। ଏଥିପାଇଁ ସେ ଉଭୟ ଦେହ ଓ ମନରେ ସ୍ୱାଧୀନତା ଦାବି କରିଛି।

## ଅତିକଳ୍ପନାର ପ୍ରୟୋଗ :

ଅଶୀପରବର୍ତ୍ତୀ ଓଡ଼ିଆ ଗଳ୍ପରେ ଯେଉଁଠିଗମ୍ଭୀର ସାମାଜିକ, ରାଜନୈତିକ ଓ ମାନସିକଦିଗ ଗଳ୍ପରେ ପ୍ରବେଶ ହୋଇଛି, ସେଠାରେ ଅତିକଳ୍ପନା ଧର୍ମୀ ଗଳ୍ପଗୁଡିକ ଏକ ବିକଳ୍ପ ଧାରା ସୃଷ୍ଟି କରିପାରିଛି। ଅତିକଳ୍ପନାର ଅର୍ଥ ହେଉଛି ଏହା ଏପରି ଏକ ସାହିତ୍ୟଧାରା ଯାହା ଆଶ୍ଚର୍ଯ୍ୟଜନକ, ଅଲୌକିକ କିମ୍ବା ଅସମ୍ଭବ ଘଟଣାକୁ କେନ୍ଦ୍ରକରି ରଚିତ କଥାବସ୍ତୁ। ବିଶେଷତଃ ଏହି ଧାରାରେ ଆଲୋଚିତ ପାତ୍ର, ମନ୍ତ୍ରୀ ହେଉଛନ୍ତି- ଦୈତ୍ୟ, ଯାଦୁଗରୀ, ଅପସରା, ଗନ୍ଧର୍ବ, ଯକ୍ଷ, ବେତାଳ ଆଦି ଚରିତ୍ରଗଣ। ଏହି ଧର୍ମୀ ଗଳ୍ପଗୁଡିକ ମଧ୍ୟରେ ମହାପାତ୍ର ନୀଳମଣି ସାହୁଙ୍କ- 'ଅଭିଶପ୍ତ ଗନ୍ଧର୍ବ', ମନୋଜ ଦାସଙ୍କ- 'ରତ୍ନବର୍ଷା', 'ବାକ୍‌ପଟୁ ହଂସ', 'ଭୂତ କୋଠିରେଏକ ରାତ୍ରି', 'ନାଗଲୋକ ପ୍ରତ୍ୟାଗତ' ଇତ୍ୟାଦି। ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ- 'ଅଦିନ ବଉଳ', 'ମନମର୍ମର', 'ସର୍ପଜୀବ', ଚନ୍ଦ୍ରଶେଖର ରଥଙ୍କ- 'ଅଶ୍ୱାରୋହୀ', 'ବୃକ୍ଷ ଜାତକ', 'ଛାୟା ପ୍ରବେଶ', 'ନାଗାନ୍ତୁକ ବିଦ୍ୟା' ଓ ତରୁଣକାନ୍ତି ମିଶ୍ରଙ୍କ- 'ଅନ୍ଧାରରେ କେହି ଜଣେ', 'ଜଳପରୀ', 'ଫେରିବାର ବାଟ' ଇତ୍ୟାଦି।

ଗଣେଶ୍ୱର ମିଶ୍ରଙ୍କ- 'ଧର୍ମବକ' ପରି କେତେକ ରଚନାରେ ଏହି ଫାଣ୍ଟାସି ବା ଅତିକଳ୍ପନାର ଧାରାକୁ ସ୍ପଷ୍ଟ ଦେଖାଯାଏ।

ଅଶୀ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ଗଭୀର ସାମାଜିକ ଓ ମାନସିକ ବିଚାର ମଞ୍ଚରେ ପାଦ ଦେଇଛି। ଯେଉଁଥିରେ କଳ୍ପନା ଅନୁଭୂତି ଏବଂ ଦାର୍ଶନିକ ଚିନ୍ତାର ସମୀକରଣ ଦେଖାଯାଏ। ଯାହା ଓଡ଼ିଆ ସାହିତ୍ୟକୁ ସମୃଦ୍ଧି କରିବା ସହ ଏକ ସ୍ୱତନ୍ତ୍ର ଅସ୍ତିତ୍ୱ ସୃଷ୍ଟି କରିପାରିଛି। ଏଥିରେ ମନବୈଜ୍ଞାନିକ ଦ୍ୱନ୍ଦ୍ୱ, ଅସ୍ତିତ୍ୱବାଦୀ ଚିନ୍ତାଧାରା, ନାରୀଜୀବନର ଗୋପନ ପ୍ରସଙ୍ଗ, ଦଳିତ ସମସ୍ୟା, ଆଦିବାସୀ ଜୀବନର ଅନ୍ତର୍ନିହିତ ଯନ୍ତ୍ରଣା, ବେକାରୀ ବୃଦ୍ଧି, ମଧ୍ୟବିତ୍ତ ପରିବାରର ସମସ୍ୟା ନିଃସଙ୍ଗତା ଆଦି କେତେକ ସମସ୍ୟା ଉପରେ ଆଲୋଚନା ହୋଇଛି।

## ଅଶୀ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ଶୈଳୀଗତ ବିଚାର :

ଓଡ଼ିଆ ସାହିତ୍ୟରେ ଗଳ୍ପରଚନାର ପରଂପରା ବହୁ ପ୍ରାଚୀନ। ସମୟ ସ୍ରୋତରେ କ୍ଷୁଦ୍ରଗଳ୍ପର ରଚନାଶୈଳୀ ପରୀକ୍ଷା ନିରୀକ୍ଷା ସହ ପରିବର୍ତ୍ତନ ମଧ୍ୟ ହୋଇଚାଲିଛି। ଭାଷାଶୈଳୀଠାରୁ ଆରମ୍ଭ କରି ଚରିତ୍ର ସଂଳାପରେ ମଧ୍ୟ ବ୍ୟାପକ ପରିବର୍ତ୍ତନର ପ୍ରଭାବ ଆମେ ଦେଖିବାକୁ ପାଉ। ବିଶେଷକରି ଅଶୀ ପରବର୍ତ୍ତୀ ଗଳ୍ପ ରଚନା ପରଂପରାରେ ଭାଷା, ଶୈଳୀ, ବିଷୟବସ୍ତୁ, ଚରିତ୍ରଗଠନ ତଥା ଗଳ୍ପଗୁନ୍ଥନର କଳା ନିଜସ୍ୱ ଭାବଶୈଳୀର ଗୁରୁତ୍ୱ ପାଇଛି। ଯେଉଁଥିରେ ଧୀରେଧୀରେ ଦେଖିବାକୁ ମିଳୁଛି ଯେ, ଗୁରୁଗମ୍ଭୀର ଭାଷା ବ୍ୟବହାର ସହିତ କାହାଣୀହୀନତାର ପ୍ରଭାବ। ଏହି ସମୟର ରଚନାରେ ତିର୍ଯ୍ୟକ ବ୍ୟଙ୍ଗଶୈଳୀ ଉପରେ ଗାଳ୍ପିକମାନେ ଅଧିକ ଗୁରୁତ୍ୱ ଦେଲେ। ଜଣେ ସ୍ରଷ୍ଟା ସମାଲୋଚକର ଭୂମିକାରେ ବୌଦ୍ଧିକ ଚିନ୍ତା ପ୍ରୟୋଗ ସହିତ ପାଠକ ପ୍ରତି ବିଚାର ବିମର୍ଷକୁ ମଧ୍ୟ ଧ୍ୟାନରେ ରଖିଥାଏ। ଏଥିପାଇଁ ଅନେକ ସମୟରେ ପ୍ରକାଶ ପାଇଥିବା ତଥ୍ୟ ଉଦ୍ଦେଶ୍ୟଠାରୁ ସମ୍ପୂର୍ଣ୍ଣଭିନ୍ନ ହୋଇଥାଏ। ପ୍ରାଚୀନକାଳରେ କବିମାନେ ଶ୍ଳେଷ ଅଳଙ୍କାର ଭେଦରେ ଯେଉଁ ବ୍ୟଙ୍ଗଉକ୍ତି ପ୍ରକାଶ କରୁଥିଲେ, ଅଧୁନା ଗାଳ୍ପିକମାନେ ସେହିଶୈଳୀକୁ ଭିନ୍ନ ଭିନ୍ନ ମାଧ୍ୟମ ନେଇ ଗଳ୍ପ ଜରିଆରେ ଅବତରଣ କରାଉଛନ୍ତି। ମଧୁର ଧାରାରେ ଗଭୀର ସନ୍ଦେଶ ଦେବା ଏହାର ମୂଳ ଉଦ୍ଦେଶ୍ୟ। ଅନେକ ସମୟରେ ଦେଖିବାକୁ ମିଳେ ଗାଳ୍ପିକ ପରିବେଶ ଓ ପରିସ୍ଥିତିକୁ ଲକ୍ଷ୍ୟ କରି ବ୍ୟଙ୍ଗପୂର୍ଣ୍ଣ ବାକ୍ୟାଂଶ ଉଲ୍ଲେଖ କରନ୍ତି। ଯେମିତି 'ସାଗର କଇଁ' ଗଳ୍ପରେ ଗାଳ୍ପିକ ପୀତାମ୍ବର ଦାସ ଉଲ୍ଲେଖ କରିଛନ୍ତି- "ଦିନ ଧୀରେ ଧୀରେ ନଇଁ ଆସେ। ପ୍ରିୟା ଆସି ପହଞ୍ଚିଯିବାର ସମ୍ଭାବନାଟା ବେଶୀ ବୋଲି ମନରେ ଉଦ୍‌ବେଗ ବଢିଯାଏ। ପ୍ରିୟା ତ ନିଶ୍ଚୟ ପହଞ୍ଚିଯିବ ହେଲେ ଦୁନିଆ ଭାସିଯାଉ ପଛେ ସେ ତା' ପ୍ରିୟାକୁ ଆଜି ତା' ଘରକୁ ଫେରିଯିବାକୁ ଦେବନି।" (ଇସ୍ତାହାର, ପୃ-୧୫୯) ଏଠାରେ ପ୍ରେମୀକର ସାହସ ସମ୍ପର୍କରେ ବ୍ୟଙ୍ଗଶୈଳୀ ଗାଳ୍ପିକ ବ୍ୟବହାର କରିଛନ୍ତି।

ଉତ୍ତରଅଶୀ ଗଳ୍ପକ୍ଷେତ୍ରରେ ବିସ୍ତୃତୀକରଣ ରଚନା ପରଂପରା ମଧ୍ୟ ଦେଖିବାକୁ ମିଳେ। ଏହାଦ୍ୱାରା ଗଳ୍ପର ରୂପ,ଭାବ, ଭାଷା ଓ ଚରିତ୍ରମାନଙ୍କୁ ନ୍ୟାୟିକ ବିଚାରରେ ବର୍ଣ୍ଣନା କରାଯାଇପାରିବ। ଏଥିରେ ଚରିତ୍ର ଘଟଣାଗତ ବିବରଣୀ ଅତ୍ୟଧିକ ଭାବ ବିହ୍ୱଳ ହେବା ସହ ସୂକ୍ଷ୍ମ ରୂପରେ ବର୍ଣ୍ଣନା କରାଯାଇପାରିବ। ଫଳରେ ପାଠକଟିଏ ଏହାକୁ ଚକ୍ଷୁସାକ୍ଷୀ ଭାବେ ଅନୁଭବ କରିପାରିବ। ଏହି ଦୀର୍ଘ ରଚନାରେ ଗାଳ୍ପିକ ଜୀବନର ଗଭୀରତତ୍ତ୍ୱ ନୀତି,ଧର୍ମ ଓ ମୌଳିକ ଦୃଷ୍ଟିକୋଣକୁ ସମ୍ପୂର୍ଣ୍ଣରୂପେ ଆଲୋଚନା କରିପାରନ୍ତି। ସମ୍ପ୍ରତି ବ୍ୟସ୍ତବହୁଳ ଜୀବନ ଶୈଳୀ ମଧ୍ୟରେ ପାଠକ ଦୀର୍ଘରଚନା ପ୍ରତି ବିମୁଖତା ପ୍ରକାଶ କରୁଛନ୍ତି। ଫଳରେ ଗାଳ୍ପିକ ଏସବୁକୁ ଦୃଷ୍ଟି ଦେଇ ସଂକ୍ଷିପ୍ତୀକରଣ ରଚନାଶୈଳୀ ଜରିଆରେ ନିଜର ଚିନ୍ତାଧାରାକୁ ପ୍ରକାଶ କରାଉଛନ୍ତି। ଗଳ୍ପରଚନା କ୍ଷେତ୍ରରେ ଅଣୁକରଣ ଏକ ଗୁରୁତ୍ୱପୂର୍ଣ୍ଣ ଶୈଳୀ। ଯାହାଦ୍ୱାରା ରଚନାକୁ ସଂକ୍ଷିପ୍ତ, ସୁନିର୍ଦ୍ଦିଷ୍ଟ ଓ ପ୍ରଭାବଶାଳୀ କରିହୁଏ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ପାଠକର ଆଗ୍ରହ ବୃଦ୍ଧି କରିବା। ସଂଳାପ ମାଧ୍ୟମରେ ପ୍ରାସଙ୍ଗିକ ଉକ୍ତିକୁ ଦୀର୍ଘ ବର୍ଣ୍ଣନା ବଦଳରେ ପରିବର୍ତ୍ତନ କରାଯାଇ ସଂକ୍ଷିପ୍ତକରି, ଅଧୁନା ଗାଳ୍ପିକ ନିଜର ରଚନାଶୈଳୀରେ ଅଣୁକରଣକୁ ଏକ ପ୍ରମୁଖ ଦକ୍ଷତା ରୂପେ ବ୍ୟବହାର କରୁଛନ୍ତି। ଯାହାଦ୍ୱାରା ଲେଖକମାନଙ୍କୁ କମ୍ ଶବ୍ଦରେ ଗଭୀର ଅର୍ଥ ପ୍ରକାଶ କରିବାରେ ସାହାଯ୍ୟ ହେଉଛି। ଫଳରେ ବର୍ତ୍ତମାନ ଗଳ୍ପରେ ସଂକ୍ଷିପ୍ତତା ବା ସ୍ୱଚ୍ଛତା କ୍ଷେତ୍ରରେ ନୂତନ ଶବ୍ଦଯାଦୁଗରୀ କୌଶଳ ବା ଟେକ୍‌ନିକର ଇନ୍ଦ୍ରଜାଲ ଦେଖାଇବା ପାଇଁ ରଚନାକାର ଚେଷ୍ଟା କରୁଛନ୍ତି।

ଉତ୍ତର ଅଶୀପରବର୍ତ୍ତୀ ଓଡ଼ିଆ ଗଳ୍ପରେ ଉପସ୍ଥାପନ ଶୈଳୀ ସ୍ୱତନ୍ତ୍ର ମନେହୁଏ। ବିଶେଷକରି ବର୍ତ୍ତମାନର ରଚନା ଆଧୁନିକତା, ଅନ୍ତର୍ନିହିତ ଭାବ ଏବଂ ମାନସିକ ପରିସ୍ଥିତି ଉପରେ କେନ୍ଦ୍ରିତ। ଯାହା ପାଠକଙ୍କୁ ଗଭୀର ଚିନ୍ତାରେ ପକାଇଥାଏ ଏବଂ ବୌଦ୍ଧିକ ବିଚାର ପାଇଁ ବାଧ୍ୟକରାଏ। ସମ୍ପ୍ରତି ସମାଜରେ ନୂତନ ଜ୍ଞାନ କୌଶଳର ପ୍ରୟୋଗ ହେବାପରି ଗଳ୍ପଗୁଡିକରେ ମଧ୍ୟ ଉପସ୍ଥାପନ ଶୈଳୀ ଭିନ୍ନତା ଦେଖିବାକୁ ମିଳୁଛି। ଯେମିତି କାବ୍ୟିକତା ଭାବବସ୍ତୁ ଅଶୀ ପରବର୍ତ୍ତୀ ଗଳ୍ପରେ କେତେକ କବି ଗାଳ୍ପିକଙ୍କ ପାଖରେ କାବ୍ୟିକ ଚିତ୍ରକଳ୍ପ ସହିତ ବ୍ୟକ୍ତିଗତ ବର୍ଣ୍ଣନା ବିଳାସ ଦେଖିବାକୁ ମିଳେ।

ସେଥିମଧ୍ୟରେ ସତ୍ୟ ମିଶ୍ର, ତରୁଣକାନ୍ତି ମିଶ୍ର, ପ୍ରସନ୍ନ ପାଟଶାଣୀ, ହୃଷୀକେଶ ପଣ୍ଡା, ଅଜୟ ମିଶ୍ର, ବିଜୟ ମଲ୍ଲ, ହୁସେନରବି ଗାନ୍ଧୀ, 'ନୀ ମହାନ୍ତି ଆଦି ଗାଳ୍ପିକଙ୍କ ରଚନାରେ ଆମେ କାବ୍ୟଶୈଳୀର ଆଭାସ ଦେଖିବାକୁ ପାଉ। ଗାଳ୍ପିକ ରାମଚନ୍ଦ୍ର ବେହେରାଙ୍କ 'ଓଁକାର ଧ୍ୱନି' ଗଳ୍ପକୁ ଏଠାରେ ଲକ୍ଷ୍ୟ କରନ୍ତୁ- "କହ, କହ। ଡାକିବେ ମା ବୋଲି। ସ୍ୱର୍ଗରୁ ଜହ୍ନଟା ଆଣି ଆସିବି ତୋ ପାଖକୁ। ତୋ, କପାଳରେ ଟୀକା ପିନ୍ଧେଇ ଦେବି। ଘୋଡାଟେ କିଣି ଆଣିବି ଯେ ତା' ଉପରେ ଚଢ଼ିବୁ। ଆର ହାଟ ପାଳିକୁ ତୋ ପାଇଁ କିଣି ଆଣିବି ପେଣ୍ଟ, ଜାମା।" (ଓଡ଼ିଆ ଗଳ୍ପ : ଗତି ଓ ପ୍ରକୃତି, ପୃ-୨୭)

ଅଶୀ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ସଂଳାପ ଧର୍ମିତା ଉପରେ ଅଧିକ ଗୁରୁତ୍ୱ ଦିଆଗଲା। ସଂଳାପ ଦ୍ୱାରାଚରିତ୍ର ଗୁଡାକ ଜୀବନ୍ତ ଲାଗିଥାଏ ଓ ସେମାନଙ୍କ ଭାଷାଶୈଳୀ ଦୃଷ୍ଟିକୋଣରୁ ଅଧିକ ଆକର୍ଷଣୀୟ ହୋଇଉଠିଲା। ଫଳରେ ଗଳ୍ପରେ ଗତି ଓ ପ୍ରକୃତି ପାଠକ ପ୍ରାଣକୁ ବାନ୍ଧି ରଖିବା ପାଇଁ ଚେଷ୍ଟାକଲା। ଉତ୍ତର ଅଶୀ ଗଳ୍ପ ଗୁଡିକରେ ସଂଳାପଧର୍ମୀ ଶୈଳୀ ଗଳ୍ପକୁ ଜୀବନ୍ତ ସମ୍ବେଦନଶୀଳ ଓ ପ୍ରଭାବଶାଳୀ କରିପାରିଛି। ଗାଳ୍ପିକ ଗୌରାଙ୍ଗ ଚରଣ ଦାସଙ୍କ ରଚନା ଶୈଳୀକୁ ଏଠାରେ ଲକ୍ଷ୍ୟକରନ୍ତୁ- "ମୁଁ ନିଜକୁ ଖୋଜିବାରେ ଲାଗିଲି ତା' ଭିତରେ। କେଉଁଠି ସେ, କେଉଁଠି ମୁଁ? କେଉଁଠି ଆମେମାନେ। ମୁଁ, ସେ ଓ ଜଗନ୍ନାଥ, ରାଧା, କୃଷ୍ଣ ଓ ଲକ୍ଷ୍ମୀ କେଉଁଠି ? ସେ ଯେ କୌଣସି ଭାବେ ଏ ଆଭୂଷଣରେ ନିଜକୁ ରୂପ ଦେଇପାରେ।" (ଇସ୍ତାହାର, ପୃ-୨୬୦, ଅକ୍ଟୋବର-୨୦୧୮) ଗାଳ୍ପିକ 'ଅଘୋରୀ' ଗଳ୍ପରେ ଈଶ୍ୱରଙ୍କ ସହ ସ୍ୱଗତ ସଂଳାପକୁ ବ୍ୟବହାର କରିଛନ୍ତି, ସେହିପରି ତରୁଣକାନ୍ତି ମିଶ୍ର ତାଙ୍କ 'ଭଗ୍ନାଂଶ' ଗଳ୍ପରେ ନାଟକୀୟ ଶୈଳୀର ପରିବେଷଣ କରିଥିବାର ଦେଖିବାକୁ ମିଳେ।

ଉତ୍ତର ଆଧୁନିକ ପରଂପରାରେ ଓଡ଼ିଆ ଗଳ୍ପରେ ପୂର୍ବପରି ଚରିତ୍ର ଓ କାହାଣୀ ଧର୍ମୀତା ଏବଂ ସାମାଜିକ ପ୍ରସଙ୍ଗ ଆଲୋଚିତ ହେଲାନାହିଁ। ବରଂ ଏଥିରେ ଚିନ୍ତାଶୀଳ ଏବଂ ବିଚାରମୂଳକ ପ୍ରସଙ୍ଗଦ୍ୱାରା ଆଧାରିତ ହେଲା। ଏଠାରେ ଘଟଣା କିମ୍ବା ଚରିତ୍ରମାନେ ଆତ୍ମ ଅନୁଶୀଳନ, ମନରେ ଦ୍ୱନ୍ଦ୍ୱ, ସଂଶୟ ଓ ଦାୟିତ୍ୱ ବିଷୟରେ ଅର୍ନ୍ତନିହିତ ଆଲୋଚନା ରଖିଥାନ୍ତି। ଫଳରେ ସେହି ଗଳ୍ପଟିକୁ ପଠନ କଲେ ସଂଳାପ ଗୁଡିକରେ ଏପରି ଦାର୍ଶନିକ ଚିନ୍ତାଧାରା ଦେଖାଯାଏ ତାହା ପ୍ରବନ୍ଧ ପରି ଅନୁମେୟ ହୁଏ। ବିଶେଷ କରି ଏହି ପ୍ରବନ୍ଧ ଧର୍ମୀତା ଶୈଳୀ ବ୍ୟବହାରର ମୂଳ ଲକ୍ଷ୍ୟ ହେଉଛି ସମାଜରେ ଘଟୁଥିବା କୁପ୍ରଥା, ଅନ୍ୟାୟ, ଆତ୍ମଅଭିମାନ ଉପରେ ବ୍ୟଙ୍ଗ ଓ ତୀକ୍ଷ୍ଣ ସତ୍ୟକୁ ପ୍ରକାଶ କରିବା। ଡକ୍ଟର ସୋମନାଥ ବିଷୋୟୀଙ୍କ- 'ବାପା ଓ ବୃନ୍ଦାବନ' ଗଳ୍ପରେ ଉଲ୍ଲେଖ କରିଛନ୍ତି – "ଜନ୍ମ ଯେତେବେଳେ ହୋଇ ସାରିଚି, ଆଉ ଚାରା କଣ ? ବଂଚିବାକୁ ହିଁ ହବ, ନହେଲେ ମରିବାକୁ ଦୁଇଟିଯାକ କଷ୍ଟ। ମରିବାକୁ ହୁଏତ ଖୁବ୍ କମ୍ ସମୟ ଲାଗିପାରେ କିନ୍ତୁ ସେଇତକ ସମୟର ଯନ୍ତ୍ରଣା ଯେମିତି ବ୍ରହ୍ମଯନ୍ତ୍ରଣା। ନ ମରି ମଧ୍ୟ ଏକଥା ଜାଣିପାରୁଚି।" (ଇସ୍ତାହାର, ପୃ-୧୮୫, ଅପ୍ରିଲ, ୨୦୧୬)

## ଭାଷା ପ୍ରୟୋଗ :

ଉତ୍ତର ଆଧୁନିକ ସମୟ ଖଣ୍ଡରେ ସାହିତ୍ୟରେ କେବଳ ପରିବର୍ତ୍ତନ ହୋଇନାହିଁ। ଗଳ୍ପଗୁଡିକର ଭାଷା ଶୈଳୀ ମଧ୍ୟ ବ୍ୟାପକ ପରିବର୍ତ୍ତନ ହେବାକୁ ଲାଗିଲା। ବିଶେଷକରି ମଣିଷର ସ୍ୱାଧୀନ ବିଚାରକୁ ଗୁରୁତ୍ୱ ଦିଆଯାଇ ଗଳ୍ପରଚନାର ପରଂପରା ଆରମ୍ଭ ହେଲା। ଫଳରେ ଗଳ୍ପଗୁଡିକରେ ଆଞ୍ଚଳିକ ଭାଷାର ପ୍ରୟୋଗ ଦେଖିବାକୁ ମିଳିଲା। ଆଞ୍ଚଳିକ ଭାଷା ପ୍ରୟୋଗ ଦ୍ୱାରା ସେହି ଅଞ୍ଚଳର ସାଂସ୍କୃତିକ ପରିଚୟ ବୃଦ୍ଧି ଘଟିବା ସହିତ ଏକ ସାମାଜିକ ପରିବେଶ ମଧ୍ୟ ପାଠକକୁ ମିଳିଥାଏ। ଫଳରେ ସ୍ରଷ୍ଟା ନିଜ ବିଚାରରେ ଚରିତ୍ରକୁ ଆଲୋଚନା କରିବାରେ ସଫଳ ହୋଇଥାନ୍ତି। ଗାଳ୍ପିକ କ୍ଷେତ୍ରବାସୀ ନାଏକଙ୍କ 'ବନ୍ଦ ପାଳନ ବେଳରେ କେତୋଟି ଦୃଶ୍ୟ' ଗଳ୍ପକୁ ଏଠାରେ ଲକ୍ଷ୍ୟକରନ୍ତୁ- "ତମେମାନେ ଦୁଇଚକିଆ,ଚାଏର୍ ଚକିଆ ଧିନ୍ କିଂହରି କିଂହରି ବଏଂଦ୍ କରୁଛ, ଟଙ୍କା କମଉଛ, ନାଁ କମଉଛ, ଆମର ରିକ୍ସା ବଏଁଦ୍ କରିଦେଉଛ ଜେ ଆମର ରକତ ବହେବାର ବଏଂଦ୍ ହେଇଜଉଛେ।" (ଦାଦନ, ପୃ- ୭୧)

ସେହିପରି ଗାଳ୍ପିକ ରଜନୀକାନ୍ତ ମହାନ୍ତି, ଭୀମପୃଷ୍ଟି ଏବଂ ଗାଳ୍ପିକା ଜ୍ୟୋସ୍ନା ରାଉତରାୟ ଆଦି ଗାଳ୍ପିକଙ୍କଠାରେ ଆଞ୍ଚଳିକ ଭାଷାର ପ୍ରୟୋଗ ଦେଖିବାକୁ ମିଳିଲା।

କବିତାରେ ଉପମା ଚିତ୍ରକଳ୍ପର ପ୍ରୟୋଗ କରିବାପରି ଉତ୍ତର ଅଶୀ ଗାଳ୍ପିକମାନେ ଏହାକୁ ଏକ ପ୍ରମୁଖ ଅସ୍ତ୍ରରୂପେ ବ୍ୟବହାର କରୁଛନ୍ତି। ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ କେନ୍ଦ୍ରକରି କୌଣସି ବ୍ୟକ୍ତି, ଘଟଣା କିମ୍ବା ଚରିତ୍ରର ଭାବ ବସ୍ତୁକୁ ସେ ପାଠକ ନିକଟରେ ପହଞ୍ଚାଇବା ପାଇଁ ଉପମା ଓ ଚିତ୍ରକଳ୍ପ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ଶବ୍ଦ ତଥା ଭାଷା ଏହି ଯାଦୁଗରୀ ବିଦ୍ୟାର ପ୍ରମୁଖ ଅସ୍ତ୍ର।

୧୯୮୦ ପରେ ଓଡ଼ିଆ ଗଳ୍ପରେ ଅନେକ ପରିବର୍ତ୍ତନ ଦେଖାଯାଏ। ଯେଉଁଥିରେ ଭାଷା ଚିତ୍ରକଳ୍ପ ଓ ଉପମା ଆଦି ଶୈଳୀରେ ଅନେକ ବିକାଶ ଘଟିଛି। ବିଶେଷତଃ ଲେଖକମାନେ ନିଜ ରଚନାରେ ଦୃଶ୍ୟ, ଶବ୍ଦ, ସ୍ପର୍ଶ ଓ ଅନୁଭୂତିକୁ ଚିତ୍ରକଳ୍ପ ଜରିଆରେ ଜୀବନ୍ତ ରୂପରେ ଗଢିତୋଳିବାକୁ ଚେଷ୍ଟା କରନ୍ତି। ସେଥିରେ ଭରି ରହିଥାଏ,

ଜୀବନର ଅର୍ନ୍ତନିହିତ ଯନ୍ତ୍ରଣା, ଦୁଃଖ, ଶୋକ, ଘାତ ପ୍ରତିଘାତ ସଂଘର୍ଷ ଆଦିର ମୂଲ୍ୟବୋଧ। ଯେଉଁଥିରେ ମନୋଜ ଦାସ, ମହାପାତ୍ର ନୀଳମଣି ସାହୁ, ବୀଣାପାଣି ମହାନ୍ତି, ଯଶୋଧରା ମିଶ୍ର, ହୃଷୀକେଶ ପଣ୍ଡା, ଗିରୀଶ ଚନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ପରିଡା, ରାମଚନ୍ଦ୍ର ବେହେରା, ରତ୍ନାକର ଚଇନି, ସରୋଜିନୀ ସାହୁ, ଅଭୟ ବାରିକ୍, ପବିତ୍ର ପାଣିଗ୍ରାହୀ, ଜୟନ୍ତୀ ରଥ, ପରେଶ କୁମାର ପଟ୍ଟନାୟକ, ଦାଶ ବେନହୁର ଆଦିଙ୍କ ଗଳ୍ପରେ ଏହି ଶୈଳୀ ଅଧିକମାତ୍ରାରେ ଦେଖିବାକୁ ମିଳେ।

ଓଡ଼ିଆ ଗଳ୍ପ ସାହିତ୍ୟର ବିକାଶ ଏକ ଅବିରତ ଗତିଶୀଳ ପ୍ରକ୍ରିୟା। ୧୯୮୦ ପରବର୍ତ୍ତୀ ସମୟରେ ଓ ସାମାଜିକ ସ୍ଥିତି ଅନୁସାରେ ଗଳ୍ପରେ ଭାଷା, ଶୈଳୀ ଓ ଭାବ ବିନ୍ୟାସ ରୂପାନ୍ତର ହୋଇସାରିଛି। ଏହି ସମୟ ଖଣ୍ଡରେ ଓଡ଼ିଆ ସାହିତ୍ୟଜଗତରେ ଯେଉଁ ନୂତନ ସମ୍ଭାବନା ଦେଖିବାକୁ ମିଳିଲା ତାହା ଆମ ନୈତିକ ଜୀବନକୁ ପ୍ରଭାବିତ କରିବାକୁ ଲାଗିଲା। ଇଂରାଜୀ ଶିକ୍ଷାର ପ୍ରଭାବ, ମାସ୍ ମିଡିଆର ବହୁଳତା, ଇଣ୍ଟରନେଟ୍ ଓ ଜଗତୀକରଣର ପ୍ରଭାବ ଲୋକମାନଙ୍କୁ ଦୈନନ୍ଦିନ ଜୀବନରେ ବିସ୍ତାର କରିଗଲାଣି। 'ଙ୍କରେ ଓଡ଼ିଆ ଗାଳ୍ପିକମାନେ ବୈଦେଶିକ ଭାଷାକୁ ସିଧା ସଳଖ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ବିଶେଷକରି ଜଗଦୀଶ ମହାନ୍ତି, ପ୍ରତିଭା ରାୟ, ଦେବଦାସ ଛୋଟରାୟ, ବସନ୍ତକୁମାର ଶତପଥୀ, ରମାକାନ୍ତ ରଥ, କଇଳାଶ ପଟ୍ଟନାୟକ, ଦାଶ ବେନହୁର, ଗାୟତ୍ରୀ ସରା' ଆଦି ଗାଳ୍ପିକମାନେ ଏହି ଧରଣ ଭାଷା ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଛନ୍ତି। ଏଣୁ ଅଶୀପରବର୍ତ୍ତୀ ଓଡ଼ିଆ ଗାଳ୍ପିକମାନେ ବୈଦେଶିକ ମିଶ୍ରିତ ଭାଷାକୁ ଏକ ଅନିବାର୍ଯ୍ୟ ଆଧୁନିକ ସତ୍ୟ ଭାବେ ଗ୍ରହଣ କରିଛନ୍ତି। ଏହା ଭାଷାର ଅଶୁଦ୍ଧ ବୋଲି ଆମେ କହିପାରିବାନି ବରଂ ସାମାଜିକ ପରିବର୍ତ୍ତନର ସାହିତ୍ୟିକ ଚିତ୍ରଣ କହିବା। ଏହି ପ୍ରୟୋଗ ଓଡ଼ିଆ ଗଳ୍ପକୁ ଅଧିକ ବାସ୍ତବ, ଯୁଗାନୁଯାଇ ବ୍ୟବହାର କୌଶଳର ଶିକ୍ଷା ଦେଇଛି।

## ଉପସଂହାର :

ଅଶୀଦଶକ ପରେ ଓଡ଼ିଆ ଗଳ୍ପ ଆଧୁନିକତାର ବଳୟ ମଧ୍ୟରେ ଅଟକି ନଯାଇ ଏକ ନୂଆ ମନୋଭାବ, ନୂଆ ଅଭିଜ୍ଞତା ଓ ନୂତନ ଅଭିବ୍ୟକ୍ତି ଧାରାକୁ ଗ୍ରହଣ କଲା। ଏବର ଗାଳ୍ପିକମାନେ ସମୟ, ସମାଜ ଓ ମନୁଷ୍ୟ ଜୀବନର ଜଟିଳ ତଥ୍ୟକୁ ଲୋକଲୋଚନରେ ପ୍ରକାଶ କରିବା ପାଇଁ ଯଥା ସମ୍ଭବ ପ୍ରୟୋଗ କଲେ। ବିଶେଷତଃ ମନୋବିଜ୍ଞାନ ଦୃଷ୍ଟିକୋଣ, ମଣିଷର ଏକାକୀପଣ, ଅସ୍ତିତ୍ୱର ସଙ୍କଟ, ନାରୀ ସଚେତନତା, ଜଗତୀକରଣର ପ୍ରଭାବ, ନୂତନ ଜ୍ଞାନ ବିଜ୍ଞାନର ପ୍ରୟୋଗ ଆଦି ଆମେ ଦେଖିବାକୁ ପାଉ। ଫଳରେ ଏଥିରେ ନୂତନ ଭାଷାର ମିଶ୍ରଣ, ଗାଳ୍ପିକମାନେ ନିଜସ୍ୱ ଶୈଳୀଉପରେ ଗୁରୁତ୍ୱଦେବା ଆରମ୍ଭ କଲେ। ଯୁବ ସାହିତ୍ୟିକମାନେ ବିଶ୍ୱାୟନ ଆଡକୁ ଅଗ୍ରସର ହେଲେ। ଯାହା ଦ୍ୱାରା ଉତ୍ତର ଆଧୁନିକ ଚେତନା ସବୁବେଳେ ନୂତନତାକୁ ଅଧିକ ଗ୍ରହଣ କରିବାକୁ ଚେଷ୍ଟା ଜାରିରଖିଲା। ଏହି ନୂତନ ଅନୁଭୂତି ଓ ଶୈଳୀ ଓଡିଆ ଗଳ୍ପକୁ ଅଧିକ ଆଧୁନିକତା, ବାସ୍ତବ ଓ ଜାଗୃତି ଆଡକୁ ପଥ ପଦର୍ଶକ ହେଲା। ଯାହା ଓଡିଆ ସାହିତ୍ୟକୁ ଏକ ନୂତନ ମାନସିକ ଚିନ୍ତା ଓ ଭାଷା ଏବଂ ଭାବଗତ ଶୈଳୀ ପ୍ରତି ଆକୃଷ୍ଟ କରାଇବାରେ ସଫଳ ହେଲା ଏଣୁ,ଏହି ସମୟରେ ଓଡ଼ିଆ ଗଳ୍ପଧାରା ସହ ସାହିତ୍ୟିକ ରୂପାନ୍ତରୀକରଣର ଏକ ମିଳିତ ସନ୍ଧିକାଳ ବୋଲି ଆମେ କହିପାରିବା। ଯାହା ପୁରୁଣା ଭାବନା ଓ ନୂତନ ଚିନ୍ତର ଏକ ସମାନ୍ତରାଳ ପ୍ରତିଛବି ହୋଇପାରିଛି।

## ସହାୟକ ଗ୍ରନ୍ଥସୂଚୀ :


୧. ଖୁଣ୍ଟିଆ, ଡଃ. ବ୍ରହ୍ମାନନ୍ଦ : 'ସ୍ୱାଧୀନତା ପରବର୍ତ୍ତୀ ପ୍ରମୁଖ ଗଳ୍ପସ୍ରଷ୍ଟା' (୧୯୪୭-୨୦୦୦), ନବଦିଗନ୍ତ, ବିନୋଦବିହାରୀ,କଟକ, ୨୦୨୨।

୨. ବାରିକ୍ ସୌରୀନ୍ଦ୍ର : 'ବାମନର ପାଦ', ଅଗ୍ରଦୂତ, ବାଙ୍କା ବଜାର, କଟକ, ୧୯୯୧।

୩. ସାମଲ, ଡଃ. ବୈଷ୍ଣବ ଚରଣ : 'ଓଡ଼ିଆ ଗଳ୍ପ : ଗତି ଓ ପ୍ରକୃତି', ସାଥିମହଲ, ବିନୋଦବିହାରୀ,କଟକ, ୧୯୯୧।

୪. ପଟ୍ଟନାୟକ, ଡଃ. ଦେବୀ ପ୍ରସନ୍ନ ଓ ପ୍ରଧାନ, ଡଃ. କୃଷ୍ଣଚନ୍ଦ୍ର :'ଉତ୍ତର ଆଧୁନିକ ଏକ ପରିଚିତି', ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ- ୨୦୧୬।

୫. ରଥପ୍ରଦୀପକୁମାର : 'ଆଧୁନିକ-ଉତ୍ତର ଆଧୁନିକ ଏକ ତାତ୍ତ୍ୱିକ ଅନୁଶୀଳନ', କ୍ଷଣପ୍ରଭା ପ୍ରକାଶନୀ, କଟକ, ୨୦୧୩।

୬. ଇସ୍ତାହାର : ଅକ୍ଟୋବର, ୨୦୧୮।

୭. ଇସ୍ତାହାର : ଅପ୍ରିଲ, ୨୦୧୬।

୮. ନାୟକ କ୍ଷେତ୍ରବାସୀ : 'ଦାଦନ', ପଶ୍ଚିମା ପବ୍ଲିକେଶନ୍, ଭୁବନେଶ୍ୱର – ୨୦୧୩।


❖ ❖ ❖

DOI : https://doi.org/10.5281/zenodo.18181299 ମୂଳ ପ୍ରବନ୍ଧ

# ସାରଳା ମହାଭାରତର କ୍ରିୟା ଆଲୋଚନାର ଧାରା

**ରମେଶ ଚନ୍ଦ୍ର ପ୍ରଧାନ**

**ସଂକ୍ଷିପ୍ତସାର :**

ସାରଳା ମହାଭାରତ ଓଡ଼ିଆ ଭାଷା ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ। ଏହାର ଏକ ବିଶାଳ ଶବ୍ଦଭଣ୍ଡାର ରହିଛି। ଏହି ଶବ୍ଦଗୁଡ଼ିକ ଓଡ଼ିଆ ଭାଷାର ପ୍ରାଚୀନ ବିଭବ। ଶବ୍ଦର ବିଭିନ୍ନ ବିଭାଗ ମଧ୍ୟରୁ କ୍ରିୟା ଏକ ମୁଖ୍ୟ ଅଂଶ। ଏହି ପ୍ରବନ୍ଧରେ ଅଦ୍ୟାବଧି ସାରଳା ମହାଭାରତର କ୍ରିୟାପଦ ବିଷୟରେ ଆଲୋଚନାର ଧାରାକୁ ଦର୍ଶାଯାଇଛି। ଏହା ମହାଭାରତୀୟ କ୍ରିୟାପଦର ସ୍ୱତନ୍ତ୍ର ଆଲୋଚନା ପାଇଁ ଖୋରାକ ପ୍ରସ୍ତୁତି।

**ପ୍ରମୁଖ ଶବ୍ଦାବଳୀ :** ସାରଳା ମହାଭାରତ, କ୍ରିୟାପଦ।

## ଉପକ୍ରମ :

ବର୍ତ୍ତମାନ ପ୍ରଚଳିତ 'ମହାଭାରତ' ଗ୍ରନ୍ଥ ପ୍ରଥମେ 'ଜୟ' ନାମରେ ରଚନା କରାଯାଇଥିଲା। ସେତେବେଳେ ଏହାର କଳେବର ଖୁବ୍ ଛୋଟ ଥିଲା। ପରେ ପରେ ସମୟାନୁସାରେ ଏହାର କଳେବର ବୃଦ୍ଧି ପାଇ ଏକ ବିରାଟ ରୂପ ଧାରଣ କରିଛି। 'ଜୟ' ପରେ ଏହା 'ଭାରତ' ନାମରେ ନିଜର ପରିଚିତି ଅର୍ଜନ କରିଥିଲା। ପ୍ରଥମେ ଏହି ଗ୍ରନ୍ଥ କେବଳ ପାଣ୍ଡବ ଓ କୌରବମାନଙ୍କ ପାରିବାରିକ କାହାଣୀ ମଧ୍ୟରେ ସୀମିତ ଥିଲା। ପରବର୍ତ୍ତୀ କାଳରେ ଏହି ଗ୍ରନ୍ଥ 'ଶତସହସ୍ର ସଂହିତା' ନାମରେ ପରିଚିତ ହେଲା। ଅଷ୍ଟମ ଶତାବ୍ଦୀ ବେଳକୁ ଏହି ଗ୍ରନ୍ଥ ସମଗ୍ର ଭାରତବର୍ଷରେ ଏକ ମହାକାବ୍ୟର ଖ୍ୟାତି ଅର୍ଜନ କରିସାରିଥିଲା। ପାଣ୍ଡବମାନେ କୌରବମାନଙ୍କ ଉପରେ ବିଜୟ ହାସଲ କରିଥିବାରୁ ଏହି ଗ୍ରନ୍ଥର ନାମ ଥିଲା 'ଜୟ'। 'ଜୟ' ଗ୍ରନ୍ଥର ଶ୍ଳୋକ ସଂଖ୍ୟା ଥିଲା ଆଠ ହଜାରରୁ ଦଶ ହଜାର(୮୦୦୦-୧୦୦୦୦) ମଧ୍ୟରେ। 'ଭାରତ' ନାମ ଧାରଣ କରିବା ସମୟରେ ଏହାର ଶ୍ଳୋକ ସଂଖ୍ୟା ଥିଲା ଚବିଶ ହଜାର(୨୪୦୦୦)। ପରବର୍ତ୍ତୀ କାଳରେ 'ମହାଭାରତ' ନାମରେ ପରିଚିତ ହେବାବେଳକୁ ଏହା ଶତସହସ୍ର ଶ୍ଳୋକ ବିଶିଷ୍ଟ ଏକ ବିଶାଳ ମହାନ ଗ୍ରନ୍ଥରେ ପରିଣତ ହୋଇଥିଲା।

ଭାରତର ବିଭିନ୍ନ ଅଞ୍ଚଳରୁ ମହାଭାରତର ଭିନ୍ନଭିନ୍ନ ପୋଥି ମିଳୁଛି। ଉତ୍ତର ଭାରତରୁ ମିଳୁଥିବା 'ମହାଭାରତ' ଗ୍ରନ୍ଥର ଶ୍ଳୋକସଂଖ୍ୟା ବୟାଅଶୀ ହଜାର ଏକଶହ ଛତିଶ(୮୨,୧୩୬) ଥିଲାବେଳେ ଦକ୍ଷିଣ ଭାରତରେ ପଞ୍ଚାନବେ ହଜାର ପାଞ୍ଚଶହ ଛୟାଅଶୀ (୯୫,୫୮୬) ସଂଖ୍ୟକ ଶ୍ଳୋକ ବିଶିଷ୍ଟ ମହାଭାରତ ରଚନା କରାଯାଇଥିବା ଦୃଷ୍ଟିଗୋଚର ହୁଏ। ବର୍ତ୍ତମାନ ପ୍ରଚଳିତ

**ଯୋଗାଯୋଗ :**
**ରମେଶ ଚନ୍ଦ୍ର ପ୍ରଧାନ,** ଗବେଷକ, ଓଡ଼ିଆ ବିଭାଗ, ବିଶ୍ୱଭାରତୀ, ଶାନ୍ତିନିକେତନ, ପଶ୍ଚିମବଙ୍ଗ
**Email :** rameshchandrapradhan186@gmail.com
**ORCID ID :** https://orcid.org/0009-0004-4995-6959

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୮.୨୦୨୫ | ୧୧.୦୯.୨୦୨୫ | ୨୫.୧୦.୨୦୨୫ | ୧.୧୧.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପ୍ରଧାନ, ରମେଶ ଚନ୍ଦ୍ର; ୨୦୨୫। ସାରଳା ମହାଭାରତର କ୍ରିୟା ଆଲୋଚନାର ଧାରା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଜ; ପୃଷ୍ଠା : ୩୨-୩୬।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.18181299
Article No - BPP00355

'ମହାଭାରତ' ଗ୍ରନ୍ଥ ମୁଖ୍ୟତଃ ତିନୋଟି ସ୍ତର ଦେଇ ବିକାଶଲାଭ କରିଛି। ପ୍ରଥମ ସ୍ତରରେ 'ଜୟ', ଦ୍ୱିତୀୟ ସ୍ତରରେ 'ଭାରତ' ଏବଂ ତୃତୀୟ ସ୍ତରରେ 'ମହାଭାରତ'। 'ମହାଭାରତ' ରଚନା ପରମ୍ପରାରେ ଏହି ତିନୋଟି ସ୍ତରର ରଚନାକାଳ ନିର୍ଦ୍ଦିଷ୍ଟ ଭାବେ ନିର୍ଣ୍ଣୟ କରିବା ସମ୍ଭବପର ହୋଇପାରିନାହିଁ ଅଦ୍ୟାବଧି।

ବର୍ତ୍ତମାନ ପ୍ରଚଳିତ 'ମହାଭାରତ' ଗ୍ରନ୍ଥ ଅଠରଟି(୧୮) ପର୍ବରେ ବିଭକ୍ତ। 'ଜୟ' ଗ୍ରନ୍ଥ ରଚନା ସମୟରେ ଏହାକୁ ପର୍ବ ନାମରେ ବିଭାଗୀକରଣ କରାଯାଇନଥିଲା। 'ଭାରତ' ରଚନା ବେଳକୁ ଏହାକୁ ପର୍ବ ନାମରେ ବିଭାଗୀକରଣ କରାଯାଇଥିଲା। ମହାଭାରତ ଗ୍ରନ୍ଥର ମାନବସମାଜ ପ୍ରତି ରହିଥିବା ଉପଯୋଗିତାକୁ ଅନୁଭବ କରି ସମାଜର ବିଜ୍ଞ ପଣ୍ଡିତଗଣ ଏହାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ ଚିନ୍ତା କରିଥିଲେ। ଫଳରେ ବିଭିନ୍ନ ଭାରତୀୟ ପ୍ରାନ୍ତୀୟ ଭାଷାରେ 'ମହାଭାରତ'ର ଅନୁସରଣ ବା ଅନୁବାଦ ରଚନା ଆବଶ୍ୟକ ହେଲା।

ମହର୍ଷି ବ୍ୟାସଦେବ ପ୍ରଥମେ ସଂସ୍କୃତ ଭାଷାରେ ମହାଭାରତ ରଚନା କରିଥିଲେ। ଖ୍ରୀ.ଅ. ସପ୍ତମ-ଅଷ୍ଟମ ଶତାବ୍ଦୀରୁ ଏକାଦଶ-ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଚର୍ଯ୍ୟାଗୀତିକା ରଚନା କରାଯାଇଥିଲା। ଏହା ଏକ ସନ୍ଧି ସମୟ। ଭାଷା କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନର ବେଳ। ଏହି ସମୟ ଖଣ୍ଡରେ ବା ପରେପରେ ବିଭିନ୍ନ ପ୍ରାନ୍ତୀୟ ଭାଷାଗୁଡ଼ିକ ନିଜର ସ୍ୱାତନ୍ତ୍ର୍ୟ ଲାଭ କରିଥିଲେ। ବିଭିନ୍ନ ପ୍ରାନ୍ତୀୟ ଭାଷା ଜନ୍ମ ନେବା ପରେ ସଂପୃକ୍ତ ଭାଷାରେ ନିଜର ସ୍ୱକୀୟତା ଓ ସର୍ଜନଶୀଳତାର ପ୍ରତିଷ୍ଠା ନିମିତ୍ତ କବିମାନଙ୍କ ମଧ୍ୟରେ ଉତ୍ସାହ ଉଦ୍ଦୀପନା ପ୍ରକାଶ ପାଇଲା। ମାତ୍ର ସେମାନଙ୍କ ନିକଟରେ କେବଳ ସଂସ୍କୃତ ସାହିତ୍ୟ ହିଁ ଉତ୍ସ ଭାବରେ ରହିଥିଲା, ଯାହାର ଆଦର୍ଶରେ ସେମାନେ ନିଜଭାଷାରେ ସାହିତ୍ୟ ରଚନା କରିବାକୁ ପ୍ରୟାସ କରିଥିଲେ। ଫଳରେ ସଂସ୍କୃତ ସାହିତ୍ୟର ବହୁଚର୍ଚ୍ଚିତ ଲୋକପ୍ରିୟ ଗ୍ରନ୍ଥମାନ ଯଥା ରାମାୟଣ, ମହାଭାରତ, ଭାଗବତ ଆଦିର ଅନୁବାଦ ବା ଅନୁସରଣରେ ସାହିତ୍ୟ ରଚନା କରିବାକୁ ଆରମ୍ଭ କଲେ।

ପ୍ରଥମେ ଚାଲୁକ୍ୟ ରାଜା ରାଜରାଜ ନରେନ୍ଦ୍ର(ଖ୍ରୀ.ଅ. ୧୦୨୨-୬୩)ଙ୍କ ରାଜତ୍ୱ କାଳରେ ତେଲୁଗୁ ସାହିତ୍ୟର ନାନ୍ନୟା ଭଟ୍ଟ ସଂସ୍କୃତ ମହାଭାରତର ଅବଲମ୍ବନରେ ମହାଭାରତ ରଚନା କରିଥିଲେ। ନାନ୍ନୟା ମହାଭାରତର ଆଦିପର୍ବ, ସଭାପର୍ବ ସମାପ୍ତ କରିଥିଲେ ଏବଂ ବନପର୍ବର ଅଳ୍ପ ଅଂଶ ରଚନା କରି ମୃତ୍ୟୁବରଣ କରିଥିଲେ। ତ୍ରୟୋଦଶ ଶତାବ୍ଦୀରେ ତିକ୍କଣ (ଖ୍ରୀ.ଅ. ୧୨୨୦-୧୩୦୦) ବିରାଟପର୍ବଠାରୁ ଆରମ୍ଭ କରି ଶେଷପର୍ଯ୍ୟନ୍ତ ଅନୁବାଦ କରିଥିଲେ। ଚତୁର୍ଦ୍ଦଶ ଶତାବ୍ଦୀରେ କବି ଏରାନ୍ନା ତୃତୀୟ ପର୍ବର ବାକି ରହିଥିବା ଅଂଶତକ ଅନୁବାଦ କରି ତେଲୁଗୁ ମାହାଭାରତ ସଂପୂର୍ଣ୍ଣ କରିଥିଲେ। ଖ୍ରୀଷ୍ଟିୟ ଦ୍ୱାଦଶ ଶତାବ୍ଦୀଠାରୁ ଚତୁର୍ଦ୍ଦଶ ଶତାବ୍ଦୀ ମଧ୍ୟରେ କନ୍ନଡ଼ ସାହିତ୍ୟରେ ମହାଭାରତ ପ୍ରଣୟନର ପ୍ରୟାସ ହୋଇଥିଲା। ତ୍ରୟୋଦଶ ଶତାବ୍ଦୀର କବି ନାରାଣାପ୍ପା ମହାଭାରତର ଦଶଗୋଟି ପର୍ବ ଅନୁବାଦ କରିଥିଲେ। ଏହା ଏକ ଅସଂପୂର୍ଣ୍ଣ ରଚନା ହେଲେ ହେଁ କନ୍ନଡ଼ ସାହିତ୍ୟରେ ଅତି ପ୍ରଭାବଶାଳୀ ଗ୍ରନ୍ଥ ଭାବରେ ଆଦୃତ।

ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ କୌଣସି ପ୍ରାନ୍ତୀୟ ଭାଷାର ଜଣେ କବି ମହାଭାରତର ସଂପୂର୍ଣ୍ଣ ଅନୁବାଦ କରିପାରିନଥିଲେ। ଓଡ଼ିଆ ଭାଷାରେ ଉତ୍କଳ ବ୍ୟାସ ସାରଳା ଦାସ ଏକା ସଂସ୍କୃତ ମହାଭାରତର ଅନୁସରଣରେ ଏକ ପୂର୍ଣ୍ଣ ମହାଭାରତ ରଚନା କରି ଆଦର୍ଶ ହୋଇପାରିଥିଲେ ଏବଂ ନିଜର ସ୍ୱତନ୍ତ୍ରତାକୁ ପ୍ରତିପାଦିତ କରିଥିଲେ।

ଷୋଡ଼ଶ ଶତାବ୍ଦୀରେ ମାଲାୟାଲମ୍ ସାହିତ୍ୟରେ କବି ଟି. ରାମାନୁଜନ ଏହୁ ତାଚାନ୍(Ezhuttachan) ମହାଭାରତ, ରାମାୟଣ ଓ ଭାଗବତ ଅନୁବାଦ କରିଥିଲେ। ଅନୁବାଦ ହେଲେ ମଧ୍ୟ ଏହି ଗ୍ରନ୍ଥଗୁଡ଼ିକରେ ତାଙ୍କର ମୌଳିକତା ସ୍ପଷ୍ଟ ବାରିହୋଇପଡ଼େ।

ମରାଠୀ ସାହିତ୍ୟରେ କବି ମୁକ୍ତେଶ୍ୱର ଷୋଡ଼ଶ ଶତାବ୍ଦୀରେ କଥିତ ଭାଷାରେ ମହାଭାରତ ପ୍ରଣୟନ କରିଥିଲେ।

ଅହମୀୟା ସାହିତ୍ୟରେ ଷୋଡ଼ଶ ଶତାବ୍ଦୀରେ କବି ରାମସରସ୍ୱତୀ ଆସାମର ରାଜା ନରନାରାୟଣଙ୍କ ପୃଷ୍ଠପୋଷକତାରେ କେବଳ ପଚିଶ ହଜାର ଶବ୍ଦ ବିଶିଷ୍ଟ ମହାଭାରତର ବନପର୍ବ ରଚନା କରିଥିବାର କେତେକ ଆଲୋଚକ ମତ ପ୍ରକାଶ କରନ୍ତି। ସେ ସଂସ୍କୃତ ଭାଷାରେ ପାଣ୍ଡିତ୍ୟ ଲାଭ କରିଥିଲେ ମଧ୍ୟ ଜନସାଧାରଣଙ୍କ ମଧ୍ୟରେ ଆଦୃତ ହେବା ଲକ୍ଷ୍ୟରେ କଥିତ ଭାଷାକୁ ତାଙ୍କ ଗ୍ରନ୍ଥର ଭାଷା ରୂପେ ଗ୍ରହଣ କରିଥିଲେ।

ପ୍ରାୟ ଷୋଡ଼ଶ ଶତାବ୍ଦୀରେ ବଙ୍ଗଳା ଭାଷାରେ କାଶୀରାମ ଦାସ ବିରାଟ ପର୍ବର କିଛିଅଂଶ ରଚନା କରିବା ପରେ ମୃତ୍ୟୁପଥର ଯାତ୍ରୀ ହୋଇଥିଲେ। ଅବଶିଷ୍ଟାଂଶ ତାଙ୍କର ଭାଇ ବା ପୁତୁରା ପୂର୍ଣ୍ଣ କରିଥିଲେ। ପଞ୍ଜାବୀ ସାହିତ୍ୟରେ ୧୭୪୮

ଖ୍ରୀଷ୍ଟାବ୍ଦରେ କୃଷ୍ଣଲାଲ ପଞ୍ଜାବୀ ଭାଷାରେ ମହାଭାରତ ରଚନା କରିଥିଲେ । ହିନ୍ଦୀ ସାହିତ୍ୟରେ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ କବି ଗୋକୁଳନାଥ ମହାଭାରତ ଅନୁବାଦ କରିଥିଲେ ।

ସାରଳା ଦାସ ନିଜର ଗ୍ରନ୍ଥ ରଚନା ବିଷୟ 'ଚଣ୍ଡିପୁରାଣ'ରେ ସୂଚନା ଦେଇ ଲେଖିଛନ୍ତି-

"ପ୍ରଥମେ ଶ୍ରୀ ରାମାୟଣ ଦ୍ୱିତୀୟେ ଭାରତ
ତୃତୀୟେ ଲିଖନ କଲି ଶିରୀ ଭାଗବତ" ।
(ଚଣ୍ଡିପୁରାଣ)

ଉପଯୁକ୍ତ ପଦସ୍ଥ 'ଶ୍ରୀ ରାମାୟଣ'କୁ ବିଭିନ୍ନ ସମାଲୋଚକ 'ବିଚିତ୍ର ରାମାୟଣ' ବା 'ବିଲଙ୍କା ରାମାୟଣ' ବା କେହି କେହି ଉଭୟ ବୋଲି ମତ ପ୍ରକାଶ କରିଛନ୍ତି । ଗଭୀର ଗବେଷଣା କରି ଅଧିକାଂଶ ସମାଲୋଚକ ଏହାକୁ 'ବିଚିତ୍ର ରାମାୟଣ' ବୋଲି ପ୍ରମାଣ କରିଛନ୍ତି ଏବଂ ଗ୍ରହଣ କରିଛନ୍ତି । ସଚ୍ଚିଦାନନ୍ଦ ମିଶ୍ର 'ସାରଳାଦାସ: ଏକ ଅଧ୍ୟୟନ' ପୁସ୍ତକରେ 'ସିଦ୍ଧେଶ୍ୱର ଦାସଙ୍କ ବିଚିତ୍ର ରାମାୟଣ' ନାମରେ ଏକ ପ୍ରବନ୍ଧ ରଚନା କରି ଏହା ସାରଳା ଦାସଙ୍କର ଆଦିଗ୍ରନ୍ଥ ବୋଲି ପ୍ରମାଣ କରିଛନ୍ତି । ପ୍ରଫେସର ନଟବର ଶତପଥୀ 'ଭାଷାବିମର୍ଷ' ପୁସ୍ତକରେ 'ଓଡ଼ିଆ ଆଦିକାବ୍ୟ', 'ଆଦିକବିଙ୍କ ଆଦିଭାଷା' ଶୀର୍ଷକରେ ଦୁଇଟି ପ୍ରବନ୍ଧ ରଚନା କରିଛନ୍ତି । ପ୍ରବନ୍ଧ ଦୁଇଟି ସଚ୍ଚିଦାନନ୍ଦ ମିଶ୍ରଙ୍କ ପ୍ରଦତ୍ତ ତଥ୍ୟ ଉପରେ ନିର୍ଭରଶୀଳ ହୋଇଛି । ଦ୍ୱିତୀୟ ପ୍ରବନ୍ଧଟିରେ 'ବିଚିତ୍ର ରାମାୟଣ'ର ଭାଷା ପ୍ରାକୃତ ଭାଷାର ନିକଟବର୍ତ୍ତୀ ବୋଲି ଆଲୋଚନା ମାଧ୍ୟମରେ ଦର୍ଶାଇଛନ୍ତି । ଅଧ୍ୟାପକ ରଘୁନାଥ ପାଢ଼ୀ ଶର୍ମା ନବରବି- ୧୯୭୦-୭୧, ୧/୫ ରେ 'ସାରଳା ଦାସଙ୍କ ଆଦିଗ୍ରନ୍ଥ- ବିଚିତ୍ର ରାମାୟଣ' ଶୀର୍ଷକରେ ପ୍ରବନ୍ଧ ରଚନା କରି ଏହି ମତକୁ ସମର୍ଥନ କରିଛନ୍ତି । 'ଲକ୍ଷ୍ମୀନାରାୟଣ ବଚନିକା' ଶୀର୍ଷକରେ ମଧ୍ୟ ସାରଳା ଦାସଙ୍କ ନାମରେ ଏକ କ୍ଷୁଦ୍ର ରଚନା ମିଳିଥିବାର କେତେକ ଗବେଷକ ମତପୋଷଣ କରନ୍ତି । ଅତଏବ ସାରଳା ଦାସ 'ବିଚିତ୍ର ରାମାୟଣ', 'ମହାଭାରତ', 'ଚଣ୍ଡିପୁରାଣ'ର ରଚୟିତା । ଏହି ଗ୍ରନ୍ଥଗୁଡ଼ିକ ମଧ୍ୟରେ 'ମହାଭାରତ' ଶ୍ରେଷ୍ଠ ଓ ସର୍ବବୃହଦାକାର ରଚନା ।

ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷା ତାର ଏକ ନିର୍ଦ୍ଦିଷ୍ଟ ସ୍ୱତନ୍ତ୍ର ରୂପ ପ୍ରାପ୍ତ ହୋଇସାରିଲାଣି । ସାରଳା ଦାସ ଏହି ସମୟରେ 'ମହାଭାରତ' ପରି ଏକ ବିଶାଳ ଗ୍ରନ୍ଥ ରଚନା କରି ଓଡ଼ିଆ ଭାଷାର ମୂଳଦୁଆ ଆହୁରି ଦୃଢ଼ କରିଥିଲେ । ଅର୍ଥାତ୍ ସାରଳା ଦାସ ଓଡ଼ିଆ ଭାଷାର ପ୍ରାଥମିକ ଅବସ୍ଥାରେ ମହାଭାରତ ରଚନା କରିଥିଲେ । ଏହାଙ୍କ ପୂର୍ବରୁ ଓଡ଼ିଆ ଭାଷାର ପ୍ରଚାର କୌଣସି ଗ୍ରନ୍ଥ ରୂପରେ ନଥିଲା କହିଲେ ଚଳେ । ଏହାଙ୍କ ପୂର୍ବେ 'କେଶବ କୋଇଲି', 'ଗୋପୀଭାଷା' ପ୍ରଭୃତି କେତେକ ପୁସ୍ତକ ଛଡ଼ା ଅନ୍ୟ କିଛି ଥିବାର ଜଣାନାହିଁ । ତେଣୁ ସାରଳା ଦାସ ହିଁ ତତ୍କାଳରୁ ଅଦ୍ୟାବଧି ଓଡ଼ିଆ ଭାଷାର ପ୍ରଧାନ ପ୍ରାଥମିକ ପ୍ରବର୍ତ୍ତକ ଓ ପରିପୋଷକ ।

ତେଣୁ ଓଡ଼ିଆ ଭାଷାସାହିତ୍ୟ କ୍ଷେତ୍ରରେ ସାରଳା ମହାଭାରତର ଶବ୍ଦବିଭବର ଆଲୋଚନାର ଗୁରୁତ୍ୱ ଅନୁଭବ ହୁଏ । ସାରଳା ମହାଭାରତର ଶବ୍ଦବିଭବ ଏକ ପ୍ରବନ୍ଧ ମଧ୍ୟରେ ଆଲୋଚନା କରିବା ସମ୍ଭବ ନୁହେଁ । ଏଠାରେ କେବଳ ମହାଭାରତର କ୍ରିୟାପଦ ବିଷୟରେ ବିଭିନ୍ନ ସମୟରେ ହୋଇଥିବା ଆଲୋଚନାର ଧାରାକୁ ଦର୍ଶାଯିବ । ଫଳରେ ପରବର୍ତ୍ତୀ ସମୟରେ ଏ ବିଷୟରେ ଗବେଷଣାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ।

ସାରଳା ମହାଭାରତର ଆଦି ସମାଲୋଚକ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ତାଙ୍କର ପୁସ୍ତକ 'ଶ୍ରୀ ଭାରତ ଦର୍ପଣରେ' ସା.ମ.ର ଭାଷା ସମ୍ପର୍କରେ ଆଲୋଚନା ପ୍ରସଙ୍ଗରେ କ୍ରିୟାପଦ ଉପରେ ସଂକ୍ଷେପରେ ବିଚାର କରିଛନ୍ତି । ତାଙ୍କ ମତଗୁଡ଼ିକ ସଂକ୍ଷେପରେ ଏଠାରେ ଦର୍ଶାଗଲା । ପ୍ରାଚୀନ ଓଡ଼ିଆ ଭାଷାର ଶାବ୍ଦବିଭକ୍ତି ପ୍ରତ୍ୟୟାନ୍ତ ପଦମାନଙ୍କ ପରି କ୍ରିୟା-ବିଭକ୍ତିଯୁକ୍ତ ପଦମାନ ମଧ ତାତ୍କାଳିକ ବ୍ୟାବହାରିକ ଭାଷାର ଅନୁଗୁଣ ଓ ପ୍ରାକୃତାନୁଗତ । ସେହି ସମୟରେ ଓଡ଼ିଆ ଭାଷା ସହ ପ୍ରାକୃତର ସଂସ୍ରବ ଅଧିକ ଥିବାରୁ ସାରଳା ଦାସ ମଧ୍ୟ ବ୍ୟାବହାରିକ ଭାଷାରେ ସଂସ୍କୃତ ଓ ପ୍ରାକୃତାନୁସରଣରେ କେତେକ କ୍ରିୟାପଦର ବ୍ୟବହାର କରିଛନ୍ତି ।

ସା.ମ.ର 'ନ୍ତି', 'ଅନ୍ତି' ପ୍ରତ୍ୟୟର କ୍ରିୟା ସହ ବ୍ୟବହାର ମାଗଧି ପ୍ରାକୃତର ପ୍ରଭାବ ବୋଲି କହିଛନ୍ତି । ସେହିପରି କ୍ରିୟାରେ 'ସି', 'ଅସି' ପ୍ରତ୍ୟୟର ବ୍ୟବହାର ଉଭୟ ସଂସ୍କୃତ ଓ ପ୍ରାକୃତର ପ୍ରଭାବ ବୋଲି କହିଛନ୍ତି । ଏହି ବ୍ୟବହାର ପ୍ରାଚୀନ ଓଡ଼ିଆ ଭାଷାରେ ବିରଳ ନୁହେଁ । ପ୍ରାକୃତରେ ସ୍ଥାନେସ୍ଥାନେ ନିୟମର ବ୍ୟଭିଚାର ଯୋଗୁଁ 'ଇ' ପ୍ରତ୍ୟୟାନ୍ତ କ୍ରିୟାଗୁଡ଼ିକର ଅନିର୍ଦ୍ଦିଷ୍ଟ ରୂପେ ପୁରୁଷ-ବଚନ-ନିର୍ବିଶେଷରେ ଭୂତାଦିକାଳତ୍ରୟରେ ବ୍ୟବହୃତ ହୋଇଥାଏ ।

ସାରଳା ଦାସ ନାମ-ଧାତୁ କ୍ରିୟାଗୁଡ଼ିକର ଅତିସୁନ୍ଦର ବ୍ୟବହାର କରିଛନ୍ତି । ଆହୁରି ମଧ୍ୟ ଏହି ଧରଣର କ୍ରିୟାମାନଙ୍କ

ସଙ୍ଗେ ବିଶୁଦ୍ଧ ଓଡ଼ିଆ ବା ଦେଶିକ ଅର୍ଥାତ୍ ଗ୍ରାମ୍ୟକ୍ରିୟା ପଦଗୁଡ଼ିଏ ସୁଦ୍ଧା ଅବିରଳ ଭାବରେ ବ୍ୟବହାର କରିଛନ୍ତି। କେତେକ ସ୍ଥଳରେ ଧର୍ମପଦ ବା ବିଶେଷ୍ୟ ପଦମାନଙ୍କ ସହ 'କର' ଧାତୁ ପରିବର୍ତ୍ତେ 'ହୋ' ଧାତୁଯୋଗେ କେତେଗୁଡ଼ିଏ ବିଲକ୍ଷଣ କ୍ରିୟାର ସ୍ୱତନ୍ତ୍ର ପ୍ରୟୋଗ କରିଛନ୍ତି। ସାରଳା ଦାସ ନିର୍ମାଣାର୍ଥବୋଧକ 'ଇ' ଓ 'ତ' ପ୍ରତ୍ୟୟାନ୍ତ ଅସମାପିକା କ୍ରିୟାମାନ ଗ୍ରନ୍ଥ ମଧ୍ୟରେ ସର୍ବତ୍ର ଯେଉଁ କ୍ରମରେ ପ୍ରୟୋଗ କରିଛନ୍ତି, ତାହା ସର୍ବଥା ଅନୁକରଣୀୟ।

'ସାରଳା ମହାଭାରତର ଭାଷାତାତ୍ତ୍ୱିକ ଅନୁଶୀଳନ' ପୁସ୍ତକରେ ଡକ୍ଟର ଧନେଶ୍ୱର ମହାପାତ୍ର ମଧ୍ୟ ସା.ମ.ର କ୍ରିୟାପଦଗୁଡ଼ିକର ବିଭାଗୀକରଣ କରିଛନ୍ତି। ଧାତୁଗୁଡ଼ିକର ଉତ୍ପତ୍ତିସ୍ଥଳରେ କେବଳ ପ୍ରାଚୀନରୂପ ଦର୍ଶାଇଛନ୍ତି। ଅତିରିକ୍ତ ଧାତୁବିଭକ୍ତି 'ସି' ଆଦି ବିଭକ୍ତି ପ୍ରତ୍ୟୟ ବିଷୟରେ ଆଲୋଚନା କରିଛନ୍ତି। ବିଭିନ୍ନ କ୍ରିୟାର ଉତ୍ପତ୍ତି ଦର୍ଶାଇବା ସମୟରେ ତାହା କିପରି ପରିବର୍ତ୍ତିତ ହୋଇଛି ତାହା ଦର୍ଶାଇନାହାନ୍ତି, କେବଳ ପରିବର୍ତ୍ତିତ ରୂପକୁ ସୂଚାଇଦେଇଛନ୍ତି।

ବଂଶୀଧର ମହାନ୍ତି 'ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ' ପୁସ୍ତକରେ 'ସାରଳା ସାହିତ୍ୟର ଭାଷା' ପ୍ରବନ୍ଧରେ ଉଭୟ ସଂସ୍କୃତ ଓ ପ୍ରାକୃତ ଭାଷାର କ୍ରିୟା ଗଠନରୀତି ସାରଳା ମହାଭାରତରେ ପରିଦୃଷ୍ଟ ହୋଇଥାଏ ବୋଲି ମତ ପ୍ରଦାନ କରିଛନ୍ତି। ବିଭିନ୍ନ ପ୍ରତ୍ୟୟ ଦ୍ୱାରା ଗଠିତ କେତେକ କ୍ରିୟାପଦର ଉଦାହରଣ ଦେଇଛନ୍ତି। 'ଓଡ଼ିଆ ଭାଷାତତ୍ତ୍ୱର ଭୂମିକା' ପୁସ୍ତକରେ ମଧ୍ୟ ଉପରୋକ୍ତ ପ୍ରସଙ୍ଗ ଆଲୋଚନା କରିଛନ୍ତି।

'ସାରଳା ସାହିତ୍ୟ ପରିକ୍ରମା' ପୁସ୍ତକରେ ସୁରେନ୍ଦ୍ର କୁମାର ମହାରଣା ସା.ମ.ର ବର୍ତ୍ତମାନ କାଳରେ 'ସି' ପ୍ରୟୋଗ, ଅତୀତକାଳରେ 'କ' ପ୍ରୟୋଗ ଏବଂ ଭବିଷ୍ୟତକାଳରେ 'ବି' ସ୍ଥାନରେ 'ମି'ର ପ୍ରୟୋଗ, କେତେକ ସ୍ଥାନରେ ଅସମାପିକା କ୍ରିୟା ସମାପିକା କ୍ରିୟାରୂପେ ବ୍ୟବହୃତ ହୋଇଛି ବୋଲି ଦର୍ଶାଇଛନ୍ତି।

ଗବେଷକ ସତ୍ୟବ୍ରତ ସେଠୀ 'ସାରଳା ମହାଭାରତର ଆଦିପର୍ବରେ କ୍ରିୟାର ବ୍ୟବହାର' ଶୀର୍ଷକ ଗବେଷଣାତ୍ମକ ସନ୍ଦର୍ଭରେ ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ଭାବରେ ସାରଳା ମହାଭାରତୀୟ କ୍ରିୟାପଦଗୁଡ଼ିକର ଆଲୋଚନା କରିଛନ୍ତି। ଏହି ସନ୍ଦର୍ଭରେ ସା.ମ.ର ଆଦିପର୍ବରେ ବ୍ୟବହୃତ ସମାପିକା, ଅସମାପିକା, ଯୌଗିକ, ନାସ୍ତିକରଣ, ସକର୍ମକ, ଅକର୍ମକ କ୍ରିୟା ତଥା କ୍ରିୟାବାଚକ ବିଶେଷଣ ଓ କ୍ରିୟା ବିଶେଷଣ କିପରି ବ୍ୟବହାର ହୋଇଛି, ତାହା ଆଲୋଚନା କରିଛନ୍ତି।

'ଓଡ଼ିଆ ଭାଷାର ମୂଳ: ପ୍ରାକୃତ ଭାଷା' ପୁସ୍ତକରେ ଡ. କଳ୍ପତରୁ ନାୟକ ସା.ମ.ର କେତେଗୁଡ଼ିଏ କ୍ରିୟାର ବ୍ୟୁତ୍ପତ୍ତି ପ୍ରାକୃତ ବ୍ୟାକରଣ ଅନୁସାରେ ଦର୍ଶାଇଛନ୍ତି। ଫଳରେ ପ୍ରାକୃତ କ୍ରିୟା ସହ ଓଡ଼ିଆ କ୍ରିୟା କିପରି ସମ୍ବନ୍ଧିତ ତାହା ସ୍ପଷ୍ଟ ହୋଇଯାଇଛି। ପୂର୍ବର କୌଣସି ଗବେଷକ ଏଭଳି ଆଲୋଚନା କରିଥିବାର ଦେଖାଯାଏନାହିଁ। କେବଳ କ୍ରିୟାପଦଗୁଡ଼ିକର ପ୍ରାକୃତ ରୂପ ଓ ଓଡ଼ିଆ ରୂପ ଦେଖାଇଦିଆଯାଇଥିବା ଦୃଷ୍ଟିଗୋଚର ହୁଏ।

ଡ. ବାବାଜୀ ଚରଣ ପଟ୍ଟନାୟକ 'ସାରଳା ମହାଭାରତରେ ସେକାଳର ଶବ୍ଦ ଓ ତାହାର ବିନ୍ୟାସଭଙ୍ଗୀ' ପୁସ୍ତକରେ ସଉଦାହରଣ କେତେଗୁଡ଼ିଏ ସାରଳା ମହାଭାରତୀୟ ଶବ୍ଦର ଅର୍ଥ ଦର୍ଶାଇବା ପ୍ରସଙ୍ଗରେ କେତେକ କ୍ରିୟାପଦଗୁଡ଼ିକର ଅର୍ଥ ପ୍ରଦାନ କରିଛନ୍ତି।

ଭବିଷ୍ୟତର ଗବେଷକମାନେ ଏହି ବିଷୟରେ ଅଧିକ ଗବେଷଣା କରିବାକୁ ଆଗ୍ରହ ପ୍ରକାଶ କରି ଓଡ଼ିଆ ଭାଷାସାହିତ୍ୟ କ୍ଷେତ୍ରକୁ ସାରଳା ମହାଭାରତର ଶବ୍ଦବିଭବ ବିଷୟରେ ଅଧିକ ଜ୍ଞାନ ପ୍ରଦାନ କରିବାରେ ଏହା ସହାୟକ ହୋଇପାରେ।

**ସହାୟକ ଗ୍ରନ୍ଥସୂଚୀ :**


- ଦାଶ, ସୂର୍ଯ୍ୟନାରାୟଣ। ଓଡ଼ିଆ ସାହିତ୍ୟର ଇତିହାସ (ପ୍ରଥମ ଖଣ୍ଡ), ଗ୍ରନ୍ଥମନ୍ଦିର, କଟକ, ଷଷ୍ଠ ସଂସ୍କରଣ, ୨୦୧୭।
- ନନ୍ଦଶର୍ମା, ଗୋପୀନାଥ। ଶ୍ରୀଭାରତ ଦର୍ପଣ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ, ୧୯୬୪।
- ନାୟକ, କଳ୍ପତରୁ। ଓଡ଼ିଆ ଭାଷାର ମୂଳ: ପ୍ରାକୃତ ଭାଷା, ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ, ୨୦୨୪(ଅଗ୍ରଦୂତ, କଟକ)।
- ପଟ୍ଟନାୟକ, ବାବାଜୀ ଚରଣ। ସାରଳା ମହାଭାରତରେ ସେକାଳର ଶବ୍ଦ ଓ ତାହାର ବିନ୍ୟାସଭଙ୍ଗୀ, ବିଜୟିନୀ ପବ୍ଲିକେଶନ୍ସ, କଟକ, ପ୍ରଥମ ସଂସ୍କରଣ, ୨୦୨୪।
- ମହାନ୍ତି, ଆର୍ତ୍ତବଲ୍ଲଭ(ସଂପା.)। ସାରଳା ମହାଭାରତ, ଓଡ଼ିଶା ସରକାର ସାଂସ୍କୃତିକ ବ୍ୟାପାର ବିଭାଗ, ପ୍ରଥମ ସଂସ୍କରଣ, ୧୯୬୫।

- ମହାନ୍ତି, ବଂଶୀଧର । ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ, ଫ୍ରେଣ୍ଡ୍ସ ପବ୍ଲିଶର୍ସ, କଟକ, ଅଷ୍ଟମ ସଂସ୍କରଣ, ୨୦୧୭ ।
- ମହାନ୍ତି, ବଂଶୀଧର । ଓଡ଼ିଆ ଭାଷାତତ୍ତ୍ୱର ଭୂମିକା, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ, ୧୯୬୯ ।
- ମହାପାତ୍ର, ଧନେଶ୍ୱର । ସାରଳା ମହାଭାରତର ଭାଷାତାତ୍ତ୍ୱିକ ଅନୁଶୀଳନ, ଫ୍ରେଣ୍ଡ୍ସ ପବ୍ଲିଶର୍ସ, କଟକ, ଦ୍ୱିତୀୟ ସଂସ୍କରଣ, ୧୯୯୪ ।
- ମହାରଣା, ସୁରେନ୍ଦ୍ର କୁମାର । ସାରଳା ସାହିତ୍ୟ ପରିକ୍ରମା, ଓଡ଼ିଶା ବୁକ୍ ଷ୍ଟୋର, କଟକ, ତୃତୀୟ ସଂସ୍କରଣ, ୨୦୧୩।
- ମିଶ୍ର, ସଚ୍ଚିଦାନନ୍ଦ । ସରଳାଦାସ ଏକ: ଅଧ୍ୟୟନ,ଗ୍ରନ୍ଥମନ୍ଦିର, କଟକ, ପ୍ରଥମ ସଂସ୍କରଣ, ୨୦୦୬ ।
- ଶତପଥୀ, ନଟବର । ଭାଷା ବିମର୍ଶ, ବିଜୟିନୀ ପବ୍ଲିକେଶନ୍ସ, କଟକ, ପ୍ରଥମ ସଂସ୍କରଣ, ୨୦୨୪ ।
- ସାହୁ, ଉଦୟନାଥ । ପୂର୍ବ-ଭାରତୀୟ ମହାଭାରତ ପରମ୍ପରା, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ, ୨୦୧୩।
- ସେଠୀ, ସତ୍ୟବ୍ରତ । ସାରଳା ମହାଭାରତର ଆଦିପର୍ବରେ କ୍ରିୟାର ବ୍ୟବହାର, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ, ୨୦୨୩।


**ପତ୍ରିକାସୂଚୀ :**


- ଶର୍ମା, ରଘୁନାଥ ପାଢ଼ୀ। ନବରବି, ୧୯୭୦-୭୧, ସଂଖ୍ୟା-୧/୫, ପୃ-୫୯-୬୦ ।


❖ ❖ ❖

DOI : https://doi.org/10.5281/zenodo.18181355 ମୂଳ ପ୍ରବନ୍ଧ

# କ୍ଷଣିକ ଭୋଗସର୍ବସ୍ୱ ଓ ଆତ୍ମଦହନର ପୀଡ଼ା "ଏକା ଏବଂ ଏକା ଏକା"

**ରଞ୍ଜନ କୁମାର ଖଣ୍ଡା**


## ସଂକ୍ଷିପ୍ତସାର :

କବିତା କବିର କଳ୍ପନା ମାତ୍ର । ଏଥିରେ କାବ୍ୟପୁରୁଷ ମନର ଗୋପନ କଥାକୁ ଅତି ସହଜରେ ବ୍ୟକ୍ତ କରିଥାଏ । ଜୀବନର ମୋଡ଼ ଯେଉଁ ଦିଗର ସନ୍ଧାନୀ ହେଲେ ମଧ୍ୟ କୌଣସି ଏକ ଆକର୍ଷଣ ତୀକ୍ଷ୍ଣ ଶଲାକାର ରୂପଧାରଣ କରି ବିଦ୍ଧ କରିଚାଲେ ବ୍ୟକ୍ତିର ସମଗ୍ର ଶରୀରକୁ । ଫଳରେ ବ୍ୟକ୍ତିର ସମସ୍ତ ଭାବନାକୁ ଉଦବେଳିତ କରି ଜୀବନକୁ ଏକ ନୂତନ ଦିଗର ସନ୍ଧାନ ଦିଏ । ଯେଉଁଠି ଅଛି ରୋମାଂଟିକ ଚେତନା ଭରା ଅତୀତ ଓ ଅବଶୋଷର ପରିଧି । ଏହି ପରିଧି ମଧ୍ୟରେ ପ୍ରାପ୍ତି ଓ ଅପ୍ରାପ୍ତିତ୍ୱ ଆଣି ଦେଇଛି ବ୍ୟର୍ଥପୂର୍ଣ୍ଣ ଜୀବନ, ଯାହାର ଅଙ୍କ କେବେବି ପରିବର୍ତ୍ତନ ହୁଏନା । ସେଇ ଲୋଭ, ସେଇ ଭୋଗ ଏବଂ ଆତ୍ମଦହନ ପୀଡ଼ା ତାଙ୍କୁ କବଳିତ କରେ । ଯେତେବେଳେ ଜୀବନର ବାଟରେ ସେ ଏକା ହୋଇପଡ଼ନ୍ତି, ସେଠାରେ ତାଙ୍କୁ ହାତ ଟାଣି ରଖେ କେଉଁ ଏକ ଅଦୃଶ୍ୟ ହାତ । ସେଇ ହାତର ବାସ୍ତବତାକୁ ନେଇ ପରୀକ୍ଷା କରନ୍ତି ।



## ପ୍ରମୁଖ ଶବ୍ଦାବଳୀ :

ଜୀବନର ଦୃଷ୍ଟିଭଙ୍ଗୀ, କ୍ଷଣିକ ଆବେଗ, ଅପ୍ରାପ୍ତିର ଜ୍ୱାଳା, ଆତ୍ମଦହନର ପୀଡ଼ା, ଜୀବନର ଧ୍ୱନ୍, ଅନ୍ତର୍ଭେଦି ନିଷ୍ଠୁର ବାସ୍ତବତା ।


|| ୧ ||

ଆଲୋଚ୍ୟ "ଏକା ଏବଂ ଏକା ଏକା" କବିତା ଗ୍ରନ୍ଥଟି କବିଙ୍କର ଏଇ ଧରଣର ଏକ ସଫଳ କବିତା ଗ୍ରନ୍ଥ । ଯେଉଁଥିରେ ଜୀବନ ଅଛି, ସ୍ୱପ୍ନ ଅଛି ଏବଂ ବାସ୍ତବତା ସହିତ ଜୀବନର ଦୃଷ୍ଟିଭଙ୍ଗୀ ମଧ୍ୟ ଜଡ଼ିତ ଅଛି । ଏହି କବିତା ଗ୍ରନ୍ଥଟି ୧୯୯୬ ମସିହାରେ ପ୍ରକାଶ ପାଏ ସତ, ମାତ୍ର ଏଥିରେ ସ୍ଥାନିତ କବିତା ଗୋଡ଼ିକ ଭିନ୍ନ ସମୟର ରଚନା । ଏବଂ ଏହାର ଏକତ୍ର ସମାଗମ ଏକ ଦ୍ୱିକୋଣୀୟ ଚେତନାର ବାହାକ ସାଜେ । କବିତା ଗ୍ରନ୍ଥଟି ମୋଟ ତିରିଶଟି କବିତାର ସମାହାର । ଏଥିରେ ବହୁ ପ୍ରତୀକ, ଚିତ୍ରକଳ୍ପ,ଓ ରୂପକର ପ୍ରୟୋଗ ହୋଇଥିବାର ଦେଖାଯାଏ । ତତସହିତ କବିତାର ଅନ୍ତରାଳରେ କାବ୍ୟପୁରୁଷଙ୍କର କଳ୍ପଲୋକର ସାଧନା ଯେତିକି ଦେଖାଯାଏ, ତତୋଧିକ ଯୌନକ୍ଷୁଧାର ଚିତ୍ର ପରିଲକ୍ଷିତ ହୁଏ । ଗ୍ରନ୍ଥଟିରେ ସ୍ଥାନିତ ପ୍ରତିଟି କବିତା ଗୋଟିଏ ଗୋଟିଏ ଭାବ ଚେତନା ଆଧାରିତ । ଯେଉଁଠି କାବ୍ୟପୁରୁଷ ବିଶୃଙ୍ଖଳାରେ ଶୃଙ୍ଖଳାର ନିୟତିକୁ ରଖିଛନ୍ତି । ଏବଂ ବ୍ୟକ୍ତିର ଅବଚେତନ ମନରେ ଉଙ୍କିମାରୁଥିବା


ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.18181355

Article No - BPP00356



**ଯୋଗାଯୋଗ : ରଞ୍ଜନ କୁମାର ଖଣ୍ଡା,**
ଓଡ଼ିଆ ଅଧ୍ୟାପକ, ଝାଡ଼େଶ୍ୱର ଜୁନିୟର କଲେଜ,
ଟୋଲକାନୀ, ଯାଜପୁର
Email: ranjankumarkhanda@gmail.com
ORCID ID: :https://orcid.org/0009-0001-9625-2354


This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.


For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୮.୨୦୨୫ | ୧୧.୦୯.୨୦୨୫ | ୨୫.୧୦.୨୦୨୫ | ୧.୧୧.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଖଣ୍ଡା, ରଞ୍ଜନ କୁମାର; ୨୦୨୫ । କ୍ଷଣିକ ଭୋଗସର୍ବସ୍ୱ ଓ ଆତ୍ମଦହନର ପୀଡ଼ା "ଏକା ଏବଂ ଏକା ଏକା" । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : ଜ; ପୃଷ୍ଠା : ୩୭-୪୬ ।

ସମସ୍ତ ଜଟିଳତାର ବିବରଣୀ ପ୍ରଦାନ କରିଛନ୍ତି । କବି ଶ୍ରୀ ରାଓ ବୟସର ପରିଣତ ପ୍ରହରରେ ଉପନୀତ । ରୂପ-ରଙ୍ଗ-ରସ ସବୁ ଫିକା ପଡିଥିଲେ ମଧ୍ୟ ଫିକା ପଡ଼ିନି ମନର ସଂଗୁପ୍ତ ଥିବା ଅବିଚଳିତ ଚେତନା । ଯାହାର ନା ମୃତ୍ୟୁ ଅଛି ନା ଅଛି ମୁକ୍ତି । କେବଳ ଘାସ ଖାଇ ମେଁ ମେଁ କରୁଥିବା ଛେଳି ପରି ଯାନ୍ତବ କ୍ଷୁଧାରେ ସେ ଅତର୍କିତ ହୋଇପଡ଼ନ୍ତି ।

କବି ଶ୍ରୀ ରାଓ କବିତାର ଆଦ୍ୟ ସୋପାନରେ କିଛି ସମୟ ନୀରବ ରହିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ କବିତା ରଚନାରେ ସକ୍ରିୟ ହୋଇ ଉଠିଛନ୍ତି । ତେଣୁ 'ନୂତନ କବିତା' (୧୯୫୫) ଯୁଗ୍ମ ରଚନା ପରେ ନିଜସ୍ୱ କବିତା ସଂକଳନ 'ବିଷାଦ ଏକ ଋତୁ' (୧୯୭୩) ପର୍ଯ୍ୟନ୍ତ ସେ ନୀରବ ହୋଇଥିବାର ଦେଖାଯାଏ । ଏହି ଦୀର୍ଘଯାତ୍ରା ଭିତରେ ତାଙ୍କର କବିତା ଉଭୟ ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ସମ୍ପୂର୍ଣ୍ଣ ଜୀବନବାଦୀ ହୋଇପଡ଼ିଛି, ଏବଂ ଦୀର୍ଘ ଦିନର ଚେତନା ତାଙ୍କର ଏହି ଗ୍ରନ୍ଥରେ ବିକଶିତ ରୂପ ଧାରଣ କରିଛି । ଏଥିରେ ଜୀବନକୁ ନୂଆକରି ଦେଖିବା ଓ ଜୀବନକୁ ଉପଭୋଗ କରିବା ତାଙ୍କର ଏକ ଅହେତୁକ ମନୋଭାବ ପାଲଟି ଯାଇଥିବାର ଦେଖାଯାଏ । ପୁଣି ଜୀବନକୁ ସ୍ୱପ୍ନପୁରୀର ସ୍ୱପ୍ନ ମହଲ ଭିତରେ ଦେଖିବାକୁ ଚେଷ୍ଟା କଲେ । ତେଣୁ ସେ କହନ୍ତି-

> "ସେଠି ଯେଉଁ ହୀରକ ମୀନାର
> ପାଦରେ ତା ମଥା ପିଟେ ସବୁଜ ସାଗର
> ରଚିତ କୁଳାୟ ତହିଁ
> ହେଁ ମୋର ମାନସ କପୋତ, କପୋତୀର ଡେଣାର ଉଷ୍ମ
> ଝଡ଼ରେ ଅବିରତ ତୁଳା ତୁଳା ବୁକୁ ତାର
> ଉଷ୍ମ ଓ ଶ୍ୱେତ ।" (୧)

ଜୀବନକୁ ନିତ୍ୟନୂତନ କରି ଦେଖୁଥିବା କବି ନାରୀଙ୍କୁ ଏଠି ସୌନ୍ଦର୍ଯ୍ୟମୟୀ ଏବଂ ଭୋଗ ବିଳାସର ସାମଗ୍ରୀ ଭାବରେ ଦେଖିଛନ୍ତି, ତେଣୁ ନାରୀର ସୌନ୍ଦର୍ଯ୍ୟରେ କେତେବେଳେ ବିମୋହିତ ହୋଇପଡ଼ନ୍ତି ତ କେତେବେଳେ ସୌନ୍ଦର୍ଯ୍ୟକୁ ନପାଇ ଅପ୍ରାପ୍ତିର ଜ୍ୱାଳାରେ ପୀଡ଼ା ଅନୁଭବ କରିଛନ୍ତି । ତେଣୁ କବି ଶ୍ରୀରାଓଙ୍କର କବିତା ରଚନାର ଆଧାର ହେଉଛି ନାରୀ । ସେ ନାରୀକୁ ଜାୟା-ଜନନୀ-ଭଗିନୀ ରୂପରେ ନଦେଖି ତାକୁ କେବଳ ପ୍ରେମିକା ଭୋଗବିଳାସର ସାମଗ୍ରୀ ଭାବରେ ଦେଖିଛନ୍ତି । ଯିଏ କେବଳ ଆନନ୍ଦ ଦେଇପାରିବ । ତେଣୁ ବିଷାଦ ଏକ ଋତୁ (୧୯୭୩) ଠାରୁ ଆରମ୍ଭ କରି ନିଃଶବ୍ଦ ମୁହାଣ (୨୦୦୭) ପର୍ଯ୍ୟନ୍ତ ସମସ୍ତ କବିତାରେ ସେ ନାରୀର ଅଙ୍ଗ ବର୍ଣ୍ଣନା କରିଛନ୍ତି ।

॥୨॥

"ଏକା ଏବଂ ଏକା ଏକା" କବିତା ଗ୍ରନ୍ଥଟିର ଆଲୋଚନା କାଳରେ ଏହାର ଦ୍ୱିକୋଣୀୟ ଭାବଚେତନାକୁ ଲକ୍ଷ୍ୟ କରିବାକୁ ପଡ଼େ । ପ୍ରଥମତଃ ଏଥିରେ ରୋମାଂଟିକ ଭାବଧାରା, ଯେଉଁଥିରେ ପ୍ରେମ ଅଛି, ଶିହରଣ ଅଛି, ଯୌନ ଚେତନାର ପ୍ରବଳତା ଅଛି । ଏବଂ ଦ୍ୱିତୀୟରେ ବିଷାଦ ତଥା ଆତ୍ମଦହନର ପୀଡ଼ା ଅଛି । ଯେଉଁଠି ଜୀବନକୁ ତନ୍ନ ତନ୍ନ କରି ଦେଖିବାର ଆନନ୍ଦ ଅଛି; ମାତ୍ର ଉପଭୋଗ କରିବାର ପ୍ରବଳତା ନାହିଁ । ଏଥିସହିତ ନୀରବଚ୍ଛିନ୍ନ ଜୀବନ ପରିଣତିର ମହାସୁଅ ଭାସିଯିବାର ଦୃଶ୍ୟ ରହିଛି । କବିତା ଗୋଡ଼ିକରେ ଯେଉଁ ରୋମାଂଟିକ ଭାବ ରହିଛି, ସେଗୁଡ଼ିକ ହେଲା –ମନେପଡ଼େ, 'ଲଟୁ, ଗୋପନ ଯନ୍ତ୍ରଣା, ହାତ, କଲମ, ଆତ୍ମସମର୍ପଣ, କାନ୍ଦ, ଭୁଲିନାହିଁ, ଅଚିହ୍ନା ଅଶ୍ୱାରୋହୀ, ପାପ, ଇଚ୍ଛା, ଏବେବି, ସଂକଳ୍ପ, ମୁହାଣ, ଓଦା ହେବା ମନା, ଆଦି କବିତା । ଏଥିରେ କବି ସେଇ ସତ୍ୟକୁ ଖୋଜିଛନ୍ତି, ଯାହାର ପରସକୁ କାହିଁ କେତେଦିନୁ ହଜାଇ ଦେଇଥିଲେ । ନାରୀର ସୌନ୍ଦର୍ଯ୍ୟରେ ବିଭୋର କବି କବିତା ରଚନାର ପ୍ରାରମ୍ଭରୁ ନାରୀର ଅଙ୍ଗ ବର୍ଣ୍ଣନା ପ୍ରତି କେବେ ବିମୁଖ ହୋଇନାହାନ୍ତି । ଏହି ନାରୀକୁ ନେଇ ଅନେକ କାବ୍ୟ କବିତା ରଚନା କରାଯାଇଛି । କେଉଁଠି ନାରୀକୁ ସମ୍ମାନ ଦିଆଯାଇଛି ତ କେଉଁଠି ନାରୀର ଅଙ୍ଗ ବର୍ଣ୍ଣନା କରାଯାଇଛି । ରୀତିଯୁଗୀୟ କବିମାନଙ୍କର କବିତାରେ ନାରୀର ଅଙ୍ଗ ସଜ୍ଜା, ସ୍ତନ ଯୌବନକୁ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଥିବାର ଦେଖାଯାଇଛି । କବି ଉପେନ୍ଦ୍ର ଭଞ୍ଜ ନାରୀର ସ୍ତନ ଯୁଗଳକୁ କେତେବେଳେ ପୂର୍ଣ୍ଣକୁମ୍ଭ ତ କେତେବେଳେ ଲାଉତୁମ୍ବା ଆଉ କେତେବେଳେ ଶଇଳ ସଦୃଶ ତୁଳନା କରି କହିଛନ୍ତି,-

> "କବି ବିଚାରିଲା ବିଚିତ୍ର ହେଲା ତୁମ୍ବି ବୁଡ଼ିଲା
> ନବୁଡ଼ି ଶଇଳ ସଲୀଳ ଉପରେ ରହିଲା ।"(୨)

ଠିକ ଅନୁରୂପ ଭାବରେ କବି ଭାନୁଜୀ ରାଓ ନାରୀର ଏହି ସ୍ତନ ଯୁଗଳକୁ କୋଣାର୍କ ମୁଣ୍ଡିରେ ଲାଗିଥିବା ଚୁମ୍ବକ ସଦୃଶ ତୁଳନା କରିଛନ୍ତି । ଯାହାର ସମୁଦ୍ରରେ ଭାସୁଥିବା ବୋଇତକୁ ନିଜ ପାଖକୁ ଟାଣି ଆଣିବାର କ୍ଷମତା ଥାଏ । ଠିକ ସେହିପରି ନାରୀର ସ୍ତନ ଯୁଗଳ କୋଣାର୍କର ଚୁମ୍ବକ ସଦୃଶ କବିଙ୍କର ମନକୁ ଅତର୍କିତ କରିଛି ଏବଂ କୂଳରୂପୀ ଶରୀରରେ ଆସି ପୁଣି ଭାଙ୍ଗି ଚୋରମାର ହୋଇଯାଇଛି । ତେଣୁ କବି ନିଜର କବିତାରେ ନାରୀର ସେଇ ସ୍ତନ ପାଖରେ ଅଟକି ଯାଇଛନ୍ତି, ଯାହାର ବର୍ଣ୍ଣନା "ବିଷାଦ ଏକ ଋତୁ" କବିତାରେ ମଧ୍ୟ ପରିଲକ୍ଷିତ ହୁଏ ।

"ତୁମର ସ୍ତନ ଦୁଇଟାକୁ ମୁଁ ଭାବୁଛି ସେ ଦୁହେଁ
ଯେମିତି କୋଣାର୍କର ମୁଣ୍ଡି ଉପରେ ଥିବା ଚୁମ୍ବକ ଆଉ ମୁଁ ସେ
ସୁଦୂରର ବୋଇତ, ଯେ କ୍ରମାଗତ ପାଖେଇ ଆସୁଛି ତୀବ୍ର
ଆକର୍ଷଣରେ ଘୋଷାରି ହୋଇ, ଭାଙ୍ଗି ଚୋରମାର ହୋଇଯିବାକୁ
ତମ ଦେହର ଉପକୂଳରେ ।" (୩)

ସେହିପରି କବି ଜୀବନର ଅପରାହ୍ଣରେ ଦଣ୍ଡାୟମାନ । ଯେଉଁ ସ୍ତନ ଯୁଗଳକୁ କୋଣାର୍କ ଚୂଡାର ଚୁମ୍ବକ ଭାବି ଆକର୍ଷିତ ହୋଇଥିଲେ ଏବଂ ନିଜକୁ ସେଥିରେ ବାନ୍ଧିରଖି ଉନ୍ମତ ହୋଇଉଠୁଥିଲେ, ସେଇ ସ୍ମୃତିକୁ 'ମନେପଡ଼େ' କବିତାରେ ଆହୁରି ସ୍ପଷ୍ଟ କରିଛନ୍ତି । ପୁଣି ତାହାକୁ ନାଲି ବିହୀନ ପଇଡ଼ ଭାବରେ ତର୍କଣା କରି ପରୀକ୍ଷା କରିବାକୁ ଆଗଭର ହୋଇପଡ଼ିଛନ୍ତି । ତେଣୁ ସେ କୁହନ୍ତି,-

"ନାଲି ବିହୀନ କଅଁଳ ପଇଡ଼ ପରି / ଚିକ୍କଣ ତୁମ ଦୁଇ ସ୍ତନରୁ
ଖସି ପଡ଼ିଥିଲା ଲାଜର / ଶେଷ ପଣତ ଟିକକ
ତନ୍ନ ତନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ବି / ତୁମ ଛାତିରେ କୌଣସି ଦୋଷ
ଖୋଜି ପାଇନଥିଲି କିନ୍ତୁ ସେଦିନ ।" (ମନେପଡ଼େ, ପୃ-୧୫)

ନାରୀର ସୌନ୍ଦର୍ଯ୍ୟରେ ଆତ୍ମହରା କବି ପୁଣି ନିଜକୁ ନିହାତି ଫାଲତୁ ମନେ କରିଛନ୍ତି । ନିଜର ସନ୍ଧାନୀ ମନ ତାଙ୍କର ଜାଗି ଉଠିଛି । ପ୍ରିୟାର ଘର ଠିକଣା ନ ପାଇବାର ଦୁଃଖ ତାଙ୍କୁ ଆଛନ୍ନ କରିଛି । ତେଣୁ ସମାଜ ରୂପି ମରୀଚିକାରେ ଘୋରି ବୁଲିଛନ୍ତି । କିନ୍ତୁ ଠିକଣାରେ ପହଂଚିବା ପରେ ପ୍ରିୟାର ବାତାୟନ ପଥକୁ ଚାହିଁ ରହିଛନ୍ତି, ମାତ୍ର ପ୍ରିୟାର ରୂପଚିତ୍ର ପଲକରେ ନପଡ଼ିବାରୁ ଅଭିମାନ କରିବସିଛନ୍ତି । ତେଣୁ ସେ କହିଛନ୍ତି,- "ତୁମର ସମସ୍ତ ସ୍ୱପ୍ନ ଚୂନା ହୋଇଯାଉ ଏହି ମୁହୂର୍ତ୍ତରେ । ତମେ ଆଉ ସ୍ୱପ୍ନରେ ଦେଖିବନି ଜୋଛନାରେ ତିନ୍ତୁଥିବା ଏକୁଟିଆ ନଈ । ତୁମେ ଆଉ ଶୁଣିବନି କୁନି କୁନି ଢେଉଙ୍କ ଉଚ୍ଛାସ ପଡ଼ିରହୁ ପାହାଡ଼ ଦୁଇଟି, ଛାତିକୁ ଆଉଜି । ମୁଁ କେବଳ ଆହତ ଚଢେଇ ପରି ପାରି ହୋଇଯିବି ତୁମ ଦେହର ଉପତ୍ୟାକା ।" ('ାଲତୁ, ପୃ-୧୦) କବି ଶ୍ରୀ ରାଓ ନିଜର ମନରେ ଉଠୁଥିବା ଏହି ଭାବନା ଗୋଡ଼ିକୁ ନିରୁତା ଗଦ୍ୟ ଶୈଳୀରେ ପ୍ରକାଶ କରିଛନ୍ତି । ତେଣୁ ୧୯୬୦ ପରବର୍ତ୍ତୀ ସମୟରେ କବି ମାନେ ଯେଉଁ ଗଦ୍ୟ ଶୈଳୀର ବ୍ୟବହାର କରୁଛନ୍ତି, ତାହାକୁ ଆଲୋଚନା କରିବାକୁ ଯାଇ ନିତ୍ୟାନନ୍ଦ ଶତପଥୀ କୁହନ୍ତି- "ପ୍ରୟୋଗବାଦୀ କବ୍ୟଧାରାରେ ଜୀବନର ଜଟିଳତାକୁ ଭିନ୍ନ ଏକ ଶୈଳୀରେ ଦେଖାଇବା ପାଇଁ ଉତ୍ତର ଷାଠିଏ ପରର କବିମାନେ ଚେଷ୍ଟାରତ । ନିରୁତା ଗଦ୍ୟ ଢାଂଚାରେ କବିତାକୁ ସଜାଡ଼ି ସ୍ୱଭାବନାକୁ ପ୍ରକାଶ କରିଛନ୍ତି । ଏହି ଗଦ୍ୟଶୈଳୀ କ୍ଷେତ୍ରରେ କୁଞ୍ଜବିହାରୀ ଦାସ 'ମଞ୍ଜୁରୀ ଭାବୁଛି', 'ସମୁଦ୍ର ମନ୍ଥନ', ସୀତାକାନ୍ତ ମହାପାତ୍ରଙ୍କ 'ଲଣ୍ଠନ', 'ମଧ୍ୟରାତ୍ରି', କମଳାକାନ୍ତ ଲେଙ୍କାଙ୍କ 'ଉତ୍ତରଣ', ରାଜେନ୍ଦ୍ର କିଶୋର ପଣ୍ଡାଙ୍କ 'ଅନବତାର' ଆଦି ଗୋଡ଼ିକ ରଚିତ ।" (୪) କବି ଶ୍ରୀ ରାଓଙ୍କ କବିତାରେ ମଧ୍ୟ ସେଇ ଗଦ୍ୟଶୈଳୀର ମହକ ଦେଖାଯାଏ, ସେଗୁଡ଼ିକ ହେଲା- 'ପାପୁ ପାଇଁ-ଯେ ସମୁଦ୍ର ଦେଖିନାହିଁ', ଦେହର ଠିକଣା, ପରଶ, କାମନା, ସ୍ତନ, 'ାଲତୁ, ଗୋପନ ଯନ୍ତ୍ରଣା, ଗୋପନ ପୃଥିବୀ, ମୋ ଜହ୍ନ, ଆତ୍ମନେପଦୀ, ପ୍ରେମ, ନିଦ, ମୁହାଣ ଆଦି କବିତା ଗୋଡ଼ିକ ରଚିତ ।

'ଫାଲତୁ' କବିତାରେ କବିଙ୍କ ବିଷର୍ଣ୍ଣ ଭାବ ପ୍ରକଟିତ । ପୁଣି ପ୍ରେମ ଓ ଅଭିମାନ ଭିତରେ ଏକ କୋହଭରା ଆବେଦନଟି ଅତ୍ୟନ୍ତ ଅନୁଭବ୍ୟ । ଏହା ପରେ ପରେ 'ଗୋପନ ଯନ୍ତ୍ରଣା'ରେ ଅପ୍ରାପ୍ତିର ଅଝାଳରେ ଦଣ୍ଡାମାନ କାକ ସଦୃଶ । ଯିଏ ପ୍ରତି ମୁହୂର୍ତ୍ତରେ ରାବୁଥାଏ ଆଉ ସେଇ ଅତୀତର ଦିଗବାରେଣୀର ସ୍ୱରୂପ ମନେ ପକାଇଦିଏ । ବିଗତ ଯୌବନରେ ଯେଉଁ ରୂପକୁ ଦେଖିଥିଲେ, ଯାହାର ମଧୁରିମାକୁ ଉପଭୋଗ କରିଥିଲେ, ବର୍ତ୍ତମାନ ତାର ଅନୁପସ୍ଥିତି କବିଙ୍କୁ ଅତ୍ୟନ୍ତ ପୀଡ଼ା ଦେଇଛି । ତେଣୁ ଅପ୍ରାପ୍ତିର କ୍ଲାନ୍ତମୟ ବକ୍ତବ୍ୟରେ ସେ କହିଛନ୍ତି,-

"ସବୁକିଛି ପାଇଲେ ବି / ଅତୃପ୍ତି ଲାଖିଥାଏ ମନର,
ଗଭୀର ସଭାରେ ।
ଗୋପନରେ ରକ୍ତ ଝରିଯାଏ / ପାଇନାହିଁ ପାଇନାହିଁ ବୋଲି ।
ସେ ଏକ ଅବ୍ୟକ୍ତ ନିଭୂତ ଯନ୍ତ୍ରଣା / ସାନବଡ଼ କ୍ଲାନ୍ତ ହୁଏ,
କ୍ଲାନ୍ତ କ୍ଲାନ୍ତ ହୁଏ ।" ( ଗୋପନ ଯନ୍ତ୍ରଣା, ପୃ-୧୯)

ଏଥିରେ କବିଙ୍କ ମନ ଅତ୍ୟନ୍ତ ବିଚଳିତ ତେଣୁ ସେ ନିଜର ଗୋପନ କଷ୍ଟକୁ ବହୁ ଚିତ୍ରକଳ୍ପ ମାଧ୍ୟମରେ ଦେଖାଇବାକୁ ଚେଷ୍ଟା କରିଛନ୍ତି । ସନ୍ଧ୍ୟା ଉପଗତ ସମୟରେ ଗାଈମାନଙ୍କର ଗୋଠବାହୁଡ଼ା, ହମ୍ବାରଡ଼ି, ଏବଂ ସେଠାରେ ଥିବା ଉଚିଷ୍ଟ ଲୋଭି କୁକୁରଙ୍କ ଚିତ୍ରକଳ୍ପ ଦେଇଛନ୍ତି । ସେହିପରି 'ହାତ' କବିତାଟି କବିଙ୍କର ସମସ୍ତ ପୌରୁଷ୍ୟର ପ୍ରତୀକ । ଯାହାର ସହାୟତାରେ ସମସ୍ତ ବସ୍ତୁକୁ ଆୟତ୍ତ କରିହୁଏ ଓ ନଷ୍ଟଭ୍ରଷ୍ଟ ମଧ୍ୟ କରିହୁଏ । ଏହି ହାତ ସେ ପର୍ଯ୍ୟନ୍ତ ଆୟତ ହୋଇରହିଥାଏ, ଯେ ପର୍ଯ୍ୟନ୍ତ କୌଣସି ହାତରେ ତାହା ନ ପଡ଼ିଥାଏ, ଆଉ ଯେତେବେଳେ ପଡ଼େ ସେତେବେଳେ ପୌରୁଷ୍ୟର ଉଦ୍ଦମତା ଜାଗିଉଠିଥାଏ, ଯାହାକୁ 'ହାତ' କବିତାରେ କବି ସ୍ପଷ୍ଟ କରିଥିବାର ଜଣାପଡ଼େ ।

ସେହିପରି ଅନ୍ୟ ଏକ କବିତା 'କଲମ' କବିଙ୍କର ଶୁଷ୍କ ଚେତନାର ରୂପକାର । କବିଙ୍କ ମନରେ ଥିବା ସଂଗୁପ୍ତ ଚେତନା ବୟସର ଅନ୍ତରାଳରେ ଯେପରି ଶୁଖିଯାଇଛି, ତାହାକୁ ଯେତେ ଛାଟିଲେ ବି ସେ ଫେରିଆସେ ନାହିଁ । ତେଣୁ ପାଖରେ ଥିବା ଅପଦାର୍ଥ କଲମ ଗୋଡ଼ିକୁ ନିଜଠାରୁ ଦୂରେଇ ଦେବାକୁ ଚାହିଁଛନ୍ତି । ଏହି କଲମକୁ ନେଇ ମଧ୍ୟ ଅନେକ ଲୋକଚିତ୍ର ଆଙ୍କିଛନ୍ତି, ମାତ୍ର କବିଙ୍କୁ ଏତେ ସବୁ କଲମ ବୋଝପରି ଲାଗିଛି । ତେଣୁ କଲମ ଭିତରେ ଥିବା କାଳିର ରହସ୍ୟକୁ ସେ ବୁଝିବାକୁ ଅସମର୍ଥ । ଏଥିସହିତ ପ୍ରକୃତିର ବାସ୍ତବତାକୁ ଦେଖି କବି ବିସ୍ମିତ ହୋଇପଡ଼ିଛନ୍ତି । ବୈଶାଖ ମାସରେ ତ ଝଡ଼ ଆସିବା ସ୍ୱଭାବିକ, ସେଇ ଝଡ଼ ପୁଣି କାଳବୈଶାଖୀ ପାଉଲଟିଯାଏ । ଯାହା ଆଗରେ ସମସ୍ତେ ନିର୍ବଳ ହୋଇଯାଆନ୍ତି । କ୍ଷଣିକ ଭିତରେ ଏହି ଝଡ଼ ତାଣ୍ଡବ ରଚି ସବୁକିଛି ଉଲଟ ପାଲଟ କରିଦେଇଛି । ତେଣୁ କବି ପ୍ରକୃତିର ଏହି ବାସ୍ତବତା ସହିତ ନିଜର ଅଚେତନ ମନକୁ ତୁଳନା କରିଛନ୍ତି । ଜୀବନର ଏଇ ରଙ୍ଗୀନ ଅଧ୍ୟାୟରେ ଏହି କଳାବଉଦ ସମସ୍ତ ରଙ୍ଗୀନତ୍ୱକୁ ଫିକା କରି ଦେଇ ଉଦାସର ଫଲଗୁ ବିଛାଇଦିଏ । ତେଣୁ ଏହି ଝଡ଼ର ଭୀଷଣତାକୁ କବି ଭିଷଣକାୟ ବଣୁଆହାତୀ ପଲ୍ଲର ଚିତ୍ରକଳ୍ପ ଦେଇ କହନ୍ତି, -

> "ଶ୍ରାବଣର ପ୍ରଚଣ୍ଡ ବର୍ଷଣ / ମେଘସବୁ ଓହ୍ଲାନ୍ତି
> ବଣୁଆ ହାତୀ ପହ୍ଲପରି / କଳା କଳା ଭୀଷଣ ଦର୍ଶନ ।"
> (କଲମ,ପୃ-୨୭)

'ଆତ୍ମସମର୍ପଣ' କବିତାଟି ରୋମାଂଟିକ ଚେତନାର ବାର୍ତ୍ତା ବହନ କରେ । ଏଠି କାବ୍ୟନାୟକ କବିତାର ଅପେକ୍ଷାରତ । ତାଙ୍କର କବିତା ସଚ୍ଚିଦାନନ୍ଦ ରାଉତଙ୍କ ପ୍ରତିମା ନାୟକ ନୁହେଁକି ଅଳକା ସ୍ୟାନେଲ ମଧ୍ୟ ନୁହେଁ କିମ୍ବା ଗୁରୁବାବୁଙ୍କର ଅଳକା ସ୍ୟାନେଲ ନୁହେଁ । ସେମାନେ ସବୁ ଅପରିକ୍ଷିତ ଗନ୍ଧରେ ଜଡ଼ିତ । ପ୍ରତିମାକୁ କବି ରୋମାଂଟିକ କରିନାହାନ୍ତି କି ସରସ ତଥା ସୌନ୍ଦର୍ଯ୍ୟମୟୀ କରାଇନାହାନ୍ତି, ବରଂ ତାକୁ ଶିର୍ଣ୍ଣ ଗାଲରେ ବ୍ରଣଦୃଷ୍ଟ କରି ଲୋକଲୋଚନକୁ ଆଣିଛନ୍ତି । ତା ପାଖରେ ପ୍ରେମ କରିବା ପାଇଁ ସମୟର ବ୍ୟବଧାନ ମଧ୍ୟ ରଖିନାହାନ୍ତି । ଜାପାନୀ କାଗଜ ଫୁଲ ପରି ଚେହେରା ଭିତରେ ଖାକୀର ପୋଷାକ ସଜେଇ ଦେଇଛନ୍ତି, ତେଣୁ କବି କହିଛନ୍ତି-

> "ମୁଖ ତାର ବ୍ରଣଦୃଷ୍ଟ ହାତରେ ତା ଚମଡ଼ାର ବ୍ୟାଗ୍
> ଶୀର୍ଣ୍ଣ ସାଧା ଗାଲେ ଫୁଟେ ବ୍ୟର୍ଥତାର ଅକପଟ ଦାଗ" (୫)

ପୁଣି କହିଛନ୍ତି-

> "ପ୍ରତିମା ନାୟକ ହସେ ଓଠେ ତାର ସ୍ୱପ୍ନର ଅଭାସ ।
> ମୁହଁରେ ଖାକୀର ହସ ଆଖିରେ ତା ରାତିର ଇସାରା
> ଦୁଇ ପାଖେ ଦ୍ରୁତ ବନ ଗତିମାନ ନକ୍ଷତ୍ରର ଧାରା ।" (୬)

ଠିକ୍ ସେହିପରି କବି ସଚ୍ଚି ରାଉତରାୟ ପୁଣି ଅଲକା ସ୍ୟାନେଲ ପାଖରେ ପହଁଚିଛନ୍ତି, ବିଦେହ ନଗରରୁ ତାକୁ ଅନୁଭବ କରିଛନ୍ତି ପୁନଶ୍ଚ ଚିତ୍ରରଥ ଗନ୍ଧର୍ବ ହାତରୁ ଉଦ୍ଧାର କରି ପୁରସ୍କାର ମଧ୍ୟ ପାଇଛନ୍ତି ଅନେକ । ପୁଣି ସେଇ ନିର୍ଜନ ସୈକତରେ ସେ ଯେପରି ହଜିଯାଇଛି । ଆଉ କବି ସେଠାରେ ନିଜକୁ ହଜାଇ ଦେଇଛନ୍ତି । ତାର ଯୌବନ ଯୌନକ୍ଷୁଧା ପାଲଟି ଯାଇଛି ଆଉ ସେ କବିଙ୍କ ଠାରୁ ଦୂରେଇଯାଇଛି, ଯାହାର ଛାଇ ସୁଧା ବି ସେ ଖୋଜି ପାଉନାହାଁନ୍ତି । ତେଣୁ ସେ କହନ୍ତି-

> "ନିର୍ଜନ ପ୍ରାସାଦେ ଏକ, ଜଡ଼ଉ ସ୍ତଂଭରେ
> ତୁମରି ଧର୍ଷିତ ଛାଇ ଫାଂକି ଦେଇ ଦୃଷ୍ଟି ପ୍ରଦୀପରେ
> କ୍ଷଣକେ ଉଭେଇ ଗଲ, କାହିଁ ଗଲ କାହିଁ ଗଲ ପୁଣି,
> ତୁମ ବିନେ ଦିଶେ ଧରଣୀର ବିଚିତ୍ର ଛାଉଣୀ ।" (୭)

ସେହିପରି ଗୁରୁପ୍ରସାଦ ମହାନ୍ତିଙ୍କ ଅଳକା ସ୍ୟାନେଲ ସେଇ ଯୌନ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ । ସେ ନାରୀକୁ ମଧ୍ୟ ସୌନ୍ଦର୍ଯ୍ୟମଣ୍ଡିତ କରିନାହାନ୍ତି । ଗ୍ରାମ ଠାରୁ ସହର ପ୍ରନ୍ତର ର କେଉଁ ଅଳିଆ ଗଦା ମ୍ନରେ ତାହାର ପ୍ରେମକୁ ଖୋଜିଛନ୍ତି । କିନ୍ତୁ ପାଇପାରିନାହାନ୍ତି ଗଳିକନ୍ଦିର ରୁଗଣ ମାନସିକତା ତାଙ୍କୁ ଆହୁରି ଅତିଷ୍ଟ କରିଦେଇଛି । ତେଣୁ ସେ କହନ୍ତି-

> "ଭଙ୍ଗା ନୂଆଖାଲିରେ ବା କଲିକତା ନୂଆ ଦିଲ୍ଲୀ ଆଡ଼େ
> କାଉ ଆଉ ବାଦୁଡ଼ିର ଚେଁ ଚାଁ, ପୁଣି ଏତେ ଯିବା ଓ ଆସିବା
> କଟକର ଗଳି ଗଳି ରାସ୍ତା ରାସ୍ତା ଛକରେ ଛକରେ
> ରାତିର ପ୍ରସ୍ତୁତି କଷ୍ଟ ସକାଳର ରୁଗ୍ଣ ଜନ୍ମ ନେବା ।"(୮)

ମାତ୍ର ଭାନୁଜୀ ରାଓ ତାଙ୍କର 'ଆତ୍ମସମର୍ପଣ' କବିତାଟିରେ ନିଜର ପ୍ରେୟସୀଙ୍କୁ ସେପରି ଦେଖାଇନାହାନ୍ତି । ତାକୁ ରୁଗ୍ଣ କି ଅଳିଆ ଗଦାରେ ଖୋଜି ନାହାଁନ୍ତି । ସଚ୍ଚି ରାଓଙ୍କ 'ପ୍ରତିମା ନାଏକ'ର ପ୍ରତିମା, 'ଅଳକା ସ୍ୟାନେଲ' ରେ ଅଳକା, ଗୁରୁପ୍ରସାଦଙ୍କ 'ଅଳକା ସ୍ୟାନେଲ'ର ଅଳକା ପରି କବି ଭାନୁଜୀ ରାଓଙ୍କ 'ଆତ୍ମସମର୍ପଣ'ରେ କବିତା ଠିକ୍ ସେହିପରି ଏକ ନାରୀ, ଯାହାର ପ୍ରେମ କରିବାର ଅଭିପ୍ସା ଅଛି, ଜୀବନକୁ ରଙ୍ଗୀନ ଭାବରେ ଦେଖିବାକୁ ଇଛା

ଅଛି । ତେଣୁ ତାର ସେଇ ଇଚ୍ଛାକୁ ପୁରଣ କରିବା ପାଇଁ ଲାଗି ପଡ଼ିଛନ୍ତି । ସେ ଅନେକ ପରିଶ୍ରମ କରିଛନ୍ତି କେବଳ ନିଜର କବିତା ମୁହଁରେ ଟିକେ ହସ ଦେଖିବା ପାଇଁ । ଏଠାରେ କବି ଶ୍ରୀ ରାଓ ସଚ୍ଚିବାବୁ ଓ ଗୁରୁବାବଙ୍କ ପରି ଶୀର୍ଣ୍ଣ କି ଅପନ୍ତାରୁ ନିଜର କବିତାକୁ ଗୋଟାଇ ଆଣି ନାହାନ୍ତି ବରଂ ତାକୁ ସେଥିରୁ ବାହାର କରି ଏକ ସୌନ୍ଦର୍ଯ୍ୟମୟୀ କରି ଗଢିତୋଳିଛନ୍ତି । ଆଉ ସେ ନିଜେ ସହରର ଗଳିକନ୍ଦି ବୋଲାଇବାକୁ ଅପେକ୍ଷା କରିଛନ୍ତି । ଆଉ ସେ ଯେତେବେଳେ ଆସିବ ସାଥିରେ ସଜେଇ ହେବାର ସାମଗ୍ରୀ ମଧ୍ୟ ଧରିଥିବ । ପ୍ରତିମା ନାଏକ ପରି ମଇଳା ଖାକି ନୁହେଁ କି ଅଳକା ସ୍ୟାନେଲର ହ୍ୟାଣ୍ଡବିଲ ନୁହେଁ ବରଂ କବିତା ଯେଉଁ ଭ୍ୟାନିଟି ବ୍ୟାଗ ଧରିଛି, ସେଥିରେ ସାଇତା ହୋଇଛି ଲିପସ୍ଟିକ, ପାନିଆ ଆଉ କଣ୍ଡୋମ । ଏଠି କବି ତାକୁ ଆଧୁନିକା ନାୟିକା ଭାବରେ ଦେଖାଇଛନ୍ତି । ତେଣୁ ସେ କହନ୍ତି,

"କବିତା ମୋ ପାଖରେ / ଅନିଚ୍ଛୁକ ନାରୀର ଶରୀର,
ତା ଦେହରେ ହାତ ଦେଲେ / ଛିଂଚାଡ଼ି ଦିଏ ମୋ ହାତ,
ଆଉ ନିଜେ ଘୁଂଚି ଯାଏ / ଯୋଜନ ଦୂରକୁ ।"
(ଅତ୍ମସମର୍ପଣ, ପୃ-୩୫)

ପୁଣି ସେ କହନ୍ତି,-

"ଭ୍ୟାନିଟି ବ୍ୟାଗରେ ତାର / ବୋଝେ ଲିପିସ୍ଟିକ, ଭ୍ରୂଲତା ପେନସିଲ
ଦର୍ପଣ, ପାନିଆ, ଗୋଲାପି ରୁମାଲ / ଆଉ ଗୋପନରେ ଲୁଚାଇ
ରଖିଛି
ପୁଳାଏ ରଙ୍ଗୀନ କଣ୍ଡୋମ ।" (ଅତ୍ମସମର୍ପଣ, ପୃ-୩୬)

'କାନ୍ଦ' କବିତାଟି ମଧ୍ୟ ଏହି ଭାବ ଚେତନା ଆଧାରିତ । ଏଠାରେ କାନ୍ଦିବା ଏକ ଥିମ୍ ମାତ୍ର, ହେଲେ ଏହି କାନ୍ଦିବାର ଫରକକୁ କବି ଯୌନଚେତନାର ଅନ୍ତର୍ଭେଦି ନିଷ୍ଠୁର ବାସ୍ତବତାକୁ ଦେଖାଇଛନ୍ତି । ଯାହାର ଲୁହରେ ତକିଆଟି ସିନା ଓଦା ହୋଇଥାଏ, କିନ୍ତୁ କାନ୍ଦିବା ଶେଷ ହୁଏ ନାହିଁ । ଯେପରି ଯୌନତାର ତୀବ୍ରତା ସବୁବେଳେ କାନ୍ଦୁଥାଏ । ତାହାର ଏକ ଥିମ୍‌କୁ କବି ଏଥିରେ ଦେଖାଇଛନ୍ତି । ତେଣୁ କବିଙ୍କ ମତରେ,-

"ତୁମେ ଖାଲି କାନ୍ଦୁଥାଅ / ବେଶି ରାତି ହେଲେ,
ଶୁକ୍ଳପକ୍ଷ ଭେଦାଭେଦ ଭୁଲି / ଫୁଲି ଫୁଲି କାନ୍ଦୁଥାଅ ଖାଲି,
ହୃଦୟ ଅଜାଡ଼ି ଦେଇ କାନ୍ଦ / ତକିଆଟା ଓଦା ହୋଇଯାଉ
ଲୁହରେ ଲୁହରେ ।" ( କାନ୍ଦ, ପୃ-୪୩ )

'ଭୁଲିନାହିଁ' କବିତାରେ କବିଙ୍କର ଅତୀଥର ସ୍ମୃତିରେ ମନମନ୍ଥନ ହୋଇଛି । ନିଜର ପ୍ରେମିକାକୁ ମନେ ପକାଇଛନ୍ତି । ନିରୋଳାରେ ଦେଖାହେବ ବୋଲି ହେଲେ ଦିଗନ୍ତର ଲୁଚକାଳି ଖେଳରେ ସେ ଆଉ ଦେଖା ହେଲେ ନାହିଁ । ଏହି ସମୟରେ ତାଙ୍କର କୁମୁଅପାଙ୍କ କଥା ମନେ ପଡ଼ିଛି । କୁମୁଅପା ତାଙ୍କର ବଡ଼ ଦେଇ । ପିଲାବେଳେ ତାଙ୍କୁ ବାଲିଯାତ୍ରା ଦେଖାଇ ନେବାର ପ୍ରତିଶ୍ରୁତି ଦେଇ ଆଉ ନେଇ ନଥିଲେ, ବରଂ ସେ ବାହା ହୋଇଯାଇଥିଲେ । ସେଇ କଥା ମଧ୍ୟ ତାଙ୍କର ମନରୁ ଯାଇନାହିଁ । ଏଠାରେ କବି ନିଜର ପ୍ରେୟସୀକୁ ପାଇବାର ବ୍ୟାକୁଳତା ଦେଖାଯାଏ । ଏହା ପରେ ପରେ ତାଙ୍କର ମନ ଆହୁରି ରୋମାଂଟିକ ହୋଇ ଉଠିଛି ଓ ଏହି ରୋମାଂଟିକ ଚେତନା ଭିତରେ ସେ ପୁଣି ନିଜକୁ ସଜାଡ଼ିବାକୁ ଚାହିଛନ୍ତି, ଅଚିହ୍ନା ଅଶ୍ୱାରୋହୀ, ପାପ, ଏବେବି, ସଂଚକଳ୍ପ, ମୁହାଣ, ଓଦାହେବା ମନା, କବିତା-୨, ଆଦି କବିତା ଗୋଡ଼ିକରେ । ଏଥିରେ ପ୍ରେମର ଅସ୍ପଷ୍ଟତା ବାରି ହେଉଥିଲେ ମଧ୍ୟ କବି ନିଜକୁ ସେଇ ଅସ୍ପଷ୍ଟତା ଭିତରେ ଖୋଜିଛନ୍ତି । କେବଳ ମିଥ୍ୟା ଓ ପ୍ରବଂଚନା ମଧ୍ୟରେ ନିଜକୁ ଆଉଜିଛନ୍ତି । ସମୟର ଆବର୍ତ୍ତନରେ କବିଙ୍କର ଏହି ରୋମାଂଚିତ ହୃଦୟ କ୍ରମଶଃ ଶୀଥିଳ ହୋଇପଡ଼ିଥିବାର ଦେଖାଯାଏ ।

'ଅଚିହ୍ନା ଅଶ୍ୱାରୋହୀ' କବିତାରେ ଭଗ୍ନ ଚେତନାର ଝଲକ ରହିଛି । ଅଶ୍ୱାରୋହୀ ଏକ ପ୍ରତୀକ ମାତ୍ର ଯିଏ ଅଶ୍ୱକୁ ଆୟତ୍ତ କରିଥାଏ । କିନ୍ତୁ ଏହି ଅଶ୍ୱାରୋହୀର କ୍ଷମତା ଲୁପ୍ତ ହୋଇଛି । ଯାହା ଫଳରେ ସେ ଅନ୍ତର୍ଦ୍ଧାନ ହେବାକୟୁ ବାଧ୍ୟ ହୋଇଛନ୍ତି । ଘୋଡ଼ାବି ବାତରେ କାତର ହୋଇ ନିଜର ଚାଲିବାର କ୍ଷମତାକୁ ହରାଇବସିଛି । ତେଣୁ କବି ନିଜର ପ୍ରେନିକାକୁ ଅନ୍ୟ କାହାରିକୁ ଭଲପାଇବା ପାଇଁ କହି ଦୀର୍ଘଶ୍ୱାସ ଛାଡ଼ିଛନ୍ତି । ତେଣୁ ଭଙ୍ଗା କାନ୍ଥର ଇଟା ପରି ତାଙ୍କର ଭଲ ପାଇବା ଏଠି ଭାଙ୍ଗି ଯାଇଛି । ତେଣୁ କବି ଅତ୍ୟନ୍ତ ମ୍ରିୟମାଣ ହୋଇପଡ଼ିଥିବାର ଦେଖାଯାଏ । ଏଥିରେ ଜହ୍ନର ଲାସକଟା ଗଛର ଛାଇ, ଘୋଡ଼ାର ଟାପୁ ଶବ୍ଦ, ସାପର କାତି ଆଦିକୁ ଚିତ୍ରକଳ୍ପ ମାଧ୍ୟମରେ ନିଜର ଉଦବେଳୀତ ଚିତ୍ର ଦେଖାଇଛନ୍ତି । ପାପ କବିତାଟି ସେଇ ପ୍ରତାରିତ ହୃଦୟର ଏକ ବିକୃତ ଚିତ୍ର । ଯେଉଁଥିରେ କେବଳ ନିନ୍ଦା ଅପମାନ ହିଁ ଜଡ଼ିତ ଥାଏ । କବି ଏଠି ଦୃଢ଼ ପ୍ରତିବାଦର ସ୍ୱର ଦେଇଛନ୍ତି । ଯେଉଁ ଧର୍ଷଣକାରୀ ମାନେ ନାରୀର ସ୍ତନ ଓ ଯୋନିକୁ କ୍ଷତାକ୍ତ କରିଦିଅନ୍ତି । ତାହାକୁ କବି କଠୋର ସାମାଲୋଚନା କରି କହିଛନ୍ତି, -

"ପାପ ଅଛି ଧର୍ଷଣରେ / ଉପୁଡ଼ା ସ୍ତନ, ଚିରା ପେଟ, ଆଉ ରକ୍ତାକ୍ତ ଯୋନିର କ୍ଷତ ଚିହ୍ନରେ / ପାପର ଦାଗ ଲାଗିରହିଥାଏ ।। ହେ ଧର୍ଷଣକାରୀ, କୁହ / କେଂଟିଥିଲା ତୁମ ଶୋଷ ନପୁଂସକ ଅନ୍ଧାରରେ ଲୁଚି ?" ( ପାପ, ପୃ-୫୯୮)

ସେହିପରି କବିଙ୍କର ଏହି ପର୍ଯ୍ୟାୟର ଅନ୍ୟ କବିତା ଗୋଡ଼ିକ ହେଲା ଯଥା 'ଏବେବି', 'ସଂକଳ୍ପ', 'ଓଦାହେବା ମନା' ଆଦି କବିତା ଗୁଡ଼ିକରେ ରୋମାଂଟିକ ଚେତନା ସହିତ ବିବାଦୀୟ ଧାରାଟି ରହିଥିବାର ଦେଖାଯାଏ । 'ଏବେବି' ଓ 'ସଂକଳ୍ପ' କବିତା ଦ୍ୱରେ କବି ସ୍ମୃତିଚାରଣ କରୁଥିବାବେଳେ 'ମୁହାଣ' କବିତାରେ କବି ନିଜକୁ ଆହତ ଚଢ଼େଇ ଭାବରେ ପରିକଳ୍ପନା କରିଛନ୍ତି, ଏବଂ ଏଥିରେ କବିଙ୍କର ଯୌବନ ଖଣ୍ଡବିଖଣ୍ଡିତ ହୋଇଛି । 'ଓଦାହେବା ମନା' କବିତାଟିରେ କବି ପୁଣି ଅତିରୋମାଂଟିକ ହୋଇପଡିଛନ୍ତି । ତେଣୁ ପ୍ରେମର ଫଲଗୁ ଯେତେବେଶି ରହିଛି, ସେତେବେଶି ଦହନର ପୀଡ଼ା ଏହି ପର୍ଯ୍ୟାୟରେ ଦେଖିବାକୁ ମିଳେ ।

।। ୩ ।।

'ଏକା ଏବଂ ଏକା ଏକା' କବିତା ଗ୍ରନ୍ଥର ଦ୍ୱିତୀୟ ପର୍ଯ୍ୟାୟରେ କବିଙ୍କର ବିଷାଦ ଭାବ ତଥା ଜୀବନ ଯନ୍ତ୍ରଣାର ସ୍ୱର ପ୍ରକଟିତ । କବି ଏଠାରେ ସୁନ୍ଦର ଜୀବନର ମହକକୁ ହରାଇ ଜୀବନର ଚରମ ସତ୍ୟରେ ଉପନୀତ ହୋଇଥିବାର ଜଣାପଡ଼େ । ସାମ୍ପ୍ରତିକ ସମାଜରେ ଯେଉଁ ଦ୍ରୁତ ଶିଳ୍ପାୟନର ପ୍ରସାର ହୋଇଛି, ତାହାର ପ୍ରତିଫଳନ ଏଥିରେ ଦେଖାଯାଇଛି । ଏହି ପର୍ଯ୍ୟାୟରେ କବିତା ଗୁଡ଼ିକ ହେଲା- 'ନିଃସଙ୍ଗ ନୀଳୟ', 'ଟ୍ରେନ', 'ଜଣେ ନାରୀ', 'ଚୁମ୍ବନ', 'ପ୍ରତୀକ୍ଷା', 'ସମୟ ଓ ମୁଁ', 'ସ୍ୱପ୍ନବିକାଳୀ ଫେରିବାଲା', 'ନିଦ', 'ବାନ୍ଧବୀ ସ୍ମରଣେ', 'ଇଚ୍ଛା', 'ଜହ୍ନ ଫେରାର', 'ଜରା', ଦିଗନ୍ତ, ବାହୁଡ଼ା, 'କବିତା-୨', 'ଏକା ଏବଂ ଏକା ଏକା' ଆଦି କବିତା । ଏହି କବିତାରେ ଜୀବନର ପରିପୂର୍ଣ୍ଣତାର ଝଲକ ଦେଖସାଦିଏ । ଆଉ ବ୍ୟକ୍ତିର ସମସ୍ତ ଲାଳସା ଓ ଭୋଗସର୍ବସ୍ୱ ଲୋପ ପାଏ । ନିଃସଙ୍ଗ ନୀଳୟ ଓ ଟ୍ରେନ କବିତାଦ୍ୱୟ କାବ୍ୟଗ୍ରନ୍ଥର ପ୍ରାରମ୍ଭରେ ସଂକଳିତ । ନିଃସଙ୍ଗ ନୀଳୟ କବିତାରେ କବି ବିଷାଦ କାଳିମା ଭିତରେ ମହାସୁଖର ସନ୍ଧାନ କରିଛନ୍ତି । ଏକାକୀତ୍ୱ ତାଙ୍କୁ ଜରାଗ୍ରସ୍ତ କରିନି ବରଂ ତାଙ୍କର ଉର୍ଜାକୁ ଆହୁରି ଶକ୍ତ କରିଦେଇଛି । ଗୋଟିଏ କୋଠରୀର ପ୍ରତି କୋଣରେ ଏକାକୀତ୍ୱର ଶାନ୍ତିକୁ ପାଇଛନ୍ତି । ମାୟାରୂପୀ ଜହ୍ନମାନେ ତାଙ୍କର ସ୍ୱପ୍ନ ପାଳଟିଛନ୍ତି, ଯାହାକୁ ସେ ଶୋଇ ଶୋଇ ବିବସ୍ତ୍ର ହେଉଥିବାର ଦେଖିଛନ୍ତି । ଏଇ ନିଃସଙ୍କୋଚତା ଆହୁରି ଉଦବେଳିତ କରିଛି । ତେଣୁ ଅନେକ ଭାବନା ଭିତରେ ସେ ବିହ୍ୱଳ ହୋଇ ଉଠିଛନ୍ତି । ତେଣୁ ସେ କହନ୍ତି-

ମୁଁ ଖଟରେ ଶୋଇ ଶୋଇ / ଦେଖୁଥିବି ସମଗ୍ର ବିଶ୍ୱକୁ ।
ଆଖିରେ, ଫୁଟି ଉଠିବ ସାମୁଦ୍ରିକ ନୀଳ ଉଚ୍ଛ୍ୱାସ ।
ସବୁ ଅସମାପ୍ତ ସୂର୍ଯ୍ୟାସ୍ତ । ଧାଡ଼ିବାନ୍ଧି ଆସି ଠିଆ ହେବେ ।
ମାୟାବିନି ଜହ୍ନ ସବୁ / ମୋ ଆଗରେ ବିବସ୍ତ୍ର ହେବେ
ନିଃସଙ୍କୋଚରେ ।

( ଯନିଃସଙ୍ଗ ନୀଳୟ, ପୃ-୭/୮)

ସେହିପରି 'ଟ୍ରେନ' କବିତାରେ କବି ଜୀବନର ଧ୍ୱନିକୁ ଦେଖାଇଛନ୍ତି । ଟ୍ରେନ ଏକ ଚଳନ୍ତା ଗାଡ଼ି । ଯେଉଁଥିରେ ବସି ବ୍ୟକ୍ତି ନିଜର ଠିକଣାରେ ପହଂଚିଥାଏ । ମାତ୍ର ଏଠାରେ ଟ୍ରେନ ଜୀବନ ବାଟର ଏକ ପ୍ରତୀକ । ଆଉ ଏହାର ପେଁ ପେଁ ଶବ୍ଦ ମୃତ୍ୟୁର ବିକଟାଳ ଶବ୍ଦ ସହିତ ତୁଳନୀୟ । ଜୀବନର ସମସ୍ତ ସମୟକୁ କବି ଜନହୀନ ଗାଉଁଲି ଷ୍ଟେସନ, ଅସ୍ତରାଗ ଷ୍ଟେସନ, ବିରହିଣୀ ଷ୍ଟେସନ, ଅନ୍ତରାଳ ଷ୍ଟେସନ ଓ ଯବନିକା ଷ୍ଟେସନ ମଧ୍ୟରେ ବସମାହିତ କରିଛନ୍ତି । ଏଥି ସହିତ ଜୀବନର ସମସ୍ତ ମାୟାବିକାରକୁ ମୋହିନୀ ନାମକ ନଈର ପ୍ରତୀକ ଦେଇ ତାରି ଉପରେ ଗମ ଗମ କରି ଚାଲିଯାଉଥିବା ଟ୍ରେନକୁ ବୟସର ପ୍ରତୀକ ଭାବରେ ତର୍କଣା କରିଛନ୍ତି । କାପୁରୁଷ ଜୀବନର ଆରମ୍ଭକୁ ଜନହୀନ ଗହଳୀ ଭିତରୁ ଆବିଷ୍କାର କରୁଛନ୍ତି ନିଜକୁ । ପୁଣି ବୟସର ଉତ୍ତୀର୍ଣ୍ଣ ପ୍ରହରରେ ନିଜକୁ ଖୋଜି ପାଉଛନ୍ତି ଅସ୍ତରାଗ ଷ୍ଟେସନ ଓ ବିରହିଣୀ ଷ୍ଟେସନ ମଧ୍ୟରେ । ପୁଣି ଅନ୍ତରାଳ ଷ୍ଟେସନରେ ମାୟାକୁ ଛାଡ଼ି ଦିଗନ୍ତକୁ ଚାଲିଯାଇଛନ୍ତି । ଯେଉଁଠି ବ୍ୟକ୍ତିର ସମସ୍ତତା ଲୋପ ପାଇଥାଏ । ତେଣୁ ଏହି ଟ୍ରେନର ଭାଷା ଅନେକ । କେତେବେଳେ କଣ ମଧ୍ୟ କେହି କେହି ବୁଝିପାରନ୍ତି ନାହିଁ । ତେଣୁ ସେ କହନ୍ତି, -

ଟ୍ରେନର ଅନେକ ଭାଷା / କେତେବେଳେ କଣ
ଯେ ସେ ବକେ / ବୁଝିହୁଏ ନାହିଁ ।
ସେ ଏକ ଭାଷାବିତ / ନାନା ଭାଷା ଜାଣେ ।

( ଟ୍ରେନ, ପୃ- ୧୧)

ତେଣୁ ଦିଗବାରେଣୀ ଯାତ୍ରାକୁ କବି ଟ୍ରେନ କବିତା ମାଧ୍ୟମରେ ଦେଖାଇଛନ୍ତି । କବି କେତେବେଳେ ଗାଈଆଳ ଟୋକା ସାଜିଛନ୍ତି ତ କେତେବେଳେ ଯାଦୁଗରୀର ରୂପ ଧାରଣ କରିଛନ୍ତି । ତେଣୁ ତାଙ୍କ ମତରେ ଜୀବନ ଏକ ମାୟା ବା ଯାଦୁ, ଯିଏ ଯେପରି

ଜୀବନକୁ ଦେଖିବ ସେ ସେପରି ପାଇବ । ଏହି ପର୍ଯ୍ୟାୟରେ ଆଉ ଏକ କବିତା ହେଉଛି 'ଜଣେ ନାରୀ' । ଯେଉଁ ନାରୀକୁ ନେଇ ଅନେକ କବି ଓ ଲେଖକ ତାଙ୍କର କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ନାଟକ ଆଦିରେ ଦେଖାଇଛନ୍ତି । ଗାଳ୍ପିକ ନାରୀକୁ କେତେବେଳର ସଂଘର୍ଷକାରୀ (ସୁଲଚନା, ପେଟେଂଟ ମେଡ଼ିସିନ) ଭାବରେ ଦେଖାନ୍ତି ତ କେତେବେଳେ ଉଚ୍ଚ ଶିକ୍ଷିତା କରାନ୍ତି ( ନୀଳ ମାଷ୍ଟ୍ରାଣୀ ) ଆଉ କେତେବେଳେ ପୁଣି ସମୟର ସୁଅରେ ତାହାକୁ ଅବଳ ମ୍ଳ କରିଦିଅନ୍ତି (ଯେପରିକି ରେବତୀ) ଏପରି ଅନେକ । ସେହିପରି ଉପନ୍ୟାସରେ ନାରୀକୁ କୁଚକ୍ରୀ ( ଚମ୍ପା, ଛ ମାଣ ଆଠଗୁଣ୍ଠ ) କେତେବେଳେ ଉତ୍ତମ ଗୃହିଣୀ ତଥା ପବିତ୍ରତା ନାରୀ ( ହାରାବୋଉ, ମାଟିର ମଣିଷ) ତ କେତେବେଳେ ନୀରିହା, ଆଉ କେତେବେଳେ ରାହାବାଳି ( ମାୟା, ଅମଡ଼ାବାଟ) ତ କେତେବେଳେ ଉଗ୍ରପନ୍ଥୀ ଆଉ ମାନବିକ ମୂଲ୍ୟବୋଧର ଚିତ୍ର ଭାବରେ ଉପସ୍ଥାପନ କରାନ୍ତି । ସେହିପରି ନାଟକରେ ନାରୀ ଚରିତ୍ର ର ମଧ୍ୟ ମହତ୍ୱକୁ ଦେଖାଇ ଦିଆଯାଇଛି । ମାତ୍ର କବିତାରେ ନାରୀକୁ ଅନ୍ୟ ଭାବରେ ଦେଖାଇଛନ୍ତି, କେତେବେଳେ ନାରୀକୁ କାମିନୀ କରାଇଛନ୍ତି ତ ଆଉ କେତେବାଳେ ନାରୀକୁ ସାମ୍ୟବାଦର ରୂପରେ ଦେଖାଇଛନ୍ତି । ଆଉ କେତେବେଳେ ନାରୀର ଅଙ୍ଗସଙ୍ଗ ଲାଭର ଲାଳସା ରଖିଛନ୍ତି । ତେଣୁ ନାରୀ ଏକ; କିନ୍ତୁ ଦ୍ରଷ୍ଟା ଅନେକ । ଯିଏ ଯେପରି ଦେଖିଛି ସେ ନାରୀକୁ ସେପରି ଦେଖାଇଛି । ମାତ୍ର ନାରୀର ଏହି ବହୁରୂପ ମଧ୍ୟରେ କବି ତ୍ରସ୍ତ । ନାରୀର ଏହି ଭେଦକୁ ସେ ଜାଣିପାରିନାହାନ୍ତି । କାରଣ ସେ ସ୍ୱୀକାର କରନ୍ତି ଯେ ତାଙ୍କୁ ଯୌବନରେ ଏକାକୀ ବିତାଇବାକୁ ପଡ଼ିଛି । ତେଣୁ ସେ ନାରୀର ଏହି ଭେଦକୁ ଜାଣିବେ ବା କିପରି ? ତେଣୁ କବି କହନ୍ତି –

> "ଜଣେ ନାରି କିନ୍ତୁ ସେ ଅନେକ / କବି ତା ଚାରିପଟେ
> ଗଢ଼ିବୁଲେ ନିଜସ୍ୱ ପୃଥିବୀ ।" ( ଜଣେ ନାରି, ପୃ- ୩୦)

ନାରୀର ଏହି ବିଭିନ୍ନତାକୁ ମଧ୍ୟ ଚୁମ୍ବନ କବିତାରେ ଦେଖାଇଛନ୍ତି । କବି ଯେଉଁ ଭାବରେ ଆଶାବାଦୀ ଥିଲେ ମାତ୍ର ତାହା ସେ ପାଇପାରିନାହାନ୍ତି । ନାରୀର ଅଙ୍ଗ ସ୍ପର୍ଶ କରି ପୁରୁଷ ଯେଉଁ ଆତ୍ମତୃପ୍ତି ପାଏ, ତାହା ସେ ଆଉ କେଉଁଠି ପାଏ ନାହିଁ । କିନ୍ତୁ ଇଏ କଣ କବିଙ୍କ କ୍ଷେତ୍ରରେ ତାହା ହୋଇନାହିଁ । ସେ ନାରୀର ଓଠ, ସ୍ତନ, ଜଙ୍ଘ, କରତଳ ଆଖିପତା, ନାଭି, ପାଦ, ଉଦର ଆଦି ଅଙ୍ଗ ଅନ୍ଧିସନ୍ଧି ସବୁଠି ସେ ଚୁମ୍ବନ ଦେଇଛନ୍ତି, ମାତ୍ର ସେ ପ୍ରକାର ତୃପ୍ତି ପାଇନାହବନ୍ତି । କାରଣ ସେଠାରେ ପରପୁରୁଷର ଗନ୍ଧକୁ ସେ ଅନୁଭବ କରିଛନ୍ତି । ସବୁ ଯେପରି ମାୟା ପାଲଟି ଯାଇଛି ତାଙ୍କ ଆଖି ସାମ୍ନାରେ । ଓଠରେ କବି ଚୁମ୍ବନ ଦେବାବେଳେ ସେଠାରୁ ମୃତ ଶ୍ୱେତ ରଜନୀଗନ୍ଧାର ବାସ୍ନାକୁ ଅନୁଭବ କରିଛନ୍ତି । ସ୍ତନକୁ ଚୁମ୍ବନ କରନ୍ତେ ସେଠାରୁ ସେ ଆଫଟେର-ଶେଭ-ଲୋସନ ମୃଦ ବାସକୁ ଅନୁଭବ କରିଛନ୍ତି । ଜଙ୍ଘକୁ ଚୁମ୍ବନ ଦେବାବେଳେ ସିଗାରେଟ ଧୂଆଁର ଗନ୍ଧରେ ସେ ଅତିଷ୍ଠ ହୋଇପଡ଼ିଛନ୍ତି । ଏଥିସହିତ ପାଦରେ , ଆଖିରେ ଦେହର ସବୁ ଜାଗାକୁ ଚୁମ୍ବନ ଦେବେବେଳେ ସେ କେବଳ ପରପୁରୁଷର ରୁଗୁଣ ଏକ ରୁଢ ଗନ୍ଧକୁ ପାଇଛନ୍ତି । ତେଣୁ ନାରୀ ଯେ କାମିନୀ ତାର କାମନାର ଜ୍ୱାଳାରେ ସମସ୍ତଙ୍କୁ ଜଳାଇ ଦିଏ ତାହାର ବାସ୍ତବତାକୁ କବି ଅନୁଭବ କରିଛନ୍ତି । ତେଣୁ ସେ କହନ୍ତି, –

> "କରତଳ, ଆଖିପତା / ପାଦ, ନାଭି, ଉଦର ଇତ୍ୟାଦି
> ଦେହର ଚୁମ୍ବନ-ଯୋଗ୍ୟ / ଯେତେ ଅନ୍ଧି-ସନ୍ଧି
> କିଛି ଆଉ ବାକି ରଖି ନାହିଁ / ଭରି ଦେଲି ତୁହା ତୁହା
> ଚୁମାରେ ଚୁମାରେ ।
> ପ୍ରାପ୍ତି ମୋର ହେଲା ଖାଲି / ପ୍ରବଳ ଏକ ରୂଢ଼ ଗନ୍ଧ
> ପର-ପୁରୁଷର ।" ( ଚୁମ୍ବନ, ପୃ-୩୧ )

ତେଣୁ କବି ନାରୀର ଏହି ସ୍ୱଭାବକୁ ଦେଖି ହତୋତ୍ସାହ ହୋଇପଡ଼ିଛନ୍ତି । ତେଣୁ ସେ ଖୋଜିଛନ୍ତି ଏମିତି ଏକ ନାରୀକୁ ଯେ ତାଙ୍କୁ ସମସ୍ତ ଖୁସି ଦେଇପାରିବ, ମାତ୍ର ତାହା ହୋଇନାହିଁ । 'ପ୍ରତୀକ୍ଷା' କବିତାଟିରେ ବୟସର ଅପରାହ୍ନର କଥା କୁହାଯାଇଛି । କବି ଏଠାରେ ଏକ କିଶୋରୀକୁ ପତ୍ର ଲେଖିଥରବାର ଦେଖାଯାଏ । ଦିନ ବିତିଯାଏ, ବର୍ଷ ମଧ୍ୟ ଚାଲିଯାଏ ମାତ୍ର ସେହି କିଶୋରୀର ଦେଖା ମିଳେ ନାହିଁ । ପ୍ରତୀକ୍ଷା କରି କରି ତାଙ୍କର ବୟସ ବିତିଯାଏ । ମୁଣ୍ଡର ବାଳ ସବୁ ଝୋଟ ପରି ଧଳା ହୋଇଯାଏ, ଦେହର ବର୍ଣ୍ଣ ଆସ୍ତେ ଆସ୍ତେ ଧୂସର ହୋଇଯାଏ, ଫଳରେ ଅନ୍ୟ କୌଣସି କିଶୋରୀ ତାଙ୍କର ପାଖ ପସନ୍ତନାହିଁ । ତେଣୁ ସେ ନିଜକୁ ଥୁଂଟା ବା ପର୍ଣ୍ଣମୋଚୀ ବୃକ୍ଷ ସଦୃଶ ମନେ କରନ୍ତି । ତେଣୁ ବିବର୍ଣ୍ଣ ତଥା ଧୂସର ବୟସର କଥା ଏହି କବିତାରେ ମୁଖ୍ୟ ବିଷୟ ବସ୍ତୁ ।

ସେହିପରି ତାଙ୍କର ଅନ୍ୟ କବିତା ଗୋଟିକ ମଧ୍ୟରେ 'ସମୟ ଓ ମୁଁ', 'ସ୍ୱପ୍ନ ବିକାଳୀ ଫେରିବାଲା', 'ନିଦ' ଓ 'ବାନ୍ଧବୀ ସ୍ମରଣେ' କବିତାଚୟରେ ଏହି ଭାବାଦର୍ଶରେ ଲିଖିତ । 'ସମୟ ଓ ମୁଁ' କବିତାରେ ସମୟକୁ ଲଗାମ ବିହୀନ ଘୋଡ଼ା ସହିତ ତୁଳନା କରି ନିଜକୁ ସେଥିରେ ଏକ ପଥଚାରୀ ଭାବରେ ତର୍କଣା କରନ୍ତି ।

ସମୟ ସହିତ ସେ ମଧ୍ୟ ଘୋଡ଼ା ପାଲଟି ଯାଆନ୍ତି । ଫଳରେ ପ୍ରେମ କରିବା ପାଇଁ କି କାହାର ଆଖିର ଭାଷା ପଢିବାକୁ ସମୟ ମିଳେନାହିଁ । କିନ୍ତୁ ପ୍ରତୀକ୍ଷାର ବେଳେ ସମୟ ଯେପରି ଛୋଟା ହୋଇଯାଏ । ସେ ଆଉ ଦ୍ରୁତଗତିରେ ଚାଲିପାରେ ନାହିଁ । ତେଣୁ କବି କହନ୍ତି –

କିଛିରେ କଟେ ନାହିଁ / ପ୍ରତିକ୍ଷାର ବେଳ,
ସମୟ ଖୁବ୍ ଧୀରେ ଧୀରେ / ଚାଲେ ସେତେବେଳେ,
ଗୋଡ଼ ତା ଘୋଷାରି ଘୋଷାରି / ସମୟ କଣ ଛୋଟା
ହୋଇଗଲା ? ( ସମୟ ଓ ମୁଁ, ପୃ-୩୭ )

ତେଣୁ ସମୟ ଓ ମୁଁ ପାଖରୁ ଆସି ସେ ଶୋଇ ପ ଡ଼ିବାକୁ ତତ୍ପର । କିନ୍ତୁ ତାଙ୍କୁ ଯେପରି ନିଦ ଆସୁନାହିଁ । ସେ ବିଚଳିତ ଆଉ ତ୍ରସ୍ତ ମଧ୍ୟ । ନିଦ ଭିତରେ ସେ ହଜିଯିବାକୁ ଚାହାଁନ୍ତି । ତାଙ୍କରି ମତରେ ନିଦ ହେଉଛି ଆତ୍ମ-ଅବଲୁପ୍ତିର ପ୍ରଥମ ସୋପାନ ଯେଉଥିରେ ମନୁଷ୍ୟ ନିର୍ବିକାର ଭାବରେ ଶୋଇପଡ଼େ । ଆଉ ଭିନ୍ନ ଏକ ଲୋକକୁ ଗମନ କରେ, ମାତ୍ର ଆଜି ତାଙ୍କର ନିଦ ଆଉ ଆଖିରେ ନାହିଁ । ସତେ ଯେପରି ସେ ତାଙ୍କ ଠାରୁ ଚାଲିଯାଇଛି ଅନେକ ଦୂରକୁ । ଏହିଭଳି ଏକ ମୁହୂର୍ତ୍ତରେ ସେ ନିଜକୁ ଆତ୍ମପ୍ରତ୍ୟୟ କରିଛନ୍ତି, ଯାହା ଏହି କବିତାର ମୁଖ୍ୟ ଭାବବସ୍ତୁ । ଏହାପରେ ସେ ପୁଣି ଚାଲିଯାଇଛନ୍ତି ସ୍ୱପ୍ନ ବିକାଳୀ ଫେରିବାଲା ନିକଟକୁ । 'ସ୍ୱପ୍ନ ବିକାଳୀ ଫେରିବାଲା' କବିତାଟିରେ କବି ନୂତନ ଏକ ଆଶାର ସନ୍ଧାନୀ । ଯିଏ ମେଂଚା ମେଂଚା ସ୍ୱପ୍ନ ଧରି ଅନ୍ଧାରକୁ ଚିରିଚିରି ତାଙ୍କ ନିକଟକୁ ଆସିବାର କଥା ଦେଇଛି । ତେଣୁ କବି ସେଇ ଫେରିବାଲାର ଅପେକ୍ଷାରେ ରହିଛନ୍ତି । ଫେରିବାଲାଟି ଠନ ଠନ୍ ଶବ୍ଦ ଯେପରି ତା' ନିଜ ଆଡ଼କୁ ଆକର୍ଷିତ କରିନେଉଛି । ଝଡ଼ର ତୀବ୍ରତାରେ କବିଙ୍କର ପିନ୍ଧିଥିବା କପଡ଼ାକୁ ଉଡେଇ ନେଇଥିଲେ ମଧ୍ୟ ସେଇ ଫୁଙ୍ଗୁଳା ମୁଣ୍ଡରେ ସ୍ୱପ୍ନ ବିକାଳୀ ଫେରିବାଲା ଆସି ନୂତନ ସ୍ୱପ୍ନର ପସରାକୁ ଥୋଇ ଦେବ । ସେହିପରି ବାନ୍ଧବୀ ସ୍ମରଣେ କବିତାରେ ନିଜ ବାନ୍ଧବୀଙ୍କ ପ୍ରତିକ୍ଷାରେ ରହିଛନ୍ତି । ଆଉ ବାନ୍ଧବୀଙ୍କ ସେଇ ପ୍ରତାରଣାର ଅଝାଳକୁ ନିଜ ମନ ମଧ୍ୟରେ ବାନ୍ଧି ଚାଲିଛନ୍ତି । ତେଣୁ ସେ କହନ୍ତି-

"କଥା ଥିଲା ଆମେ ଯିବା / ସ୍ୱପ୍ନର ବତୀଘର ଦେଖି
ଯେଉଁଠି ଭାସମାନ / ଅଲୌକିକ ଏକ ଜଳଯାନ,
ଶାଶ୍ୱତ ଜ୍ୟୋସ୍ନାରେ / ଇଷତ ଥରୁଛି ଖାଲି ରହି ରହି
ଘନନୀଳ ଜୁଆର ପାଣିରେ ।"(ବାନ୍ଧବୀ ସ୍ମରଣେ, ପୃ-୪୮)

ଏହିପରି ଭାବରେ ତାଙ୍କର ଅନ୍ୟ କବିତା ଗୁଡ଼ିକ ଯଥା- ଇଛା, ଜହ୍ନ ଫେରାର, ଜରା, ବାହୁଡ଼ା, କବିତା-୨ ଓ ଏକା ଏକା ଆଦି କବିତାରେ କବିଙ୍କର ଶୋକ ସନ୍ତପ୍ତ ଓ ଦହନର ତ୍ରିବତା ଦେଖାଯାଏ । ଏଠାରେ କବି ନିଜର ପ୍ରୟେସୀ ପାଇଁ ଯେଉଁ ଇଚ୍ଛା ରଖିଛନ୍ତି ତାହା ସବୁ ପାଣିର ଗାର ପରି ମିଳେଇ ଯାଇଛି ନିଷ୍ଠୁର ସମ୍ୟ ପାଖରେ ତେଣୁ ସେ କେବଳ ଏକା ପାଲଟି ଯାଇଛନ୍ତି । ଜହ୍ନ ଫେରାର କବିତାରେ କବି ଜହ୍ନ ନିକଟରୁ ନାରୀର ଫୁଟିଉଠୁଥିରବା ସୌନ୍ଦର୍ଯ୍ୟର ମାଧୁରିମାକୁ ଅନୁଭବ କରିଛନ୍ତି ପୁଣି ତାର ଚାଲିଯିବା ପରେ ସେ ନାସ୍ତିକ ପାଲଟି ଯାଇଛନ୍ତି ଆଉ ଝୁରି ହୋଇଛନ୍ତି ସେ ଅଦ୍ୱିତୀୟ ବର୍ତ୍ତୁଳ ଜହ୍ନକୁ ଯିଏ ଅବୈଧ ପ୍ରଣୟୀମାନଙ୍କୁ ମତାଉଥିଲା । କିନ୍ତୁ ସେ ଧରାପଡ଼ି ଆଜି ଫେରାର ହୋଇଯାଇଛି । ଆଉ ଫେରିବାର କୌଣସି ଗନ୍ଧବାସନା ମିଳିନାହିଁ । ସେଥିପାଇଁ କବି ଅତ୍ୟନ୍ତ ବିଚଳିତ ହୋଇପଡ଼ିଛନ୍ତି । ସମୟର ସୁଅରେ କବି ଆଜି ଭାସି ଯାଇଛନ୍ତି ବୟସର ଅପରାହ୍ଣ ପାଖକୁ । ଯେଉଁଠି ଜୀବନ କେବଳ ବଟିକା ଉପରେ ନିର୍ଭର କରିଛି । ଦେହର ଅଙ୍ଗ ଗୁଡ଼ିକ ଆଉ ସେପରି ସତେଜ ନାହିଁ । ଅବଶିଷ୍ଟ ଥିବା ଦାନ୍ତ ଗୁଡ଼ିକ ମଧ୍ୟ ହାର୍ମୋନିୟମ୍‌ର ରିଡ଼ି ପରି ଉଠୁଛନ୍ତି ଆଉ ପଡୁଛନ୍ତି । ଆଖିକୁ ମଧ୍ୟ ସେପରି ଭଲ ଭାବରେ ଆଉ ଦେଖାଯାଇନାହିଁ ବାରମ୍ବାର ଚଷମା ବଦଳିବାରେ ଲାଗିଛି । ମୁଣ୍ଡର ବାଳ ସବୁ କାଶତଣ୍ଡି ଫୁଲ ପାଲଟି ଯାଇଛି । ବୟସର ଏହି ଅପରାହ୍ଣରେ କବି ପୁଣି ଦେଖୁଛନ୍ତି ସୁନ୍ଦରୀ ଯୁବତୀମାନେ ଆସି ତାଙ୍କ ପାଖରେ ଜକାଜକି ହୋଇ ବସନ୍ତି,ମାତ୍ର କୌଣସି ବିବ୍ରତ ହେବାର ଚହ୍ନ ସେମାନଙ୍କ ପାଖରେ ଦେଖାଯାଏ ନାହିଁ । ଫେରାର ହୋଇଥିବା ଅଲିଅଳ ଜହ୍ନ ମଧ୍ୟ ଫେରି ଆସି ଅଜା ଅଜା ବୁଲି ସମ୍ବୋଧନ କରନ୍ତି । ତେଣୁ କବି କହନ୍ତି, -

ଦିନେ ଦିନେ ଜହ୍ନ ଆସି /ଠିଆ ହୁଏ ଝର୍କାରେ ମୋର,
ସେଇ ମୋ ଚିହ୍ନା ଜହ୍ନ /ତୋଫା ଗୋରା ଅଲିଅଳ ମୁହଁ
ପଚାରେ,
ଅଜା କଣ ଶୋଇ ପଡ଼ିଲଣି ? ( ଜରା, ପୃ-୭୦)

ତେଣୁ ବାର୍ଦ୍ଧକ୍ୟ ବୟସରେ ମଣିଷର ସବୁ ଇଚ୍ଛା, ଆଉ ଭୋଗ କରିବାର ଲାଳସା ସବୁ ଯେମିତି ମରିଯାଏ । ତାହାକୁ କବି ଏହି 'ଜରା' କବିତାରେ ସ୍ପଷ୍ଟ କରିଛନ୍ତି । 'ଦିଗନ୍ତ' ଓ ବାହୁଡ଼ା କବିତା ଦ୍ୱୟ ଜରା କବିତାର ଅନୁରୂପ ପ୍ରତିଫଳନ । କବି ବୟସର ଉତ୍ତରାର୍ଦ୍ଧରେ ଦଣ୍ଡାୟମାନ । ତେଣୁ ତାଙ୍କର ଆଉ ସେଭଳି କୋଣସି ମନମତାଣିଆ ସ୍ୱର ବାହାରୁ ନାହିଁ କି ସେ ଆଉ ରୋମାଂଚିତ ହୋଇପାରୁନାହାଁନ୍ତି । ଜୀବନର ଶେଷ କେତୋଟି ପାହଚକୁ ଚଢ଼ିବାର

କୌଶଳ କରୁଛନ୍ତି । ଦିଗନ୍ତ କବିତାରେ ଆଖି ପାଉନଥରବା ଦିଗନ୍ତକୁ ନିରିକ୍ଷଣ କରୁଥିବା ବେଳେ ବାହୁଡ଼ା କବିତାରେ ସେ ପାର୍ଥୀବ ଜୀବନର ଶେଷ ହେବା ପରର ଦୃଶ୍ୟ ଦେଖୁଛନ୍ତି । ଯେଉଁଠି ତାଙ୍କୁ ଆଉ କେହି ଆସି ସ୍ୱାଗତ କରୁଥିବାର ଅନୁମାନ କରୁଛନ୍ତି । ଏହି ସମୟରେ ବୋଉର ସ୍ନେହ ବୋଳା ଚିତଉ ଓ ଏଣ୍ଡୁରି ପିଠାକୁ ମଧ ସେ ଅନୁଭବ କରୁଛନ୍ତି । ତେଣୁ ସଏ କହନ୍ତି-

"ହଳଦି ପତ୍ରର ବାସ୍ନାରେ / ଆଚ୍ଛନ୍ନ ଏଣ୍ଡୁରି,
ମୋତେ ଡାକେ, ବୋଉର ସ୍ନେହ-ବୋଳା ସୁସ୍ନିଗ୍ଧ
ଚିତଉ, ମୋ ଲାଗି ଅପେକ୍ଷାରେ ଅଛି ।"
(ବାହୁଡ଼ା, ପୃ- ୭୪)

ଆଉ ଏହି ଭିତରେ ସେ ନିଜ ଜୀବନର ଶେଷ ପରିଣତିକୁ ଦେଖୁଛନ୍ତି । ଯେଉଁଠି ଗାଁ ମୁଣ୍ଡ ବରଗଛ ତାଙ୍କୁ ଅପେକ୍ଷା କରିଛି । ତେଣୁ ପୁଣି ସେ କହନ୍ତି, -

"ସବୁ କ୍ଲାନ୍ତି ଦୂର ହୋଇଗଲା ମୁହୂର୍ତ୍ତକେ,
ଗାଁ-ମୁଣ୍ଡ ବୁଢ଼ା ବରଗଛ ମୋତେ ସ୍ୱାଗତ କରୁଛି
ତାର ଡାଳକୁ ହଲାଇ ।" (ବାହୁଡ଼ା, ପୃ- ୭୫)

ଏହିପରି ଭାବରେ କବି ନିଜର ଏହି ଅର୍ନ୍ତଃଭେଦି ଦହନରେ ଜର୍ଜରିତ । 'କବିତା-୨' କବିତାରେ ନିଜର ସେଇ କବିତାଙ୍କୁ ଖୋଜିଛନ୍ତି । ତାଙ୍କର ଅସ୍ଥି ମଜା ରକ୍ତର କଣିକାରେ କବିତା ବସା ବାନ୍ଧି ରହିଛି । ତାକୁ ଛାଡ଼ି ପାରିନାହାନ୍ତି । କୁମ୍ଭଅପା ଚାଲିଯିବା ପରେ ସେ ସାହାରା ଭାବରେ କବିତାକୁ ପାଇଥିଲେ । ମାତ୍ର ସମୟର ସୁଅରେ ସେ ବି ଆଜି ତାଙ୍କ ପାଖରେ ନାହାନ୍ତି, ତଥାପି ଆଜି ସେଇ ସ୍ମୃତିରେ ସେ ବିଚଳିତ । ମାତ୍ର ଏକା ଏକା କବିତାରେ କବି ଏକାକୀତ୍ୱ ଜୀବନକୁ ଏକ ବୋଝ ବୁଲି କହିଛନ୍ତି । ସମାଜ ସହିତ ନିଜକୁ ବୋହି ବୋହି ଚାଲିବାକୁ ହେବ ଏବଂ ଅସମାପ୍ତ ସମସ୍ତ ଗୋଧୂଳିକୁ ପାରି ହୋଇ ଶେଷରେ ସେଇ ଅନନ୍ତ ଯାତ୍ରା ପାଖରେ ପହଁଚିବାକୁ ହେବ । ଯେଉଁଠିକୁ ଗଲେ କବେ ଆଉଏ ଫେରିହେବ ନାହିଁ । ସାପ କାତି ଛାଡ଼ିଲା ପରି କବି ନିଜର ପୁରୁଣା ପାର୍ଥୀବ ଶରୀରକୁ ଛାଡ଼ି ଯିବାକୁ ପ୍ରସ୍ତୁତ ହୋଇଛନ୍ତି । କାରଣ ଏକା ଏକା ଜୀବନ ଚାଲିବା କେତେ କଷ୍ଟ ତାହା ଚାଲିବା ବାଲା ଜାଣିଥାଏ । ତେଣୁ ସେ କହନ୍ତି –

ସାପ ଛାଡ଼େ ତା ପୁରୁଣା କାତି / ମୁଁ ବି ଛାଡ଼ିବି ମୋର ପୁରାତନ
ସାଥୀ ଏ ଦେହକୁ ।
ସବୁକିଛି ଛାଡ଼ି ଦେଇ / ଚାଲିଯିବି ଦୂର ଦିଗବଳୟ,
ମୋ ଲାଗି ସେଠିଅଛି / ଉଜ୍ଜଳ ସକାଳ ।
ଭୁଲିଯିବି ତିକ୍ତ ବେଦନା ଆଉ / ବ୍ୟର୍ଥ ଅନୁଭବ,
ଦେଖ ଦେଖ ମୁଁ ବୋହୁଛି / ମୋ ନିଜର ଶବ ।
(ଏକା ଏକା , ପୃ-୮୦ )

ଏକା ଏବଂ ଏକା ଏକା କବିତା ଗ୍ରନ୍ଥଟିର ଏହି କବିତାଟି ହେଉଛି ଶେଷ କବିତା । ଏଥରରେ କବି ନିଜର ସମସ୍ଥ ବ୍ୟର୍ଥ ଜୀବନକୁ ଆଉ ରଖିବାକୁ ପ୍ରସ୍ତୁତ ନୁହଁନ୍ତି । ତେଣୁ ସମୟ ସହିତ ଏହି ଜୀବନକୁ ମଧ ଶଧେଷ କରିଦେବାକୁ ଚାହାନ୍ତି । ଆଉ ନିଶେଃଷ ହୋଇଯିବାକୁ ଚାହାନ୍ତି ସବୁଦିନ ପାଇଁ । ଏକ ନୂତନ ସକାଳ ପାଇଁ ସେ ଅପେକ୍ଷା କରନ୍ତି । ଯେଉଁଠି ତାଙ୍କୁ ସ୍ୱାଗତ କରୁଥିବେ । ତେଣୁ କବିଙ୍କର ଏହି ଖିଆଲି ମନୋଭାବ ଅତ୍ୟନ୍ତ ଆବେଗ ଦାୟକ । କାରଣ କବି ଏଥିରେ ନିଜକୁ ଦେଖିବା ସହିତ ନିଜର ସମସ୍ତ ପରିବେଷ୍ଟନିକୁ ଦେଖାଇଛନ୍ତି । ଗୋଟିଏ ପରେ ଗୋଟିଏ କବିତାରେ ନିଜର ଅନ୍ତରର ଭାବନା ଗୋଡ଼ିକୁ ଦେଖାଇ କିଭଳି ନିଜେ ଆତ୍ମଦହନନରେ ଦହିତ ହୋଇଛନ୍ତି ତାହାକୁ ଏଥିରେ ବର୍ଣ୍ଣିତ ।

ପରିଶେଷରେ ଏତିକି କୁହାଯାଇପାରେ ଯେ କବି ଭାନୁଜୀ ରାଓ ଜଣେ ବିରାମଲକ୍ଷ କବି । ନିଜ ଜୀବଦଶା ଭିତରେ ସେ ଯେଉଁ ପ୍ରେମକୁ ଖୋଜିଛନ୍ତି ତାହାକୁ ପାଇବା ପାଇଁ ଯେଉଁଭଳି ବ୍ୟାକୁଳ ହୋଇଛନ୍ତି ମାତ୍ର ତାହାକୁ ସେ ପାଇପାରିନାହାନ୍ତି, ଆଉ ଶେଷରେ ଜରା, ବ୍ୟାଧି ଦେଇ ଜୀବନର ଶେଷ ଯାତ୍ରା କରିବାକୁ ପ୍ରସ୍ତୁତ ହୋଇଛନ୍ତି । ତେଣୁ ସମଗ୍ର କବିତା ଗ୍ରନ୍ଥଟିର ଆଲୋଚନା କାଳରେ ରୋମାଂଟିକ ଭାବଧାରା ଓ ବିଷାଦ ତଥା ଆତ୍ମଦହନର ପୀଡ଼ା ଦେଖିବାକୁ ମିଳେ । ଏହି ଦ୍ୱିକୋଣୀୟ ଚେତନା ସହିତ ଆଉ ଏକ ଚେତନା ମଧ ଦେଖିବାକୁ ମିଳେ ତାହା ହେଲା ଚରମ ବାସ୍ତବତା । ଏହି ପର୍ଯ୍ୟାୟର କବିତା ଗୋଡ଼ିକ ହେଲା- ଇଛା, ଜରା, ଦିଗନ୍ତ, ବାହୁଡ଼ା, ଏକା ଏକା କବିତା ଗୋଡ଼ିକ । ଇଛା ଓ ବାହୁଡ଼ା କବିତାରେ କବି ମାଆର ସ୍ନେହ ପାଇଁ ବ୍ୟକୁଳ । ମାତୃଋଣ ସୁଝିବାକୁ ସେ ଇଛା କରନ୍ତି କିନ୍ତୁ ପାରନ୍ତି ନାହିଁ । କରଣ ମାତୃଋଣ କେବେ ସୁଝି ହୁଏ ନାହିଁ । ତାହା କେଳେ ଚକ୍ରବର୍ତ୍ତି ସୁଧପରି ବଢୁଥାଏ ସିନା କେବେ ତାହା କମେ ନାହିଁ । କବି ଜରା ଓ ଦିଗନ୍ତ କବିତାରେ ସେଇ ସାମାଜିକ ବାସ୍ତବିକତାକୁ ଲକ୍ଷୟ କରିଛନ୍ତି । ଜୀବନ ଅଛି ମାନେ ଜରା ମଧ ଅଛି ଯାହାକୁ କେବେ ନିଜ ଠାରୁ ଅଲଗା କରିହେବ ନାହିଁ । ବୟସ ବଢିବା ସହ ଜରା ମଧ ଆସି ନିଜର କାୟା ବିସ୍ତାର

କରିଥାଏ । ମଣିଷକୁ ଯୌବନରୁ ବାର୍ଦ୍ଧକ୍ୟକୁ ପରିବର୍ତ୍ତନ କରାଇଥାଏ । ଏହାପରେ ଦିଗନ୍ତକୁ ଦୃଷ୍ଟି ରଖି ନିଜର ଚାରିପାଖକୁ ଦେଖନ୍ତି ଆଉ ନିଜକୁ ଏକା ଏକା ଅନୁଭବ କରନ୍ତି, ଏବଂ ସବୁ ଯେପରି କ୍ଷଣିକ ପାଲଟିଯାଏ । ତେଣୁ ଏକା ଏବଂ ଏକା ଏକା କବିତାଗ୍ରନ୍ଥଟି କ୍ଷଣିକ ଭୋଗସର୍ବସ୍ୱ ଓ ଆତ୍ମଦହନର ପୀଡ଼ା ଅନୁଭୂତ ହୁଏ ।

## ସହାୟକ ଗ୍ରନ୍ଥସୂଚୀ :


- ରାଓ , ଭାନୁଜୀ , ସ୍ୱପ୍ନ ମହଲ, ବିଷାଦ ଏକ ଋତୁ, ଦ୍ୱୟ ସଂ-୧୯୯୫, ପୃ-୨୩
- ଦାସ ,ସ. ଶ୍ରୀ ମୋହନ ଚରଣ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ', ଲାବଣ୍ୟବତୀ,୧୯୬୦, ପୃ- ୫୧
- ରାଓ , ଭାନୁଜୀ , ସ୍ତନ, ବିଷାଦ ଏକ ଋତୁ, ଦ୍ୱୟ ସଂ-୧୯୯୫, ପୃ- ୮୧
- ଶତପଥୀ, ନିତ୍ୟାନନ୍ଦ, ପ୍ରମୁଖ କବି କତିପୟ, ୧୯୮୪, ପୃ-୧୯
- ରାଓ, ସଚ୍ଚିଦାନନ୍ଦ, ପ୍ରତିମା ନାଏକ, ପାଣ୍ଡୁଲିପି, ୪ର୍ଥ ସଂ-୧୯୮୭, ପୃ-୧୨୮
- ରାଓ, ସଚ୍ଚିଦାନନ୍ଦ, ପ୍ରତିମା ନାଏକ, ପାଣ୍ଡୁଲିପି, ୪ର୍ଥ ସଂ-୧୯୮୭, ପୃ-୧୨୯
- ରାଓ, ସଚ୍ଚିଦାନନ୍ଦ,ଅଳକା ସ୍ୟାନେଲ, ପାଣ୍ଡୁଲିପି, ୪ର୍ଥ ସଂ-୧୯୮୭, ପୃ-୧୯୯
- ମହାନ୍ତି, ଗୁରୁପ୍ରସାଦ, ଅଳକା ସ୍ୟାନେଲ, ସମୁଦ୍ରସ୍ନାନ, ୩ୟ ସଂ-୧୯୭୮, ପୃ-୧୯


❖ ❖ ❖

DOI : https://doi.org/10.5281/zenodo.18181388

ମୂଳ ପ୍ରବନ୍ଧ

# କୁନ୍ତଳା କୁମାରୀଙ୍କ ଉପନ୍ୟାସରେ ନାରୀର ସ୍ଥିତି ଓ ସ୍ୱାତନ୍ତ୍ର୍ୟ

**ସନ୍ଦିପ୍ତା ପାଢୀ**

**ସଂକ୍ଷିପ୍ତସାର :**

ଓଡ଼ିଆ ସାହିତ୍ୟରେ କୁନ୍ତଳା କୁମାରୀ ଥିଲେ ଜଣେ ଅସାଧାରଣ ପ୍ରତିଭାର ଅଧିକାରିଣୀ। ଫକୀର ମୋହନୋତ୍ତର ଓଡ଼ିଆ କଥା ସାହିତ୍ୟରେ ନାରୀ ପ୍ରତିଭାର ଉତ୍ତୁଙ୍ଗ ଶୀର୍ଷକୁ ସ୍ପର୍ଶ କରି ଜୀବନର ସ୍ୱଳ୍ପକାଳ ମଧ୍ୟରେ (୧୯୦୧-୧୯୩୮) ଜଣେ ପ୍ରମୁଖ ନାରୀକବୀ ଭାବରେ ସେ ଯେପରି ପରିଚିତା, ସେହିପରି ଭାବରେ ଜଣେ ସଫଳ ଔପନ୍ୟାସିକା ଭାବରେ ମଧ୍ୟ ବିବେଚିତା। ନିଜର ପନ୍ଦର ବର୍ଷର ସୃଜନୀ ଜୀବନ କାଳରେ ସେ ଅସଂଖ୍ୟ କବିତା ରଚନା କରିବା ସହିତ ପାଞ୍ଚଗୋଟି ଉପନ୍ୟାସ ଓ ଦୁଇଗୋଟି ଅସଂପୂର୍ଣ୍ଣ ଉପନ୍ୟାସ ଲେଖି ଓଡ଼ିଆ ସାହିତ୍ୟର ଭଣ୍ଡାରକୁ ଶ୍ରୀଯୁକ୍ତ କରିଅଛନ୍ତି। ତାଙ୍କ ସମୟ ଥିଲା, ଓଡ଼ିଶାର ଆଧୁନିକ ଜୀବନବୋଧ ନିର୍ମାଣର ସମୟ। ବିଦେଶୀ ଅନୁଗ୍ରହ ମୂଳକ ଜୀବନଚର୍ଯ୍ୟା ଓ ତତ୍‌ସଂପର୍କିତ ମାନସିକ ସଂଘାତ, କୁସଂସ୍କାରଛନ୍ନ ସମାଜ ବ୍ୟବସ୍ଥାର ଉତ୍‌ଥାନ ପାଇଁ ସେ ତାଙ୍କ ଉପନ୍ୟାସ ଗୁଡ଼ିକରେ ପ୍ରଚେଷ୍ଟା କରିଅଛନ୍ତି। ଯେହେତୁ କୁନ୍ତଳା କୁମାରୀ ଜଣେ ନାରୀ ଥିଲେ, ନାରୀକୁ ଏକ ଶକ୍ତିଶାଳୀ, ପ୍ରତିଭାଶାଳିନୀ ରୂପରେ ସଜାଇବା ନିମନ୍ତେ ସେ ନାରୀ ମନର ଇଚ୍ଛା, ନାରୀ ଭିତରେ ଥିବା ଶକ୍ତିକୁ ନିଷ୍ଠାର ସହିତ ସଂଧାନ କରି ନିଜର ଲିଖିତ ଉପନ୍ୟାସରେ ନାରୀର ସ୍ଥିତି ଓ ସ୍ୱାତନ୍ତ୍ର୍ୟକୁ ପ୍ରକାଶ କରିବାରେ ସମର୍ଥ ହୋଇଅଛନ୍ତି। ନାରୀ ବିମର୍ଶ ଭାବନା ପ୍ରତି ସେ ଥିଲେ ଅଧିକ ସମ୍ବେଦନଶୀଳା। ନାରୀ ଜୀବନ ସଂକ୍ରାନ୍ତ ଭାରତୀୟ ଶାସ୍ତ୍ର ପ୍ରଣୀତ ନୀତି ନିୟମକୁ ଯୁକ୍ତିସଂଗତ ଭାବରେ ସେ ଯେପରି ଖଣ୍ଡନ ଓ ମଣ୍ଡନ କରିଛନ୍ତି, ସେହିପରି ଭାରତୀୟ ମହାନ ସଂସ୍କୃତି ପ୍ରତି ବେଶ୍ ସଚେତନ ଥିବା ପରି ମନେହୁଏ। ନାରୀର ସ୍ଥିତି ଓ ସ୍ୱାତନ୍ତ୍ର୍ୟ ନିମନ୍ତେ ସେ ବହୁ କ୍ଷେତ୍ରରେ ପରଂପରା ବିରୁଦ୍ଧରେ ଯୁଦ୍ଧ ମଧ୍ୟ ଘୋଷଣା କରିଥିବାର ଦୃଷ୍ଟିଗୋଚର ହୁଏ। ଆଲୋଚ୍ୟ ପର୍ଯ୍ୟାୟରେ ଲେଖିକା ନାରୀର ସ୍ଥିତି ଓ ସ୍ୱାତନ୍ତ୍ର୍ୟକୁ କିପରି ରୂପାୟିତ କରିଅଛନ୍ତି ତାହା ତାଙ୍କ ଉପନ୍ୟାସ ଗୁଡ଼ିକର ଆଧାରରେ ବିଚାର କରାଯାଇପାରେ।

**ପ୍ରମୁଖ ଶବ୍ଦାବଳୀ :**

କୁନ୍ତଳାକୁମାରୀ, ଉପନ୍ୟାସ, ନାରୀର ସ୍ଥିତି, ସାମାଜିକ କୁସଂସ୍କାର।

**ବିଷୟବସ୍ତୁ :**

ଔପନ୍ୟାସିକା କୁନ୍ତଳା କୁମାରୀ ତାଙ୍କ ଜୀବନକାଳ ମଧ୍ୟରେ ଏକ କୁସଂସ୍କାରମୁକ୍ତ ସୁସ୍ଥ ସମାଜର ସ୍ୱପ୍ନ ଦେଖିଥିଲେ। ସେ ବୁଝିଥିଲେ ଯେ ସମାଜର କେନ୍ଦ୍ରବିନ୍ଦୁ ହେଉଛି ନାରୀ। ନାରୀର ବିବିଧ ସମସ୍ୟା, ଯଥା- ବାଲ୍ୟବିବାହ ପ୍ରଥା, ଅନ୍ଧବିଶ୍ୱାସ, ନାରୀଜାତି ପ୍ରତି ଅବହେଳା ଆଦି ସଂପର୍କରେ ସେ ଅବହିତା ଥିଲେ। ନାରୀମାନଙ୍କ ଉପରେ ଅତ୍ୟାଚାର, ନିର୍ଯ୍ୟାତନା ତାଙ୍କୁ ବ୍ୟଥିତ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.18181388
Article No - BPP00357

**ଯୋଗାଯୋଗ : ସନ୍ଦିପ୍ତା ପାଢୀ,** ଗବେଷିକା, ଓଡିଆ ଭାଷା ଓ ସାହିତ୍ୟ ବିଭାଗ, ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା, ମୟୁରଭଂଜ
**Email:** sandiptaparhi5@gmail.com
**ORCID ID:** https://orcid.org/0009-0000-4948-2512

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୮.୨୦୨୫ | ୧୧.୦୯.୨୦୨୫ | ୨୫.୧୦.୨୦୨୫ | ୧.୧୧.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପାଢୀ, ସନ୍ଦିପ୍ତା; ୨୦୨୫। କୁନ୍ତଳା କୁମାରୀଙ୍କ ଉପନ୍ୟାସରେ ନାରୀର ସ୍ଥିତି ଓ ସ୍ୱାତନ୍ତ୍ର୍ୟ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଜ; ପୃଷ୍ଠା : ୪୭-୫୨।

କରିଥିଲା। ଅସହାୟ, ପତିତା ନାରୀମାନଙ୍କୁ ନିଜ ଉପନ୍ୟାସର କେନ୍ଦ୍ର ଚରିତ୍ର ଭାବରେ ଗ୍ରହଣ କରି କୁନ୍ତଳା ଉପନ୍ୟାସମାନ ରଚନା କରିଅଛନ୍ତି। ଏପରି ନାରୀମାନଙ୍କୁ ସମସ୍ୟା ଭିତରେ ଛାଡ଼ିଦେଇ ନାହାନ୍ତି। ସାମାଜିକ ନିର୍ଯ୍ୟାତନାରୁ ଉଦ୍ଧାର କରିବାର ବାଟ ଦେଖାଇବା ସହିତ ସେମାନଙ୍କର ଅଧିକାର ସଂପର୍କରେ ସଚେତନ କରାଇ ଅଛନ୍ତି। କ୍ରୂର ସାମାଜିକ ପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ ପୂର୍ବକ ସମାଧାନର ପଥ ମଧ୍ୟ ଉନ୍ମୋଚନ କରିଛନ୍ତି। ସମସାମୟିକ ସମୟର ପ୍ରତିଭାବାନ ସ୍ରଷ୍ଟା ନନ୍ଦକିଶୋର ବଳ ତାଙ୍କ 'କନକଲତା', କାହ୍ନୁଚରଣ ମହାନ୍ତିଙ୍କ 'ଶାସ୍ତି', ଗୋଦାବରୀଶ ମହାପାତ୍ରଙ୍କ 'ବିଦ୍ରୋହୀ' ଉପନ୍ୟାସରେ ନାରୀମାନଙ୍କ ସ୍ଥିତି ଓ ସ୍ୱାତନ୍ତ୍ର୍ୟ ସଂପର୍କରେ ସ୍ୱର ଉତ୍ତୋଳନ କରି ସମାଧାନ କରିବାର ପ୍ରକୃତ ମାର୍ଗ ପ୍ରଦର୍ଶନ କରିବାରେ ଅସମର୍ଥ ହୋଇଛନ୍ତି, ମାତ୍ର କୁନ୍ତଳା କୁମାରୀ ସେପରି ନକରି ତାଙ୍କ ସୃଷ୍ଟିରେ ଯଥାର୍ଥ ମାର୍ଗ ପ୍ରଦର୍ଶନ କରିଅଛନ୍ତି।

ଉପନ୍ୟାସ 'ଭ୍ରାନ୍ତି' ତଥାକଥିତ ସମାଜର ନାରୀ ସ୍ଥିତି ଓ ସ୍ୱାତନ୍ତ୍ର୍ୟ କ୍ଷେତ୍ରରେ ଏକ ସଫଳ ସୃଷ୍ଟି। ଉପନ୍ୟାସର ପରିକଳ୍ପନା ଯୁଗାନ୍ତକାରୀ ହେବା ସହିତ ସମୟର ପ୍ରାଣସ୍ପନ୍ଦନକୁ ବହନ କରିଛି। ସମାଜର ଅନ୍ଧବିଶ୍ୱାସ, କୁସଂସ୍କାର ଦୂର କରିବା, ନାରୀମାନଙ୍କୁ ଅଶିକ୍ଷା ଓ ଅନ୍ଧକାରମୁକ୍ତ କରି ବାହାରର ଆଲୋକ ଦେଇ ନ୍ୟାର୍ଯ୍ୟ ଅଧିକାର ପ୍ରଦାନ କରିବା ତଥା ଏକ ସୁସ୍ଥ ସାମଜ ଗଠନ ଦିଗରେ ଏହି ଉପନ୍ୟାସ ଏକ ଅଭ୍ରାନ୍ତ ଆଲୋକବର୍ତ୍ତିକା ଭାବରେ ଉଭା ହୋଇପାରିଛି। ଜମିଦାର ହରିହର ଛୋଟରାୟ ଓ ଇନ୍ଦୁମତୀ ନିଜର ଏକମାତ୍ର କନ୍ୟା ଶେଫାଳୀକାକୁ ଅନଙ୍ଗମୋହନ ହାତରେ ଛନ୍ଦିଦେବା ନିମନ୍ତେ ଭାବି ତ୍ାଙ୍କୁ ଓକିଲାତି ପଢାଇଛନ୍ତି। ଅନଙ୍ଗମୋହନ ଓ ଶେଫାଳିକା ଦୁହେଁ ଜୀବନରେ ଝଡ଼ ସୃଷ୍ଟି କରିଛି ଜମିଦାରଙ୍କ ଧୂର୍ତ୍ତ କର୍ମଚାରୀ ସାନନ୍ଦ ଦାସ। ବିଭେଦର ପାଚେରୀ ସୃଷ୍ଟି ହୋଇଛି ଅନୁ ଓ ଶେଫାଳି ମନରେ। ଜମିଦାର ନଟବର ଓ ଶେଫାଳିର ବିବାହ ପ୍ରସଙ୍ଗ ଶୁଣି ଅନୁ ଗୃହ ଛାଡ଼ି କଲିକତା ଯାଇଛି। ଅନୁ ଶେଫାଳି ବିନା ଓ ଶେଫାଳି ଅନୁ ବିନା ମାର୍ମାନ୍ତିକ ଯନ୍ତ୍ରଣା ପାଇଛନ୍ତି। ମିଥ୍ୟା ବିବାହ ପ୍ରସଙ୍ଗ କଥା ଜାଣି ଶେଫାଳି ଅସୁସ୍ଥ ହୋଇପଡିଛି ଓ ଦାରୁଣ କଷ୍ଟ ତଥା ଦୁଃଖ ମଧ୍ୟରେ ଦିନ ବିତାଇଛି ଅନୁ। ପରବର୍ତ୍ତୀ ସମୟରେ ଦୁହିଁଙ୍କ ମିଳନ ହୋଇଛି। ଅନୁର ସେବାଯତ୍ନରେ ସୁସ୍ଥ ହୋଇଛି ଶେଫାଳି।

ଏତାଦୃଶ ପରିସ୍ଥିତିକୁ ଲେଖିକା ଗୁରୁତ୍ୱ ଦେବା ସହିତ ନାରୀ ଶିକ୍ଷା ଓ ନାରୀ ଜାଗରଣ କଥାକୁ ପ୍ରାଧାନ୍ୟ ଦେଇ ନାରୀର ତଥାକଥିତ ସମୟର ସ୍ଥିତି ଓ ସ୍ୱାତନ୍ତ୍ର୍ୟକୁ ଗୁରୁତ୍ୱ ଦେଇଅଛନ୍ତି। ସେ ସମୟରେ ସମାଜରେ ନାରୀଶିକ୍ଷା ଓ ନାରୀ ଜାଗରଣ ଥିଲା ପ୍ରମୁଖ ଆହ୍ୱାନ। କୁନ୍ତଳାଙ୍କ ସମୟରେ ଅଶିକ୍ଷା ଓ ନାରୀ ପରାଧୀନତାର ସମୟ ଥିଲା। ନାରୀ ଶିକ୍ଷାକୁ ନେଇ ସମାଜରେ ବହୁ ବାଧାବିଘ୍ନ ଦେଖା ଦେଉଥିଲା। ନାରୀ ଶିକ୍ଷିତା ହେଲେ ବିଧବା ହେବାର ଭୟ ବି ସମାଜରେ ଥିଲା। ମାତ୍ର ନବଜାଗରଣର ପ୍ରଭାବ ଫଳରେ ନାରୀଶିକ୍ଷା ସଂପର୍କରେ କ୍ରମଶଃ ସଚେତନତା ବୃଦ୍ଧି ପାଇବାକୁ ଲାଗିଲା। ଧନୀକ ଶ୍ରେଣୀ ଓ ଜମିଦାର ଘରର କନ୍ୟାମାନେ ପ୍ରଥମେ ଶିକ୍ଷିତ ହେବାର ସୁଯୋଗ ପାଇଥିଲେ। ସମ୍ଭ୍ରାନ୍ତ ବଂଶର ଲୋକମାନେ ବହୁ ଅର୍ଥ ବ୍ୟୟ କରି ସ୍ୱ-ଗୃହରେ ଶିକ୍ଷୟିତ୍ରୀ ରଖାଇ କନ୍ୟାର ଶିକ୍ଷାଦାନର ବ୍ୟବସ୍ଥା କରୁଥିଲେ। ସର୍ବସାଧାରଣ ସ୍କୁଲରେ ପାଠ ପଢିବାର ସୁଯୋଗ ନାରୀର ନଥିଲା। ଜମିଦାର ହରିହର ମଧ୍ୟ ନାରୀ ଶିକ୍ଷାର ଆବଶ୍ୟକତାକୁ ଅନୁଭବ କରି ନିଜ ଜମିଦାରୀର ଏକମାତ୍ର ଉତ୍ତରାଧିକାରିଣୀ କନ୍ୟା ଶେଫାଳିକୁ ସବୁ ଦୃଷ୍ଟିରୁ ଯୋଗ୍ୟା ଓ ଶିକ୍ଷିତା କରାଇବା ପାଇଁ କଲିକତାର ସରଯୁବାଳା ନାମ୍ନୀ ଶିକ୍ଷୟିତ୍ରୀଙ୍କୁ ନିଜ ଘରକୁ ଶିକ୍ଷୟିତ୍ରୀ କରି ଆଣିଛନ୍ତି। ସରଯୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜ୍ଞାନବତୀ, କର୍ମକୁଶଳା ଶେଫାଳି ସୂଚିବିଦ୍ୟା, କଳାବିଦ୍ୟା, ରନ୍ଧନବିଦ୍ୟା ଆଦି ସର୍ବବିଦ୍ୟାରେ ପଟୁତା ଲାଭ କରିପାରିଛି। ଏତଦ୍‌ଭିନ୍ନ ଜମିଦାର ହରିହରଙ୍କ ଦ୍ୱାରା ପ୍ରତିଷ୍ଠିତ ସ୍ୱବାଳିକା ବିଦ୍ୟାଳୟରୁ ସଫଳତାର ସହିତ ଅପର ପ୍ରାଇମେରୀ ପାଶ୍ କରିପାରିଛି। ଶେଫାଳୀକାକୁ ଶିକ୍ଷିତା କରାଇବା ପାଶ୍ଚାତ୍‌ରେ କୁନ୍ତଳାଙ୍କ ନାରୀଶିକ୍ଷା ପ୍ରତି ଥିବା ସଚେତନ ଦୃଷ୍ଟିଭଂଗୀର ସ୍ପଷ୍ଟ ଅନୁମାନ କରିହୁଏ। ଏପରି ନାରୀଶିକ୍ଷା ଫଳରେ ଉପନ୍ୟାସରେ ସଂଯୋଜିତା 'ସରଯୁବାଳା' ଚରିତ୍ର ଦ୍ୱାରା ଶେଫାଳିକା ଓ ଅନୁର ମିଳନ ସମ୍ଭବପର ହୋଇପାରିଛି। ଏଣୁ ଏପରି ପରିସ୍ଥିତି ଓ ନାରୀଶିକ୍ଷାର ବିକାଶ ଅନ୍ତରାଳରେ ଲେଖିକା ନାରୀର ସ୍ୱାତନ୍ତ୍ର୍ୟ ରକ୍ଷା ପ୍ରତି ସଚେତନ ରହି ନାରୀର ସ୍ଥିତିକୁ ବିଶେଷ ଭାବରେ ପ୍ରାଧାନ୍ୟ ଦେଇଥିବାର ପ୍ରମାଣ ମିଳେ।

କୁନ୍ତଳା କୁମାରୀଙ୍କ ଉପନ୍ୟାସରେ ସଂସ୍କାର ଲିପ୍‌ସାର ପରିଚୟ ମିଳେ। ନାରୀର ଉନ୍ନତି ପାଇଁ ନାରୀକୁ ହିଁ ସାଧନା କରିବା ପାଇଁ ପଡ଼ିବ ବୋଲି ସେ ମତପୋଷଣ କରିଛନ୍ତି। ତାଙ୍କ 'କାଳିବୋହୂ' ଉପନ୍ୟାସରେ ଏପରି ଚିତ୍ର ପ୍ରଦତ୍ତ ହୋଇଛି। ନାରୀ ନୀରବରେ ଅଶ୍ରୁପାତ କଲେ ତା'ର ସମସ୍ୟାର ସମାଧାନ ହେବ ନାହିଁ। ଏଥିପାଇଁ ସରକାର ନାରୀ ନିର୍ଯ୍ୟାତନା ନିରାକରଣ ପାଇଁ କରିଥିବା ସଂସ୍ଥାର ସହାୟତା ନେବାକୁ ପଡ଼ିବ ଓ ପ୍ରଣୟନ

କରାଯାଇଥିବା ଆଇନର ସାହାଯ୍ୟ ନେବାକୁ ହେବ। ଏଥିପାଇଁ ସେ ନାରୀ ସମାଜକୁ 'ସାରଦା ଆଇନ'କୁ କାର୍ଯ୍ୟକାରୀ କରାଇବାକୁ କହିଛନ୍ତି। ଆମ ସମାଜରେ ବିନା ଦୋଷରେ, ବିନା କାରଣରେ ନିର୍ଯ୍ୟାତିତା ନାରୀମାନଙ୍କର ଦୁଃଖ ଦୁର୍ଦ୍ଦଶାର ଚିତ୍ର ପ୍ରଦାନ ପୂର୍ବକ ତାହାର ଦୂରୀକରଣର ସୂଚନା ସେ ତାଙ୍କ 'କାଳୀବୋହୂ' ଉପନ୍ୟାସରେ ପ୍ରଦାନ କରିଛନ୍ତି। ନାରୀ ଜାତିର ଉନ୍ନତି ପାଇଁ କୁନ୍ତଳା ଯାହା କରିବାକୁ ଚାହୁଁଥିଲେ 'କାଳୀବୋହୂ' ଉପନ୍ୟାସର ସଦାନନ୍ଦ ମୁଖରେ ତାହା ପ୍ରକାଶିତ ହୋଇଛି ଯଥା– "ମୋହର ଇଚ୍ଛା ବାଲ୍ୟବିଧବାଙ୍କର ବିବାହ ହୁଅନ୍ତା, ବୟସ୍କା ବିଧବା ସମାଜରେ ସେବାକାର୍ଯ୍ୟ କରନ୍ତେ, ଶିଶୁ ପାଳନର ଭାର ତାଙ୍କ ଉପରେ ପଡନ୍ତା, ଆଉ ବିବାହିତା ନାରୀମାନେ ସ୍ୱାମୀର ପ୍ରକୃତ ସହଧର୍ମିଣୀ ହେବାପାଇଁ ଶିକ୍ଷାପ୍ରାପ୍ତ ହୁଅନ୍ତେ।"[୧] ଏତଦ୍‌ଭିନ୍ନ 'କାଳିବୋହୂ'ରେ ଥିବା ଧର୍ମ ନାମରେ ବ୍ୟଭିଚାର କଥା ସେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି। ବିଧବାମାନେ ସେ ସମୟରେ ସମାଜରେ ନାନା ପ୍ରକାରର କୁକ୍ରିୟାରେ ଲିପ୍ତ ଥିଲେ। ଲକ୍ଷ୍ମୀର ଚରିତ୍ର ବିମାତାମାନଙ୍କ ଚରିତ୍ରରେ ଏହା ଦର୍ଶାଯାଇଛି। ପୁନଶ୍ଚ ସମାଜ କିପରି ଏହି ଅସହାୟ ବିଧବାମାନଙ୍କୁ ବିପଟୀପନ୍ତ କରେ ତାହା କୁନ୍ତଳା ଲକ୍ଷ୍ମୀ ଜୀବନରେ ଦେଖାଇଛନ୍ତି। ଏଣୁ ଲେଖିକାଙ୍କ ଭାଷାରେ– "ସେ ଭଲ ଭଲ ରହିବାକୁ ଚେଷ୍ଟା କରୁଛି, କିନ୍ତୁ ସଂସାର ତାକୁ ଭଲ ରଖିଦେଲେ ତ ହୁଏ।"[୨]

"କାଳୀବୋହୂ' ଉପନ୍ୟାସରେ ଧନୀ ଅଚ୍ୟୁତ ମିଶ୍ରଙ୍କର ଏକମାତ୍ର କନ୍ୟା ଲକ୍ଷ୍ମୀକୁ ସୃଷ୍ଟି କରି ସାତବର୍ଷ ବୟସରେ ତା'ର ବିବାହ, ଦଶବର୍ଷ ବୟସରେ ସ୍ୱାମୀ ସହିତ ପରିଚୟ ହେବା ପୂର୍ବରୁ ବୈଧବ୍ୟ ଯନ୍ତ୍ରଣା ତାକୁ ଦିଆଯାଇଛି। ସଂସାରର ସମସ୍ତ ସୁଖ ତା'ପାଇଁ ମନା। ଦେହରୁ ତା'ର ସବୁ ଅଳଙ୍କାର କାଢି ନିଆଯାଇ ତାକୁ ନିରାଭରଣା କରିଦିଆଗଲା। ପୁଣି ନିର୍ଜଳା ଏକାଦଶୀ କରିବାକୁ ବାଧ କରାଗଲା। ଓଷାବ୍ରତ, ଏକାଦଶୀ ତା'ର ଜୀବନ ସୀମିତ ରହିଲା। ବୈଶାଖ ମାସର ଦ୍ୱିପହର ଖରାରେ ଏକାଦଶୀ ପାଇଁ ତଣ୍ଟି ଶୁଖି ଅଠା ହୋଇଗଲା ବେଳେ ସେ ପାଣି ପାଣି ବୋଲି ଚିତ୍କାର ଛାଡ଼ିଲେ ମଧ ତା'ପାଟିରେ ଟୋପାଏ ପାଣି ଦିଆଗଲା ନାହିଁ। କାନବାଟେ କେଇବୁନ୍ଦା ପାଣି ପକେଇ ତଣ୍ଟି ଓଦା କରି ଦିଆଗଲା। ଲକ୍ଷ୍ମୀ ମନରେ ଅନେକ ପ୍ରଶ୍ନ। କିଏ ଗଢିଲା ଏ ଏକାଦଶୀ ? କି ପାପ କରିଥିଲା ସିଏ ? କିପାଇଁ ସମଗ୍ର ସଂସାରର ସୁଖ ତା'ପାଇଁ ମନା ? ସଞ୍ଜ ଯାଇ ରାତି ହୁଏ। ଦିନ ପରେ ଦିନ ବିତେ, ହେଲେ ଏ ପ୍ରଶ୍ନର ସଠିକ୍ ଉତ୍ତର ସେ ଖୋଜିପାଏ ନାହିଁ। ପିତାଙ୍କ ମୃତ୍ୟୁପରେ ସେ ଅସହାୟ ହୋଇପଡିଛି। ଏକେତ ଯଉବନ, ଦ୍ୱିତୀୟତଃ ବିପୁଳ ଧନ– ଏସବୁ ଭିତରେ ସେ ଶୋଚନୀୟା ହୋଇପଡିଛି। ପଦେ ପଦେ ଶଙ୍କିତା ଲକ୍ଷ୍ମୀ ସନ୍ନ୍ୟାସିନୀ ହୋଇ ଶାନ୍ତି ପାଇଁ ଯାଇଛି ବୃନ୍ଦାବନ। ସେଠାରେ ମଧ ସେ ନିଜର ଅଭିଳାଷ ପୂର୍ଣ୍ଣ କରିପାରି ନାହିଁ। ସମାଜର ବିକୃତ ରୂପ ତାକୁ ଝୁଣି ଝୁଣି ଖାଇବାର ପ୍ରଲୋଭନ ପ୍ରଦର୍ଶନ କରିଛି। ଅତୀତ ବର୍ତ୍ତମାନକୁ ସମୀକ୍ଷା କରି ସେ ଭବିଷ୍ୟତକୁ ଅନ୍ଧାର ଭିତରେ ଦେଖିବାକୁ ବାଧ ହୋଇଛି। ଶେଷରେ ଯମୁନା ଜଳରେ ଝାସ ଦେବାପାଇଁ ଆଗେଇ ଯାଇଛି। କୁନ୍ତଳା କୁମାରୀଙ୍କ ହାତ ଲେଖନୀ ଏଇଠି ଥରିଉଠିଛି। ତାଙ୍କର ସଂସ୍କାର ପ୍ରୟାସୀ ମନ ବିଦ୍ରୋହ କରିଛି। ତା'ଭିତରେ ଅନେକ ସମ୍ଭାବନାକୁ ଲକ୍ଷ୍ୟ କରି ପଣ୍ଡିତ ସଦାନନ୍ଦ ଦ୍ୱାରା ତାକୁ ଯମୁନାରୁ ଛାଣି ଆଣିଛନ୍ତି। ଲକ୍ଷ୍ମୀ ପାଇଛି ନବଜନ୍ମ। ଆଶ୍ରମର ଶାନ୍ତ ପବିତ୍ର ପରିବେଶରେ ଲକ୍ଷ୍ମୀ ପାଠ ପଢିଛି। ତା'ର ଆଖି ଖୋଲିଯାଇଛି। ସେ ଜୀବନର ପ୍ରକୃତ ଅର୍ଥ ବୁଝିଛି। ଜଗତ ତାକୁ ସୁନ୍ଦର ଦିଶିଛି। ଅନ୍ୟମାନଙ୍କ ସେବା କରି ସେ ପାଇଛି ପରମ ଆନନ୍ଦ। ଏଇଠି କୁନ୍ତଳା କୁମାରୀ ନାରୀର ସ୍ୱାତନ୍ତ୍ର୍ୟ ବିଷୟକୁ ଚିନ୍ତା କରି ତା'ର ସ୍ଥିତିକୁ ସ୍ୱତନ୍ତ୍ର ରୂପ ଦେବା ନିମନ୍ତେ ସମାଜକୁ ଦେଖିଛନ୍ତି ଓ ଲକ୍ଷ୍ମୀ ଭବିଷ୍ୟତକୁ ଉଜ୍ଜ୍ୱଳ କରିବାର ପ୍ରୟାସ କରିଛନ୍ତି। ସାମାଜିକ ମର୍ଯ୍ୟାଦା, ସାମାଜିକ ସ୍ୱୀକୃତି ସର୍ବୋପରି ସାମାଜିକ ଅଧିକାର ପ୍ରଦାନ କରି ନାରୀର ମାନମହତ ରଖିବାକୁ ସଂସ୍କାରକାମୀ ପୁରୁଷ ଚନ୍ଦ୍ରୋଦୟ ସାଥୀରେ ତା'ର ବିବାହ ଦେଇଛନ୍ତି। ବାଲ୍ୟବିଧବା ଲକ୍ଷ୍ମୀ ଜାୟା ଓ ଜନନୀ ହୋଇ ସୁଖରେ ସଂସାର କରିଛି।

ବିଧବା ବିବାହ ପ୍ରଚଳନ ପାଇଁ ଅଣ୍ଟା ଭିଡ଼ିଥିବା ଲେଖିକାଙ୍କ ଉଦ୍ଦେଶ୍ୟ ସଫଳ ହୋଇଛି। ତଥାକଥିତ ରକ୍ଷଣଶୀଳତାକୁ ବିରୋଧ କରିବା ନିମନ୍ତେ ଲେଖିକା ସମାଜ ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି। ବାଲ୍ୟ ବିଧବା ପ୍ରଥା, ବିଧବା ବିବାହ, ନାରୀଶିକ୍ଷା, ସେବାଧର୍ମର ଆଧାରରେ ରଚିତ 'କାଳୀବୋହୂ' ଉପନ୍ୟାସ ମାଧ୍ୟମରେ ଲେଖିକା ସାମାଜିକ ବ୍ୟବସ୍ଥାରୁ କନ୍ୟାସୁନା ତଥା ନାରୀ ଜାତି ପ୍ରତି ହେଉଥିବା ଅମାନୁଷିକ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରି ଏସବୁର ଉତ୍ପାଟନ ନିମନ୍ତେ 'କାଳିବୋହୂ' ଉପନ୍ୟାସର ଲକ୍ଷ୍ମୀ ଚରିତ୍ର ଦ୍ୱାରା ପ୍ରଚେଷ୍ଟା କରି ସଫଳତା ଲାଭ କରିଛନ୍ତି। ନାରୀର ସ୍ଥିତିକୁ ସ୍ୱୀକୃତି ଦେବା ସହିତ ନାରୀର ସ୍ୱାତନ୍ତ୍ର୍ୟ ରକ୍ଷା ନିମନ୍ତେ

କୁନ୍ତଳାଙ୍କ ଉପନ୍ୟାସ ଯଥାର୍ଥରେ ହୋଇଉଠିଛି ନାରୀ ସ୍ଥିତିର ଏକ ନବୀନ ତଥା ସଫଳ ମାଧ୍ୟମ।

ଔପନ୍ୟାସିକା କୁନ୍ତଳା କୁମାରୀଙ୍କ ଉପନ୍ୟାସ 'ନଅତୁଣ୍ଡୀ' ନାରୀ ସ୍ଥିତି ଓ ନାରୀ ସ୍ୱାତନ୍ତ୍ର୍ୟ ପ୍ରେକ୍ଷାପଟରେ ଏକ ଉଲ୍ଲେଖନୀୟ କଳାକର୍ମ। ତାଙ୍କ ମତାନୁସାରେ ନାରୀର ଯେଉଁ ରୂପ ବାହାରକୁ ଦେଖାଯାଏ, ତାହା ତା'ର ପୂର୍ଣ୍ଣ ବିକଶିତ ରୂପ ନୁହେଁ। ପରିଦୃଶ୍ୟମାନ ରୂପ ପୂର୍ଣ୍ଣ ରୂପର ଏକଦଶମାଂସ କେବଳ। ତା'ର ଅନ୍ତରୂପରେ ସେ ଯେଉଁ ବିରାଟ ସମ୍ଭାବନାର ବୀଜ ନିହିତ- ଏହା ଆବିଷ୍କାର କରିବା ସହିତ ସମଗ୍ର ଜନସମାଜ ସମ୍ମୁଖରେ ଲେଖିକା ତାହା ଉପସ୍ଥାପିତ କରିଅଛନ୍ତି। 'ନଅତୁଣ୍ଡୀ' ଉପନ୍ୟାସର କେନ୍ଦ୍ରବିନ୍ଦୁ ହେଉଛି ନାରୀ ଚରିତ୍ର ରତନୀ। କଜିଆଖୋରଣୀ ରତନୀକୁ ଧାନଉଷୁଆଁ ଠାରୁ କୂଅରୁ ପାଣିକଢା, ନଈ ପହଁରା ସବୁକିଛି ଜଣା। ଦେହରେ ଯେମିତି ଅମାପ ବଳ, ମନରେ ସେମିତି ଅସୀମ ସାହସ। ଘରେ ପଶିଥିବା ଚୋର ପଛରେ ସେ ଫାର୍ଶାଧରି ଗୋଡାଏ ତ ଜମିଦାର ମୁହଁରେ ଜବାବ ଦିଏ। ଏହି ମର୍ମରେ ସେ ଜମିଦାରର ପାଖଲୋକକୁ କହିଛି- "ରଖ ତୋ ଜମିଦାର ବାବୁଙ୍କ ତୋ ଘରେ। ମୁଁ ସେ ଜମିଦାରର ଖାଏନା ଧାରେ, ମୁଁ ସେଇଟାକୁ ଡରିବି କିଆଁ।"[୩]

ସେ ସମୟରେ ଜମିଦାର କହିଲେ ପୃଥିବୀ ଥରହର ହୁଏ, ଗର୍ଭିଣୀ ଗାଈ ବି ବାଟ ଛାଡ଼ିଦିଏ, ପ୍ରଜାଏ ଶତହାତ ଦୂରକୁ କୋଡି ଫୋପାଡ଼ି ଦେଇ କାଦୁଅ ବିଲରେ ସ୍ରାଷ୍ଟାଙ୍ଗ ପ୍ରଣିପାତ କରନ୍ତି, ସେହି ସମୟର ଛାର ନାରୀଟିଏ ଦମ୍ଭରେ ଛିଡ଼ାହୋଇ ଜମିଦାରକୁ ଡରିବି କିଆଁ ଜବାବ ଦିଏ, ଏହା କମ୍ ସାହସର କଥା ନୁହେଁ। ଗୁଣ ଚିହ୍ନେ ଗୁଣିଆ ନ୍ୟାୟରେ ଜମିଦାର କୃଷ୍ଣଚନ୍ଦ୍ର ରତନୀର ନିର୍ଭୀକପଣକୁ ସ୍ୱାଗତ ଜଣାଇ ତାକୁ ବିବାହ କରି ପତ୍ନୀ ଆସନ ଦେଇଛନ୍ତି। ତା'ର ପାଠପଢାର ସମସ୍ତ ବନ୍ଦୋବସ୍ତ କରିଛନ୍ତି। ସୁଆର ରଖାଇ ରନ୍ଧାବଢ଼ା ଶିଖାଇଛନ୍ତି। ସିଲେଇ, ସୂତାକଟା ଆଦି ସବୁ ଶିକ୍ଷାକୁ ରତନୀ ଅଳ୍ପଦିନ ମଧ୍ୟରେ ଆୟତ୍ତ କରିନେଇଛି। କଜିଆଖୋରଣୀ ରତନୀ ସତ୍‌ଶିକ୍ଷା, ସୁପରିବେଶ ପାଇ ମଙ୍ଗଳମୟୀ, ରତ୍ନାବତୀରେ ପରିଣତ ହୋଇଛି। ଘରର ଚାରିକାନ୍ଥ ମଧ୍ୟରେ ନ ରହି, ହୋଇଯାଇଛି ବିଶ୍ୱମୁଖୀ। ବାହାରକୁ ଗୋଡ଼କାଢି ପ୍ରଜାଙ୍କର ସୁଖଦୁଃଖ ବୁଝିଛି। ସମୟର ସଦ୍‌ଉପଯୋଗ କରିବା ପାଇଁ ଧନୀ ଘରର ଝିଅବୋହୂଙ୍କୁ ଉପଦେଶ ଦେଇଛି। କାଟିପିନ୍ଧି ଖଟି ଖାଅ ମନ୍ତ୍ରରେ ସେ ସମୟର ନାରୀ ସମାଜକୁ ଦୀକ୍ଷିତା କରିଛି। ଏପରି ସାହସିନୀ ରତନୀ ଚରିତ୍ରକୁ ଔପନ୍ୟାସିକା କେଉଁଠାରୁ ଆଣିଲେ ପ୍ରଶ୍ନର ଉତ୍ତରରେ ଜଣାପଡ଼େ ଯେ, କୁନ୍ତଳା ତାଙ୍କ ଖୋର୍ଦ୍ଧା ରହଣୀକାଳ ମଧ୍ୟରେ ହିନ୍ଦୀ ନାରୀର ଗଭୀର ସଂସ୍ପର୍ଶରେ ଆସି ସେମାନଙ୍କ ବୀରତ୍ୱ ଓ ସାହସରେ ମୁଗ୍ଧ ହୋଇଥିଲେ। ଖୋର୍ଦ୍ଧା ଇତିହାସର ପାଇକମାନଙ୍କ ସାହସିକତା ଓ ନିର୍ଭୀକତା ଅନ୍ତରାଳରେ ଥିବା ପାଇକ ରମଣୀଙ୍କ ଏହି ଗୁଣାବଳୀକୁ ଆଧାର କରି ଲେଖିକା ରତନୀ ଚରିତ୍ରକୁ ସଂଗ୍ରହ କରିଅଛନ୍ତି। ତା'ମଧ୍ୟରେ ପାଇକ ରମଣୀର ଏକ କଳାତ୍ମକ ରୂପକୁ ରତନୀ ମଧ୍ୟରେ ପ୍ରଦାନ କରିବାକୁ ସମର୍ଥ ହୋଇଛନ୍ତି। ଏଣୁ ଔପନ୍ୟାସିକା ବିଭିନ୍ନ ଉପନ୍ୟାସ ମଧ୍ୟରେ ଥିବା ଲକ୍ଷ୍ମୀ, ରତନୀ, ସୀତା ଓ ଲଳିତା ଆଦ ନାରୀ ଚରିତ୍ରମାନେ ନିଜ ନିଜର ପରାକାଷ୍ଠା ପ୍ରଦର୍ଶନ କରି ହୋଇଉଠିଛନ୍ତି ନାରୀ ସମାଜର ପ୍ରତିନିଧି। ସହନଶୀଳତା, ସାହସ, ଦେଶସେବା, ପରୋପକାର ଆଦି ଲକ୍ଷ୍ୟ ନେଇ ସେମାନେ ନାରୀ ସମାଜର ସ୍ଥିତିକୁ ସୁଦୃଢ଼ କରିଅଛନ୍ତି। ସମାଜରେ ଥିବା ରୂଢ଼ିବାଦୀ ପରଂପରା ବିରୋଧରେ ଯାଇ ଏହି ନାରୀମାନେ ନବୀନ ସମାଜର ଆହ୍ୱାନ ଦେଇ ତତ୍‌କାଳୀନ ନାରୀମାନଙ୍କ ଭିତରେ ନୂଆ ଚେତନା, ନୂଆ ସ୍ୱପ୍ନ ସୃଷ୍ଟି କରିପାରିଛନ୍ତି। କୁନ୍ତଳାଙ୍କ ଉପନ୍ୟାସରେ ସଂଯୋଜିତ ନାରୀ ଚରିତ୍ରମାନେ ସସୀମରୁ ଅସୀମକୁ ଗତି କରି ପାରିଛନ୍ତି ସତ୍‌ଶିକ୍ଷା, ସହନଶୀଳତା ଓ ସାହସ ବଳରେ। ଏପରି ଗୁଣରେ ଅଧିକାରୀ ନାରୀ ଚରିତ୍ର ସମୂହ ଔପନ୍ୟାସିକାଙ୍କ ଲେଖନୀରେ ଅନନ୍ୟା ପାଲଟି ଯାଇଛନ୍ତି। ଏଣୁ ସ୍ପଷ୍ଟ ଭାବରେ କୁହାଯାଇପାରେ ଯେ କୁନ୍ତଳାଙ୍କ ନାରୀ ଚରିତ୍ର ସମୂହ ହେଉଛନ୍ତି ଲେଖିକାଙ୍କ ଏକ ଏକ ସଫଳ ନାରୀ ଭାବରେ ପରିଚିତା ତଥା ସ୍ରଷ୍ଟା ଔପନ୍ୟାସିକାଙ୍କ ମାନସ ସନ୍ତାନ। ସେମାନଙ୍କୁ ପରିବର୍ତ୍ତନ ତଥା ଅଗ୍ରଗତିର ପଥରେ ଆଗେଇ ନେଇ ନାରୀ ସ୍ୱାଧୀନତାର ଗତିମାର୍ଗରେ ଜଣେ ଜଣେ ଦକ୍ଷ ଅଧିକାରିଣୀ କରି ତୋଳିଛନ୍ତି।

ଏକ ପାରିବାରିକ ଓ ସାମାଜିକ ପୃଷ୍ଠଭୂମିକୁ ନେଇ ରଚିତ 'ପରଶମଣି' ଉପନ୍ୟାସରେ ଶାଶୁ, ନଣନ୍ଦ, ଯାଆ ଦ୍ୱାରା ନିର୍ଯ୍ୟାତିତା ଓ ସ୍ୱାମୀଙ୍କ ସ୍ୱେଚ୍ଛାଚାରରେ ନିକ୍ଷେପିତା କୁଳବଧୂ ନାୟିକା ଲଳିତାର ଦୁଃଖଦ ଜୀବନ ଯନ୍ତ୍ରଣାର କଥା, ସ୍ୱପ୍ନ ଓ ଆଶାଭଂଗର ବାର୍ତ୍ତା ପ୍ରଦତ୍ତ ହୋଇଛି। ଭାରତୀୟ ପରଂପରାର ଆଦର୍ଶ ନାରୀ ଭାବରେ ଶାଶୁ ଘରର ସମସ୍ତ ଅମାନବିକ ପଣିଆକୁ ଧୈର୍ଯ୍ୟର ସହ ସହ୍ୟ କରିଛି ଲଳିତା। ଅସୀମ ଧୈର୍ଯ୍ୟ, ସହନଶୀଳତା, କର୍ତ୍ତବ୍ୟ, ପ୍ରେମ, ସେବା ଓ ଭକ୍ତି ରୂପକ ଅମିୟ ପରଶରେ ଶାଶୁ, ଯାଆ, ନଣନ୍ଦଙ୍କ ବିଷମୂର୍ତ୍ତି ମନକୁ ପରିବର୍ତ୍ତନ କରାଇ ସେମାନଙ୍କ ହୃଦୟରେ ସ୍ନେହ

ମମତାର ଗାଙ୍ଗୋତ୍ରୀ ବୁହାଇ ଦେଇଛି। ଲଳିତାକୁ ଔପନ୍ୟାସିକା ଭାରତୀୟ ପରଂପରାରେ ଜଣେ ଆଦର୍ଶ ନାରୀ ଭାବରେ ଗଢି ତୋଳିଛନ୍ତି। ସ୍ୱାମୀ ବିମ୍ବାଧରକୁ ପତି ଭକ୍ତି ଦେବାରେ ସେ ଊଣା କରିନାହିଁ। ଶାଶୁ, ଯାଆ, ନଣନ୍ଦର ଅମାନବୀୟ ପଣିଆକୁ ସେ ସହ୍ୟ କରିଛି। ଲୁହ ଲହୁକୁ ଏକାକାର କରି ସେ ସହନଶୀଳତାର ପରାକାଷ୍ଠା ପ୍ରଦର୍ଶନ କରିଛି। ନିଜର ଦୟନୀୟ ସ୍ଥିତିକୁ ଖାତିର ନକରି ଅନ୍ୟକୁ ଦୋଷ ନଦେଇ ନିଜର ଭାଗ୍ୟ, କର୍ମ ଓ ଭଗବାନଙ୍କୁ ବେଶୀ ଭାଗରେ ଦାୟୀ କରିଛି। ଏଣୁ ନିଜ ଜୀବନର ଉପଲବ୍ଧି ସଂପର୍କରେ ସେ କହିଛି– "ମୁଁ ଭାବେ, ମଣିଷ ଅନେକ ଜନ୍ମ ବହୁତ କୁକର୍ମ କରି କରି ଶେଷକୁ ବିଧାତା ତାକୁ ନାରୀ ଜନ୍ମ ଦିଅନ୍ତି। ଯା' ସଂସାରରେ ମାଇକିନା ହୋଇ ଜନମ ପା, ସବୁ କର୍ମଫଳ ଏକାଠି ଭୋଗିବୁ।"[୪]

ନାରୀ ହିଁ ନାରୀ ଜାତିର ଶତ୍ରୁ ବୋଲି ଔପନ୍ୟାସିକା ଗ୍ରହଣ କରିବା ସହିତ ଯୌତୁକପ୍ରଥା, ସାମାଜିକ କୁସଂସ୍କାର, ଅଶିକ୍ଷା, ନାରୀର ସହନଶୀଳତା ଓ ପରିବାର ଗଠନର ପ୍ରୟାସ ସଂପର୍କରେ 'ପରଶମଣି' ଉପନ୍ୟାସରେ ଚିତ୍ରିତ କରି ନାରୀର ଉଦ୍‌ବର୍ତ୍ତନ ଓ ସମାଜ ଗଠନରେ ସେମାନଙ୍କ ଭୂମିକାକୁ ପ୍ରଦର୍ଶନ କରିଛନ୍ତି ଏବଂ ନାରୀକୁ 'ପରଶମଣି'ର ଆଖ୍ୟା ପ୍ରଦାନ କରି ସେମାନଙ୍କ ମହନୀୟତାର ସ୍ୱରୂପ ପ୍ରଦର୍ଶନ କରିଅଛନ୍ତି।

ଔପନ୍ୟାସିକାଙ୍କ ସର୍ବବୃହତ ଉପନ୍ୟାସ 'ରଘୁ ଅରକ୍ଷିତ' ଏକ ସମାଜ ସଂସ୍କାରମୂଳକ ରଚନା। ଏଥିରେ ନାରୀଶିକ୍ଷା, ନାରୀ ଜାଗରଣ ଓ ବିଧବା ବିବାହ ଆଦି ନାରୀ ସମସ୍ୟାର ଉତ୍‌ଥାପନ ଏବଂ ସୁସମାଧାନ କରାଯାଇଛି। ବିଦ୍ୟାସାଗରଙ୍କ ଉଦ୍ୟମରେ ବିଧବା ବିବାହ ଆଇନରେ ପରିଣତ ହେବାପରେ ବିଶେଷକରି ବ୍ରାହ୍ମ ସମାଜରେ ଏହି ବିଧବା ବିବାହକୁ ପ୍ରଥମେ ପ୍ରଚଳନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହା ଦେଶବ୍ୟାପୀ ପ୍ରଚଳିତ ହେବାକୁ ଲାଗିଲା। 'ରଘୁ ଅରକ୍ଷିତ' ରଚନାବେଳେ ଆମ ସମାଜରେ ବିଧବା ବିବାହ ଏକ ଦୁରୂହ ବ୍ୟାପାର ଥିଲା। ସେଥିପାଇଁ ଫୁଲମଞ୍ଜରୀକୁ ହିନ୍ଦୁ ସମାଜରେ ବିବାହ ଦେଇନପାରି ଖ୍ରୀଷ୍ଟଧର୍ମାବଲମ୍ବୀ ତାରକ ଡାକ୍ତରଙ୍କ ସହିତ ତା'ର ବିବାହ ଦେଇଛନ୍ତି। ବିଧବା ସୀତାକୁ ଲେଖିକା ରଘୁନାଥ ସହିତ ବିବାହ ଦେଇପାରି ନାହାନ୍ତି ସତ; ମାତ୍ର ଏ ଦିଗରେ ସେ ସମାଜକୁ ପରିବର୍ତ୍ତନ କରିବାକୁ ଯଥେଷ୍ଟ ଯୁକ୍ତିଯୁକ୍ତ କାରଣମାନ ପ୍ରଦର୍ଶନ କରିଅଛନ୍ତି। ନାରୀ ଜାଗରଣ କରିବା ସହିତ ନାରୀଶିକ୍ଷାର ଉନ୍ନତି କରି ଦେଶମାତୃକାର ସଫଳ ପରିବର୍ତ୍ତନ ଆଣିବା ପାଇଁ ପ୍ରୟାସ କରିଅଛନ୍ତି।

'ରଘୁ ଅରକ୍ଷିତ' ଉପନ୍ୟାସର 'ସୀତା' ସମାଜ ନୀତିରେ ଜଣେ ବହୁ ଅସହାୟ ଚରିତ୍ର। ଅସହାୟତା ମଧ୍ୟରେ ଗତି କରି ସେ ପଥଚ୍ୟୁତ ହୋଇନି। ହିନ୍ଦୁଧର୍ମର ଆଦର୍ଶକୁ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ସେ ପ୍ରାଣପଣେ ଉଦ୍ୟମ କରିଛି। ଧନିକ ଚନ୍ଦ୍ରଶେଖର ମିଶ୍ରଙ୍କ କନ୍ୟା ସୀତା ପିଲାଟି ଦିନରୁ ଭଲପାଇଛି ନିର୍ଦ୍ଧନ ରଘୁନାଥକୁ। ହେଲେ ପରସ୍ପରକୁ ବିବାହ କରିପାରି ନାହାନ୍ତି କନ୍ୟାସୁନା ପାଇଁ। ବୃଦ୍ଧ ଜମିଦାର ସହିତ ସୀତାର ନିର୍ବନ୍ଧ ହେବାପରେ ବିବାହ ପୂର୍ବରୁ ତା'ର ଭାବିସ୍ୱାମୀ ଇହଲୀଳା ସମ୍ବରଣ କରିବା ପରେ ସୀତାର ଦୁଃଖ ବଢିଯାଇଛି। ସୀତାର ମନକଥା ଏ ସମାଜ ବା ତା'ର ପିତା ବୁଝିନାହାନ୍ତି। ରଘୁ ସହିତ ତା'ର ବିବାହ ହୋଇପାରି ନାହିଁ। ପିତା ଅଧିକ କନ୍ୟାସୁନା ପାଇ ବୃଦ୍ଧ ନିଶାଖୋର ଦିବାକର ମିଶ୍ର ସହିତ ସୀତାର ବିବାହ ହୋଇଛି। ଦୁଃଖ ଯନ୍ତ୍ରଣା ଭିତରେ ସଢି ସଢି ସେ ପାନ କରିଛି ଯନ୍ତ୍ରଣାଶିକ୍ତ ଜୀବନଧାରାକୁ। ମାଆ ହୋଇଛି ସତ, ମାତ୍ର ସ୍ୱାମୀହରା ଓ ପୁତ୍ରହରା ହୋଇ ସେ ଯନ୍ତ୍ରବତ୍ ଜୀବନକୁ ଆପଣେଇ ନେଇଛି। ରଘୁ ପତ୍ନୀହରା ହେବାପରେ ସୀତାକୁ ବିବାହ କରିବାର ପ୍ରସ୍ତାବ ଦେଇଛି; ହେଲେ ରଘୁ ମୁହଁରୁ କଥା ନ ସରିବା ପୂର୍ବରୁ ଘାଇଲା ବାଘୁଣୀ ପରି ଗର୍ଜିଉଠି ସୀତା କହିଛି– "ମୁଁ ସେ ସୀତା ନୁହେଁ। ସେ ସୀତା ଅନେକ ଦିନରୁ ମରିଛି। ××× ଆଜି ଏ ମୁହୂର୍ତ୍ତରେ ମୋ ସ୍ୱାମୀର ପବିତ୍ର ମୂର୍ତ୍ତି ମୋ ଆଖିଆଗରେ। ପାପିଷ୍ଠ। ଦୂର ହୁଅ ମୋ ଆଖିଆଗରୁ। ଆଉ କାହାକୁ ବିଭାହୁଅ– ସୀତାକୁ ନୁହେଁ।"[୫] ଲେଖିକାଙ୍କ ଭାଷାରେ ସୀତା ଆଉ ସାଧାରଣ ନାରୀ ନୁହେଁ, ସେ ସାଧାରଣ ମାନବୀ ହୋଇ ରହିନାହିଁ– ଦେବୀ ହୋଇଯାଇଛି। 'ସୀତା' ଚରିତ୍ର ମଧ୍ୟରେ ନାରୀର ମହନୀୟ ଦିଗକୁ ପ୍ରକାଶ କରି କୁନ୍ତଳା କୁମାରୀ ନାରୀ ସ୍ଥିତିକୁ ଜାହିର କରିବା ସହିତ ତା'ର ସ୍ୱାତନ୍ତ୍ର୍ୟକୁ ରକ୍ଷା କରିବାରେ ସମର୍ଥ ହୋଇଛନ୍ତି। ଏଣୁ ଔପନ୍ୟାସିକାଙ୍କ ଉପନ୍ୟାସ ମଧ୍ୟରେ ନାରୀର ମର୍ଯ୍ୟାଦା ସ୍ଥିତିକୁ ପ୍ରାଧାନ୍ୟ ପ୍ରଦାନ କରିବାରେ ଲେଖିକା ସଂପୂର୍ଣ୍ଣ ଭାବରେ ସଫଳତାର ଶୀର୍ଷରେ ଯେ ଉପନୀତ ହୋଇସାରିଛନ୍ତି ତାହା କହିବା ଯୁକ୍ତିସଂଗତ। ଏପରିକି ତାଙ୍କର ଅସଂପୂର୍ଣ୍ଣ ଉପନ୍ୟାସ 'ଚିତ୍ରପଟ' ଓ 'ମା ଓ ପୁଅ' ମଧ୍ୟରେ ନାରୀର ସ୍ୱାତନ୍ତ୍ର୍ୟତା ଓ ମହନୀୟତା ମଧ୍ୟ ପ୍ରାଧାନ୍ୟ ଦିଆଯାଇଥିବାର ଲକ୍ଷ୍ୟ କରାଯାଏ। ଏହି ମର୍ମରେ କୁନ୍ତଳାଙ୍କ ନାରୀ ଚରିତ୍ରମାନେ ସତ୍‌ଶିକ୍ଷା ଲାଭ କରି ସଂସ୍କାରମୁଖୀ ଭାବନା ଦ୍ୱାରା ତଥାକଥିତ ସମାଜର ଜଣେ ଜଣେ ଉଦ୍ଧରଣମୁଖୀ

ଚରିତ୍ର ରୂପେ ବିବେଚିତା। ତାଙ୍କର ଲକ୍ଷ୍ମୀ, ରତନୀ, ଲଳିତା, ସୀତା, ଶଶୀ, ହେମବତୀ, ରମାନାନୀ ସମସ୍ତେ ହେଉଛନ୍ତି ଉତ୍ତାନପାଦ। ଅନ୍ଧାରରୁ ଆଲୋକ ଆଡକୁ ସେମାନଙ୍କର ଗତି, ସଂକୀର୍ଣ୍ଣରୁ ବିସ୍ତୀର୍ଣ୍ଣ ପରିବେଶକୁ ସେମାନଙ୍କ ବ୍ୟାପ୍ତି ଓ ସସୀମରୁ ଅସୀମ ଆଡକୁ ସେମାନଙ୍କର ଦୃଷ୍ଟି। ଔପନ୍ୟାସିକା କୁନ୍ତଳା କୁମାରୀଙ୍କ ସ୍ୱକୀୟତାରେ ଏମାନେ ସମସ୍ତେ ନାରୀ ସମାଜର ଜଣେ ଜଣେ ଅନବଦ୍ୟ ଓ ଉର୍ଜସ୍ୱଳ ମହିମାଦୀପ୍ତ ପ୍ରତିଭା ତଥା ନାରୀ ସ୍ୱାତନ୍ତ୍ର୍ୟତାର ପ୍ରମୁଖ ଆଧାର ଭାବେ ବିବେଚିତା।

## ସହାୟକ ଗ୍ରନ୍ଥସୂଚୀ :


୧. 'କାଳୀବୋହୂ' ଉପନ୍ୟାସ- କୁନ୍ତଳା କୁମାରୀ ଗ୍ରନ୍ଥାବଳୀ- ଗଦ୍ୟସାହିତ୍ୟ, ସାବିତ୍ରୀ ଦାସ ଓ ଗୌରାଙ୍ଗ ଚରଣ ଦାସ, ପୃ-୧୦୫।

୨. 'କାଳୀବୋହୂ' ଉପନ୍ୟାସ- କୁନ୍ତଳା କୁମାରୀ ଗ୍ରନ୍ଥାବଳୀ- ଗଦ୍ୟସାହିତ୍ୟ, ସାବିତ୍ରୀ ଦାସ ଓ ଗୌରାଙ୍ଗ ଚରଣ ଦାସ, ପୃ-୯୭।

୩. 'ନଅତୁଣ୍ଡୀ' ଉପନ୍ୟାସ- କୁନ୍ତଳା କୁମାରୀ ଗ୍ରନ୍ଥାବଳୀ- ଗଦ୍ୟସାହିତ୍ୟ, ସାବିତ୍ରୀ ଦାସ ଓ ଗୌରାଙ୍ଗ ଚରଣ ଦାସ, ପୃ-୪୫।

୪. 'ପରଶମଣି'- କୁନ୍ତଳା କୁମାରୀ ଗ୍ରନ୍ଥାବଳୀ (ଗଦ୍ୟ ସାହିତ୍ୟ)- ପୃ-୯୯।

୫. 'ରଘୁ ଅରକ୍ଷିତ'- କୁନ୍ତଳା କୁମାରୀ ଗ୍ରନ୍ଥାବଳୀ (ଗଦ୍ୟ ସାହିତ୍ୟ)- ପୃ-୪୫୧।


❖ ❖ ❖

DOI : https://doi.org/10.5281/zenodo.18181539 ମୂଳ ପ୍ରବନ୍ଧ

# ଓଡ଼ିଶାରେ ଗୋପାଳ ଜାତିର ସାଂସ୍କୃତିକ ଐତିହ୍ୟ

**ସିପୁନ ଭୂତିଆ**

**ସଂକ୍ଷିପ୍ତ ସାର :**

ଗୋପାଳ ବା ଗଉଡ଼ ଜାତି ଏକ ପ୍ରାଚୀନ ଜାତି । ସାଧାରଣତଃ ଗୋ-ପାଳନ କରୁଥିବାରୁ ଏମାନଙ୍କୁ ଗୋପାଳ କୁହାଯାଏ । ଏହି ଜାତିର ଇତିହାସ ଯେତିକି ପ୍ରାଚୀନ, ସଂସ୍କୃତି ସେତିକି ଗୌରବମୟ । ଯାଯାବର ଭଳି ଜୀବନ ବଂଚୁଥିବା ଗୋଟିଏ ଜାତି ଅରଣ୍ୟ, ନଦୀକୂଳ ଆଦିରେ ବାସକରି କେମିତି ସାମାଜିକ ସ୍ତରରେ ନିଜ ଅର୍ଥନୈତିକ ସ୍ଥିତିକୁ ସମୃଦ୍ଧି କରି, ସମୟକ୍ରମେ ଏକ ସଂସ୍କୃତି ସମ୍ପନ୍ନ ଜାତି ଭାବରେ ନିଜକୁ ପରିଗଣିତ କରିପାରିଛି ତାହା ପ୍ରତିପାଦନ କରିବା ଏହି ନିବନ୍ଧର ଆଭିମୁଖ୍ୟ ।

**ପ୍ରମୁଖ ଶବ୍ଦାବଳୀ :**

ସଂସ୍କୃତି, ଗୋପାଳ, ସମ୍ପ୍ରଦାୟ, ଗୋଷ୍ଠ, ଦୁଗ୍ଧ, ଯାଦବ, ଗୋପପୁର, ଦୋଳପୂର୍ଣ୍ଣିମା, ରାସ, ବାଡ଼ି ।

ସଭ୍ୟତାର ପ୍ରାରମ୍ଭ କାଳରେ ସମାଜରେ ଜାତିଭେଦ ସୃଷ୍ଟି ହୋଇ ନଥିଲା । ଭାରତରେ ବୈଦିକ ଯୁଗ ପରେ ଗୁଣ ଓ କର୍ମ ଅନୁଯାୟୀ ଚାରି ବର୍ଣ୍ଣ ସୃଷ୍ଟି ହେଲେ । ସେତେବେଳେ ବୃତ୍ତି କ୍ଷେତ୍ରରେ କୌଣସି ବିଭେଦତା ନଥିଲା। ମଣିଷ ଯେ କୌଣସି ବର୍ଣ୍ଣର ହେଉ, ସେ କୌଣସି କାର୍ଯ୍ୟ କରି ପାରୁଥିଲା । ବ୍ରାହ୍ମଣମାନେ କ୍ଷତ୍ରିୟ କାର୍ଯ୍ୟ କରୁଥିବାର ଅନେକ ଦୃଷ୍ଟାନ୍ତ ପୁରାଣମାନଙ୍କରେ ଉପଲବ୍ଧ । ଗୁରୁ ପର୍ଶୁରାମ, ଦ୍ରୋଣ, କୃପାଚାର୍ଯ୍ୟ ଆଦି ଏହାର ଆଦର୍ଶ ଦୃଷ୍ଟାନ୍ତ । ସାରଳା ମହାଭାରତରେ ଉଗ୍ରସେନ, ଜରାସନ୍ଧ, ବିରାଟ ଆଦି ଅନେକ ବୈଶ୍ୟରାଜା କ୍ଷତ୍ରିୟ ଧର୍ମ ପାଳନ କରିଥିବାର ପ୍ରମାଣ ମିଳେ । ପୁରାଣ କାଳରେ ଗୁଣ ଓ କର୍ମକୁ ଭିତ୍ତିକରି ବର୍ଣ୍ଣ ବ୍ୟବସ୍ଥା ସୃଷ୍ଟି ହୋଇଥିଲା । ତତ୍ ପୂର୍ବରୁ ବେଦର ପୁରୁଷ ସୂକ୍ତରେ ବୃତ୍ତିଭିତ୍ତିକ ବର୍ଣ୍ଣ ବ୍ୟବସ୍ଥାକୁ ପ୍ରାଧାନ୍ୟ ଦିଆଯାଉଥିଲା ।

"ବ୍ରାହ୍ମଣୋସ୍ୟ ମୁଖମାସୀଦ୍ ବାହୁ ରାଜନ୍ୟଃ କୃତଃ
ଉରୁ ତଦସ୍ୟ ଯଦ୍ ବୈଶ୍ୟଃ ପଦଭ୍ୟାଂ ଶୂଦ୍ରୋଜାୟତଃ ।"
(ଋକ୍ ବେଦ, ୧୦ ମଣ୍ଡଳ, ୯୦ ଅଧ୍ୟାୟ, ୧୨ ସୂକ୍ତ)

ବ୍ରାହ୍ମଣମାନେ ଭଗବାନଙ୍କ ମୁଖରୁ, କ୍ଷତ୍ରିୟମାନେ ବାହୁରୁ, ବୈଶ୍ୟମାନେ ଉରୁରୁ ଓ ଶୂଦ୍ରମାନେ ପାଦରୁ ଜାତ ହୋଇଛନ୍ତି । ଏହା ଜାତି ନୁହେଁ ବର୍ଣ୍ଣ । କର୍ମ କୁଶଳତା ଓ କୌଶଳର ସହଜ ଅନୁସରଣ ପାଇଁ ପରେ ବର୍ଣ୍ଣମାନଙ୍କ ମଧ୍ୟରେ ବୃତ୍ତିଭିତ୍ତିକ ଜାତି

**ଯୋଗାଯୋଗ : ସିପୁନ ଭୂତିଆ,**
ଗବେଷକ, (ସଂସ୍କୃତି ଅଧ୍ୟୟନ ବିଭାଗ, ପ୍ରାଚୀନ)
ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
**Email:** bhutiasipun75@gmail.com
**ORCID ID:** https://orcid.org/0009-0002-7298-7169

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୮.୨୦୨୫ | ୧୧.୦୯.୨୦୨୫ | ୨୫.୧୦.୨୦୨୫ | ୧.୧୧.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଭୂତିଆ, ସିପୁନ; ୨୦୨୫। ଓଡ଼ିଶାରେ ଗୋପାଳ ଜାତିର ସାଂସ୍କୃତିକ ଐତିହ୍ୟ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଜ, ପୃଷ୍ଠା : ୫୩-୬୧।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.18181539
Article No - BPP00358

ବ୍ୟବସ୍ଥା ସୃଷ୍ଟି ହେଲା । ଏଣୁ ପ୍ରତିଟି ବର୍ଣ୍ଣ ଭିତରେ ଅନେକ ଉପବର୍ଣ୍ଣ ବା ଜାତିର ଉଦ୍ଭବ ଘଟିଲା । ସାମ୍ପ୍ରତିକ ସମୟରେ ସେଇ ଜାତିମାନଙ୍କୁ ଲକ୍ଷ୍ୟକଲେ ଏହା ବୃତ୍ତିଭିତ୍ତିକ ବୋଲି ଜଣାପଡ଼େ । ଯେମିତି ବ୍ରାହ୍ମଣମାନଙ୍କ ଭିତରେ ପୁରୋହିତ, ଜ୍ୟୋତିଷ, ଯାଜ୍ଞିକ, ଆଚାର୍ଯ୍ୟ, ଉପାଧ୍ୟାୟ ସୃଷ୍ଟି ହେଲେ, ସେମିତି କ୍ଷତ୍ରିୟମାନଙ୍କ ଭିତରେ ପ୍ରଜା ପାଳନର ସାମର୍ଥ୍ୟ ଓ ପରାକ୍ରମ ଅନୁସାରେ ଉଚ୍ଚନୀଚ ଭେଦଭାବ ଦେଖାଦେଲା । ପ୍ରାଚୀନ ଭାରତର ତଥାକଥିତ ଆଦିବାସୀ ଦଳପତିମାନେ ପରେ ପରାକ୍ରମ ପାଇଁ ନିଜକୁ ପ୍ରତିଷ୍ଠିତ କରାଇଲେ । ଚୌହାନ, ନାଗ, ଭଞ୍ଜ ଇତ୍ୟାଦି ତା'ର ପ୍ରମାଣ । ବୈଶ୍ୟମାନଙ୍କ ଭିତରେ ଓଡ଼ିଶାରେ ଥିବା ସାହୁ (ସାଧବ) ମାନଙ୍କୁ ଲକ୍ଷ୍ୟକଲେ ଜଣାଯାଏ ଯେ, ମଧୁ ବୈଶ୍ୟ (ଗୁଡ଼ିଆ), ତୈଳିକ ବୈଶ୍ୟ (ତେଲି), ଗୋପାଳ ବୈଶ୍ୟ (ଗଉଡ଼), ପାଟରା ଆଦି ବିଭିନ୍ନ ବୃତ୍ତିର ଛବିଶ ପାଟକ ବୈଶ୍ୟ ବର୍ଣ୍ଣର ସୃଷ୍ଟି । ଶୂଦ୍ରମାନେ ଏହି ବୃତ୍ତି ଭିତ୍ତିକ ଜାତି ବ୍ୟବସ୍ଥାରେ ସହାୟତା ପ୍ରଦାନ କରୁଥିବା ଜାତି । ଏଣୁ ଶୂଦ୍ର ଏକ ସେବାକାରୀ ଜାତି ଭାବରେ ଗଢ଼ା ହେଇଛି । ଏ ସେବାକୁ ଯେହେତୁ ସେମାନେ ଜୀବନଧାରଣର ପନ୍ଥା ଭାବେ ଗ୍ରହଣ କଲେ ସମାଜର ନିମ୍ନବର୍ଗର ହୋଇ ରହିଗଲେ ।

ଜନ୍ ଧାତୁରୁ ତି ପ୍ରତ୍ୟୟ ଯୋଗରେ ଜାତି ଶବ୍ଦଟି ସୃଷ୍ଟି । ଜାତିର ସଂଜ୍ଞାକୁ ନେଇ ଆଲୋଚକ ଜି.ଏସ୍.ଘୁରେ, ହରବର୍ଟ ରିସଲେ, ଏ.ଡବ୍ଲୁ.ଗ୍ରୀନ୍, ଆଣ୍ଡରସନ ଓ ପାର୍କର, ସି.ଏଚ୍.କୁଲେ ଭିନ୍ନ ଭିନ୍ନ ମତ ପ୍ରଦାନ କରିଛନ୍ତି । ଯେତେବେଳେ ଗୋଟିଏ ବର୍ଗ ବା ଶ୍ରେଣୀ କେତେକାଂଶରେ ବଂଶାନୁକ୍ରମିକ ହୋଇଯାଏ, ସେତେବେଳେ ଆମେ ଏହାକୁ ଜାତି ବୋଲି କହିଥାଉ । (କୁଲେ : ୧୯୦୯ : ୨୧୫-୨୧୬)

ଓଡ଼ିଶାରେ ଥିବା ଜାତିମାନଙ୍କ ମଧ୍ୟରୁ ଗୋପାଳ ଜାତିରେ ବହୁ ସ୍ୱତନ୍ତ୍ରତା ରହିଛି । ଗୋପାଳ ଜାତି ଯାଦବ ଜାତି ଭାବରେ ପରିଚିତ । ତେଣୁ ଯାଦବ ଓ ଗୋପାଳ ଭିନ୍ନ ନୁହେଁ । କେବଳ ସ୍ଥାନ ଓ କାଳଭିତ୍ତିରେ ନାମର ପରିବର୍ତ୍ତନ ମାତ୍ର । ଯାଦବମାନଙ୍କୁ ଓଡ଼ିଶାରେ ଗୋପାଳ ବା ଗଉଡ଼ କୁହାଯାଏ । ଦ୍ରାବିଡ଼ ଭାଷାରେ ଆଭୀର ଅର୍ଥ ଗୋପାଳ । ପୌରାଣିକ ମତ ଅନୁସାରେ ଚନ୍ଦ୍ରବଂଶରୁ ଯାଦବମାନଙ୍କ ସୃଷ୍ଟି । ବ୍ରହ୍ମାଙ୍କ ପୁତ୍ର ଅତ୍ରି ହେଉଛନ୍ତି ଚନ୍ଦ୍ରଙ୍କ ପିତା । ଚନ୍ଦ୍ର ଓ ବୃହସ୍ପତିଙ୍କ ପତ୍ନୀ ତାରାଙ୍କ ଠାରୁ ବୁଧ ଜନ୍ମ ନେଇଛନ୍ତି । ବୁଧଙ୍କ ପୁତ୍ର ହେଉଛନ୍ତି ପୁରରବା । ପୁରରବା ଓ ଉର୍ବଶୀଙ୍କ ପୁତ୍ର ଆୟୁ । ଆୟୁଙ୍କ ପୁତ୍ର ନଘୋଷ ନିଜ ପରାକ୍ରମ ବଳରେ ଇନ୍ଦ୍ରପଦ ପାଇଥିଲେ । ନଘୋଷଙ୍କ ପୁତ୍ର ହେଉଛନ୍ତି ଯଯାତି, ଯିଏକି ନିଜ ବାହୁ ବଳରେ ପ୍ରଥମ ସମ୍ରାଟ ହୋଇ ପାରିଥିଲେ । ରାଜା ଯଯାତିଙ୍କର ଜ୍ୟେଷ୍ଠା ରାଣୀ ଶୁକ୍ରାଚାର୍ଯ୍ୟଙ୍କ ପୁତ୍ରୀ ଦେବଯାନୀଙ୍କ ଗର୍ଭରୁ ଯଦୁ ଜନ୍ମଗ୍ରହଣ କରିଥିଲେ । ଏହି ଯଦୁଙ୍କଠାରୁ ଯାଦବଙ୍କ ସୃଷ୍ଟି ହୋଇଛି । (ଦାସ : ୧୯୬୫ : ୮-୯) ସନ୍ଥ ସାହିତ୍ୟର ଅନ୍ୟତମ ପ୍ରମୁଖ କବି ତଥା ଗୋପାଳଙ୍କ କୁଳଗୁରୁ ଅଚ୍ୟୁତାନନ୍ଦ ହରିବଂଶ, ଗୋପାଳଙ୍କ ଓଗାଳ ଓ ଗୋପାଳ ଜନ୍ମ ଆଦି ପୁସ୍ତକରେ ଗୋପାଳମାନଙ୍କ ଜନ୍ମ ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି-

ଯେଉଁ ଦିନ ଆପ ତେଜ ବାୟୁ ଯେ ନଥିଲେ,
ସେଥିରୁ ଅଣ୍ଡିରା ମାଇ ଦୁହେଁ ଜନମିଲେ ।
ଯହିଁ ପୁରିଲା କପିଳା ଦୁହେଁ ବସୁନ୍ଧରୀ,
ବ୍ରହ୍ମାର ନନ୍ଦନ ଗୋପାଳ ଯେ ଜାତ କରି ।
କପିଳାକୁ ପାଳ ବୋଲି ନିରାକାର ହେଲେ,
ଦଧି ଘୃତ ଅଧାମକୁ କରହୋ ବୋଇଲେ ।

(ଦାସ : ୨୦୦୬ : ୧୯୪)

ଗୋଧନମାନଙ୍କର ପରିମାଣ ବା ସଂଖ୍ୟା ଅନୁସାରେ ଗୋପାଳ ଜାତିର ସଂଜ୍ଞା ନିରୂପଣ ମହାଭାରତ ଓ ହରିବଂଶରେ କରାଯାଇଛି । ସହସ୍ରେ ଗାଈରେ ଏକ ଗୁଆଳ । ଦଶ ଗୁଆଳରେ ଏକ ଝାଙ୍କ । ଦଶ ଝାଙ୍କରେ ଏକ ପଲ୍ଲ । ଦଶ ପଲ୍ଲରେ ଏକ ଭୋଇ । ଦଶ ଭୋଇରେ ଏକ ଖୁଡ଼ । ଦଶ ଖୁଡ଼ରେ ଏକ ମହାଖୁଡ଼ । ସର୍ବମୋଟ ଏକ ମହାଖୁଡ଼ ଗାଈର ସଂଖ୍ୟା ଏକ ଅର୍ବୁଦ । ଅର୍ଥାତ୍ ଦଶ ହଜାର କୋଟି । ଶ୍ରୀକୃଷ୍ଣଙ୍କ ପିତା ନନ୍ଦରାଜାଙ୍କୁ ମହାଖୁଡ଼ କୁହାଯାଏ ।

ସହସ୍ରେ ଗାଈରେ ଏକ ଗୁଆଳ ହୁଅଇ,
ଦଶ ଗୁଆଳରେ ଏକଝାଙ୍କ ବୋଲି କହି ।
ଏ ବିଧିରେ ଦଶଝାଙ୍କ ଏକପଲ୍ଲ ହୁଏ,
ଦଶପଲ୍ଲ ଏକଭୋଇ ନାମ ଦେଖାଯାଏ ।
ଏ ପ୍ରକାରେ ଦଶଭୋଇ ଗୋଧନ ଯାହାର,
ମହାଭୋଇ ବୋଲି ନାମ ଅଟଇ ତାହାର ।
ଦଶ ମହାଭୋଇ ହେଲେ ହୁଏ ଏକଖୁଡ଼,
ଦଶଖୁଡ଼ ଗାଈପୂର୍ଣ୍ଣ ହେଲେ ମହାଖୁଡ଼ ।

(ଦାସ : ୧୯୮୪ : ୧୮୮)

ପୁରାଣର ଅଯୋଧ୍ୟା ନଗରୀ ହେଉଛି ଯାଦବମାନଙ୍କ ଆଦ୍ୟ ବାସସ୍ଥଳୀ । ଏହିଠାରୁ ଭାରତର ବିଭିନ୍ନ ପ୍ରାନ୍ତରୁ ଯାଇ ସେମାନେ

ବସତି ସ୍ଥାପନ କରିଛନ୍ତି । ସେଠାରୁ ଗୋଟିଏ ଗୋଷ୍ଠୀ ଗୁଜୁରାଟ ଯାଇ ପୁଷ୍କଳ ଅଂଚଳରେ ରହିଲେ । ଆଉ ଏକ ଗୋଷ୍ଠୀ ବିହାରର ମଗଧ ଅଂଚଳରେ ରହିଲେ । ସମୟକ୍ରମେ ମଗଧରୁ ଯେଉଁ ଯାଦବ ଗୋଷ୍ଠୀ ଓଡ଼ିଶା ଆସିଲେ ତାଙ୍କୁ ମଗଧା ଗଉଡ଼, ଝାଡ଼ଖଣ୍ଡରୁ ଯେଉଁ ଗୋଷ୍ଠୀ ଆସିଲେ ତାଙ୍କୁ ଝରିଆ ଗଉଡ଼, ମଥୁରାରୁ ଯେଉଁ ଗୋଷ୍ଠୀ ଆସିଲେ ତାଙ୍କୁ ମଥୁରାପୁରିଆ ଗଉଡ଼, ଗୋପପୁରରୁ ଯେଉଁ ଗୋଷ୍ଠୀ ଆସିଲେ ତାଙ୍କୁ ଗୋପପୁରିଆ ବା ନନ୍ଦ ଗଉଡ଼ କୁହାଗଲା । ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ପ୍ରଣେତା ଗୋପାଳଚନ୍ଦ୍ର ପ୍ରହରାଜ ଓଡ଼ିଶାର ଗୋପାଳଙ୍କୁ ଗୋପପୁରିଆ ଓ ମଥୁରାପୁରିଆ ଭାବେ ଦୁଇ ଭାଗରେ ବିଭକ୍ତ କରିଛନ୍ତି । (ପ୍ରହରାଜ : ୧୯୩୨ : ୨୦୫୨)

ଓଡ଼ିଶାର ପୂର୍ବ ଉପକୂଳବର୍ତ୍ତୀ ଅଂଚଳ ଯଥା- ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ ଆଦି ଜିଲ୍ଲାରେ ମଥୁରାପୁରିଆ ଓ ଗୋପପୁରିଆ ଗଉଡ଼ ଦେଖାଯାଆନ୍ତି । ୧୯୧୦ ରେ ପ୍ରକାଶିତ ବେଙ୍ଗଲ ଗେଜେଟିୟର୍ସରେ କବଡେନ୍ ରାମସେ (L.E.B. Cobden Ramsay) ଗଉଡ଼ମାନଙ୍କୁ ଗୋପପୁରିଆ ଓ ମଥୁରାପୁରିଆ ଆଦି ଦୁଇଭାଗରେ ବିଭକ୍ତ କରିଛନ୍ତି। (ରାମସେ ୧୯୧୦ : ୫୮) ଓଡ଼ିଶାର ପଶ୍ଚିମାଞ୍ଚଳ ଜିଲ୍ଲା ଯଥା- ବୌଦ, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ନୂଆପଡ଼ା, କଳାହାଣ୍ଡି, କୋରାପୁଟ ଆଦି ଅଂଚଳରେ ମଗଧା ଗଉଡ଼, ଝରିଆ ଗଉଡ଼, ଲରିଆ ଗଉଡ଼, କନ୍ଧ ଗଉଡ଼ ଆଦି ଦେଖାଯାଆନ୍ତି । ଉତ୍ତର ଭାରତର ଯାଦବ ଗୋପ, ଅହୀର, ମଧ୍ୟ ଭାରତର ରାଉତ, ରାବତ, ମହାରାଷ୍ଟ୍ରରେ ଯାଦବ, ଗୋପାଳ, ମାଡ୍ରାସରେ ଉଦାୟଂସ, ଆନ୍ଧ୍ର ପ୍ରଦେଶରେ ଗୋଲ୍ୟାସ, ବଙ୍ଗଳାରେ ଗୋପ, ରାଜସ୍ଥାନ ଓ ହରିଆଣାରେ ରାବ, ଅହୀର ନାମରେ ପରିଚିତ । (ଯାଦବ : ନାହିଁ : ୯)

ଯାଦବ ବା ଗୋପାଳ ଜାତି ଏକ ଭ୍ରମଣପ୍ରିୟ ଜାତି । ଏମାନେ ଗୋଟିଏ ସ୍ଥାନରେ ରହିପାରୁ ନଥିଲେ । ଏହାର କାରଣ ହେଉଛି ତାଙ୍କ କର୍ମ । ଗୋପାଳଙ୍କ ମୁଖ୍ୟ କର୍ମ ହେଉଛି ପଶୁପାଳନ । ଏହା ତାଙ୍କର କୌଳିକ ବୃତ୍ତି । ଗୋ-ମହିଷାଦି ସବୁବେଳେ ଗୋଟିଏ ସ୍ଥାନରେ ତୃଣ ଖାଆନ୍ତି ନାହିଁ । ଭିନ୍ନଭିନ୍ନ ସ୍ଥାନରେ ତୃଣ ଖାଇବା ଫଳରେ ଗୋପାଳମାନେ ସେମାନଙ୍କ ସହ ଯାଆନ୍ତି । ଜଙ୍ଗଲ, ତୃଣଭୂମି, ବିଶେଷ କରି ନଦୀକୂଳ ଅଂଚଳରେ ଏମାନେ ବାସ କରନ୍ତି । ଗୋପାଳମାନେ ଦିନସାରା ଜଙ୍ଗଲ ଓ ନଦୀକୂଳମାନଙ୍କରେ ଗୋ-ମହିଷାଦି ଚରାନ୍ତି। ସଞ୍ଜ ହେଲେ ଖୋଲା ପଡ଼ିଆ, ନଦୀକୂଳ, ପତ୍ର କୁଡ଼ିଆ ଏବଂ ଗୋଷ୍ଠ ଭିତରେ ଶୋଇଯାଆନ୍ତି । କାରଣ ତାଙ୍କର କୌଣସି ନିର୍ଦ୍ଦିଷ୍ଟ ବାସଗୃହ ନଥାଏ । ଗୋ-ମହିଷାଦିଙ୍କ ଦୁଗ୍ଧରୁ ଦହି, ଛେନା, ଘିଅ ଆଦି ପ୍ରସ୍ତୁତ କରି ଖାଆନ୍ତି । କୃଷିଜାତ ଦ୍ରବ୍ୟ ଯଥା- ବାଜରା, ମାଣ୍ଡିଆ, ଯଅ, ସୁଆଁ, ହରଡ଼, କୋଳଥ, ବିରି ଆଦିରୁ ଖାଦ୍ୟ ପ୍ରସ୍ତୁତ କରି ଖାଇଥାନ୍ତି ।

ସମୟକ୍ରମେ ପରିବାର ବୃଦ୍ଧି, ସ୍ଥାୟୀ ବାସଗୃହ ଓ ଅନ୍ୟାନ୍ୟ ସୁବିଧା ସୁଯୋଗଗୁଡ଼ି ପୂରଣ ପାଇଁ ଅର୍ଥର ଆବଶ୍ୟକତା ପଡ଼ିଲା । ଏଣୁ ଗୋପାଳମାନେ ଦୁଗ୍ଧକୁ ବ୍ୟବସାୟରେ ପରିଣତ କଲେ । ଦୁଗ୍ଧରୁ ଦହି, ଛେନା, ଘିଅ, ଲବଣୀ, ଅଧାମ ଆଦି ପ୍ରସ୍ତୁତ କରି ବିକ୍ରି କଲେ । କିଛି ଗୋପାଳ ଦଳପତିଙ୍କ ପାଖରେ ରହି ଗାଈ, ମଇଁଷି ଚରାଇଲେ । ସମାଜରେ ଗୋପାଳନ ଛଡ଼ା ଅନ୍ୟ କେତେକ କର୍ମ ଯଥା- ରାଜା ବା ଜମିଦାରଙ୍କ ସବାରୀ ଓ ପାଲିଙ୍କି ବୋହିବା, ରାଜାଙ୍କର ଭାଟ ଭାବେ କାର୍ଯ୍ୟ କରିବା ଏବଂ ଚାଷ କାର୍ଯ୍ୟ ଆଦି କଲେ । ତା'ଛଡ଼ା ଗୋପାଳଙ୍କ ଗରାବଟୁ କାର୍ଯ୍ୟ ତାଙ୍କୁ ସମାଜରେ ସମ୍ମାନ ଆଣି ଦେଇଛି । ପୁରୀ ଜଗନ୍ନାଥ ମନ୍ଦିରରେ ଗରାବଟୁ ବା ପାଣିଦେବା କାର୍ଯ୍ୟ ଏମାନେ କରିଥାନ୍ତି ।

ବିଶେଷ କରି ଗୋପାଳନ ଓ ଚାଷ ଥିଲା ଗୋପାଳଙ୍କ ମୁଖ୍ୟ କାର୍ଯ୍ୟ । ଦିନସାରା କ୍ଷେତ ବା ଜଙ୍ଗଲରେ କାମକରି ସନ୍ଧ୍ୟାରେ ଘରକୁ ଫେରନ୍ତି । ଶାରିରୀକ କଷ୍ଟକୁ ଦୂର କରିବା ପାଇଁ ଶିଙ୍ଗା, ବେଣୁ, ପତ୍ରକାହାଳୀ ବଜାଇ ନାଚଗୀତ କରିଥାଆନ୍ତି । ଯାହା ତାଙ୍କ ସଂସ୍କୃତି ଓ ସାମାଜିକ ଜୀବନର ପ୍ରାରମ୍ଭିକ ସୂଚନା ଦିଏ । ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ଯାଏ ଗୋପାଳମାନେ କିପରି ସାଂସ୍କୃତିକ ଜୀବନଯାପନ କରନ୍ତି ତା'ର ଏକ ବୈଜ୍ଞାନିକ ଅନୁଶୀଳନ କରାଯାଇପାରେ ।

ସନ୍ତାନ ଜନ୍ମ କ୍ଷେତ୍ରରେ ଗର୍ଭବତୀ ସ୍ତ୍ରୀକୁ ପ୍ରସବ ପୂର୍ବରୁ କୌଣସି ଭାରିକାମ ଦିଆଯାଏ ନାହିଁ । ପ୍ରସବର ତିନିରୁ ଚାରିମାସ ପୂର୍ବରୁ ଗର୍ଭବତୀ ନାରୀକୁ ମନ୍ଦିର ଯିବା, ପାହାଚାରୁ ଉଠିବା, ଗରିଷ୍ଠ ଖାଦ୍ୟ ଖାଇବା ପାଇଁ ବାରଣ କରାଯାଇଥାଏ । ଯଦିଓ କିଛି ଲୋକଙ୍କଠାରେ ଏହାର ବ୍ୟତିକ୍ରମ ଦେଖାଯାଏ । ବିଶେଷକରି ଘରୁ ବାହାରକୁ ଯିବାକୁ ଦିଆଯାଇ ନଥାଏ । କାରଣ ତାଙ୍କର ବିଶ୍ୱାସ ଥାଏ ଯେ କୌଣସି ଖରାପ ଶକ୍ତିର ପ୍ରଭାବ ଗର୍ଭସ୍ଥ ସନ୍ତାନ ଉପରେ ପଡ଼ିପାରେ । ଗର୍ଭବତୀ ନାରୀକୁ ଅର୍ଦ୍ଧଚନ୍ଦ୍ର ଓ ଗ୍ରହଣ ଦେଖିବାକୁ ବି ବାରଣ କରାଯାଏ । କାହିଁକିନା ସେମାନେ ଭାବନ୍ତି ଏହାଦ୍ୱାରା ଗର୍ଭସ୍ଥ ସନ୍ତାନର ଅଙ୍ଗହାନୀ ବା ସେ ଗ୍ରହଣଖଣ୍ଡିଆ ହୋଇପାରେ । ପୁଣି

ଗର୍ଭବତୀ ନାରୀକୁ ଡେଉଁରିଆ ବା ତାବିଜ ପିନ୍ଧିବାକୁ ଦିଆଯାଏ । ଏହାଦ୍ୱାରା ଭୂତ ପ୍ରେତ ଆଦି ଅଶୁଭ ଦୃଷ୍ଟି ପଡ଼ି ନଥାଏ । ସନ୍ତାନ ଜନ୍ମହେବା ପରେ ଶାମୁକାରେ ନାହି ଛେଦନ କରାଯାଏ । ଏନ୍ତୁଡ଼ିଶାଳ ପ୍ରସ୍ତୁତ କରାଯାଇ ଏକୋଇଶ ଦିନ ପର୍ଯ୍ୟନ୍ତ ମାଆ ଓ ସନ୍ତାନକୁ ରଖାଯାଏ । ଉଭୟକୁ ଗରମ ଖାଦ୍ୟ ଖାଇବାକୁ ଦିଆଯାଏ । ପଞ୍ଚୁଆତି, ଷଷ୍ଠୀ, ବାରରାତ୍ର ଓ ଏକୋଇଶିଆର ନିର୍ଦ୍ଦିଷ୍ଟ ବିଧି ପାଳନ କରାଯାଇଥାଏ ।

## ବିବାହ :

ବିବାହ ହେଉଛି ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଗୋପାଳମାନଙ୍କର କେବଳ ନିଜ ଜାତିରେ ବିବାହ କରିବାର ପରମ୍ପରା ରହିଛି । ଅନ୍ୟ କୌଣସି ଜାତିରେ ଏମାନେ ବିବାହ କରନ୍ତି ନାହିଁ । ଗୋପପୁରିଆ ଗଉଡ଼ କେବଳ ଗୋପପୁରିଆ ଜାତିରେ, ମଥୁରାପୁରିଆ ଗଉଡ଼ କେବଳ ମଥୁରାପୁରିଆ ଜାତିରେ ହିଁ ବିବାହ କରନ୍ତି । ସ୍ୱଗୋତ୍ରରେ ଏମାନେ ବିବାହ କରନ୍ତି ନାହିଁ । କାରଣ ସେମାନଙ୍କ ମତରେ ସ୍ୱଗୋତ୍ର ହେଉଛି ତାଙ୍କ ନିଜ ଭାଇ । ତାଙ୍କ ବିବାହର ମଧ୍ୟସ୍ଥି ହେଉଛି ତାଙ୍କ ନିଜ ବନ୍ଧୁ । ବିବାହ ସ୍ଥିର ହେବା ପରେ ଲଗ୍ନପତ୍ର ନେଇ ବରପିତା କନ୍ୟାଘରକୁ ଯାଆନ୍ତି । ଏହାପରେ ଦୁଆରମଡ଼ା । ଏଥିରେ ବରଘର ଲୋକ କନ୍ୟାଘରକୁ ଯାଇ ବିବାହର ବାକି ଆନୁସଙ୍ଗିକ କାର୍ଯ୍ୟ ବିଷୟରେ ଆଲୋଚନା କରିଥାନ୍ତି । ଏହାପରେ ବିବାହର କିଛିଦିନ ପୂର୍ବରୁ ନିର୍ବନ୍ଧ କରାଯାଏ । ଆବଶ୍ୟକ ବେଳେ ବିବାହ ଦିନ କରାଯାଏ । ଏଥିରେ ବରଘର ଲୋକ କନ୍ୟା ପାଇଁ ବିବାହ ମୁଦି ନେଇ ଯାଆନ୍ତି ଓ ପ୍ରତିବଦଳରେ ବର ପାଇଁ ଆଉ ଏକ ମୁଦି ନେଇ ଆସନ୍ତି । ଏଥିରେ ବୟସ୍କ ଲୋକ ହିଁ ଯାଆନ୍ତି । କାରଣ ବିବାହ ସ୍ଥିର ହେବା ଦିନଠାରୁ ନିର୍ବନ୍ଧ ପର୍ଯ୍ୟନ୍ତ ଯଦି କୌଣସି ବାଧା ଆସେ ତାକୁ ସେଇ ନିର୍ବନ୍ଧ ଦିନ ହିଁ ସମାଧାନ କରାଯାଏ । କିନ୍ତୁ ବର୍ତ୍ତମାନ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ବରକନ୍ୟା ଏକାଠି ରହି, କେକ୍ କାଟି ଏକ ଉତ୍ସବ ଭଳି ପାଳନ କରାଯାଉଛି ।

ବିବାହ ଦିନ ବର ଗାଆଁ ମୁଣ୍ଡରେ ପହଂଚିବା ପରେ ଯାଇ କନ୍ୟା ମଙ୍ଗୁଳା ହୋଇଥାଏ । କାରଣ ସେ ସମୟରେ କନ୍ୟା ଥରେ ମଙ୍ଗୁଳା ହେବାପରେ ଯଦି କୌଣସି କାରଣରୁ ବର କନ୍ୟାଘରେ ପହଂଚି ନଥାଏ, ତେବେ ସେ କନ୍ୟାକୁ ଆଉ କେହି ବିବାହ କରିବେ ନାହିଁ ବୋଲି ବିଶ୍ୱାସ କରାଯାଏ । ସାରା ଜୀବନ ସେ କୁଆଁରୀ ହୋଇ ରହିଯାଏ । ଏହାପରେ ବରଧରା, ବରଯାତ୍ରୀ ସଙ୍ଗୁଳିବା ବିଧି ଥାଏ । ଏଥିରେ କନ୍ୟାପକ୍ଷ ଲୋକ ଲଉଡ଼ି ବାଡ଼ି ଖେଳି ବରପକ୍ଷଙ୍କୁ ପାଛୋଟି ଆଣନ୍ତି । ବିବାହର ବାକି କାର୍ଯ୍ୟ ସରିବା ପରେ ଶେଷରେ ହାତଗଣ୍ଠି ପଡ଼େ ଓ ବିବାହ ସମାପ୍ତ ହୋଇଥାଏ । ସାଧାରଣତଃ ଓଡ଼ିଶାରେ ଗୋପାଳ ଜାତିର ଆଠପ୍ରକାର ବିବାହ ଦେଖାଯାଏ । ଯୋଗାଡ଼ଭିତ୍ତିକ ବିବାହ, ଝିଙ୍କା ବିବାହ (ବଳପୂର୍ବକ ବିବାହ), ଉଦୁଲିଆ ବିବାହ, ବରମାଲ୍ୟ ବିବାହ, ଫୁଲ ବିବାହ, ଛାଗରୀ ବିବାହ, ପରସାମୁଡ଼ି ବିବାହ, ଖୋଟଲା ବିବାହ ଭୋଇ । (ଭୋଇ : ୨୦୧୯ : ୧୧୭)

## ମୃତକର୍ମ :

ଭାଗବତ କହେ 'ମର୍ତ୍ତ୍ୟେ ମନୁଷ୍ୟ ଦେହ ବହି, ଦେବତା ହେଲେବି ମରଇ' । ମୃତବ୍ୟକ୍ତି ଆତ୍ମାର ସଦ୍‌ଗତି ନିମନ୍ତେ ତା'ର ଶୁଦ୍ଧିକାର୍ଯ୍ୟ କରାଯାଏ । ଗୋପାଳ ଜାତିରେ ଓଡ଼ିଶାର ପୂର୍ବାଞ୍ଚଳ ମାନଙ୍କରେ ତେରଦିନ ଧରି ମୃତବ୍ୟକ୍ତିର ଅନ୍ତ୍ୟେଷ୍ଟିକ୍ରିୟା ପାଳନ କରାଯାଉଥିବା ବେଳେ ପଶ୍ଚିମ ଓଡ଼ିଶାରେ ବାରଦିନ ପାଳନ କରାଯାଏ । ଶିଶୁର ମର ଶରୀରକୁ ମାଟିରେ ପୋତା ଯାଉଥିବା ବେଳେ ବୟସ୍କ ଲୋକଙ୍କୁ ନିଆଁରେ ପୋଡ଼ି ଦିଆଯାଏ । ବୟସ୍କ ଗରିବ ନିଃସହାୟ ବ୍ୟକ୍ତିର ଶରୀରକୁ ଅର୍ଥାଭାବରୁ ପୋଡ଼ି ଦିଆଯାଇଥାଏ । ଗର୍ଭବତୀ ନାରୀ ଯଦି ନଅରୁ ଦଶମାସ ଗର୍ଭବତୀ ଥାଇ ମରିଯାଏ, ତେବେ ଧୋବା ମଶାଣିରେ ପ୍ରଥମେ ନାରୀର ପେଟ ଚିରି ମୃତ ଶିଶୁକୁ ବାହାର କରେ । ମୃତ ନାରୀର ଶରୀର ଅଲଗା ପୋତି ଦିଆଯାଏ, ଯାହା ସାମ୍ପ୍ରତିକ ସମୟରେ ଆଉ ଦେଖାଯାଉ ନାହିଁ ।

## ପୂଜା / ଉପାସନା :

ଗୋପାଳଙ୍କ ଆଖ୍ୟା ଦେବତା ଭଗବାନ କୃଷ୍ଣ । ଦ୍ୱାପର ଯୁଗରେ ଭଗବାନ କୃଷ୍ଣଙ୍କ ଲୀଳାଗୁଡ଼ିକୁ ଗୋପାଳମାନେ ଅତି ଶ୍ରଦ୍ଧାର ସହିତ ପାଳନ କରନ୍ତି । ତାଙ୍କ ଜାତିର ସ୍ୱତନ୍ତ୍ର ପର୍ବଗୁଡ଼ିକ ହେଉଛି- ବଳଭଦ୍ର ଜନ୍ମ ବା ରାକ୍ଷୀ ପୂର୍ଣ୍ଣିମା, ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ନନ୍ଦୋତ୍ସବ, ଗିରିଗୋବର୍ଦ୍ଧନ ପୂଜା, ଅଗ୍ନି ଉତ୍ସବ, ଦୋଳପୂର୍ଣ୍ଣିମା ଓ ରାସ ପୂର୍ଣ୍ଣିମା । ବଳଭଦ୍ରଙ୍କ ଜନ୍ମ ଶ୍ରାବଣ ପୂର୍ଣ୍ଣିମା ଦିନ ପାଳିତ ହୋଇଥାଏ । ସେ ଦିନ ଗୋମାତାଙ୍କ ଜନ୍ମତିଥି ଭାବେ ଗୋପାଳମାନେ ଅତି ଉତ୍ସାହର ସହ ପାଳନ କରିଥାନ୍ତି । ଗୋମାତା ହେଉଛନ୍ତି ତାଙ୍କ ଅର୍ଥନୀତି ଓ ଧାର୍ମିକ ପ୍ରଗତିର ବାହକ । ତେଣୁ ସେଦିନ ସକାଳୁ ପ୍ରଥମେ ଗୋମାତାଙ୍କୁ ଭଲ ଭାବରେ ଗାଧୋଇ ଦିଆଯାଏ । ଶିଙ୍ଗରେ ତେଲ ଓ ସିନ୍ଦୁର ଲଗେଇ ରାକ୍ଷୀ ବାନ୍ଧି ପୂଜା

କରାଯାଏ ଏବଂ ନାନା ଦୁଃଖ, ଶୋକ ଓ ପୀଡ଼ାରୁ ଉଦ୍ଧାର କରିବାପାଇଁ ପ୍ରାର୍ଥନା କରାଯାଏ ।

ଗୋପାଳଙ୍କ ପ୍ରସିଦ୍ଧ ପର୍ବ ହେଉଛି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ । ଗୋପାଳମାନେ କୃଷ୍ଣଙ୍କ ବଂଶଧର ବୋଲି ମନେ କରୁଥିବାରୁ ତାଙ୍କ ଜନ୍ମଦିନଟିକୁ ଅତି ଉତ୍ସାହର ସହ ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପାଳନ କରନ୍ତି । ଏହି ପର୍ବକୁ କେବଳ ଭାରତ ନୁହେଁ ବାଂଲାଦେଶ, ପାକିସ୍ତାନ, ଗୁୟାନା, ମଧ୍ୟ-ପ୍ରାଚ୍ୟ ଦେଶ ସମୂହ, ଟବାଗୋ, ଜାମାଇକା ଆଦି ଦେଶରେ ମଧ୍ୟ ପାଳିତ ହେବାର ଦେଖାଯାଏ । ବାଂଲାଦେଶରେ ଏହି ପର୍ବ ଜାତୀୟ ପର୍ବ ଭାବରେ ଘୋଷଣା କରାଯାଇଛି । (ଗ୍ରୋଭର୍ : ୨୦୦୨ : ୮) ଏହାର ପରଦିନକୁ ନନ୍ଦୋତ୍ସବ କୁହାଯାଏ । ଗୋପାଳମାନେ କୃଷ୍ଣ, ବଳରାମ, ନନ୍ଦ, ଯଶୋଦା ଆଦି ଚରିତ୍ରରେ ଅଭିନୟ କରିଥାନ୍ତି ।

ଗିରି ଗୋବର୍ଦ୍ଧନ ପୂଜା କାର୍ତ୍ତିକ ମାସରେ ପାଳିତ ହୋଇଥାଏ । ଗୋବର୍ଦ୍ଧନ ନାମକ ପର୍ବତକୁ ସେଦିନ ପୂଜା କରାଯାଏ । ଜଗନ୍ନାଥ ଦାସଙ୍କ ଭାଗବତରେ ଏହି ପୂଜାର ଉତ୍ପତ୍ତି ସମ୍ପର୍କରେ ଏପରି ବର୍ଣ୍ଣନା ହୋଇଛି- ସେଦିନ ଗୋପପୁରରେ ଇନ୍ଦ୍ରପୂଜା ହେଉଥିଲା । ଶ୍ରୀକୃଷ୍ଣ, ଇନ୍ଦ୍ରପୂଜା ପରିବର୍ତ୍ତେ ଗୋବର୍ଦ୍ଧନ ପର୍ବତକୁ ପୂଜା କରିବା ପାଇଁ କହିଛନ୍ତି । କାରଣ ଗୋବର୍ଦ୍ଧନ ପର୍ବତ ଗୋପପୁରର ସମସ୍ତ ପ୍ରାଣୀମାନଙ୍କୁ ଆଶ୍ରୟ ତଥା ସୁରକ୍ଷା ପ୍ରଦାନ କରିଥାଏ । ଏହାପରେ ଇନ୍ଦ୍ରପୂଜା ପରିବର୍ତ୍ତେ ଗୋବର୍ଦ୍ଧନଙ୍କୁ ପୂଜା କରାଗଲା । ଏଥିରେ ଦେବରାଜ ଇନ୍ଦ୍ର କ୍ରୋଧିତ ହୋଇ ପ୍ରବଳ ବେଗରେ ଘଡ଼ଘଡ଼ି ସହ ସାତଦିନ ସାତରାତି ବର୍ଷା କରେଇଲେ । ସମଗ୍ର ଗୋପପୁରର ପ୍ରାଣୀମାନେ ଏଥିରୁ ବଂଚିବା ପାଇଁ ଆର୍ତ୍ତଚିତ୍କାର କଲେ । ଗୋପପୁରବାସୀଙ୍କୁ ଉଦ୍ଧାର କରିବା ପାଇଁ ଭଗବାନ କୃଷ୍ଣ ଗୋବର୍ଦ୍ଧନ ଧାରଣ କରିଥିଲେ ।

ଗୋରୁ ବ୍ରାହ୍ମଣେ ପ୍ରୀତିଫଳେ,
ଯଜ୍ଞ କରିବା ଗିରିତଳେ ।
ପୂଜିବା ଗୋବର୍ଦ୍ଧନ ଶିରେ,
ଯେ ଇନ୍ଦ୍ର ଯଜ୍ଞର ସମ୍ଭାରେ ।
(ଦାସ, ୨୦୧୩, ୬୮୪)

ଗୋବର୍ଦ୍ଧନ ପୂଜା ଓଡ଼ିଶାର ବିଭିନ୍ନ ବୈଷ୍ଣବୀୟ ମଠ, ମନ୍ଦିର ଓ ଗୌଡ଼ୀୟ ବୈଷ୍ଣବ ଆଶ୍ରମମାନଙ୍କରେ ପାଳନ କରାଯାଏ । ବିଶେଷ କରି ପୁରୀର ବଡ଼ ଓଡ଼ିଆ ମଠରେ ଏହା ସ୍ୱତନ୍ତ୍ର ଭାବେ ପାଳନ କରାଯାଏ । ଆଗେ ପ୍ରଭୁ ଜଗନ୍ନାଥଙ୍କ ବେଶଗୁଡ଼ିକ ମଧ୍ୟରେ ଗୋବର୍ଦ୍ଧନ ବେଶ ମଧ୍ୟ ସ୍ୱତନ୍ତ୍ର ଥିଲା । ମାତ୍ର ପରବର୍ତ୍ତୀ ସମୟରେ ଗୋବର୍ଦ୍ଧନ ବେଶ ପରିବର୍ତ୍ତେ କୃଷ୍ଣ-ବଳରାମ ବେଶ କରାଗଲା । (ଆର୍କାଇଭ୍ କପି) ଏହାଛଡ଼ା ଓଡ଼ିଶାର ବିଭିନ୍ନ ଗ୍ରାମମାନଙ୍କରେ ଗୋବର୍ଦ୍ଧନ ପୂଜା କରାଯାଏ । ଓଡ଼ିଶାର ଢେଙ୍କାନାଳ, କଟକ, ଜଗତସିଂହପୁର, ବଲାଙ୍ଗୀର ଆଦି ଜିଲ୍ଲାଗୁଡ଼ିକରେ ପାଳିତ ହୋଇଥାଏ ।

ଗୋବର୍ଦ୍ଧନ ପୂଜାଦିନ ମଧ୍ୟାହ୍ନ ପରେ ଗୋପାଳମାନେ ପର୍ବତ ଉପରକୁ ଯାଇଥାନ୍ତି । ସଙ୍ଗରେ ନେଇଥାନ୍ତି କ୍ଷୀର, ଘିଅ, ନଡ଼ିଆ, କଦଳୀ ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀ । ପର୍ବତକୁ ପୂଜାକରି କ୍ଷମା ପ୍ରାର୍ଥନା କରିଥାନ୍ତି । କାରଣ ବିଭିନ୍ନ ଆବଶ୍ୟକୀୟ ଦ୍ରବ୍ୟ ଓ କାଠକାଟି ଜଙ୍ଗଲରୁ ସେମାନେ ଆଣିଥାନ୍ତି । ପୂଜା ସରିବା ପରେ ସମସ୍ତେ ତଳକୁ ଆସି ଭାଲୁନାଚ କରିଥାନ୍ତି । ବାଳକମାନେ ତାଳପତ୍ର ଦ୍ୱାରା ଘୋଡ଼େଇ ହୋଇ ଭାଲୁବେଶ ଧାରଣ କରି ଘରଘର ବୁଲିଥାନ୍ତି ଓ ଗୀତ ଗାଇ ନାଚ କରିଥାନ୍ତି । (ଢେଙ୍କାନାଳର ଓଡ଼ାପଡ଼ା ବ୍ଲକ୍, ନିମିଧା ଗ୍ରାମ)

ମାଘ ପୂର୍ଣ୍ଣିମା ଦିନ ଅଗ୍ନି ଉତ୍ସବ ବା ଅଗିପୋଡ଼ା ପର୍ବ ପାଳିତ ହୁଏ । ନଡ଼ା, ପୁଆଳ, ରାଶି କୋରଡ଼ (ରାଶି ଡାଙ୍ଗ) ସଂଗ୍ରହ କରି ଗାଁ ମୁଣ୍ଡରେ ଏକାଠି କରାଯାଏ । ଏହାପରେ ପୂଜା ଆରମ୍ଭ ହୁଏ । ଦେହୁରୀ ଅଗ୍ନି ସଂଯୋଗ କରନ୍ତି । ଏହାପରେ ନିଆଁ ଭିତରକୁ ବାଇଗଣ, ସାରୁ, ନଡ଼ିଆ ଆଦି ପକାଯାଏ । ଏହି ପର୍ବ ପାଳନର ପଛରେ କେତୋଟି କିମ୍ବଦନ୍ତୀ ରହିଛି- ପ୍ରଥମତଃ ଗ୍ରାମମାନଙ୍କରେ ଲୋକ ବିଶ୍ୱାସ ରହିଛି ଯେ, ଅଗ୍ନିଦେବଙ୍କୁ ତୃପ୍ତ କରିବା ପ୍ରତିଟି ମଣିଷର କର୍ତ୍ତବ୍ୟ । ଫସଲ ଅମଳ ପରେ ଗ୍ରାମବାସୀମାନେ ଅଗ୍ନି ଉତ୍ସବ ମାଧ୍ୟମରେ ଅଗ୍ନି ଦେବତାଙ୍କୁ ସନ୍ତୁଷ୍ଟ କରନ୍ତି । ବିଭିନ୍ନ କୃଷିଜାତ ଦ୍ରବ୍ୟ ଯଥା- ବାଇଗଣ, ସାରୁ, ନଡ଼ିଆ ଅଗ୍ନି ଭିତରକୁ ପକାଯାଏ । ପଶ୍ଚିମ ଓଡ଼ିଶାରେ ମୁଗ, ବିରି, ରାଶି ଆଦି ପକାଯାଏ । ବିଶ୍ୱାସ କରାଯାଏ ଏ ସମସ୍ତ ଖାଇବା ପରେ ଅଗ୍ନି ସନ୍ତୁଷ୍ଟ ହେବେ । କାରଣ ଆଗକୁ ଖରାଦିନ ଆସୁଥାଏ । ଗାଁର କାହାର ଘରପୋଡ଼ି ନ ହେବାପାଇଁ ଏହା କରାଯାଏ । ଆଉ ଏକ ବିଶେଷତା ହେଉଛି, ପୋଡ଼ା ଖାଦ୍ୟ ଖାଇବା ଦ୍ୱାରା ଦେହର ଚର୍ମରୋଗ ଦୂର ହୋଇଥାଏ । ଏହା ମାଘ ପୂର୍ଣ୍ଣିମାରୁ ଆରମ୍ଭ ହୋଇ ଫାଲଗୁନ ପୂର୍ଣ୍ଣିମାର ହୋଲିକା ଦହନ ଦିନ ସମାପ୍ତ ହୁଏ ।

ଗୋପାଳଙ୍କର ମୁଖ୍ୟ ପର୍ବ ହେଉଛି ଦୋଳଯାତ୍ରା । ସ୍କନ୍ଦ ପୁରାଣ ଅନୁସାରେ ଏହା ତିନିରୁ ପାଂଚଦିନ ଧରି ପାଳିତ ହୁଏ ।

(ମିଶ୍ର : ପ୍ର.କା.ନାହିଁ : ୧୪୨) ଐତିହାସିକ ଡକ୍ଟର ସତ୍ୟନାରାୟଣ ରାଜଗୁରୁଙ୍କ ଶ୍ରୀ ପୁରୁଷୋତ୍ତମ ଓ ଶ୍ରୀମନ୍ଦିର ପୁସ୍ତକରେ ଲେଖାଅଛି- "ଫାଲଗୁନ ମାସର ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଓଡ଼ିଶାରେ ଦୋଳ ଉତ୍ସବ ହୋଇଥାଏ । ତା'ପରେ ଚୈତ୍ରକୃଷ୍ଣ ପ୍ରତିପଦା ଦିନ ଶ୍ରୀମନ୍ଦିରରେ ହୋଲି ଉତ୍ସବ ପାଳିତ ହୁଏ । ଓଡ଼ିଶାରେ ପଞ୍ଚଦୋଳ ଉତ୍ସବ ଚୈତ୍ରକୃଷ୍ଣ ପ୍ରତିପଦା ଠାରୁ ପାଂଚଦିନ ପାଳିତ ହେବା ବିଧି ଅନୁସୃତ ହେଉଅଛି ।" (ରାଜଗୁରୁ : ୧୯୯୬ : ୨୧୩) ଦୋଳର ଆଭିଧାନିକ ଅର୍ଥ ହେଉଛି 'ଝୁଲା' ବା ଦୋଳି । ଦୋଳ ମଣ୍ଡପରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଭକ୍ତମାନେ ଭକ୍ତିରେ ଝୁଲେଇ ଥାଆନ୍ତି । ସନ୍ଥକବି ଅଚ୍ୟୁତାନନ୍ଦଙ୍କ ମତରେ ଏହା ଫଗୁଣ ମାସର ଶୁକ୍ଳପକ୍ଷ ପୂର୍ଣ୍ଣମୀ ତିଥି ପୂର୍ବା ଫାଲଗୁନୀ ନକ୍ଷତ୍ରରେ ପାଳିତ ହୋଇଥାଏ । ପୂର୍ଣ୍ଣମୀ ଦିନ ପାହାନ୍ତାରୁ ଗୋପାଳମାନେ ଗୋପୂଜା ନିମନ୍ତେ ଗୋଗୋଷ୍ଠକୁ ବାହାରି ଯାଆନ୍ତି । କାରଣ ଗୋମାତା ହେଉଛନ୍ତି ତାଙ୍କର ଅର୍ଥନୀତି ତଥା ଆଧ୍ୟାତ୍ମିକ ପ୍ରଗତିର ବାହକ । ଗୋମତାକୁ ଭଲ ଭାବେ ଗାଧୋଇ ଦେଇ ପୂଜା କରିଥାନ୍ତି । ଗୋଠରୁ ପୂଜାସାରି ଫେରିବା ପରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତିକୁ ବିମାନରେ ବସେଇ ଘର ଘର ବୁଲି ଭୋଗ ଖୁଆନ୍ତି । ସେଦିନ ଗୋପାଳମାନେ ଭଗବାନଙ୍କୁ କାନ୍ଧରେ ବୋହି ଅପୂର୍ବ ଶାନ୍ତି ପାଇଥାନ୍ତି । ଏହାପରେ ପୂର୍ବ ସଜ୍ଜିତ ଦୋଳମଣ୍ଡପକୁ ଭଗବାନ ଆସନ୍ତି । ମଣ୍ଡପ ଆଗରେ ଯୁବକ ଓ ଛୋଟ ପିଲାମାନେ ଗୀତଗାଇ ବାଡ଼ିଖେଳ କରିଥାନ୍ତି ।

ଫଗୁଣ ପୂର୍ଣ୍ଣିମା ଜହ୍ନ ମୋ ଫୁଲ ବଉଳବେଣୀ,
ସଖାଙ୍କ ସାଙ୍ଗରେ ନାଚନ୍ତି ଶ୍ରୀକୃଷ୍ଣ (୨ଥର)
ଗୀତଗାଇ ନାନା ଭଳି ମୋ ଫୁଲ ବଉଳବେଣୀ ।
(ସଂଗୃହୀତ : ନିତ୍ୟାନନ୍ଦ ଦାସ)

ବୟସଲୋକ ଭେଟ ଓ ପାଇକାଳି ଖେଳନ୍ତି । ଏହାପରେ ଓଗାଳ ଆରମ୍ଭ ହୁଏ । ଏଥିରେ ପ୍ରଶ୍ନୋତ୍ତର ଛଳରେ ରାମାୟଣ, ମହାଭାରତ, ଭାଗବତ ଆଦି ପୁରାଣରୁ ଗୀତ ସଂଗ୍ରହ କରି ବୋଲାଯାଏ । ଏଥିରେ ଗୋଟିଏ ଦଳ ଅନ୍ୟ ଦଳକୁ ପ୍ରଶ୍ନ କରେ ଓ ଅନ୍ୟ ଦଳଟି ତା'ର ଉତ୍ତର ଦିଏ-

ପ୍ରଶ୍ନ - ଗୋପକୁ ମଥୁରା ଅଟେ କେତେକ ଯୋଜନ,
ତହିଁ ମଧ୍ୟେ କେତେ କୋଷ ଅଟେ ବୃନ୍ଦାବନ।
(ଦାସ : ୨୦୦୬ : ୧୮)

ଉତ୍ତର - ଗୋପକୁ ସେ ମଧୁପୁର ଚତୁର ଯୋଜନ,
ଚଉରାଶୀ କୋଷ ମଧ୍ୟେ ଅଟେ ବୃନ୍ଦାବନ ।
(ତତ୍ରୈବ)

ଏହି ଉତ୍ସବକୁ ଗ୍ରାମର ପ୍ରତ୍ୟେକ ଜାତିର ଲୋକ ଆସି ଉପଭୋଗ କରନ୍ତି ।

ରାସ ପୂର୍ଣ୍ଣିମା ବା ରାସ ଉତ୍ସବ ହେଉଛି ଗୋପାଳଙ୍କର ଅନ୍ୟ ଏକ ପର୍ବ । ରାସ ଶବ୍ଦର ଆଭିଧାନିକ ଅର୍ଥ ହେଉଛି ଶବ୍ଦ କରିବା ବା କୋଳାହଳ କରିବା । ଓଡ଼ିଆରେ ରାସ କହିଲେ ମୁଖ୍ୟତଃ ରାଧାକୃଷ୍ଣଙ୍କର ପ୍ରେମଲୀଳାକୁ ବୁଝାଇଥାଏ । ସମଗ୍ର ଓଡ଼ିଶାରେ କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀଠାରୁ ଆରମ୍ଭ କରି ରାଧାକୃଷ୍ଣଙ୍କ ପ୍ରେମଲୀଳାର ସ୍ମାରକୀ ବହନ କରି ଏହି ଯାତ୍ରା କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିଥାଏ । (ପଣ୍ଡା : ୧୯୮୫ : ୧୨) ପୁଣି ବସନ୍ତ ଋତୁର ମନ୍ଦ୍ରମଧୁର ପରିବେଶରେ ମଧ ରାସ ଉତ୍ସବ ହୋଇଥାଏ । ମାତ୍ର ଦୋଳ ଉତ୍ସବରେ ଯେମିତି କେବଳ ପୁରୁଷମାନେ ଭାଗ ନିଅନ୍ତି, ଠିକ୍ ସେମିତି ଏହି ବସନ୍ତ ରାସରେ କେବଳ ନାରୀମାନେ ଭାଗ ନେଇଥାନ୍ତି । ଏହି ଉତ୍ସବରେ ନାରୀମାନେ ହାତ ଧରାଧରି ହୋଇ ନାଚିଥାନ୍ତି ।

**ନୃତ୍ୟଗୀତ :**

ଗୋପାଳଙ୍କର ଗୋପାଳନ ହେଉଛି ମୁଖ୍ୟ ବୃତ୍ତି । ସେମାନେ ବଣ ଜଙ୍ଗଲରେ ଗାଈ ଚରାଇବା ସମୟରେ ସମୟ ଅତିବାହିତ କରିବା ପାଇଁ ଅନେକ ପ୍ରକାର ଖେଳକୁଦ ଓ ନାଚଗୀତ କରିଥାନ୍ତି । ସମୟକ୍ରମେ ସେଇ ନାଚଗୀତକୁ ବିଭିନ୍ନ ପର୍ବପର୍ବାଣୀରେ ପରିବେଷଣ କରିଥାନ୍ତି । ଗୋପାଳ ଜାତିର ଲଉଡ଼ି ଖେଳ ହେଉଛି ଏକ ମୁଖ୍ୟ ନୃତ୍ୟ । କେନ୍ଦୁ ଓ ଭେରୁ ଗଛରୁ ଲଉଡ଼ି ବା ବାଡ଼ି ତିଆରି କରାଯାଏ । (ଦାସ, ୨୦୦୬, ୩୮) ଛୋଟ ଛୋଟ କେନ୍ଦୁ ବା ଭେରୁ ଗଛକୁ କାଟିଆଣି ତାକୁ ନିଆଁରେ ପୋଡ଼ାଯାଏ । ଆବଶ୍ୟକ ଅନୁଯାୟୀ ପୋଡ଼ିଗଲା ପରେ ତାକୁ ଚବିଶ ଆଙ୍ଗୁଳି ମାପରେ କଟାଯାଏ । ଏହାପରେ ବାଡ଼ିକୁ ଚିତ୍ର ବିଚିତ୍ର ରଙ୍ଗକରି ଖରାରେ ଶୁଖେଇ ପ୍ରସ୍ତୁତ କରାଯାଏ । ଦୋଳପର୍ବ, ନନ୍ଦୋତ୍ସବ ପର୍ବ ସହ ବିବାହ ସମୟରେ ମଧ ଏହି ଖେଳ ଖେଳାଯାଏ । ଲଉଡ଼ି ବାଡ଼ି କେବଳ ଏକ ସାଧାରଣ ବାଡ଼ି ନୁହେଁ । ଗୋପାଳମାନେ ଏହାକୁ ଅସ୍ତ୍ର ଭାବରେ ବ୍ୟବହାର କରି ନିଜକୁ ରକ୍ଷା କରିଥାନ୍ତି । ମହାଭାରତର ବିରାଟ ପର୍ବରେ

ସହଦେବଙ୍କ ତନ୍ତ୍ରୀକାର ବେଶରେ କୌରବ ସେନାଙ୍କ ସହ ଯୁଦ୍ଧ କରିବାର ଦୃଶ୍ୟ ଦେଖାଯାଏ ।

ଆରେ ଆରେ ଗୋପାଳ ବୋଲି ଶ୍ରୀକରେ ଚାପଧରି,
ଗୋପାଳଙ୍କ ଉପରକୁ ପେଷିଲା ନାରାଚ ଚାରି ।
ନଉଡ଼ି ବୁଲାନ୍ତେଣ ଗୋପାଳ ତନ୍ତ୍ରୀପାଳ ଜେନା,
କର୍ଣ୍ଣର ସହସ୍ରମାନ ଭାଙ୍ଗି କଲା ଚୂନା ।

(ଦାସ : ୧୯୭୨ : ୪୩୧)

ଗୋପାଳଙ୍କ ଅନ୍ୟ ଏକ ନୃତ୍ୟ ହେଉଛି ଭେଟ ଖେଳ ବା ନୃତ୍ୟ । ଏଥିରେ ସାଧାରଣତଃ ତାଲିମପ୍ରାପ୍ତ ଅଭିଜ୍ଞ ବୟସ୍କ ଗୋପାଳ ହିଁ ଭାଗ ନେଇଥାଏ । ତାଳ ସହ ପାଦ ପକେଇ ନୃତ୍ୟ କରିଥାଏ । ଏହି ନୃତ୍ୟର ବିଷୟବସ୍ତୁ ପୁରାଣର ନନ୍ଦ, ସୁନନ୍ଦ, ଚନ୍ଦ୍ରସେଣା, ଗୋବର୍ଦ୍ଧନ ମଲ୍ଲ, ଦାମ, ସୁଦାମ ଆଦିଙ୍କ କଥାକୁ ନେଇ ହୋଇଥାଏ । ମଥୁରାମଙ୍ଗଳ କାବ୍ୟର ଛାନ୍ଦ ଗାଇ ଅତି ଭାବ ବିହ୍ୱଳ ହୋଇ ଗୋପାଳ ଏହି ନୃତ୍ୟ କରିଥାଏ । ଏହାଛଡ଼ା ତାଙ୍କର ଅନ୍ୟ ସ୍ୱତନ୍ତ୍ର ନୃତ୍ୟଗୁଡ଼ିକ ହେଉଛି- ପାଇକାଳି ଖେଳ, ଭୋଟ ବାଡ଼ି, ଛଉ ନାଚ ଓ ଖେମଟା ନାଚ । (ଖେମଟା ନାଚ- ହରିବଂଶ : ୧ମଖଣ୍ଡ : ୧୮୯) ଗୋପାଳଙ୍କର ନୃତ୍ୟ ପରି ଗୀତ ମଧ୍ୟ ବିଭିନ୍ନ ପ୍ରକାର ରହିଛି । ଦାଣ୍ଡରେ ଲଉଡ଼ି ଖେଳି ଖେଳି ଗଲାବେଳେ ସେମାନେ ଦାଣ୍ଡିଗୀତ ବୋଲିଥା'ନ୍ତି । ଲୋକ ଗହଳି ଥିବାରୁ ଏହା ଉଚ୍ଚସ୍ୱରରେ ବୋଲାଯାଏ । ଉଦାହରଣ ଭାବେ ରାଧାଙ୍କ ଡାଟଙ୍କ ଚୋରୀକୁ ନିଆଯାଇପାରେ-

ସୁଦାମା ଗୋପାଳ ସେଦିନ ଗୋଧନ ଫିଟାଇ କାନନ
ବୁଲିବୁଲି ଖେଳ ଖେଳି ଯାଉଥିଲେ
ପାଇବାକୁ କୃଷ୍ଣ ଦର୍ଶନ। (ସଂଗୃହୀତ- ଭରତ ରାଉତ)

ଦୋଳରେ ଅର୍ଘ୍ୟ ଦେଇ ଗଲାବେଳେ, ସ୍ତ୍ରୀଲୋକ ଦହି ବିକି ନେବାବେଳେ ସେମାନେ ବିଭିନ୍ନ ରାଗ ରାଗିଣୀରେ ଗାୟନ କରିଥାନ୍ତି । ଓଡ଼ିଶାର ପଶ୍ଚିମାଞ୍ଚଳରେ ବର ବିବାହ ସାରି କନ୍ୟା ଆଣିବା ବେଳେ ଏକ ସ୍ୱତନ୍ତ୍ର ପ୍ରକାରର ଗୀତ ବୋଲାଯାଏ । ଏହି ଗୀତ ଘୋଘିଆ ଗୋଷ୍ଠୀ ବୋଲିଥାନ୍ତି ।

## ଅନ୍ୟାନ୍ୟ ସାମାଜିକ କର୍ମ :

**ନ୍ୟାୟ ବିଚାର ଓ ବନ୍ଧୁଚର୍ଚ୍ଚା :** ଗୋପାଳ ସମାଜରେ ଏକତା ହେଉଛି ତାଙ୍କ ସଂସ୍କୃତିର ମୂଳ ମନ୍ତ୍ର । ତାଙ୍କ ଜାତିରେ ଯେ କୌଣସି କଳିଗୋଳ, ମାରପିଟ୍ ହେଲେ ସେମାନେ ବିଚାରାଳୟକୁ ନ ଯାଇ ଗାଁରେ ଥିବା ସମାଜର ମୁଖ୍ୟଙ୍କ ସହାୟତାରେ ସମାଧାନ କରିବାକୁ ଭଲପାଆନ୍ତି । ଏହା ପୁରାତନ କାଳରୁ ପ୍ରଚଳିତ ହୋଇ ଆସୁଛି । ସମାଜର ମୁଖ୍ୟଙ୍କୁ ବେହେରା କୁହାଯାଏ । ବେହେରାଙ୍କ ପ୍ରତ୍ୟେକ କଥାକୁ ସମାଜର ଲୋକମାନେ ମାନି ଥା'ନ୍ତି । ଗୋପାଳ ଜାତିରେ ଛାଡ଼ପତ୍ର ସଂଖ୍ୟା ଅଳ୍ପ । କାରଣ ଗ୍ରାମର ବେହେରା ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ଆପୋଷ ବୁଝାମଣା କରି ଥାଆନ୍ତି । ଫଳରେ ଦୁଇଟି ଜୀବନ ଓ ଦୁଇଟି ପରିବାର ଏକାଠି ହୋଇଥାଆନ୍ତି ଏବଂ ବହୁ ଅର୍ଥ ବ୍ୟୟରୁ ରକ୍ଷା ପାଇଥାନ୍ତି । ଯଦିଓ ବର୍ତ୍ତମାନ ସମୟରେ ଏହି ବ୍ୟବସ୍ଥା କିଛି ସ୍ଥାନରେ ଦେଖାଯାଉ ନାହିଁ । ଗୋପାଳମାନେ ବନ୍ଧୁଚର୍ଚ୍ଚାରେ କେବେ ହେଳା କରନ୍ତି ନାହିଁ । ସେମାନଙ୍କ ନିଜ ନିଜର ଶକ୍ତି ଅନୁଯାୟୀ ବନ୍ଧୁଚର୍ଚ୍ଚା କରିଥାନ୍ତି । ଅତିଥିଙ୍କୁ ଅସନ୍ତୋଷ କରିବାକୁ ସେମାନେ ଦୋଷାବହ ମନେ କରନ୍ତି ।

ଅଦକ୍ଷିଣା ବିଦ୍ୟା ପୁଣି ଅସନ୍ତୋଷ ଦାନ,
ଅତିଥିଙ୍କୁ ନ ଦିଅଇ ଯେହୁ ଅନ୍ନଦାନ ।
ଉତ୍ତମ ଲୋକମାନେ ଏ କଥା ନ କରନ୍ତି,
ସବୁ ଅକାରଣ ହେବ ନ କଲେ ତା ଶାନ୍ତି ।

(ଦାସ : ପ୍ର.କା. ନାହିଁ : ୫୯)

**ଅର୍ଥନୀତି ଓ ବାଣିଜ୍ୟ ବ୍ୟବସାୟ :** ଗୋପାଳଙ୍କର ପଶୁପାଳନ ହେଉଛି ଜୀବିକା ନିର୍ବାହର ପ୍ରଧାନ ମାଧ୍ୟମ । ଗାଈ ଓ ମଇଁଷିର କ୍ଷୀରରୁ ବିଭିନ୍ନ ପ୍ରକାର ଦ୍ରବ୍ୟ ଯଥା- ଦହି, ଛେନା, ଘିଅ, ଅଧାମ (ରାବିଡ଼ି), ଗୋଟିକା (ଲଡୁ ବିଶେଷ), ଶାକର (କନ୍ଦ ଓ ଗୁଡ଼ରୁ ପ୍ରସ୍ତୁତ ଏକ ପ୍ରକାର ମିଠା), ସରପୁଳି (ଗହମ ଚୂନାରେ ପ୍ରସ୍ତୁତ ଏକ ପ୍ରକାର ପିଠା), ଆମିକ୍ଷା (ଉଷ୍ଣ ଦୁଗ୍ଧରେ ସାମାନ୍ୟ ଦହି ମିଶି ହୁଏ), ଛେନାମଣ୍ଡା, କ୍ଷୀରିସା, କ୍ଷୀରି, ପାପୁଳି, ଖୁଆ ଆଦି ତିଆରି କରି ବିକ୍ରି କରିଥାନ୍ତି । ମହାକବି ସାରଳା ଦାସଙ୍କ ମହାଭାରତ, ପଞ୍ଚସଖା ଯୁଗର ବୟୋଜ୍ୟେଷ୍ଠ କବି ବଳରାମ ଦାସଙ୍କ ଜଗମୋହନ ରାମାୟଣ, ସନ୍ଥକବି ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶ, ପୁରୁଷୋତ୍ତମ ଦାସଙ୍କ କାଞ୍ଚିକାବେରୀ କାବ୍ୟ, ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସ ଆଦିରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ସମ୍ପର୍କରେ ସୂଚନା ମିଳେ । (ଟିପ୍ପଣୀ ଦେଖନ୍ତୁ)

ପୂର୍ବରୁ ସେମାନେ ଭାଟକାର୍ଯ୍ୟ, ସବାରୀ ବାହକ ଆଦି କାର୍ଯ୍ୟ କରୁଥିଲେ, ଯଦିଓ ଏବେ ଏଇ କାର୍ଯ୍ୟଗୁଡ଼ିକ ଆଉ ହେଉ ନାହିଁ । ଏହାଛଡ଼ା ସେମାନେ ଧାନ, ଗହମ, ମାଣ୍ଡିଆ ଆଦି ଶସ୍ୟ ଜାତୀୟ ଦ୍ରବ୍ୟ ଚାଷ କରି ପରିବାର ଚଳାନ୍ତି । ବର୍ତ୍ତମାନ ସମୟରେ ଏମାନେ ସରକାରୀ ଚାକିରିରେ ମଧ୍ୟ ଯୋଗ ଦେଲେଣି ।

**ଖାଦ୍ୟାଭ୍ୟାସ :** ହରିବଂଶ ଗ୍ରନ୍ଥରେ କବି ଅଚ୍ୟୁତାନନ୍ଦ ଦାସ ନିଦ୍ରା ଓ ମୈଥୁନ ପରି ଆହାରକୁ ଏକ ଆବଶ୍ୟକୀୟ ବସ୍ତୁ ରୂପେ ଗ୍ରହଣ କରିଛନ୍ତି । ଅଚ୍ୟୁତାନନ୍ଦ ଗୋପାଳଙ୍କ କୁଳଗୁରୁ ହୋଇଥିବାରୁ ସେମାନେ ଖାଦ୍ୟକୁ ବିଶେଷ ଭାବେ ଗୁରୁତ୍ୱ ଦିଅନ୍ତି । ଗୋପାଳମାନେ ପ୍ରତ୍ୟେକ ଖାଦ୍ୟ ଭାବରେ ଭାତ, ପିଠା, କ୍ଷୀରି ଆଦି ଖାଇଥାନ୍ତି । ସାମନ୍ତ ଗୋପାଳମାନେ ଶାଳୀଅନ୍ନରେ ପଲାଉ କରି ଖାଇଥାନ୍ତି ।

ଶାଳୀଅନ୍ନ ଘୃତପକ୍ୱ ବ୍ୟଞ୍ଜନର ମୂଳେ ।
(ଦାସ : ପ୍ର.କା.ନାହିଁ : ୧୦୭)

ମାତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଦୋଳ, କୁମାର ପୂର୍ଣ୍ଣିମା ଆଦି ଉତ୍ସବ ଦିନଗୁଡ଼ିକରେ ସେମାନେ କିଛି ସ୍ୱତନ୍ତ୍ର ପ୍ରକାର ପିଠା ଯଥା- ଭାଜିଆ, କାକରା, ମାଳପୁଆ, ଚିତଉ, ମଣ୍ଡା, ପୁରୀ ଆଦି ଖାଇଥାନ୍ତି ।

ପୁରୀ କାକରା ମାଳପା ଲଡୁ ଆଦି ଦ୍ରବ୍ୟ ।
(ଦାସ : ପ୍ର.କା. ନାହିଁ : ୮)

ଲଡୁ ମୁଆଁ ପଣା ଖଳା ଚିତାଉ ଉତ୍ସବ ।
(ଦାସ : ପ୍ର.କା.ନାହିଁ : ୧୧୧)

**ଉପସଂହାର :**

ପୁରାଣ କାଳରୁ ଗୋପାଳଙ୍କ ସଂସ୍କୃତି ଉନ୍ନତ ହେଲେହେଁ ବର୍ତ୍ତମାନ ସମାଜରେ ଏମାନଙ୍କ ଆର୍ଥିକସ୍ଥିତି ଅସ୍ୱଚ୍ଛଳ । ଉଚ୍ଚଶିକ୍ଷା ଠାରୁ ଏମାନେ ବହୁ ଦୂରରେ । ଯଦିଓ ସାମ୍ପ୍ରତିକ ସମୟରେ ଗୋପାଳ ଜାତିକୁ ରାଜ୍ୟସରକାର ପଛୁଆବର୍ଗ (OBC) ରେ ଅନ୍ତର୍ଭୁକ୍ତ କରିଥିବାରୁ ଏମାନେ ଶିକ୍ଷାକ୍ଷେତ୍ରରେ କିଛି ଆଗେଇଛନ୍ତି । ୧୯୩୦ ଯାଦବ ମହାସଭାରେ ଗଉଡ଼ଜାତିକୁ ଗୋପାଳ ଜାତି ଭାବରେ ସଂସ୍କୃତାୟନ କରାଯାଇଥିଲା । ସେତେବେଳେ ସେମାନେ କୃଷ୍ଣଙ୍କ ବଂଶଧର ବୋଲି ଦାବି କରିଥିଲେ । ଏ ସଂକ୍ରାନ୍ତରେ କୁହାଯାଇଛି, "Like that's of all cowherd classes, Gaudas say that they are descended form Yadava tribe to which Krishna was born. The majority of the Gauda are cultivators. But it is evident that keeping cows and looking after kettle is there traditional occupation. It is noted that there are may Gauda of higher social standings who have acquired through tending of cattle. (Pati : 2002 : 196)

ଗୋପାଳ ଜାତିର ସର୍ବାଙ୍ଗୀନ ବିକାଶ କରିବାକୁ ହେଲେ ସେମାନଙ୍କ ଶିକ୍ଷାକ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେବାକୁ ହେବ । ଏହା କେବଳ ସମ୍ଭବ ହେବ ସେମାନଙ୍କ ଦୃଢ଼ ମନୋବୃତ୍ତି ଓ ଆନ୍ତରିକ ଇଚ୍ଛା ରହିଲେ ।

**ସହାୟକ ଗ୍ରନ୍ଥସୂଚୀ :**

୧. ସରଳବଣୀ ଅଧାମ ଶାକର ଗୁଟିକା ଛେନା, ଯେହାଙ୍କର ଉବୁରା ଆଉମାନେ ଖାଆନ୍ତି ସିନା । (ସାରଳା ଦାସ : ୧୯୭୨ : ୧୫୯)

୨. ଆହେ ବ୍ରଜସୁତେ ଶୁଣ ଆମ୍ଭ ବାଣୀ
ଯେ ମୁଦ୍ରିକା ଅଟଇ ଅମୂଲ୍ୟ ରତ୍ନମଣି ।
ଯେହା ଘେନି ଆମ୍ଭଙ୍କୁ କିଛି ଦୁଧ ଦିଅ,
କ୍ଷୁଧା କରିଅଛି ତୋଷ କରୁ ଦେହ । (ଦାସ : ୧୯୯୫ : ୬୨)

୩. ଅମୃତ ପାଣି କଦଳୀ ପିଠା ପଣାପାଣି,
ଅଧାମ ଗୋଟିକା ସର ଆମିକ୍ଷା ଲବଣୀ । (ଦାସ : ପ୍ର.କା. ନାହିଁ : ୭୩)

୪. ସବୁଘରେ ଦୁଧ ଦହି ଲବଣୀ ଯେ ଥାଇ,
ଅଧାମ ଗୋଟିକା ସର ଯେ ଯାହା ଲୋଡ଼ଇ । (ଦାସ : ୧୯୯୬ : ୨୫)

୫. ବରଜେ କ୍ଷୀର ମାଗି ତ,
ବିହୁ ଇଙ୍ଗିତ ସେ । (ଭଞ୍ଜ : ପ୍ର.କା.ନାହିଁ : ୪୮୭)

**ସହାୟକ ଗ୍ରନ୍ଥସୂଚୀ :**

୧. ଆର୍କାଇଭ୍ କପି - ୧୭.୦୧.୨୦୧୩, ୱିକିପିଡ଼ିଆ (ସଂଗୃହୀତ- ୧୯.୯.୨୦୨୫)
୨. ଦାସ, ଅଚ୍ୟୁତାନନ୍ଦ - ୧୯୮୪, ହରିବଂଶ (ଦ୍ୱିତୀୟ ଖଣ୍ଡ), କଟକ, ରାଧାରମଣ ପୁସ୍ତକାଳୟ
୩. ଦାସ, ଅଚ୍ୟୁତାନନ୍ଦ - ୧୯୮୫ ହରିବଂଶ (ତୃତୀୟ ଖଣ୍ଡ), କଟକ, ରାଧାରମଣ ପୁସ୍ତକାଳୟ
୪. ଦାସ, ଅଚ୍ୟୁତାନନ୍ଦ - ପ୍ର.କା.ନାହିଁ - ହରିବଂଶ (ଚତୁର୍ଥ ଖଣ୍ଡ), କଟକ, ରାଧାରମଣ ପୁସ୍ତକାଳୟ
୫. ଦାସ, ଅଚ୍ୟୁତାନନ୍ଦ - ପ୍ର.କା.ନାହିଁ - ହରିବଂଶ (ଷଷ୍ଠ ଖଣ୍ଡ), କଟକ, ରାଧାରମଣ ପୁସ୍ତକାଳୟ

୬. ଦାସ, ଅଚ୍ୟୁତାନନ୍ଦ - ୨୦୦୬ - ଗୋପାଳ ଓଗାଳ, ରତ୍ନାକର ଚଇନି ଓ ଅନ୍ୟମାନେ (ସଂ), ଅଚ୍ୟୁତାନନ୍ଦ ରଚନାବଳୀ (ଓଗାଳ ଖଣ୍ଡ) କଟକ, ଅଚ୍ୟୁତାନନ୍ଦ ସ୍ମୃତି ସଂସଦ

୭. ଦାସ, ନିତ୍ୟାନନ୍ଦ - ବୟସ-୭୬, ଜାତି - ଗୋପାଳ, ଯୋଗାଯୋଗ-୯୧୭୮୭୨୮୬୬୯, ପଦଲାପୁର, ସପ୍ତଶଯ୍ୟା, ଢେଙ୍କାନାଳ

୮. ଦାସ, ପୁରୁଷୋତ୍ତମ-୧୯୯୬- କାଞ୍ଚିକାବେରୀ, ସୁରେନ୍ଦ୍ରନାଥ ଦାସ (ସଂ), ଭୁବନେଶ୍ୱର, ଶ୍ରୀ ଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ

୯. ଦାସ, ବଳରାମ - ୧୯୯୫ - ଜଗମୋହନ ରାମାୟଣ (ଅରଣ୍ୟ କାଣ୍ଡ), କୃଷ୍ଣଚରଣ ସାହୁ (ସଂ), ଭୁବନେଶ୍ୱର, କୃଷ୍ଣଚରଣ ସାହୁ

୧୦. ଦାସ, ବଳରାମ-୨୦୧୩- ଶ୍ରୀମଦଭାଗବତ, ନୀଳମଣି ମିଶ୍ର (ସଂ), ଭୁବନେଶ୍ୱର, ଓଡ଼ିଶା ସାହିତ୍ୟ ଏକାଡ଼େମୀ

୧୧. ଦାସ, ସାରଳା-୧୯୬୫- ମହାଭାରତ (ଆଦିପର୍ବ), ଆର୍ତ୍ତବଲ୍ଲଭ ମହାନ୍ତି (ସଂ), ଓଡ଼ିଶା : ସାଂସ୍କୃତିକ ବ୍ୟାପାର ବିଭାଗ

୧୨. ଦାସ, ସରଳା-୧୯୭୨- ମହାଭାରତ (ବିରାଟ ପର୍ବ), ଆର୍ତ୍ତବଲ୍ଲଭ ମହାନ୍ତି (ସଂ), ଓଡ଼ିଶା : ସାଂସ୍କୃତିକ ବ୍ୟାପାର ବିଭାଗ

୧୩. ପଣ୍ଡା, ପ୍ରଦୀପ୍ତ କୁମାର- ୧୯୮୫- ଓଡ଼ିଆ ରାସ ପରମ୍ପରା (ଗବେଷଣା ନିବନ୍ଧ), ଉତ୍କଳ ବିଶ୍ୱବିଦ୍ୟାଳୟ

୧୪. ପଣ୍ଡା, ପ୍ରଦୀପ୍ତ କୁମାର - ୨୦୧୩ - ଦୋଳଯାତ୍ରା ଓ ଗୋପାଳଙ୍କ ଲଉଡ଼ି ଉତ୍ସବ, ଅସିତ ମହାନ୍ତି ଓ ଅନ୍ୟମାନେ(ସଂ), ଫଗୁ ଓ ଫଗୁଣର ପର୍ବ : କଟକ : ଅରିଲୋ ମେଳଣ ସାରସ୍ୱତ କମିଟି

୧୫. ପାଢ଼ୀ, ବେଣୀମାଧବ - ୨୦୨୦ - କୃଷ୍ଟି ଓ ଦୃଷ୍ଟି, ସୁଦର୍ଶନ ଆଚାର୍ଯ୍ୟ (ସଂ), ବେଣୀମାଧବ ଗ୍ରନ୍ଥାବଳୀ, କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ

୧୬. ପ୍ରହରାଜ, ଗୋପାଳଚନ୍ଦ୍ର - ୧୯୩୨- ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ଭୁବନେଶ୍ୱର : ଲାର୍କ ବୁକ୍ସ

୧୭. ଭଞ୍ଜ, ଉପେନ୍ଦ୍ର - ପ୍ର.କା. ନାହିଁ - ବୈଦେହୀଶ ବିଳାସ, ସଂସ୍କୃତ ବିଶାରଦ ପଣ୍ଡିତବର୍ଗଙ୍କ ଦ୍ୱାରା (ସଂ), କଟକ, ଗୌରଚନ୍ଦ୍ର ଦାନ୍

୧୮. ଭୋଇ, ଅଜିତ୍ କୁମାର - ୨୦୧୯- ପଶ୍ଚିମ ଓଡ଼ିଶାର ଗଉଡ଼ ସମ୍ପ୍ରଦାୟ ଓ ସଂସ୍କୃତି, ଭୁବନେଶ୍ୱର : ତୃପ୍ତି

୧୯. ମିଶ୍ର, ପଣ୍ଡିତ ହରିହର (ଅନୁବାଦ) - ପ୍ର.କା. ନାହିଁ : ସ୍କନ୍ଦ ପୁରାଣ (ଉତ୍କଳ ଖଣ୍ଡ), କଟକ : ଧର୍ମଗ୍ରନ୍ଥ ଷ୍ଟୋର

୨୦. ରାଉତ, ଭରତ - ବୟସ-୫୨, ଜାତି- ଗୋପାଳ, ଯୋଗାଯୋଗ-୯୬୬୮୨୬୬୭୭୦, ନିମିଧା (ବାଲିରତ୍ନପୁର), ଢେଙ୍କାନାଳ

୨୧. ରାଜଗୁରୁ, ସତ୍ୟନାରାୟଣ - ୧୯୯୬- ଶ୍ରୀପୁରୁଷୋତ୍ତମ ଓ ଶ୍ରୀମନ୍ଦିର, ଭୁବନେଶ୍ୱର, ଓଡ଼ିଶା ସାହିତ୍ୟ ଏକାଡ଼େମୀ

୨୨. ସାହୁ, ନବୀନ କୁମାର - ୧୯୭୪ - ଓଡ଼ିଆ ଜାତିର ଇତିହାସ (ପ୍ରଥମ ଭାଗ), ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ପ୍ରକାଶନ ସଂସ୍ଥା

୨୩. ଯାଦବ କୁଳ୍ ଦୀପିକା, ଯାଦବ ଚିରଞ୍ଜୀ ଲାଲ୍ (ସଂପାଦକ), ଯାଦବ ବଂଶ ବୃକ୍ଷ, ସହାଦ୍ରା, ଦିଲ୍ଲୀ

୨୪. Cooley, Social Organization (1909), p.215-216

୨୫. Ghurye, GS. 1932, Caste and Race in India, London

୨୬. Grover, Virender, 2002, Bangladesh Government and Politics, New Delhi

୨୭. Pati, Rabindranath / Jagannath Das, 2002, Tribal and Indigenous people of India : Problem and Prospective, APH Publishing Corporation

୨୮. Ramsay, Cobden, 1910, Bengol Gazetteers

୨୯. Russell, RV. 1975, Tribes and Castes of the Central Provinces of India, New Delhi : Cosmo Publications

୩୦. Singh, K.S. (Ed. 1992), People of India, Anthropological Survey of India, Calcutta


❖ ❖ ❖

DOI : https://doi.org/10.5281/zenodo.18181567 ମୂଳ ପ୍ରବନ୍ଧ

# ଓଡ଼ିଆ ସଂସ୍କୃତି ଓ ଧର୍ମ ଧାରାରେ ଯାଜପୁରର ମହାବିନାୟକ

**ବଳରାମ ଦାସ**

**ସଂକ୍ଷିପ୍ତ ସାର :**

ଓଡ଼ିଶାର ପୁରାତନ ରାଜଧାନୀ ଯାଜପୁର। ପୁରାଣ ଯୁଗରୁ ଯାଜପୁରର ଏକ ସ୍ୱତନ୍ତ୍ର ପରିଚୟ ରହିଅଛି । ସର୍ବପ୍ରାଚୀନ ଶାକ୍ତ ଧର୍ମର ପ୍ରାଣକେନ୍ଦ୍ର ଯାଜପୁର । ଯାଜପୁରର ସଂସ୍କୃତି ଓ ଧର୍ମ ସାରା ଭାରତବର୍ଷରେ ବିରଳ । ସବୁ ଧର୍ମର ଦେବଦେବୀ ଏହି ସ୍ଥାନରେ ବିରାଜମାନ । ସେଥିପାଇଁ ଯାଜପୁରକୁ ସର୍ବଧର୍ମ ସମନ୍ୱୟର ପୀଠ ବୋଲି କୁହାଯାଏ ।

ଯାଜପୁରରେ ବହୁ ପୁରାତନ ମନ୍ଦିର ଥିଲେ ମଧ୍ୟ ଦୁଇଟି ପୀଠ ସ୍ୱତନ୍ତ୍ର ଭାବରେ ସର୍ବଦା ଦୃଷ୍ଟିଗୋଚର ହୁଏ । ଜଗତଜନନୀ ମା' ବିରଜା ଓ ଅନ୍ୟଟି ଶ୍ରୀଗଣେଶ । ଏହାର କୀର୍ତ୍ତିରାଜି ସମଗ୍ର ବିଶ୍ୱବିଦିତ । ପାଞ୍ଚଟି କ୍ଷେତ୍ରର ସମାହାର ହୋଇଥିବାରୁ ଏହାକୁ ପଞ୍ଚକ୍ଷେତ୍ର ବୋଲି କୁହାଯାଏ । ପାଞ୍ଚ ଦେବତାଙ୍କ ସଙ୍ଗମ ଘଟିଛି ଏହି ପୀଠ ସ୍ଥଳରେ। ଭାରତୀୟ ଧର୍ମଧାରାରେ ପାଞ୍ଚ ଦେବଦେବୀଙ୍କୁ ଶ୍ରେଷ୍ଠ ଆସନ ଦିଆଯାଇଛି । ତେଣୁ ଶାସ୍ତ୍ରରେ ଅଛି-

"ଗଣେ, ନାରାୟଣେ, ରୁଦ୍ରେ, ଅମ୍ବିକେ, ଭାସ୍କରେ ତଥା
ଭିନ୍ନ ଭିନ୍ନ ନ କର୍ତ୍ତବ୍ୟ ପଞ୍ଚଦେବ ନମଃ ସ୍ତୁତେ ।"

ଅର୍ଥାତ୍ ପଞ୍ଚଦେବ ଭିନ୍ନ ଭିନ୍ନ ନ ହୋଇ ଏକ ମନ୍ଦିର ଭିତରେ ପୂଜା ପାଉଛନ୍ତି । ଓଡ଼ିଶାର ଧର୍ମୀୟ ପରମ୍ପରାରେ ଏହିଭଳି ପଞ୍ଚଦେବତା ଏକ ସ୍ଥାନରେ ପୂଜା ପାଇବା ସମ୍ପୂର୍ଣ୍ଣ ନିଆରା । ସମଗ୍ର ଓଡ଼ିଶାରେ ଭିନ୍ନ ଭିନ୍ନ କ୍ଷେତ୍ରର ନାମ ବିଶ୍ୱବିଦିତ । ଯେପରି- ଶ୍ରୀକ୍ଷେତ୍ର ପୁରୀ, ଅର୍କକ୍ଷେତ୍ର କୋଣାର୍କ, ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ା, ଶୈବକ୍ଷେତ୍ର ବା ଏକାମ୍ର କ୍ଷେତ୍ର ଭୁବନେଶ୍ୱର ଓ ଗଦାକ୍ଷେତ୍ର ଯାଜପୁର । ଏହି କ୍ଷେତ୍ରର ଅନ୍ୟ ଦୁଇଟି ନାମ ମଧ୍ୟ ଅଛି ଯଥା- ସିଦ୍ଧକ୍ଷେତ୍ର ମହାବିନାୟକ ଓ ବିରଜା କ୍ଷେତ୍ର । ଅଲୌକିକ ଅଦୃଶ୍ୟ ସଂସ୍କୃତିକୁ କଳାର ଲୌକିକ ପ୍ରତି ରୂପଟିଏ ପ୍ରଦାନ କରିଥାଏ । ଏହି ଜଗତ ଅତି ବିଚିତ୍ର କଳାର କାୟା ଭିତରେ ସାହିତ୍ୟ, ସଙ୍ଗୀତ, ନୃତ୍ୟ, ସ୍ଥାପତ୍ୟ, ଧର୍ମ ଓ ସଂସ୍କୃତି ସବୁକିଛି ସମାହିତ । ଯୁଗେଯୁଗେ ଧର୍ମ ଆମକୁ ବିଶ୍ୱାସର ଏକ ଶକ୍ତ ଡୋରରେ ବାନ୍ଧି ରଖିଛି । ଯାହା ଅଦୃଶ୍ୟ ଭାବରେ ଆମ ଚାରିପାଖରେ ରହିଅଛି । ଲୋକ ଜୀବନର ଚେତନା ଭିତରେ ସଦାସର୍ବଦା ଏହା ବିଦ୍ୟମାନ ।

**ପ୍ରମୁଖ ଶବ୍ଦାବଳୀ :**

ମହାବିନାୟକ, ପଞ୍ଚକ୍ଷେତ୍ର, ଗଦାକ୍ଷେତ୍ର, ମୋକ୍ଷପ୍ରାପ୍ତି, ସିଦ୍ଧି ବିନାୟକ, ପରିତ୍ରାଣ।

**ଯୋଗାଯୋଗ :**
**ବଳରାମ ଦାସ**, ଗବେଷକ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
**Email :** dasbalaram728@gmail.com
**ORCID ID:** https://orcid.org/0009-0009-2162-1192

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୮.୨୦୨୫ | ୧୧.୦୯.୨୦୨୫ | ୨୫.୧୦.୨୦୨୫ | ୧.୧୧.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଦାସ, ବଳରାମ; ୨୦୨୫। ଓଡ଼ିଆ ସଂସ୍କୃତି ଓ ଧର୍ମ ଧାରାରେ ଯାଜପୁରର ମହାବିନାୟକ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଜ, ପୃଷ୍ଠା :୬୨-୬୪।

ପରମ୍ପରା, ବିଶ୍ୱାସ ଓ ଲୋକକଥା ସବୁ ଯେମିତି ସାଧାରଣ ଲୋକର ମୁଖରେ ଜୀବିତ ହୋଇ ରହିଥାଏ କାଳ କାଳ ଧରି । ବହୁ କିମ୍ବଦନ୍ତୀ ମହାବିନାୟକ ପୀଠରେ ଲୋକମାନଙ୍କ ମୁଖରୁ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
**Available online at :** https://pracheenews.com/
**DOI:** https://doi.org/10.5281/zenodo.18181567
Article No - BPP00359

ଶୁଣିବାକୁ ମିଳିଥାଏ । ମହାବିନାୟକ ପୀଠର ଭୌଗଳିକ ଅବସ୍ଥିତି ବିଚିତ୍ର । ପାହାଡ଼ର ଖୋଲରେ ପାଞ୍ଚ ଦେବାଦେବୀ ନୀତିଦିନ ପୂଜା ପାଉଛନ୍ତି । ମନ୍ଦିରକୁ କେନ୍ଦ୍ରକରି ଅନେକ ଜନଶ୍ରୁତି, କିମ୍ବଦନ୍ତୀ, ଲୋକବିଶ୍ୱାସ ଲୁଚି ରହିଛି । ଏ ସୃଷ୍ଟି ରହସ୍ୟମୟ ଯାହାର ରହସ୍ୟ ଭେଦ କରିବା ବଡ଼ କଠିନ ବ୍ୟାପାର । ଏହି କ୍ଷେତ୍ରମାନଙ୍କରେ ହିନ୍ଦୁ ଧର୍ମର ପରମ ଆରାଧ୍ୟ ଦେବଦେବୀଙ୍କ ସାନ୍ନିଧ୍ୟ ଲାଭ କଲେ ମଣିଷ ମୋକ୍ଷପ୍ରାପ୍ତି ହୁଏ ବୋଲି ଜନମୁଖରୁ ଶୁଣାଯାଏ । ବହୁ ପୁରାଣରେ ପ୍ରମାଣ ରହିଛି ମଧ୍ୟ । ଏହିଭଳି ଘଟଣା ସବୁ କେବଳ ପିଢ଼ିରୁ ପିଢ଼ି ଲୋକ ମୁଖରେ ଜୀବିତ ରହିଥାଏ । ଓଡ଼ିଶାରେ ଯେତେ ପୀଠ ରହିଥିଲେ ମଧ୍ୟ ମହାବିନାୟ ପୀଠର ମହିମା ଏବଂ ପୀଠର ମାହାତ୍ମ୍ୟ ସମସ୍ତଙ୍କୁ ଚକିତ କରିଥାଏ । ଆମ ହିନ୍ଦୁ ଧର୍ମରେ କେଉଁ ଆଦିମ କାଳରୁ ଲୋକମାନେ ପ୍ରକୃତିର ପୂଜାକରି ଆସୁଛନ୍ତି । ଏହି ପୀଠରେ ପାଞ୍ଚ ଦେବତାଙ୍କୁ ସ୍ମରଣ କଲେ ସମସ୍ତ ପ୍ରକାରର ପାପରୁ ପରିତ୍ରାଣ ମିଳେ । ଏହି ସମସ୍ତ ଦେବଦେବୀ ଗୋଟିଏ ପଥରରେ ଏକାଠି ହୋଇ ରହିଥିବାରୁ ଦର୍ପଣର ଗଣେଶ କେବଳ ବିନାୟକ ନୁହନ୍ତି, ସେ ମହାବିନାୟକ । ଲୋକ ମୁଖରେ ସୁନ୍ଦର ଘଟଣା ଶୁଣିବାକୁ ମିଳିଥାଏ । ଏକ ବାଛୁରୀ ବିହୀନ ଗାଇ ଏହି ସ୍ଥଳକୁ ପ୍ରତିଦିନ ଖାଦ୍ୟ ସନ୍ଧାନରେ ଆସିଥାଏ । ସେହି ପାଖରେ ଥିବା ଏକ ପଥର ମୂର୍ତ୍ତି ଉପରେ ବିନା ବାଛୁରୀରେ ଚିରରୁ କ୍ଷୀର ଝରାଇ ସବୁଦିନ ଫେରିଯାଏ ।

ଏହି କଥା ସମଗ୍ର ଅଞ୍ଚଳରେ ଧୀରେ ଧୀରେ ବ୍ୟାପିବାକୁ ଲାଗିଲା । କିଛିଦିନ ପରେ ଭଗବାନଙ୍କ କାଞ୍ଚନିକ ମୂର୍ତ୍ତିର ଆବିର୍ଭାବ ଓ ପୂଜା ଆରାଧନା ଆରମ୍ଭ ହୋଇଗଲା । ସେହିଦିନ ଠାରୁ ମହାବିନାୟକ ପୀଠର ମାହାତ୍ମ୍ୟ ସାରା ଓଡ଼ିଶାରେ ବ୍ୟାପିବାକୁ ଲାଗିଲା । ଏହିସବୁ ଲୋକ କଥା ଓ ଲୋକ ବିଶ୍ୱାସ ଆମ ଗଣ ଜୀବନକୁ ପ୍ରଭାବିତ କରିଥାଏ । ସଂସ୍କୃତି ସାହିତ୍ୟ ଧର୍ମ ଯୁଗ ଯୁଗ ଧରି ଲୋକମୁଖରେ ଏହିଭଳି ବଞ୍ଚି ରହିଥାଏ । କିମ୍ବଦନ୍ତୀ କହେ ମହାବିନାୟକ ପୀଠ ହେଉଛି ରାଜାଙ୍କ ନିବାସ ଓ ଛତିଆ ବଟ ହେଉଛି ମନ୍ତ୍ରୀଙ୍କ ନିବାସ ସ୍ଥଳୀ । ପାଣ୍ଡବମାନେ ବନବାସ କରୁଥିବା ବେଳେ ବାରୁଣବନ୍ତରେ ଶିବଙ୍କୁ ଆରାଧନା କରୁଥିବାରୁ ସେମାନଙ୍କ ମୂର୍ତ୍ତି ଏକତ୍ର ରହିଛି । ସମଗ୍ର ଉତ୍କଳରେ ଆଉ କୌଣସିଠାରେ ଏପରି ବିଗ୍ରହର ସୂଚନା ନାହିଁ । ତେଣୁ ଲୋକମାନଙ୍କ କହିବା ଅନୁସାରେ ବିନୟ କ୍ଷେତ୍ରରେ ପଞ୍ଚମୂର୍ତ୍ତି ହେଉଛି ଯଥାକ୍ରମେ : ଯୁଧିଷ୍ଠିର, ଭୀମ, ଅର୍ଜୁନ, ନଜିକୁ ଆଦି ଚାରି ଭ୍ରାତା ଏବଂ ଦ୍ରୋପଦୀଙ୍କ ସମେତ ପାଞ୍ଚ ଦେବଦେବୀ ଏହି ପୀଠରେ ବିରାଜମାନ । ପାଣ୍ଡବମାନଙ୍କ ଅନ୍ୟ ଏକ ଭ୍ରାତା ସହଦେବ ଯିଏ ପାଣ୍ଡବମାନଙ୍କ ମନ୍ତ୍ରୀ ଥିବାରୁ ସେ ଏକ ବାଟରେ ରହିଲେ । ଆଉ କେତେକଙ୍କ ମତରେ ଏହିଠାରେ ପାଣ୍ଡବଙ୍କର ମାତା କୁନ୍ତୀ ଦେବୀ ଓ କୌରବଙ୍କ ମାତା ଗାନ୍ଧାରୀ ଶିବଙ୍କୁ ପୂଜା କରୁଥିଲେ । ଶିବ ପୂଜା ଲାଗି ଉଭୟଙ୍କ ମଧ୍ୟରେ ବାଦବିବାଦ ଲାଗିଥିଲା । ସିଦ୍ଧମୁନି ସାରଳା ଦାସ ତାଙ୍କ ମହାଭାରତର ମଧ୍ୟପର୍ବରେ କୁନ୍ତୀ ଗାନ୍ଧାରୀଙ୍କ କଥା ଉଲ୍ଲେଖ କରିଛନ୍ତି । ସେମାନେ ଯେଉଁ ଲିଙ୍ଗ ପୂଜା କରୁଥିଲେ ତାହାର ସୂଚନା ଦେଇ କବି ଲେଖିଛନ୍ତି–

ଶୁଣ ହେ ମନୁ ରାୟେ ଭାଗିରଥ ନାମେ ଗଙ୍ଗାକୂଳେ
ନୀଳ ଉତ୍କଳ ନାମେ ଯେ ପର୍ବତ ଫଳେ
ବିରାଜେଶ୍ୱର ବୋଲି ତହୁ ବିଜୟେ ଦେବକାଶୀ
ମନୁଷ୍ୟ ଅବତାର ସେ ପ୍ରତ୍ୟକ୍ଷ ବାରଣାସୀ
ବଳବୃଦ୍ଧ ତରୁଣ ତିନି ରୂପ ଧରଇ
ପ୍ରତ୍ୟକ୍ଷେ ବର ଦିଅଇ ଯେ ଯାହାର ମାନେ ବାଞ୍ଛଇ ।

ଏହାର ଅର୍ଥ ହେଉଛି ଉତ୍କଳୀୟ ବୈତରଣୀ ନାଡ଼ିକୁ ଗଙ୍ଗାନଦୀ ରୂପେ ଅଭିହିତ କରାଯାଏ । ଏହି ବୈତରଣୀ ନଦୀ ଠାରୁ ଅଳ୍ପ ଦୂରରେ ମହାବିନାୟକ ମନ୍ଦିର ଅବସ୍ଥିତ । ସାରଳା ଦାସ ଯେଉଁ ବିରାଜେଶ୍ୱର ଲିଙ୍ଗ କଥା କହିଛନ୍ତି; ସେଥିରୁ ମହାବିନାୟକ ଦେବ ବିରାଜଙ୍କ ଈଶ୍ୱର ହୋଇପାରନ୍ତି । ମହାବିନାୟକ ଦେବ ଗଣେଶ ନୁହନ୍ତି, ବିନାୟକ ହେଉଛନ୍ତି ଶିବ । ପ୍ରକୃତରେ ଦର୍ପଣ ଗଡ଼ରେ ଏହି ମହାବିନାୟକ ଦେବ କଥା ଚଣ୍ଡୀଖୋଲର 'ଛିନ୍ନମସ୍ତା' ଦେବୀ । ଏହି କ୍ଷେତ୍ରଟି ପ୍ରସିଦ୍ଧ ଶୈବକ୍ଷେତ୍ର ଥିଲା । ମହାଭାରତ ଯୁଦ୍ଧରେ ପାଣ୍ଡବମାନେ ବିଜୟଲାଭ କରିବା ପାଇଁ ମାତା କୁନ୍ତୀ ମହାବିନାୟକ ପୀଠରେ ପାଞ୍ଚ ଦେବତାଙ୍କୁ ଲକ୍ଷେ ସ୍ୱର୍ଣ୍ଣଚମ୍ପା ଚଢ଼େଇଥିଲେ ବୋଲି ଲୋକବିଶ୍ୱାସ ରହିଛି ।

ମନ୍ଦିରକୁ କେନ୍ଦ୍ରକରି ଏହିଭଳି ଲୋକବିଶ୍ୱାସ ଅନେକ ଶୁଣିବାକୁ ମିଳିଥାଏ । ମହାବିନାୟକ ମନ୍ଦିରରେ କୌଣସି ଅଭିଲେଖା କିମ୍ବା ଶିଳାଲେଖା ନଥିବାରୁ ମନ୍ଦିରର ଇତିହାସ ଜାଣିବା କଷ୍ଟକର ହୋଇଥାଏ । ଓଡ଼ିଶାର ଇତିହାସରୁ ଜଣାଯାଏ ଯେ ଖ୍ରୀଷ୍ଟୀୟ ୭ମ, ୮ମ ଶତାବ୍ଦୀ ବେଳକୁ ଓଡ଼ିଶାର ବିଭିନ୍ନ ଧର୍ମର ପ୍ରଚାର ପ୍ରସାର ହୋଇ ସାରିଥିଲା । କେଶରୀ ସୋମବଂଶୀ ରାଜାମାନଙ୍କ ରାଜତ୍ୱ ସମୟରେ ଯାଜପୁର ଓଡ଼ିଶାର ରାଜଧାନୀ ଥିଲା । ରାଜା ଯଯାତି କେଶରୀ ଯାଜପୁରର ବିରଜା ମନ୍ଦିର ନିର୍ମାଣ

କରି ଦଶାଶ୍ୱମେଧ ଘାଟ ପ୍ରତିଷ୍ଠା କରିଥିଲେ । ଏହି ସମୟସୀମା ଭିତରେ ମହାବିନାୟକ ମନ୍ଦିର କୌଣସି ଶୈବ ନରପତି ନିର୍ମାଣ କରିଥିଲେ ଅନୁମିତ ହୁଏ । ମହାବିନାୟକ ମନ୍ଦିର ଠାରୁ ଅଳ୍ପ ଦୂରରେ ଅଷ୍ଟତାଲିଙ୍ଗ ମୂର୍ତ୍ତି ତଥା ପର୍ବତର ଦୁଇଶହ ଗାଯ ଉପରେ ଝରଣା ପାଖରେ ଥିବା ପାଞ୍ଚ ଦେବାଦେବୀ ମୂର୍ତ୍ତି ଅଛି ତାହା ପରବର୍ତ୍ତୀ କାଳରେ ବୋଲି ଜଣାଯାଏ । କୁଳୁକୁଳୁ ହୋଇ ବହିଯାଉଥିବା ଝରଣାର ନାଦ ବହୁତ ସୁନ୍ଦର । ଏହି ଝରଣାର ଜଳ ବହୁତ ନିର୍ମଳ । କଥିତ ଅଛି ଢେଙ୍କାନାଳ ଜିଲ୍ଲାର କପିଳାସ ପର୍ବତର ଝରଣା ଜଳ ମହାବିନାୟକ ପର୍ବତରେ ଝରୁଛି । ଏହି ପୀଠରେ ବିଭିନ୍ନ ଦେବାଦେବୀ ସହ ବନଦୁର୍ଗାଙ୍କ ମନ୍ଦିର ପାହାଡ଼ର ପାଦଦେଶରେ ଅବସ୍ଥିତ । ପାହାଡ଼ର ଉପର ଭାଗରୁ ଏକ ପଥର ଖୋଲରୁ ଝରଣାର ତୀବ୍ର ପ୍ରବାହ ବହି ଆସୁଛି । ଚାରିପାଖରେ ଘେରି ରହିଛି ଅନେକ ମଠ ଓ ମନ୍ଦିର । ଏହି ପୀଠରେ ବିଭିନ୍ନ ଓଷା ବ୍ରତ ଯଜ୍ଞ ମେଳା ଅନୁଷ୍ଠିତ ହୋଇଥାଏ । ଉତ୍କଳରେ ଗୋଟିଏ ଲୋକକଥା ଅଛି- ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ରକରି 'ବାର ମାସରେ ତେର ପର୍ବ' । ସେହିଭଳି ଏହି ପୀଠରେ ଶିବରାତ୍ରି ଦିନ ବିଶ୍ୱ ଶାନ୍ତି ମହାଯଜ୍ଞ ହୋଇଥାଏ । କୋଟି କୋଟି ଭକ୍ତମାନଙ୍କର ଭିଡ଼ ଲାଗିଥାଏ । ମନ୍ଦିରର ରୀତିନୀତି ଅନୁସାରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପୂଜା ହୋଇଥାଏ । ଯେମିତି ମହାବିଷୁବ ସଂକ୍ରାନ୍ତି, ଚନ୍ଦନ ପୂର୍ଣ୍ଣିମା, ଝୁଲଣଯାତ୍ରା, ରାଧାଷ୍ଟମୀ, ଦଶହରା, ରାହାସପୂର୍ଣ୍ଣିମା, ମକର ସଂକ୍ରାନ୍ତି ଆଦି ଅନେକ ପର୍ବ ପାଳନ କରାଯାଏ । ପ୍ରତି ଚତୁର୍ଦ୍ଦଶୀ ଦିନ ବେଢ଼ା ପରିକ୍ରମା କରାଯାଏ । ପୀଠର ମହିମା ଗାନ କଲେ ଶେଷ ହେବ ନାହିଁ । ଆଉ ଲୋକବିଶ୍ୱାସ ଶୁଣିଲେ ବଡ଼ ଆଶ୍ଚର୍ଯ୍ୟ ଲାଗେ । ଠାକୁରଙ୍କ ମସ୍ତକରେ ଦହି, ମହୁ ଓ ଲହୁଣୀ ଲେପନ କରିବା ପାଇଁ ନୀତିଦିନ ଜଣେ ପୂଜକ ପୂଜା କରିବା ପାଇଁ ଆସିଥାଏ । ହଠାତ୍ ଦିନେ ପୂଜକ ଜଣକ ଦେଖିଲା ଠାକୁରଙ୍କ ମୂର୍ତ୍ତିଟି ବଡ଼ ହୋଇ ଚାଲିଛି ପ୍ରତ୍ୟେକ ଦିନ । ସବୁଦିନ ଭଳି ସେଦିନ ପୂଜା କରିବା ବେଳେ ଠାକୁରଙ୍କ ମସ୍ତକକୁ ହାତ ନ ପାଇବାରୁ ସେ ବିରକ୍ତ ହୋଇ ଧରିଥିବା ଗଡୁରେ ଠାକୁରଙ୍କୁ ପିଟି ଦେଲା । ସେହିଦିନ ଠାରୁ କୁଆଡ଼େ ଠାକୁରଙ୍କ ପଥର ମୂର୍ତ୍ତି ଲମ୍ବରୁ ନ ବଢ଼ି ଗୋଲ ଆକୃତିର ବଢ଼ି ଚାଲିଲେ । ଏହି ରହସ୍ୟମୟ ଜନଶ୍ରୁତି ସେ ଅଞ୍ଚଳରେ ଶୁଣାଯାଏ ।

ଆମ ଭାରତୀୟ ପରମ୍ପରା, ଧର୍ମ, ଦର୍ଶନ, କଳା, ସଂସ୍କୃତି ଗୋଟିଏ ଗୋଟିଏ ମହାନ ଇତିହାସ । ଆମର ନିତିଦିନ ଜୀବନଯାପନ ଭିତରେ ଆମେ ବହୁ ଦେବାଦେବୀଙ୍କୁ ଉପାସନା କରିଥାଉ । ସବୁବେଳେ କୌଣସି ଶୁଭ କାମରେ ଭଗବାନଙ୍କ ନାମ ସ୍ମରଣ କରି ଆରମ୍ଭ କରୁ । ଏହି କଥାଟି ବାସ୍ତବ ସତ୍ୟ । ପୃଥିବୀର କୋଣ ଅନୁକୋଣରେ ଭଗବାନ ବିରାଜମାନ । ଓଡ଼ିଆ ଜାତିର ଲୋକ ସଂସ୍କୃତି ଆଜି ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଯେଉଁ ଜାତିର ସଂସ୍କୃତି ଯେତେ ଉନ୍ନତ ସେ ଜାତିର ଲୋକ ସେତେ ଉନ୍ନତ । ଚଣ୍ଡୀଖୋଲର ମହାବିନାୟକ ପୀଠରେ ଆମେ ଦେଖିବାକୁ ପାଇବା ଅନେକ ଧର୍ମର ଦେବାଦେବୀଙ୍କୁ । ସମସ୍ତ ଶକ୍ତିର ଆଧାର ଏହି ପୀଠ ଆଜି ବିଶ୍ୱରେ ଏକ ନୂତନ ଦିଗ୍‌ଦର୍ଶନ ସୃଷ୍ଟି କରିଛି । ଯୁଗ ସହ ତାଳଦେଇ ଯାଜପୁର ତା'ର ଉନ୍ନତି ପଥରେ ଅଗ୍ରସର ହୋଇ ଚାଲିଛି ।

**ସହାୟକ ଗ୍ରନ୍ଥସୂଚୀ :**


୧. ଡକ୍ଟର ପାଢ଼ୀ ବେଣୁଧର, ଲୋକସାହିତ୍ୟ ଓ ଲୋକସାହିତ୍ୟ ତତ୍ତ୍ୱ : ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ୨ୟ ସଂସ୍କରଣ- ୨୦୧୧ ।

୨. ପ୍ରଧାନ କୃଷ୍ଣଚନ୍ଦ୍ର, ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି; ବିଦ୍ୟାପୁରୀ, ୭ମ ସଂସ୍କରଣ- ୨୦୧୭ ।

୩. ପଣ୍ଡା, ପ୍ରଦୀପ୍ତ କୁମାର, ଓଡ଼ିଶାର ଧର୍ମଧାର, ବୁକ୍ସ ଆଣ୍ଡ ବୁକ୍ସ ।

୪. ଡକ୍ଟର ପାଢ଼ୀ, ଏକାଦଶୀ : ଯୁଗେ ଯୁଗେ ଯାଜପୁର, ଚିତ୍ରୋତ୍ପଳା ପବ୍ଲିକେଶନ, ୨୦୦୨ ।

୫. ଚନ୍ଦ୍ର ଶରତ, ଓଡ଼ିଶାର ଶକ୍ତି ପୀଠ, ଶାଶ୍ୱତୀ ପବ୍ଲିକେଶନ ।

DOI : https://doi.org/10.5281/zenodo.18181615

ମୂଳ ପ୍ରବନ୍ଧ

# ଓଡ଼ିଆ ଉପନ୍ୟାସିକା ପରିପ୍ରେକ୍ଷୀରେ ପ୍ରାପ୍ତିର ଭୂମିକା

**ଶୁଭଶ୍ରୀ ଜେନା**

**ସଂକ୍ଷିପ୍ତସାର :**

ଉପନ୍ୟାସିକା ହେଉଛି ଉପନ୍ୟାସ ସାହିତ୍ୟର ପର୍ଯ୍ୟାୟଭୁକ୍ତ । ଏକବିଂଶ ଶତାବ୍ଦୀକୁ ଲକ୍ଷ୍ୟ କଲେ ଜଣାପଡ଼େ ଯେ ଆଜିର ମଣିଷ ଏତେ ବ୍ୟସ୍ତ ଯେ ତା ପାଖରେ ସମୟର ଅଭାବ । ଏହି ସମୟ ସାପେକ୍ଷକୁ ଲକ୍ଷକରି ଔପନ୍ୟାସିକମାନେ ଉପନ୍ୟାସର ଫର୍ମକୁ ବଦଳାଇ ଦେଇ ଉପନ୍ୟାସିକା ରଚନା କରୁଛନ୍ତି । କାହାଣୀର ଘନତା ବା ସରଳତାକୁ ନେଇ ଉପନ୍ୟାସିକାର ଗଠନ ଏବଂ ଜୀବନର ବାସ୍ତବତାକୁ ଅନୁକରଣ କରି ଜନ୍ମ ହୋଇଛି ଉପନ୍ୟାସିକା । ନୂତନ ଶୈଳୀ ବା ଫର୍ମକୁ ନେଇ ସାଂପ୍ରତିକ ସମୟରେ ଉପନ୍ୟାସିକା ବହୁ ଚର୍ଚ୍ଚିତ । ଉପନ୍ୟାସ ଠାରୁ ଉପନ୍ୟାସିକାର ପାଠକ ସଂଖ୍ୟା ମଧ୍ଯ ବହୁ ଅଧିକ ।

**ପ୍ରମୁଖ ଶବ୍ଦବଳୀ :**

ଉପନ୍ୟାସ, ଉପନ୍ୟାସିକା, ନଭେଲା, ଦୀର୍ଘଗଳ୍ପ, ପ୍ରାପ୍ତି ।

ଇଟାଲୀର ମଧ୍ୟଯୁଗ ସମୟରେ 'ନଭେଲା' ଶବ୍ଦର ଉତ୍ପନ୍ନ ହୋଇଥିଲା । ଏହି ନଭେଲା ( Novella ) ଶବ୍ଦର ଅର୍ଥ ଥିଲା 'ସଂବାଦ' । ଇଂରାଜୀ 'Novella' ଶବ୍ଦର ଓଡ଼ିଆ ରୂପାନ୍ତରିତ ଶବ୍ଦ 'ଉପନ୍ୟାସିକା' । ମାତ୍ର ସଂବାଦ ଅର୍ଥରେ Novellaକୁ ଗ୍ରହଣ କଲେ ତାହା ଅଳ୍ପଦିନର ଏବଂ ସତ୍ୟ ଘଟଣା ହେବା ଆବଶ୍ୟକ । ସଂବାଦ ଅଧିକ ଦିନର ହୋଇଗଲେ ତାହା ସଂବାଦ ମୂଲ୍ୟ ହରାଇ ଇତିହାସ ହୋଇଯାଏ । ସତ୍ୟଘଟଣା ନହେଲେ ତାହା ସଂବାଦ ଅଥବା ଇତିହାସ କୌଣସି ଶ୍ରେଣୀରେ ଆସିପାରିବ ନାହିଁ । ତେଣୁ Novella ମଧ୍ୟରେ ସାଂପ୍ରତିକ ଘଟଣାବଳୀଠାରୁ ଆରମ୍ଭ କରି ଅତ୍ୟନ୍ତ ବୀରତ୍ୱପୂର୍ଣ୍ଣ କାହାଣୀକୁ ମଧ୍ୟ ବୁଝାଗଲା । ଏହି ଶବ୍ଦଟିକୁ ପ୍ରଥମେ ବୋକାସିଓ ଡ଼େକାମେରିନ୍ ( Boccaccio's Decameron ) ଏକ ଛୋଟ କାହାଣୀ ବର୍ଣ୍ଣନା କରିବାକୁ ବ୍ୟବହୃତ କରିଥିଲେ ।

ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ବା ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜର୍ମାନ ଲେଖକମାନେ ଉପନ୍ୟାସିକା(Novella)କୁ ନିୟମ ପୂର୍ଣ୍ଣ ସହିତ ସାହିତ୍ୟିକ ଧାରା ଭାବରେ ଗଠନ କରିବାକୁ ଲାଗିଲେ । ଊନବିଂଶ ଶତାବ୍ଦୀର ଶେଷଭାଗରେ, ହେନେରୀ ଜେମ୍ସ ପ୍ରଥମେ ଇଂରାଜୀ ସମାଲୋଚକମାନଙ୍କ ମଧ୍ୟରୁ ଯିଏକି ଉପନ୍ୟାସିକା (Novella) ଶବ୍ଦ ବ୍ୟବହାର କରିଥିଲେ । ପାଶ୍ଚାତ୍ୟ ଦେଶମାନଙ୍କର ଉପନ୍ୟାସର ଏକ ଭିନ୍ନ ସାହିତ୍ୟିକ ଧାରା ପରିବର୍ତ୍ତେ ଏକ କ୍ଷୁଦ୍ର ଉପନ୍ୟାସ ପାଇଁ Novella ଶବ୍ଦ ବ୍ୟବହୃତ କଲେ ।

Britannica Dictionary – A novella is

**ଯୋଗାଯୋଗ :**
**ଶୁଭଶ୍ରୀ ଜେନା,** ଗବେଷିକା, ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**Email**: jenasushree45@gmail.com
**ORCID ID:** https://orcid.org/0009-0000-6094-6971

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୮.୨୦୨୫ | ୧୧.୦୯.୨୦୨୫ | ୨୫.୧୦.୨୦୨୫ | ୧.୧୧.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଜେନା, ଶୁଭଶ୍ରୀ, ୨୦୨୫ । ଓଡ଼ିଆ ଉପନ୍ୟାସିକା ପରିପ୍ରେକ୍ଷୀରେ ପ୍ରାପ୍ତିର ଭୂମିକା । ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା: ଜ, ପୃଷ୍ଠା : ୬୫-୬୮ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢ଼ିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.18181615

Article No - BPP00360

defined as a fictional prose narrative the is longer than a short story but shorter than a novel . It is a form of story telling characterized by a well – structured narrative, often realistic and satirical in tone, and historically influenced the development of the short story and the novel .

କଥା ସାହିତ୍ୟର ଆଦ୍ୟ ପର୍ଯ୍ୟାୟରେ ଗଳ୍ପ ଓ ଉପନ୍ୟାସ ଦୁଇଟି ଦିଗ ଆମେ ଦେଖିବାକୁ ପାଇଥିଲେ । ସମୟର ପରିବର୍ତ୍ତନ ସହିତ ଲେଖକଙ୍କ ଲେଖିବା ଶୈଳୀରେ ମଧ୍ୟ ପରବର୍ତ୍ତନ ଦେଖା ଦେଲା । ପ୍ରାଚ୍ୟ ଓ ପାଶ୍ଚାତ୍ୟର ଅନେକ ନୂଆ ଫର୍ମ ବା ଶୈଳୀର ଧାରା ଗତିକରି ଆମ ଓଡ଼ିଆ ସାହିତ୍ୟରେ ତା'ର ପ୍ରଭାବ ବିସ୍ତାର ଲାଭ କରିଛି । ଏହି ନୂତନ ଫର୍ମ ବା ଶୈଳୀ ମଧ୍ୟରୁ ଉପନ୍ୟାସିକାର ସୃଷ୍ଟି । ସୁଦୀର୍ଘ ଉପନ୍ୟାସ(୪୦୦ ରୁ ୫୦୦ ପୃଷ୍ଠା) କ୍ରମଶଃ ପାଠକ ଆଦୃତ ଲାଭ ନକରି ତା'ର କଳେବର ଦୃଷ୍ଟିରୁ କ୍ଷୁଦ୍ର ହେବାକୁ ଲାଗିଲା । ଉପନ୍ୟାସିକାର ଶୈଳୀ ଇଂରାଜୀ ସାହିତ୍ୟରେ ଅନେକ ଦିନରୁ ଥିଲେ ମଧ୍ୟ ଓଡ଼ିଆ ସାହିତ୍ୟରେ ଏହାର ପ୍ରଭାବ ଏକବିଂଶ ଶତାବ୍ଦୀରେ ଆଦୃତ ଲାଭ କଲା । ପାଠକ ଦୀର୍ଘ କଳେବର ବିଶିଷ୍ଟ ଉପନ୍ୟାସ ଗୁଡ଼ିକୁ ପଢ଼ିବା ପାଇଁ ସମୟ ନପାଇବାରୁ; ଉପନ୍ୟାସିକା ପାଠକ ଓ ସାହିତ୍ୟ ପ୍ରେମୀଙ୍କ ଜଗତରେ ଏକ ନୂତନ ଭୂମିକା ସୃଷ୍ଟିକଲା ।

ଊଣେଇଶହ ଅଶି ପରବର୍ତ୍ତୀ ବା ଏକବିଂଶ ଶତାବ୍ଦୀର ଖୁବ୍‌ଜନପ୍ରିୟ ବା ପାଠକ ଆଦୃତ ଲାଭ କରିଥିବା ଉପନ୍ୟାସିକା ସଂକଳନ ହେଉଛି 'ପ୍ରାପ୍ତି' । ପାରମିତା ଶତପଥୀଙ୍କ 'ପ୍ରାପ୍ତି' ଉପନ୍ୟାସିକା ସଂକଳନଟି ୨୦୧୨ ମସିହା ପ୍ରକାଶିତ ହେବାପରେ ୨୦୧୬ ମସିହାରେ ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ । ୧୯୮୦ ପରବର୍ତ୍ତୀ ସମୟରେ କଥା ସାହିତ୍ୟ ଜଗତରେ ଏକ ସୁପରିଚିତ ନାମ ହାସଲ କରିପାରିଛନ୍ତି ପାରାମିତା ଶତପଥୀ । 'ପ୍ରାପ୍ତି' ସଂକଳନରେ ସର୍ବମୋଟ ୧୦ଟି ଉପନ୍ୟାସିକା ସଂକଳିତ । 'ମୁକ୍ତି', 'ସାଥି', 'ଝିଅ', 'କ୍ଷତ', 'ଶେଲି', 'ପୁନଃ', 'ମୋହ', 'କ୍ଷମା', 'ଲୁହ' ଏବଂ 'ପ୍ରାପ୍ତି' । ଏହି ୧୦ଟି ଭିନ୍ନ ସ୍ୱାଦର ଉପନ୍ୟାସିକା । ନାରୀ ଜୀବନର ପ୍ରାପ୍ତି – ଅପ୍ରାପ୍ତି, ପ୍ରେମ – ଅପ୍ରେମ, ହର୍ଷ ଓ ବିଷାଦକୁ ଔପନ୍ୟାସିକା ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି ।

ଆଧୁନିକ ସାହିତ୍ୟର 'ନଭେଲା' ବା 'ଉପନ୍ୟାସିକା' ଏକ ଜନପ୍ରିୟ ଫର୍ମ । କେହି କେହି ଏହାକୁ କ୍ଷୁଦ୍ରଗଳ୍ପର ବୃହତ୍ତମ ସଂସ୍କରଣ କହିଥିଲା ବେଳେ କେହି କେହି ଏହାକୁ ଛୋଟ ଉପନ୍ୟାସ ବୋଲି କହନ୍ତି । କିନ୍ତୁ ପ୍ରକୃତରେ ଦେଖିଲେ ନଭେଲା ଏକ ଭିନ୍ନ ତଥା ଅର୍ବାଚୀନ ସୃଷ୍ଟି । ଏହା ଉପନ୍ୟାସର କ୍ଷୁଦ୍ର ସଂସ୍କରଣ ନୁହେଁ କି ଗଳ୍ପର ବୃହତ୍ତମ ଆକୃତି ନୁହେଁ । ଉପନ୍ୟାସର ବର୍ଣ୍ଣନାତ୍ମକ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବେଳେ ଉପନ୍ୟାସିକା ବ୍ୟଞ୍ଜନାତ୍ମକକୁ ଗୁରୁତ୍ୱ ଦିଏ । ଯଦି ଲେଖକ ଉପନ୍ୟାସିକାକୁ ଅଧିକ ବର୍ଣ୍ଣନାଧର୍ମୀ କରିଦିଅନ୍ତି ତେବେ ସେ ଉପନ୍ୟାସିକାରା ମର୍ଯ୍ୟାଦା ହରାଇ ବସିଥାଏ । ଅନେକ ଲେଖକ ବା ସମାଲୋଚକ ୩୦ ପୃଷ୍ଠାରୁ ଅଧିକ ରଚନା ଗଳ୍ପକୁ ଉପନ୍ୟାସିକା ପର୍ଯ୍ୟାୟବାଚୀ କରନ୍ତି କିନ୍ତୁ ପାରମିତା ଶତପଥୀଙ୍କ ଉପନ୍ୟାସିକାଗୁଡ଼ିକୁ ଲକ୍ଷକଲେ ଜଣାଯାଏ ଯେ ଅଧିକ ପୃଷ୍ଠା ବିଶିଷ୍ଟ ରଚନା ଯେ ଉପନ୍ୟାସିକା ତାହା ନୁହେଁ; ତାଙ୍କର ପ୍ରାପ୍ତି ସଂକଳନରେ ସ୍ଥାନିତ ଉପନ୍ୟାସିକାଗୁଡ଼ିକ ୧୨ ପୃଷ୍ଠାରୁ ଆରମ୍ଭହୋଇ ୪୦ ପୃଷ୍ଠା ମଧ୍ୟରେ ସିମିତ ହୋଇଛି । ତାଙ୍କର 'କ୍ଷତ'(୧୨ପୃଷ୍ଠା), 'କ୍ଷମା'(୧୪ପୃଷ୍ଠା), 'ମୋହ'(୨୪ପୃଷ୍ଠା), ଆଦି ରଚନାକୁ ଯଦି ମୁଁ ପୃଷ୍ଠା ଅନୁସାରେ ଦେଖିବି ତେବେ ସେଗୁଡ଼ିକୁ ଗଳ୍ପ ବୋଲି କୁହାଯିବ; କିନ୍ତୁ ତାର କଥାବସ୍ତୁ ଓ ଚରିତ୍ର ଚିତ୍ରଣକୁ ଲକ୍ଷକଲେ ଜଣାପଡ଼େ ଯେ ତାହା ଏକ ବୃହତ ଉପନ୍ୟାସର ପୃଷ୍ଠଭୂମି ଉପରେ ଦଣ୍ଡାୟମାନ । ଲେଖିକା ବର୍ଣ୍ଣନା ଚାତୁର୍ଯ୍ୟରେ ଯେଉଁ ବ୍ୟଞ୍ଜନାତ୍ମକ ଓ ଶବ୍ଦ ସଂଯୋଜନାରେ ଯେଉଁ ଚମତ୍କାରିତା ଆଣିଛନ୍ତି ତାହା ଉପନ୍ୟାସିକାର ଗାରିମାକୁ ବୃଦ୍ଧି କରିପାରୁଛନ୍ତି । ତେଣୁ କୁହାଯାଇପାରେ ଉପନ୍ୟାସିକା ଗୁଡ଼ିକୁ ପୃଷ୍ଠା ହିସାବରେ ନୁହେଁ ବର୍ଣ୍ଣନାର ଚମତ୍କାରିତାକୁ ଲକ୍ଷ୍ୟ କରିବା ଉଚିତ୍ ।

ଯଦି ଉପନ୍ୟାସ ଓ ଉପନ୍ୟାସିକା ମଧ୍ୟରେ ପାର୍ଥକ୍ୟ କଣ ମନରେ ପ୍ରଶ୍ନ ଆସେ; ତେବେ ଏହାର ସାଧାରଣ ଉତ୍ତର ହେଉଛି । ସଂକ୍ଷିପ୍ତତା ହେଉଛି ଉପନ୍ୟାସିକାର ସାଧାରଣ ଧର୍ମ । ପୁଣି ଯଦି ଦୀର୍ଘଗଳ୍ପ ଓ ଉପନ୍ୟାସିକା ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରାଯାଏ ; ତେବେ ଦୀର୍ଘଗଳ୍ପ ଓ ଉପନ୍ୟାସିକା ରଚନା ମୂଳରେ ସୂକ୍ଷ୍ମ ପାର୍ଥକ୍ୟ ଦେଖିବାକୁ ମିଳେ । ବହୁ ଲେଖକ ଦୀର୍ଘଗଳ୍ପ ରଚନା କରୁଥିବା ବେଳେ ବହୁ ଲେଖକ ମଧ୍ୟ ଉପନ୍ୟାସିକା ରଚନା କରୁଛନ୍ତି । ତେବେ ରାମଚନ୍ଦ୍ର ବେହେରାଙ୍କ ଅତି ପରିଚୟ ଗଳ୍ପ 'ମା' ଓ ପାରମିତା ଶତପଥୀଙ୍କ 'ଝିଅ' ଉପନ୍ୟାସିକାକୁ ଆଲୋଚନା କରାଯାଇପାରେ । ରାମଚନ୍ଦ୍ର ବେହେରାଙ୍କର ମା' ଗଳ୍ପରେ ମା' ଏକ ଗୌଣ ଚରିତ୍ର ହୋଇ ଥିଲେ ମଧ୍ୟ ଲେଖକ ମା'କୁ ଯେଉଁ ପରି ଭାବରେ ବର୍ଣ୍ଣନା କରିଛନ୍ତି ସେଥିରୁ ପାଠକ ମା'କୁ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ କରେ । ମା' ଚରିତ୍ରଟିକୁ ଲେଖକ ବର୍ଣ୍ଣନା କରୁକରୁ ଗଳ୍ପଟି ସୁଦୀର୍ଘ

ହୋଇଯାଇଛି; କିନ୍ତୁ ତା ମଧ୍ୟରେ କ୍ଷୁଦ୍ରଗଳ୍ପର ବୈଶିଷ୍ଟ୍ୟ ନିହିତ ରହିଛି । ପାରମିତା ଶତପଥୀଙ୍କର 'ଝିଅ' ଉପନ୍ୟାସିକାରେ ଛୋଟ ଝିଅ ଫୁଲର ମନସ୍ତାତ୍ତ୍ୱିକକୁ ଦର୍ଶାଇବା ପାଇଁ ପାର୍ଶ୍ୱବର୍ତ୍ତୀ କାହାଣୀର ଅବତାର୍ଣ୍ଣ କରିବା ସହିତ ଘଟଣାକୁ ଦୀର୍ଘବର୍ଣ୍ଣନା ନଦେଇ ବ୍ୟଞ୍ଜନା ମାଧ୍ୟମରେ ପ୍ରତିଫଳନ କରିଛନ୍ତି । ଦୀର୍ଘଗଳ୍ପରେ ଘଟଣାର ଏକମୁଖୀନତା ରହିଥିବା ବେଳେ ଉପନ୍ୟାସିକାରେ ପାର୍ଶ୍ୱ କାହାଣୀର ବର୍ଣ୍ଣନା ଯେପରି ଅତ୍ୟନ୍ତ ଜରୁରୀ ବୋଲି ମନେହୁଏ । ଫୁଲ ଯେ ଜଣେ ନାରୀ ଏବଂ ତା ଭିତରେ ଯେ ମାତୃତ୍ୱର ସ୍ପର୍ଶ ରହିଛି ତାହାକୁ ଲେଖିକା ଅତି ଚମ୍ତ୍କାର ଭାବରେ ବର୍ଣ୍ଣନା କରିଛନ୍ତି 'ଝିଅ' ଉପନ୍ୟାସିକାରେ ।

ଅନ୍ୟ ଦୃଷ୍ଟିକୋଣରୁ 'ପ୍ରାପ୍ତି' ସଂକଳନକୁ ଦେଖିଲେ ମନେ ହୁଏ ଯେ ଲେଖିକାଙ୍କର ଅନୁଭବ ଗତ ବ୍ୟାପ୍ତିକୁ ଗଭୀର ଦୃଷ୍ଟିକୋଣରୁ ଅଭିବ୍ୟକ୍ତ କରିବାର ପ୍ରୟାସରୁ ଉପନ୍ୟାସର ପରିସର ଛୋଟ ହୋଇ ଉପନ୍ୟାସିକାରେ ପରିଣତ ହୋଇଛି । ଲେଖିକାଙ୍କର ସମସ୍ତ ଉପନ୍ୟାସିକାର କେନ୍ଦ୍ରବିନ୍ଦୁ ନାରୀ । ପାରମିତା ଶତପଥୀ ଜଣେ ନାରୀ ଲେଖିକା ହୋଇଥିବାରୁ ସେ ଯେମିତି ଅତିନିକଟରୁ ନାରୀମାନଙ୍କୁ ବୁଝି ପାରିଛନ୍ତି । ନାରୀ ଜୀବନର ଅନେକ ଘଟଣା ଓ ପ୍ରତିଘଟଣାକୁ ସେ ମର୍ମେ ମର୍ମେ ଅନୁଭବ କରଛନ୍ତି । ନାରୀ ଜୀବନର ବର୍ହିଜୀବନର ଘଟଣା ଠାରୁ ତାର ଅନ୍ତରମନର ପୃଷ୍ଠାକୁ ପଢ଼ିବାକୁ ଚେଷ୍ଟା କରିଛନ୍ତି । ତା' ଜୀବନରେ ଘଟୁଥିବା ଘାତ ପ୍ରତିଘାତ ସେ ନିଜେ ଅନୁଭବ କରିବା ସହିତ ସେ ତାଙ୍କ ଲେଖନୀ ସାହାଯ୍ୟରେ ଚରିତ୍ରମାନଙ୍କ ମାଧ୍ୟମରେ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି । ତାଙ୍କର ସମସ୍ତ ଉପନ୍ୟାସିକା ସୁବୃହତ୍ତ ପୃଷ୍ଠଭୂମିର ଆଶା ରଖିଥିଲେ ମଧ୍ୟ ସେ ସମସ୍ତ ଚରିତ୍ରକୁ ଅତି ଚମତ୍କାର ଭାବରେ ଉପସ୍ଥାପନା କରି ସ୍ୱଳ୍ପ ପରିସର ମଧ୍ୟରେ ତାକୁ ନ୍ୟାୟ ଦେଇଛନ୍ତି । ଫଳରେ ଏକ ସଫଳ ଉପନ୍ୟାସିକା ରଚନା ହୋଇପାରିଛି ।

ଉପନ୍ୟାସିକାର ଅନ୍ୟ ଏକ ବୈଶିଷ୍ଟ ହେଉଛି କାହାଣୀ ମଧ୍ୟରେ କାହାଣୀର ଉପସ୍ଥାପନା । ସାଧାରଣତଃ ଗଳ୍ପ କ୍ଷେତ୍ରରେ ଏହା ପରିଲକ୍ଷିତ ହୁଏ ନାହିଁ; ଉପନ୍ୟାସିକାରେ ମୁଖ୍ୟ କାହାଣୀକୁ ତ୍ୱରାନିତ କରିବା ପାଇଁ ଲେଖିକା ଯେଉଁ କାହାଣୀର ସଂଯୋଜନା କରନ୍ତି ତାହା ଦ୍ୱାରା ମୁଖ୍ୟ କାହାଣୀ ବଳିଷ୍ଠ ହୁଏ । 'ମୋହ' ଉପନ୍ୟାସିକାରେ ମାଧୁରୀ ମନରେ ସମୁଭାଇକୁ ବିବାହ କରିବା ପାଇଁ ଯେଉଁ ଭ୍ରମ ସୃଷ୍ଟି ହୋଇଥିଲା ତାହା ଭାଙ୍ଗିଯିବାର କାହାଣୀଟି ଦେଖିବାକୁ ମିଳେ । ଏହି କାହାଣୀକୁ ଗତି କରିବା ପାଇଁ ପାର୍ଶ୍ୱ କାହାଣୀ ଭାବରେ ପିତାଙ୍କର ମୃତ୍ୟୁ, ମଉସା ମାଉସୀଙ୍କର ପାରିବାରିକା ଜୀବନ, ସାଙ୍ଗ ଲତିକାର କାହାଣୀ, ସମୁଭାଇର ଆମେରିକାର ଗଢ଼ିଥିବା ଦାମ୍ପତ୍ୟ ଜୀବନ, ମାଧୁରୀର ଦାମ୍ପତ୍ୟ ଜୀବନ ଇତ୍ୟାଦି କାହାଣୀକୁ ସଂଯୋଗ କରିଛନ୍ତି ଲେଖିକା । ପ୍ରତ୍ୟେକ କାହାଣୀ ଯୋଡ଼ି ହୋଇଛନ୍ତି ମୁଖ୍ୟ କାହାଣୀ ସହିତ । ମନେ ହୁଏ ଯଦି ଲେଖିକା ଗୋଟିଏବି କାହାଣୀକୁ ବାଦ ଦେଇଥାନ୍ତେ ତେବେ କାହାଣୀର ଗତିଶୀଳତା ଅସଂପୂର୍ଣ୍ଣ ପରିଲକ୍ଷିତ ହୋଇଥାନ୍ତା । ସେହିପରି ଚରିତ୍ର ମଧ୍ୟରେ ଚରିତ୍ରର ପରିକଳ୍ପନାରେ ଔପନ୍ୟାସିକା 'ପ୍ରାପ୍ତି' ସଂକଳନରେ ସଫଳତା ହାସଲ କରିଛନ୍ତି । ମୁଖ୍ୟ ଚରିତ୍ରକୁ ଗତିଶୀଳ କରିବା ପାଇଁ ଅନେକ ପାର୍ଶ୍ୱ ଚରିତ୍ର ଆସିଥିଲେ ମଧ୍ୟ ସମସ୍ତ ଚରିତ୍ର ନିଜର ଭୂମିକାରେ ବଳିଷ୍ଠ ହୋଇଛନ୍ତି । ଲେଖିକା ସମସ୍ତ ଚରିତ୍ରକୁ ନିଜ ପୃଷ୍ଠଭୂମିରେ ନ୍ୟାୟ ଦେବାରେ ସମର୍ଥନ ହୋଇପାରିଛନ୍ତି । ପାର୍ଶ୍ୱଚରିତ୍ର ମଧ୍ୟ ଦେଇ ମୁଖ୍ୟ ଚରିତ୍ରଟି ନ୍ୟାୟ ପାଇଛି । 'ମୁକ୍ତି' ଉପନ୍ୟାସିକାରେ ମୁଖ୍ୟ ଚରିତ୍ର କଳିକା ଓ ଅତୁଲ୍ୟ । ଏହି ଦୁଇଟି ଚରିତ୍ର ପ୍ରେମରୁ ଆରମ୍ଭ ହୋଇ ମୃତ୍ୟୁରେ ପ୍ରେମର ସମାପ୍ତି ଘଟିବା ପର୍ଯ୍ୟନ୍ତ ଅନେକ ପାର୍ଶ୍ୱ ଚରିତ୍ର ତାଙ୍କୁ ବଳିଷ୍ଠ କରିଛନ୍ତି । ଯେପରି କଳିକାର ପିତା ମହାରାଜ, ଦୁଇପୁତ୍ର, ମନ୍ତ୍ରୀ, ସେନାପତି, ସୈନ୍ୟ ଇତ୍ୟାଦି ଚରିତ୍ର ମାଧ୍ୟମ ଦେଇ ମୁଖ୍ୟ ଚରିତ୍ର ଦୁଇଟି ଗତିଶୀଳ । ଏଥିରୁ ମନେ ହୁଏ ଯେ ଯେଉଁ ପରି କାହାଣୀ ମଧ୍ୟରେ କାହାଣୀର ପରିକଳ୍ପନାର ଗୁରୁତ୍ୱ ରହିଛି, ସେହିପରି ମୁଖ୍ୟଚରିତ୍ରକୁ ଅଧିକ ବଳିଷ୍ଠ କରିବା ପାଇଁ ପାର୍ଶ୍ୱ ଚରିତ୍ରର ମଧ୍ୟ ସେତିକି ଗୁରୁତ୍ୱ ରହିଛି । 'ପ୍ରାପ୍ତି' ଉପନ୍ୟାସିକାରେ ଏହି ଦିଗରେ ଲେଖିକା ଅଧିକ ସଫଳ ହୋଇପାରିଛନ୍ତି ।

ଉପନ୍ୟାସିକା ବା ଦୀର୍ଘଗଳ୍ପ ମଧ୍ୟରେ ଗୁରୁତ୍ୱ ପୂର୍ଣ୍ଣ ପାର୍ଥକ୍ୟ ହେଉଛି ଲେଖକ ବା ଲେଖିକାଙ୍କର ସମୟ ସଚେତନତା । ସମୟ ସଚେତନା କହିଲେ ବର୍ତ୍ତମାନ ସମୟକୁ ଆଧାର କରି ରଚନା ନୁହେଁ; କଥାବସ୍ତୁ ମଧ୍ୟରେ ଯେଉଁ ସମୟ ବା ଏକ କାଳଖଣ୍ଡର ବର୍ଣ୍ଣନା ଦେଖିବାକୁ ମିଳେ ତାହାକୁ ବୁଝାଏ । ଗୋଟିଏ ଦୀର୍ଘଗଳ୍ପ ୫୦ କିମ୍ବା ୬୦ ପୃଷ୍ଠା ବ୍ୟାପି ରଚନା ହୋଇଥିଲେ ମଧ୍ୟ ତନ୍ମଧ୍ୟରେ ଯେଉଁ କାଳଖଣ୍ଡଟି ପାଠକ ଅନୁଭବ କରେ ତାହା ଜୀବନର ଏକ ଖଣ୍ଡିତାଂଶକୁ ସୂଚାଉଥାଏ । ସେହି ପରିପ୍ରେକ୍ଷୀରେ ଯଦି ଗୋଟିଏ ଉପନ୍ୟାସିକାକୁ ଲକ୍ଷ୍ୟ କରାଯାଏ ସେ ସେଠାରେ ପାଠକ ଅନୁଭବ କରେ ଗୋଟିଏ ଚରିତ୍ରର ସଂପୂର୍ଣ୍ଣ ଜୀବନର କାହାଣୀକୁ ଲେଖିକା ଉପସ୍ଥାପନ କରିଛନ୍ତି । ସ୍ୱଳ୍ପ ପୃଷ୍ଠା ମଧ୍ୟରେ ଲେଖିକା ଗୋଟିଏ ଚରିତ୍ରର ପୂର୍ଣ୍ଣାଙ୍ଗ ଜୀବନର କାହାଣୀକୁ ଯେତେବେଳେ ବର୍ଣ୍ଣନା କରନ୍ତି ତାହା ସେତେବେଳେ କ୍ଷୁଦ୍ରଗଳ୍ପର ବୈଶିଷ୍ଟ୍ୟକୁ ନବୁଝାଇ ଏକ ଉପନ୍ୟାସିକାର ବୈଶିଷ୍ଟ୍ୟକୁ ବୁଝାଏ ।

ମୋତେ ଅନୁଭବ ହୁଏ ଯେ ସ୍ୱଳ୍ପ ପୃଷ୍ଠା ବା ଅଧିକ ପୃଷ୍ଠା ଉପନ୍ୟାସିକାରେ ଗୁରୁତ୍ୱ ନୁହେଁ। ସ୍ୱଳ୍ପ ପରିସର ମଧ୍ୟରେ ଯଦି ଗୋଟିଏ ଚରିତ୍ରର ପୂର୍ଣ୍ଣାଙ୍ଗ ଜୀବନକୁ ଲେଖକ ବା ଲେଖିକା ବ୍ୟଞ୍ଜନା ମାଧ୍ୟମରେ ବର୍ଣ୍ଣନା କରିପାରୁଛନ୍ତି ତେବେ ତାହାକୁ ଆମେ ଉପନ୍ୟାସିକା କହିପାରିବା। ପାରମିତା ଶତପଥୀଙ୍କ 'ଲୁହ' ଉପନ୍ୟାସିକାଟିକୁ ଲକ୍ଷ୍ୟ କଲେ ଜଣା ପଡ଼େ ଯେ ଗୋଟିଏ ଝିଅର ସଂପୂର୍ଣ୍ଣ ଜୀବନର କାହାଣୀ ଏଥିରେ ବର୍ଣ୍ଣନା ହୋଇଛି। ୧୮ ବର୍ଷ ବୟସରୁ ବିବାହ କରି ଆସିଥିବା ଝିଅର କରୁଣ କାହାଣୀ ବର୍ଣ୍ଣନା କରୁକରୁ ଲେଖିକା ତାହାକୁ ଅନ୍ୟଏକ ଦେଶରେ ନେଇ ପହଂଚାଇ ଦେଇଛନ୍ତି। ଦୀର୍ଘଗଳ୍ପ ଓ ଉପନ୍ୟାସିକା ମଧ୍ୟରେ ସମୟର ପରିକଳ୍ପନାଟି ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ ହୁଏ। 'ଲୁହ' ଉପନ୍ୟାସିକାଟିରେ ସାରୁ ପତ୍ର ମଧ୍ୟରେ ଢଳଢ଼ଳ ହେଉଥିବା କେଇ ବୁନ୍ଦାଲୁହକୁ ନଦୀରେ ଭସାଇଦେଇ ଲେଖିକା କହିଛନ୍ତି – "ପତ୍ରଟି ହଲି ହଲି ଭାସି ଚାଲିଲା ......."(୧) ଲେଖିକାଙ୍କର ଏହି ଉପନ୍ୟାସିକାର ପରିସମାପ୍ତି ଏକ ଅନିର୍ଦ୍ଦିଷ୍ଟ ସମାପ୍ତି ଦିଏ ସମ୍ଭାବ୍ୟ ଭବିଷ୍ୟତର। ସବୁ ଦେଶର ନାରୀର ଲୁହ ଯେ ସମାନ ଏବଂ ସବୁ କାଳରେ ବା ସବୁ ସମୟରେ ନାରୀର ଭାଗ୍ୟ ମଧ୍ୟ ସମାନ। ନାରୀର ଅନ୍ତର୍ବେଦନା ସମାନ ଏବଂ ନାରୀର ଭବିଷ୍ୟତ ମଧ୍ୟ ସମାନ। ଉପନ୍ୟାସିକାଟି ସ୍ୱଳ୍ପ ପରିସର ମଧ୍ୟରେ ରଚନା ହୋଇଥିଲେ ମଧ୍ୟ ନାରୀର ପୂର୍ଣ୍ଣାଙ୍ଗ ଜୀବନର ଚିତ୍ର ପ୍ରତିଫଳିତ।

ଉପନ୍ୟାସିକାରେ କାହାଣୀରେ ସୂକ୍ଷ୍ମତା ଓ ସ୍ୱଳ୍ପ ପରିସର ମଧ୍ୟରେ ଚରିତ୍ରର ଏକ ମୁଖୀନତା ଏବଂ ମୁଖ୍ୟ କାହାଣୀକୁ ବଳିଷ୍ଠ କରିବା ପାଇଁ ଯେଉଁ ଉପକାହାଣୀର ସଂଯୋଜନା କରାଯାଇଥାଏ ସେଥିରେ ମଧ୍ୟ ବହୁ ଚରିତ୍ରର ସମାବେଶ ନଘଟାଇ ସ୍ୱଳ୍ପ ଚରିତ୍ରର ପରିକଳ୍ପନା 'ପ୍ରାପ୍ତି' ଉପନ୍ୟାସିକା ସଂକଳନରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଲେଖିକା ପାରମିତା ଶତପଥୀ ଏହି ସଂକଳନରେ ସମସ୍ତ ଉପନ୍ୟାସିକାରେ ପୃଷ୍ଠଭୂମି ବା କଥାବସ୍ତୁ ବଳିଷ୍ଠ। 'ପ୍ରାପ୍ତି' ଉପନ୍ୟାସିକାଟିର କଥାବସ୍ତୁ ଏକ ଦେହାତୀତ ପୃଷ୍ଠଭୂମି ଉପରେ ଗଢ଼ି ଉଠିଛି। ନାୟକ ଓ ନାୟିକା ଉଭୟଙ୍କର ଦାମ୍ପତ୍ୟ ଜୀବନ ଥିଲେ ମଧ୍ୟ ସେମାନେ ଯେପରି ଏକ ଅପରିପୂର୍ଣ୍ଣ ଜୀବନ ଅତିବାହିତ କରିଛନ୍ତି। ଉଭୟଙ୍କ ମଧ୍ୟରେ ପ୍ରେମର ସଂପର୍କ ନଥିଲେ ମଧ୍ୟ ସଖା ଓ ସଖିର ସଂପର୍କ ସ୍ଥାପନ କରିଛନ୍ତି। ଏହି ଉପନ୍ୟାସିକାର ଘଟଣାବଳୀ କହିବାର ଅର୍ଥ କାହାଣୀ ମଧ୍ୟରେ ସୂକ୍ଷ୍ମତା ଏବଂ ଚରିତ୍ରର ଏକ ମୁଖୀନତା ଦେଖିବାକୁ ମିଳେ। ବହୁ ଅଳ୍ପ ଗୌଣ ଚରିତ୍ରର ସମାବେଶ ଘଟିଥିଲେ ମ୍ଧ ଏହି ଉପନ୍ୟାସିକାରେ ସେମାନଙ୍କର ଯେପରି ଗୁରୁତ୍ୱ ନଥିବା ପରି ମନେହୁଏ। ନାୟକର ହାଟଷ୍ଟ୍ରୋକ୍ କଥା ଶୁଣି ନାୟିକା ଦିଲ୍ଲୀ ଏମସ୍‌କୁ ଯାଇଛି ଦେଖା କରିବା ପାଇଁ। ହସ୍‌ପିଟାଲ ବେଡ୍‌ରେ ସଖାକୁ ଦେଖିବା ମାତ୍ରେ ତାର ଆତ୍ମିକ ମିଳନ ଯେପରି ହେଇଛି। ସେହି ରୁମ୍ ମଧ୍ୟରେ ଥିବା ପ୍ରତ୍ୟେକ ଜିନିଷ ପତ୍ର ଯେପରି ନାୟିକାକୁ ପ୍ରଶ୍ନ କରିଛନ୍ତି – "କିଛିତ ଦେଇନୁ ସତରେ ! ପାଇଲୁ ଏତେ କେମିତି ?"(୨) ଏହି ଟିକିଏ ପ୍ରାପ୍ତି ହିଁ ନାୟିକା ପାଇଁ ମହାର୍ଘ ପାଲଟିଯାଇଛି ଦେହାତୀତ ସଂପର୍କରେ। ଉପନ୍ୟାସିକାଟିରେ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଦୁଇଟି ଚରିତ୍ରର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏହି ଦୁଇଟି ଚରିତ୍ର ଉପନ୍ୟାସିକାର ପୃଷ୍ଠଭୂମିକୁ ଭିନ୍ନ ଏକ ଦୃଷ୍ଟିରେ ଦେଖିବା ସହିତ ଉଭୟ ମଧ୍ୟରେ ଭିନ୍ନ ସଂପର୍କଟିଏ ସ୍ଥାପନ କରିଛି।

ପରିଶେଷରେ ଏତିକି କୁହାଯାଇ ପାରେ ଯେ ଏହି ନୂତନ ଫର୍ମ (ଉପନ୍ୟାସିକା)କୁ ନେଇ କଥାବସ୍ତୁ ରଚନା କରିବାର ପାରମିତା ଶତପଥୀ ସଫଳ ହୋଇଛନ୍ତି। ଯେ କୌଣସି ଦୃଷ୍ଟି କୋଣରୁ ଆଲୋଚନା କଲେ ମଧ୍ୟ ଏହି ସଂକଳନରେ ଥିବା ୧୦ଟି ରଚନା ଉପନ୍ୟାସିକାର ଗାରିମାକୁ ବଜାଇ ରଖିପାରିଛନ୍ତି।

**ସହାୟକ ଗ୍ରନ୍ଥସୂଚୀ :**


- ଶତପଥୀ, ପାରମିତା, ପ୍ରାପ୍ତି, ପୃଷ୍ଠା – ୨୩୨।
- ତତ୍ରୈବ, ପୃଷ୍ଠା – ୨୬୦।
- ଶତପଥୀ, ପାରମିତା, ପ୍ରାପ୍ତି, ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର, ତୃତୀୟ ସଂସ୍କରଣ ୨୦୧୭।
- ସାହୁ, ପ୍ରଫେସର ନାରାୟଣ, ଓଡ଼ିଆ ଉପନ୍ୟାସ ପରିଚିତି(ଚତୁର୍ଥ ଭାଗ), ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ କଟକ, ୨୦୨୪।
- ବାରିକ, ଡକ୍ଟର ବନଜବାସିନୀ, ଓଡ଼ିଆ ଗଳ୍ପର ନବଚେତନ, ଅଗ୍ରଦୂତ, କଟକ, ୨୦୧୭।


**ଇ ରନେଟ୍ :**


- www.britannica.com


❖ ❖ ❖

DOI : https://doi.org/10.5281/zenodo.18181712

ମୂଳ ପ୍ରବନ୍ଧ

# ମିଥ୍‌ର ପୁନର୍ମୂଲ୍ୟାୟନ ପ୍ରେକ୍ଷାପଟରେ ରତ୍ନାକର ଚଇନିଙ୍କ 'ଅଥଚ ଚାଣକ୍ୟ' ନାଟକ

**ହିତେଶ୍ ବେହେରା**

**ସଂକ୍ଷିପ୍ତସାର :**

ସ୍ୱାଧୀନତା ପରବର୍ତ୍ତୀ ସମୟର ଜଣେ ସଫଳ ସ୍ରଷ୍ଟା ଭାବରେ ପରିଚିତି ଲାଭ କରିଥିବା ଲେଖକ ହେଉଛନ୍ତି ନାଟ୍ୟକାର ରତ୍ନାକର ଚଇନି। ତାଙ୍କର ନାଟକଗୁଡିକ ମଧ୍ୟରେ 'ଅଥଚ ଚାଣକ୍ୟ' (୧୯୮୨) ଏକ ସଫଳ ମିଥ୍‌ଧର୍ମୀ ନାଟକ। ଏଥିରେ ସେ ମୂଳ ଇତିହାସର କଙ୍କାଳଟିକୁ ଗ୍ରହଣ କରି ତା ମଧ୍ୟରେ ଭରିଛନ୍ତି ସାଂପ୍ରତିକ ସମୟର ସାମାଜିକ ,ରାଜନୈତିକ ଅବସ୍ଥା ଓ ବ୍ୟବସ୍ଥା ଆରୋପିତ, ତତ୍ ସହିତ ଆଧୁନିକ ମଣିଷର ବ୍ୟର୍ଥତା , ଅସହାୟତା ନିଖୁଣ ଭାବରେ ରୂପାୟିତ। ସେ ସଂପୂର୍ଣ୍ଣ ରୂପେ ଚାଣକ୍ୟ ଚରିତ୍ରକୁ ବିବର୍ତ୍ତିତ କରି ଇତିହାସର କୂଟନୀତିଜ୍ଞ ଓ ରାଜନୀତିଜ୍ଞ ଚରିତ୍ରଟିକୁ ପରିଣତ କରିଛନ୍ତି ଏକ ଆଦର୍ଶବାଦୀ ଚରିତ୍ରରେ। ଏଇ ପରିପ୍ରେକ୍ଷୀରେ ମିଥ୍ ସମ୍ପର୍କରେ ଆଲୋଚନା କରାଯିବା ସହ ନାଟ୍ୟକାର ଚଇନିଙ୍କ 'ଅଥଚ ଚାଣକ୍ୟ' ନାଟକର ଇତିହାସଗତ ସତ୍ୟତାକୁ ବିଚାର କରାଯାଇଛି। ତତ୍ ସଙ୍ଗେ ସଙ୍ଗେ ସାଂପ୍ରତିକ ସମୟ ଓ 'ଅଥଚ ଚାଣକ୍ୟ' ନାଟକକୁ ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣର ପ୍ରୟାସ କରାଯାଇଛି।

**ପ୍ରମୁଖ ଶବ୍ଦାବଳୀ :**

ମିଥ୍ , ଇତିହାସ, ଚାଣକ୍ୟ, ନାଟକ, ଆଦର୍ଶ, ମଣିଷ, ସାହିତ୍ୟ, ଚରିତ୍ର ।

ଆଜିର ଆଧୁନିକ ସାହିତ୍ୟ ଏକ ବିବର୍ତ୍ତନଶୀଳ ସାହିତ୍ୟ। ଏ ସମୟରେ ସାହିତ୍ୟ ବିଭିନ୍ନ ତଥ୍ୟ ଓ ତତ୍ତ୍ୱକୁ ନେଇ ପ୍ରତିଷ୍ଠିତ। ସାଂପ୍ରତିକ ସମୟର ସ୍ଥିତି ଓ ପରିସ୍ଥିତିକୁ ଦ୍ୱାହି ଦେଇ ସାହିତ୍ୟ ନବ ନବ ରୂପରେ ବିଦ୍ୟମାନ। ଅଧୁନା ଓଡିଆ ସାହିତ୍ୟକୁ ଖୁବ୍ ପ୍ରଭାବ ପକାଇଥିବା ଏକ ଚେତନା ହେଉଛି ମିଥ୍ ଚେତନା। ସାଧାରଣତଃ ମିଥ୍ କହିଲେ ପୁରାଣ , ଇତିହାସ , କିମ୍ବଦନ୍ତୀ ଓ ଗାଳଗଳ୍ପକୁ ବୁଝାଇଥାଏ। ଏ ମିଥ୍ ଚେତନା ଏକ ସାହିତ୍ୟ ନୁହେଁ ; ମାତ୍ର ସାହିତ୍ୟ ସୃଷ୍ଟି କରିବାର ଏକ ପ୍ରମୁଖ ମାଧ୍ୟମ। ଏହାକୁ ଆଧାର କରି ସାହିତ୍ୟ ସର୍ଜନା କରାଯାଏ। ଏ ସଂପର୍କରେ Philip Rahv କହନ୍ତି - " Myth is a certain kind of objectives fantasy to which literature has had frequent recourse for its material and patternas but in itself it is not literature ."(୧)। ଓଡିଆ ସାହିତ୍ୟିକଗଣ ମିଥ୍‌କୁ ସାହିତ୍ୟ ସର୍ଜନାର ଏକ ଅନ୍ୟତମ ଉତ୍ସ ଭାବରେ ଗ୍ରହଣ କରି ନେଇଛନ୍ତି। ଏହାରି ଆଧାରରେ ଆଧୁନିକ ମଣିଷ ଜୀବନର ବ୍ୟର୍ଥତା , ଗ୍ଲାନି

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.18181712

Article No - BPPP00361

**ଯୋଗାଯୋଗ : ହିତେଶ୍ ବେହେରା, ଗବେଷକ,** ଭାଷା ଓ ସାହିତ୍ୟ ବିଭାଗ ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର-୯

**E mail :** beherahitesh37@gmail.com

**Orcid Id :** https://orcid.org/0009-0000-1483-9753

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୮.୨୦୨୫ | ୧୧.୦୯.୨୦୨୫ | ୨୫.୧୦.୨୦୨୫ | ୧.୧୧.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବେହେରା, ହିତେଶ୍; ୨୦୨୫। ମିଥ୍‌ର ପୁନର୍ମୂଲ୍ୟାୟନ ପ୍ରେକ୍ଷାପଟରେ ରତ୍ନାକର ଚଇନିଙ୍କ 'ଅଥଚ ଚାଣକ୍ୟ' ନାଟକ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଜ, ପୃଷ୍ଠା :୬୯-୭୪।

,ହତାଶାବୋଧ , ଦ୍ୱନ୍ଦ୍ୱ, ଅସହାୟତା ଓ ଅସମର୍ଥତା ଆଦିକୁ ବ୍ୟକ୍ତ କରିବା ଏମାନଙ୍କର ଉଦ୍ଦେଶ୍ୟ। ଅନେକ ଲେଖକ ମିଥ୍‌କୁ ଆଶ୍ରୟ କରି ସ୍ୱରଚନାରେ ମିଥ୍‌ର ପୁନର୍ନିର୍ମାଣ ବା ପୁନର୍ମୂଲ୍ୟାୟନ କରିଛନ୍ତି। ଅର୍ଥାତ୍ ଆମ ପୁରାଣ ଇତିହାସାଦିରେ ଥିବା ଚରିତ୍ର ପୂର୍ବରୁ ଯେପରି ଭାବରେ ଆମ ଚେତନାରେ ଅଙ୍କିତ ହୋଇଛନ୍ତି, ତାକୁ ଭାଙ୍ଗିଦେଇ ନୂଆ ଅର୍ଥଦ୍ୟୋତନାରେ ଉପସ୍ଥାପିତ କରିଛନ୍ତି। ପୁରାଣର ଚରିତ୍ରକୁ ବର୍ତ୍ତମାନ ପରିପ୍ରେକ୍ଷୀରେ ପ୍ରକାଶ କରିଛନ୍ତି। ଏ ପ୍ରକାରର ଚରିତ୍ରକୁ ନେଇ ରଚନା ଆମ ଓଡିଆ ସାହିତ୍ୟରେ କବିତା, ନାଟକ ଓ ଉପନ୍ୟାସରେ ଦେଖିବାକୁ ମିଳେ।

ସ୍ୱାଧୀନତା ପରବର୍ତ୍ତୀ ସମୟର ଜଣେ ସଫଳ ନାଟ୍ୟକାର ହେଉଛନ୍ତି ରତ୍ନାକର ଚଇନି। ତାଙ୍କର ନାଟକଗୁଡିକ ମଧ୍ୟରେ ଶେଷ ଅଶ୍ରୁ(୧୯୬୭), ଅସ୍ତରାଗର ଚନ୍ଦ୍ର(୧୯୬୮), ମଂଚ ନାୟିକା (୧୯୬୮), ରାଜହଂସ(୧୯୬୯),ପୁନଶ୍ଚ ପୃଥିବୀ(୧୯୭୧), କଳଙ୍କିତ ସୂର୍ଯ୍ୟ (୧୯୭୫) , ଅନ୍ଧାରର ସୂର୍ଯ୍ୟମୁଖୀ (୧୯୭୬) ଓ ଅଥଚ ଚାଣକ୍ୟ(୧୯୮୨) ଆଦି।ତାଙ୍କର ଏ ସୃଷ୍ଟିଗୁଡିକ ନାଟ୍ୟ ଜଗତରେ ଏକ ସ୍ୱତନ୍ତ୍ର ପରିଚିତି ଆଣିଦେଇଛି। ନାଟ୍ୟକାର ଚଇନିଙ୍କ ନାଟକଗୁଡିକ ମଧ୍ୟରେ 'ଅଥଚ ଚାଣକ୍ୟ' ନାଟକ ଏକ ସଫଳ ମିଥ୍‌ଧର୍ମୀ ନାଟକ। ଏଇ ପରିପ୍ରେକ୍ଷୀରେ ନାଟ୍ୟକାରଙ୍କ 'ଅଥଚଚାଣକ୍ୟ' ନାଟକରେ ମିଥ୍‌ର କିପରି ନବରୂପାୟନ ଘଟିଛି ତାହାକୁ ବିଶ୍ଳେଷଣ କରିବା ଏ ଆଲେଖ୍ୟର ମୁଖ୍ୟ ଉଦ୍ଦେଶ୍ୟ।

## ଇତିହାସ ବନାମ 'ଅଥଚ ଚାଣକ୍ୟ' ନାଟକ

ଅତୀତ ଇତିହାସର ଚାଣକ୍ୟଙ୍କ ସଂପର୍କରେ ଆମେ ସମସ୍ତେ ଅଳ୍ପ ବହୁତେ ଜ୍ଞାତ। ସେ ମଗଧରେ ଖ୍ୟାତି ଲାଭ କରିଥିବା ଆଚାର୍ଯ୍ୟ ଚଣକଙ୍କ ପୁତ୍ର ଅଟନ୍ତି। ସେ ନନ୍ଦ ବଂଶର ରାଜା ଧନନନ୍ଦଙ୍କ ଠାରୁ ରାଜଦରବାରରେ ଅପମାନିତ ହୋଇ ଅନ୍ୟାୟୀ, ଅତ୍ୟାଚାରୀ ଓ ପ୍ରଜାପୀଡକ ରାଜାକୁ କ୍ଷମତାଚ୍ୟୁତ କରି ଏକ ଶୃଙ୍ଖଳିତ ଶାସନର ପ୍ରତିଷ୍ଠା କରିବା ପାଇଁ ବାହାରି ଯାଇଥିଲେ। ବୌଦ୍ଧ ଗ୍ରନ୍ଥର ବର୍ଣ୍ଣନା ଅନୁସାରେ ଏକଦିନେ ଚାଣକ୍ୟ ଯାଉଥିବା ମାର୍ଗରେ ଦେଖିଲେ ଚନ୍ଦ୍ରଗୁପ୍ତ କିଛି ବାଳକଙ୍କ ସହିତ ରାଜ କୀଳମ୍ ଅର୍ଥାତ୍ ରାଜ କ୍ରୀଡା ନାମକ ଖେଳରେ ମଜ୍ଜି ରହିଥିଲେ। ଦୂରରୁ ଥାଇ ଖେଳ ଉପଭୋଗ କରୁଥିଲେ ଆଚାର୍ଯ୍ୟ ଚାଣକ୍ୟ। ସେ ଦେଖିଲେ ଯେ , ଚନ୍ଦ୍ରଗୁପ୍ତ ବାଳକମାନଙ୍କ ମଣ୍ଡଳୀ ଭିତରେ ରାଜା ହୋଇ ବିଚାର କରୁଥିଲେ। ତାହାର ଗୁଣକୁ ସୂକ୍ଷ୍ମ ଦୃଷ୍ଟିରେ ଦେଖୁଥିବା ଆଚାର୍ଯ୍ୟ ଚାଣକ୍ୟ ଚନ୍ଦ୍ରଗୁପ୍ତ ଭିତରେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଲୁଚି ରହିଥିବାର ଅନୁଭବ କଲେ। ଚନ୍ଦ୍ରଗୁପ୍ତ ରହିଥିବା ଶିକାରୀ ଘରେ ଚାଣକ୍ୟ ୧୦୦୦ କାର୍ଷାପଣ ( ସେତେବେଳେ ବ୍ୟବହୃତ ରୂପା ମୁଦ୍ରା) ଦେଇ କିଣି ନେଇଯାଇଥିଲେ।(୨)। ତାହାପରେ ତାଙ୍କୁ ତକ୍ଷଶିଳାକୁ ନେଇ ସବୁ ପ୍ରକାରର ବିଦ୍ୟାଶିକ୍ଷାରେ ପାରଙ୍ଗମ କରାଇଥିଲେ। ଜଷ୍ଟିନ୍‌ଙ୍କ ବିବରଣୀ ଅନୁସାରେ ଚନ୍ଦ୍ରଗୁପ୍ତ ସେହି ସମୟରେ ସମଗ୍ର ଏସିଆ ଭୂଖଣ୍ଡକୁ ଅଧିକାର କରିବାକୁ ଅଗ୍ରସର ହୋଇଥିବା ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡାରଙ୍କ ନିକଟକୁ ସହାୟତା ନିମିତ୍ତ ଯାଇଥିଲେ। ମାତ୍ର ତାଙ୍କର ନିର୍ଭୟ ଚିତ୍ତ ଓ ସ୍ପଷ୍ଟବାଦିତା ଦେଖି ଆଲେକଜାଣ୍ଡାର ତାଙ୍କୁ ଜୀବନରେ ମାରିଦେବାକୁ ଆଦେଶ ଦେଇଥିଲେ। ଫଳରେ ଚନ୍ଦ୍ରଗୁପ୍ତ ପ୍ରାଣକୁ ବଂଚାଇ ପଳାଇ ଆସିଥିଲେ।(୩)। ତାହାର କିଛି ବର୍ଷ ପରେ ଆଲେକଜାଣ୍ଡାରଙ୍କ ଦେହାବସାନ ପରେ ୟୁନାନୀ ଶାସିତ ସିନ୍ଧୁ ଓ ପଞ୍ଜାବ ଅଂଚଳରୁ ବିରାଟ ସୈନ୍ୟବାହିନୀ ଗଠନ କରିଥିଲେ। ତତ୍‌ପଶ୍ଚାତରେ ମଗଧ ଆକ୍ରମଣ କରି ଧନନନ୍ଦଙ୍କୁ ପରାସ୍ତ କରିଥିବାର ସୂଚନା ମିଳେ। ମାତ୍ର ଇତିହାସରେ ରାଜା ଧନନନ୍ଦ ଏବଂ ଚନ୍ଦ୍ରଗୁପ୍ତଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧ ସଂପର୍କରେ କୌଣସି ପ୍ରକାର ସାକ୍ଷ୍ୟ ପ୍ରମାଣ ମିଳି ନାହିଁ। କେବଳ କୁହାଯାଏ ଯେ, ଚାଣକ୍ୟଙ୍କ ପରାମର୍ଶ ଅନୁସାରେ ରାଜା ନନ୍ଦଙ୍କୁ ପରାସ୍ତ କରି ସିଂହାସନ ଆରୋହଣ କରିଥିଲେ ଏବଂ ମୌର୍ଯ୍ୟ ବଂଶର ପ୍ରତିଷ୍ଠା କରିଥିଲେ।

ବିଂଶ ଶତାବ୍ଦୀର ଅଷ୍ଟମ ଦଶକରେ ପ୍ରକାଶ ପାଇଥିବା ନାଟ୍ୟକାର ରତ୍ନାକର ଚଇନିଙ୍କ 'ଅଥଚ ଚାଣକ୍ୟ' ନାଟକ ମିଥ୍‌ର ନବନ୍ୟାୟିକ ହୋଇଥିବା ଏକ ଭିନ୍ନ ସ୍ୱାଦର ନାଟକ। ରାଜାଙ୍କ ଅତ୍ୟାଚାରରେ ପୀଡିତ ପ୍ରଜାଙ୍କ କରୁଣ ଚିତ୍କାରରୁ ନାଟକର ଆରମ୍ଭ ହୋଇଛି। ରାଜାଙ୍କ କର୍ମଚାରୀମାନେ ଏକ ଅବଳା ନାରୀକୁ ଧର୍ଷଣ କରୁଛନ୍ତି, ସେମାନଙ୍କ କବଳରୁ ରକ୍ଷା ପାଇବା ଲାଗି କରୁଛି ବିକଳରେ ଆର୍ତ୍ତ ଚିତ୍କାର। ରାଜଶକ୍ତିର ଗତି ଯେ କେତେ ନିମ୍ନସ୍ତରର ହୋଇଛି, ତାହା ଏଥିରୁ ପ୍ରମାଣିତ। ଏଠାରେ କୁସୁମପୁର ବୋଲି ଏକ ଜନପଦ ରହିଛି , ଯାହା ରାଜାଙ୍କ ନିର୍ମମ ଅତ୍ୟାଚାରରେ ଜନଶୂନ୍ୟ ହୋଇଛି। ସେ ସ୍ଥାନର ଲୋକମାନଙ୍କ ରାଜାଙ୍କ ବିରୋଧରେ ବିଦ୍ରୋହ ସେମାନଙ୍କୁ କାରାଗାର ମଧ୍ୟକୁ ଟାଣି ନେଇଛି। ସେ କାରାଗାରର ଅନ୍ଧକାର କୋଠରୀ ମଧ୍ୟରେ ଚାଣକ୍ୟଙ୍କ ପିତା ଆଚାର୍ଯ୍ୟ ଚଣକ, ଆଚାର୍ଯ୍ୟ ଶକଟାୟନ ଏବଂ ଚନ୍ଦ୍ରଗୁପ୍ତଙ୍କ ପିତା ମୌର୍ଯ୍ୟ ମଧ୍ୟ ରହିଛନ୍ତି। ଏ ଘଟଣା ଉଭୟ ଚନ୍ଦ୍ରଗୁପ୍ତ ଓ ଚାଣକ୍ୟଙ୍କୁ

କରିଛି ଅଧିକ କ୍ଷୁବ୍ଧ , ଯାହା ସେମାନଙ୍କୁ ଏକ ଶକ୍ତ ପଦେକ୍ଷେପ ନେବାକୁ ବାଧ କରିଛି। ଇତିହାସରେ ଏ କୁସୁମପୁର ଜନପଦ ଷୋଡଶ ଜନପଦ ମଧ୍ୟରେ ଦେଖିବାକୁ ମିଳେ ନାହିଁ।

ଚାଣକ୍ୟ ରାଜା ନନ୍ଦଙ୍କୁ ତାଙ୍କର ଅନାଚାର ସଂପର୍କରେ କହିବାକୁ ଯାଇ ସେ ମଧ୍ୟ କାରାବଦ୍ଧ ହୋଇଛନ୍ତି। ଏଥିରେ ଅଧିକ ମ୍ରିୟମାଣ ହୋଇଛନ୍ତି ତାଙ୍କ କୈଶୋରର ନଗର ବଧୂ ଆଚାର୍ଯ୍ୟ ଶକଟାୟନଙ୍କ କନ୍ୟା ସୁହାସିନୀ ଏବଂ ତାଙ୍କର ଶିଷ୍ୟ ଚନ୍ଦ୍ରଗୁପ୍ତ। ରାଜଶକ୍ତିର କୁଶାସନ ଫଳରେ ସୁହାସିନୀ ନିଜ ପରିଚୟକୁ ଗୁପ୍ତ ରଖି ସମସ୍ତଙ୍କ ସମ୍ମୁଖରେ ପରିଚିତ ହୋଇଛି ନଟୀ ବିନୋଦିନୀ ନାମରେ। ଏକ ଅନ୍ଧକାରାଚ୍ଛନ୍ନ ଅପଶାସନର ସମ୍ପୂର୍ଣ୍ଣ ବିଲୋପ କରିବା ପଶ୍ଚାତ୍‌ରେ ସୁହାସିନୀଙ୍କ ଭୂମିକା କିଛି କମ୍ ନୁହେଁ। ନନ୍ଦଙ୍କ ପ୍ରଧାନ ଅମାତ୍ୟ ରାକ୍ଷସଙ୍କୁ ରାଜି କରାଇ ବସନ୍ତ ଉତ୍ସବରେ ତାଙ୍କରି ଦ୍ୱାରା ଚାଣକ୍ୟଙ୍କୁ କାରାମୁକ୍ତ କରି ଚନ୍ଦ୍ରଗୁପ୍ତଙ୍କ ହସ୍ତରେ ଅର୍ପଣ କରିଛନ୍ତି। ସାମୂହିକ ସ୍ୱାର୍ଥ ଅର୍ଥାତ୍ ଜନସ୍ୱାର୍ଥକୁ ପ୍ରଥମ ସ୍ଥାନ ଦେଇ ନିଜ ପ୍ରେମକୁ ଗୋଡରେ ଆଡେଇ ଦେଇ ଚାଲିଯାଇଛନ୍ତି। ଚାଣକ୍ୟଙ୍କ ପ୍ରତି ସୁହାସିନୀଙ୍କ ରହିଥିବା ପ୍ରେମ ହେଉ କିମ୍ବା ତାଙ୍କୁ କାରାମୁକ୍ତ କରିବା କଥା ହେଉ, ଏ ସବୁ ଘଟଣାର ପ୍ରମାଣ ଇତିହାସରେ ନାହିଁ।

କାରାମୁକ୍ତି ପାଇବା ପରେ ଉଭୟ ଚନ୍ଦ୍ରଗୁପ୍ତ ଏବଂ ଚାଣକ୍ୟ ମାଳବ ରାଜାଙ୍କ ସହ ବନ୍ଧୁତା ସ୍ଥାପନ କରିଛନ୍ତି। ପୁଣି ପୌରବ ବଂଶର ରାଜା ପୁରୁଙ୍କୁ ମଧ୍ୟ ବନ୍ଧୁତାର ହାତ ବଢାଇଛନ୍ତି, ଯାହାକୁ ରାଜା ପୁରୁ ଅସ୍ୱୀକାର ନକରି ସାଦରେ ଗ୍ରହଣ କରିନେଇଛନ୍ତି। ଏ ତ୍ରିଶକ୍ତି ମିଶି ବୀର ଆଲେକଜାଣ୍ଡାରଙ୍କ ସହ ଯୁଦ୍ଧ କରୁଛନ୍ତି। ମାତ୍ର ଆଲେକଜାଣ୍ଡାରଙ୍କ ଯୁଦ୍ଧରେ କୂଟନୀତି ପ୍ରୟୋଗ ଫଳରେ ତ୍ରିଶକ୍ତି ପରାଜୟର ସମ୍ମୁଖୀନ ହେଉଛି ଏବଂ ରାଜା ପୁରୁ ଆଲେକଜାଣ୍ଡାରଙ୍କ ସହ ସନ୍ଧି ସ୍ଥାପନ କରୁଛନ୍ତି। ଫଳରେ ମାଳବ ରାଜା ଏବଂ ଚନ୍ଦ୍ରଗୁପ୍ତ ସେଥିରୁ ଓହରି ଆସି ସୈନ୍ୟ ବାହିନୀ ଏକତ୍ରିତ କରି ମଗଧ ଆକ୍ରମଣ କରିବାକୁ ପ୍ରସ୍ତୁତ ହୋଇଛନ୍ତି। ଏହି ଘଡିସନ୍ଧି ମୁହୂର୍ତ୍ତରେ ରାଜ ସନ୍ଦେହର ଶିକାର ହୋଇ ଛଦ୍ମବେଶରେ ଆତ୍ମଗୋପନ କରିଥିବା ଅମାତ୍ୟ ରାକ୍ଷସ ବିରାଟ ସୈନ୍ୟ ବାହିନୀ ସହିତ ମାଳବରେ ପହଂଚିଛନ୍ତି। ରାଜା ନନ୍ଦଙ୍କ ଦୁର୍ବଳତାର ସୁଯୋଗ ନେଇ ଚାଣକ୍ୟ ଚନ୍ଦ୍ରଗୁପ୍ତଙ୍କୁ ମଗଧ ଆକ୍ରମଣ କରିବାର ପରାମର୍ଶ ଦେଇଛନ୍ତି। ମଗଧ ଆକ୍ରମଣ କରି ଅତ୍ୟାଚାରୀ ରାଜାଙ୍କୁ ପରାସ୍ତ କରି ସିଂହାସନ ଆରୋହଣ କରିଛନ୍ତି। ଆଉ ମହାରାଣୀ ପଦରେ ଅଭିଷିକ୍ତ ହୋଇଛନ୍ତି ମାଳବର ରାଜକୁମାରୀ ମାଳବିକା। ଜଷ୍ଟିନ୍‌ଙ୍କ ବର୍ଣ୍ଣନା ଅନୁସାରେ ଚନ୍ଦ୍ରଗୁପ୍ତ ଆଲେକଜାଣ୍ଡାରଙ୍କ ପାଖକୁ ଯିବା କଥା ଏଇ ନାଟକରେ ମଧ୍ୟ ରହିଛି। ରାଜକୁମାରୀ ମାଳବିକା ଚନ୍ଦ୍ରଗୁପ୍ତଙ୍କ ପ୍ରତି ଥିବା ତାଙ୍କ ମନର କଥା ଆଚାର୍ଯ୍ୟ ଚାଣକ୍ୟଙ୍କୁ ଜଣାଇବା ବେଳେ ଆଚାର୍ଯ୍ୟ ତାଙ୍କୁ ମନେ ପକାଇ ଦେଇଛନ୍ତି ଯେ, ସେ ରାଜା ପୁରୁଙ୍କ ପାଇଁ ମନୋନୀତା ବୋଲି। ତାହାର ଉତ୍ତରରେ ରାଜକୁମାରୀ କହିଛନ୍ତି ଯବନମାନଙ୍କ ସହିତ ହାତ ମିଳାଉଥିବା ପ୍ରତ୍ୟେକ ବ୍ୟକ୍ତି ତାଙ୍କ ଘୃଣାର ପାତ୍ର। ଏହି ନ୍ୟାୟରେ ରାଜା ପୁରୁ ଆଲେକଜାଣ୍ଡାରଙ୍କ ସହ ସନ୍ଧି କରିଥିବା ହେତୁ ମାଳବିକା ତାଙ୍କୁ ଅସ୍ୱୀକାର କରିଛନ୍ତି। ସେତେବେଳେ ଚାଣକ୍ୟ କହୁଛନ୍ତି –" ଚନ୍ଦ୍ରଗୁପ୍ତ ତ ପୁଣି ମାସାଧିକ କାଳ ଯବନ ଶିବିରରେ ରହି ରଣକୌଶଳ ଶିକ୍ଷା କରିଛି। ସେ କଥା କଣ ମାଳବିକା ଅବଗତ ନୁହଁନ୍ତି "।(୪)।

ଏହି ନାଟକରେ ରହିଥିବା ଚରିତ୍ରମାନଙ୍କ ମଧ୍ୟରେ ମାଳବିକା, ସୁହାସିନୀ ଓ ରାକ୍ଷସ ଚରିତ୍ର ଇତିହାସ ସମର୍ଥିତ ନୁହେଁ। ସେହିପରି କୁସୁମପୁର ଜନପଦ ଅଥବା ଚନ୍ଦ୍ରଗୁପ୍ତଙ୍କ ମାଳବ ରାଜା ସହ ମିତ୍ରତା ସ୍ଥାପନା କରିବା କଥାକୁ ମଧ୍ୟ ଇତିହାସ ଅସ୍ୱୀକାର କରେ। ନାଟକରେ ରହିଥିବା ସୁହାସିନୀ ଚରିତ୍ର ଚାଣକ୍ୟଙ୍କ ପ୍ରେମିକା ରୂପରେ ଅବତୀର୍ଣ୍ଣ। ଯାହା ସେ ତାର ବାଞ୍ଛିତ ପୁରୁଷକୁ ପାଇ ପାରିନାହିଁ। ବରଂ ଅନ୍ୟ ହାତରେ ନିଜର ପ୍ରେମକୁ ଜଳାଞ୍ଜଳି ଦେଇଛି। ଇତିହାସରୁ ଜଣାଯାଏ ,ଯେ ଚାଣକ୍ୟଙ୍କର ଜଣେ ବ୍ରାହ୍ମଣ ସ୍ତ୍ରୀ ଥିଲେ ; ମାତ୍ର ତାଙ୍କର ନାମୋଲ୍ଲେଖ ଦେଖିବାକୁ ମିଳେ ନାହିଁ। ସେହିପରି ମାଳବିକା ଚରିତ୍ର ଚନ୍ଦ୍ରଗୁପ୍ତଙ୍କ ଧର୍ମପତ୍ନୀ ରୂପରେ ପ୍ରଦର୍ଶିତ। ମାତ୍ର ଇତିହାସ ଅନୁଯାୟୀ ଚନ୍ଦ୍ରଗୁପ୍ତ ସିଂହାସନ ଆରୋହଣ କରିବା ପରେ ଧନନନ୍ଦଙ୍କ କନ୍ୟା ଦୁର୍ଦ୍ଧରା ତାଙ୍କ ଉପରେ ପ୍ରଭାବିତ ହୋଇ ଚନ୍ଦ୍ରଗୁପ୍ତଙ୍କୁ ବିବାହ କରିଛନ୍ତି। ମାତ୍ର ଏ ନାଟକରେ ଚରିତ୍ର ବଦଳିଯାଇ ହୋଇଛି ମାଳବର ରାଜକନ୍ୟା ମାଳବିକା ଭାବରେ।

### 'ଅଥଚ ଚାଣକ୍ୟ' ନାଟକରେ ଚାଣକ୍ୟ

ନାଟ୍ୟକାର ଚଇନିଙ୍କ ଚାଣକ୍ୟ ଇତିହାସ ଚାଣକ୍ୟଙ୍କର ଏକ ବିବର୍ତ୍ତିତ ଚରିତ୍ର। ସେ ଇତିହାସରେ ଯେପରି ଭାବରେ ଆମ ଚେତନା ଜଗତରେ କାଳ କାଳରୁ ରହି ଆସିଛନ୍ତି ; ଏଠାରେ ସେ ଚରିତ୍ରକୁ ଭାଙ୍ଗିଦେଇ ସମ୍ପୂର୍ଣ୍ଣ ନୂତନ ରୂପରେ ନାଟ୍ୟକାର ରୂପାୟିତ କରିଛନ୍ତି। ନାଟ୍ୟକାରଙ୍କ ଚାଣକ୍ୟ ହେଉଛନ୍ତି ଏକ ଅଗ୍ନିଖଣ୍ଡ , ଯାହା ସୁପ୍ତ ଚେତନାକୁ ଜାଗ୍ରତ କରାଇ ସେଥିରେ ଭରେ ଅଗ୍ନିର

ସଂଚାର , ଅନ୍ଧକାର ମଧ୍ୟରେ ଆଲୋକର ପ୍ରଦୀପ ଜଳାଏ । ସବୁ ନକରାତ୍ମକ ଚିନ୍ତନକୁ ନାଶ କରି ଆଣିଦିଏ ସକରାତ୍ମକ ଚିନ୍ତନର ପୁଲକପ୍ରଦ ସମୀରଣ । ଜଣେ କାର୍ଯ୍ୟ କରିବାକୁ ଯେତେ ସମର୍ଥବାନ୍ ହୋଇଥିଲେ ମଧ୍ୟ ତାଙ୍କୁ ଟିକିଏ ଉତ୍ସାହ ନ ମିଳିଲେ ତାହା ସଠିକ୍ ଭାବରେ କାର୍ଯ୍ୟ ସଂପାଦନ କରିପାରନ୍ତି ନାହିଁ । ଏଠାରେ ଚନ୍ଦ୍ରଗୁପ୍ତ ହେଉଛନ୍ତି ସେଇ ବାରୁଦ ଯାହା ଦେହରେ ଚାଣକ୍ୟ ଅଗ୍ନି ସଂଯୋଗ କରିଥିଲେ । ସେ କହୁଛନ୍ତି-" କାଠଖଣ୍ଡ ଶୁଷ୍କ ହେଲେ ହେଁ ଜଳି ଉଠେନି ; ତାକୁ ଲେଲିହାନ ଶିଖାରେ ପରିଣତ କରିବା ପାଇଁ ଅଗ୍ନିର ସଂଯୋଗ ଦରକାର । ଚାଣକ୍ୟ ସେହି ଅଗ୍ନିଖଣ୍ଡ ମାତ୍ର" । (୫) ।

ନାଟ୍ୟକାରଙ୍କ ଚାଣକ୍ୟ କେବଳ ପ୍ରତିଶୋଧ ପରାୟଣ ଚରିତ୍ର ନୁହେଁ । ଏ ଚାଣକ୍ୟ ହେଉଛନ୍ତି ଜଣେ ଆଦର୍ଶବାଦୀ ଚରିତ୍ର । ସେ ଚାହିଁଛନ୍ତି ଆପଣା ଦେଶରେ ଗୋଟେ ଶୃଙ୍ଖଳିତ ଆଦର୍ଶ ଶାସନ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ , ଯାହା ଦେଶ ତଥା ରାଷ୍ଟ୍ରର କଲ୍ୟାଣକର ହେବ । ସେ ବ୍ୟକ୍ତି ସ୍ୱାର୍ଥକୁ ନଗଣ୍ୟ ମନେକରି ସାମୂହିକ ସ୍ୱାର୍ଥ ଭିତରେ ନିଜ ସ୍ୱାର୍ଥକୁ ଦେଖିଛନ୍ତି । ସଦା ସର୍ବଦା ଅନୁଭବ କରିଛନ୍ତି ସାଧାରଣ ଜନତାଙ୍କ ଅଭାବ ଅସୁବିଧା , ଆଉ ଦେଖିପାରିଛନ୍ତି ଓ ବୁଝିପାରିଛନ୍ତି ସେମାନଙ୍କର ଲୁହ ଓ ଲହୁକୁ । ଆଲୋଚକ ହେମନ୍ତ କୁମାର ଦାସ କହନ୍ତି -" ଏ ଚାଣକ୍ୟ ହେଉଛନ୍ତି ଜନ୍ମଭୂମିର ଶୋଷକ ଶକ୍ତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିବା ତରୁଣ ବିପ୍ଳବୀ । ଯୁବଗୋଷ୍ଠୀର ସହାୟତାରେ ଏହି ବିପ୍ଳବୀ ଦେଶର ଶାସନ ଶକ୍ତିକୁ ଦୋହଲାଇ ଦେଇ , ତା ହାତରୁ ରାଜଦଣ୍ଡ ଛଡାଇ ଆଣିବାରେ ସକ୍ଷମ ହୋଇଥିଲେ" ।(୬) । ଏ ଚାଣକ୍ୟଙ୍କ ପାଇଁ ଦେଶ ଓ ଜାତି ସର୍ବାଗ୍ରେ ପୂଜନୀୟ । ଘୋଟି ଆସିଥିବା ଅନ୍ଧକାରରେ ଆଲୋକର ପ୍ରଜ୍ୱଳନ କରିଥିବା ମହାନ୍ ଉଦାରବାଦୀ ନେତା । ଇତିହାସର କୂଟନୀତିଜ୍ଞ କି ମହାନ୍ ରାଜନୀତିଜ୍ଞ କେବଳ ନୁହଁନ୍ତି ବରଂ ସେ ଜଣେ ଅଧିକ ଆଦର୍ଶସ୍ଥାନୀୟ ବ୍ୟକ୍ତିତ୍ୱ । ଲୋକହିତାକାଂକ୍ଷୀ ସମାଜ ସେବକ । ଏ ଚାଣକ୍ୟ ଶୋଷକ ବିରୋଧରେ ସ୍ୱର ଉତ୍ତୋଳନ କରି ଏକ ସୁସ୍ଥ ସମାଜ ଗଠନ ସ୍ୱପ୍ନ ଦେଖିଛନ୍ତି । ମାତ୍ର ତାଙ୍କର ହେଉଛି ସ୍ୱପ୍ନଭଙ୍ଗ । ସେ ତିଳେ ତିଳେ ଅନୁଭବ କରୁଛନ୍ତି ଏଠି ନନ୍ଦମାନଙ୍କର ଶେଷ ନାହିଁ । ଗୋଟେ ନନ୍ଦ ପରେ ଆଉ ଏକ ନନ୍ଦର ସୃଷ୍ଟି । ଏଠି ଚାଣକ୍ୟମାନେ ଯୁଗେ ଯୁଗେ ପରାଜୟ ବରଣ କରିବେ । ଏଇ ଚିନ୍ତା କରୁଥିବା ଚାଣକ୍ୟଙ୍କ ମନରେ ଆସିଛି ବ୍ୟର୍ଥତା ଏବଂ ସ୍ୱପ୍ନଭଙ୍ଗ ଜନିତ ଅସହାୟତା । ସେ ଖୋଜି ବୁଲିଛନ୍ତି ଆଦର୍ଶ ସମାଜ ଓ ଶାସନ । ତାହାରି ସନ୍ଧାନରେ ସେ ପୁଣି ବାହାରି ଚାଲିଯାଇଛନ୍ତି , ଯେ ସମୂଳେ ଏଇ ନନ୍ଦ ବଂଶକୁ ବିନାଶ କରିବ ଏବଂ ଭୋକିଲା ପେଟରେ ମୁଠାଏ ଅନ୍ନ , ଶୋଷିଲା ପାଟିରେ ମୁନ୍ଦାଏ ପାଣି ତଥା ଦରିଦ୍ରର ଅନ୍ଧାର କୁଟୀରରେ ଝଲସାଇ ଦେବ ଆଲୋକର ଦୀପମାଳା । ଏ ଚାଣକ୍ୟ ହେଉଛନ୍ତି ଜଣେ ଆଦର୍ଶବାଦର ପ୍ରତୀକ । ସେ କହୁଛନ୍ତି-" ସତ୍ୟ ଅସତ୍ୟର ସୀମାରେଖା କିଛି ନାହିଁ । ଯେତେବେଳ ଯାଏ ଅସତ୍ କାମ କରିବାକୁ ସୁଯୋଗ ମିଳି ନାହିଁ , ସେତେବେଳ ଯାଏ ସବୁ ଲୋକ ସତ୍ " ।(୭) ।

## ସାଂପ୍ରତିକ ସମୟର ପରିସ୍ଥିତି ବନାମ୍ 'ଅଥଚ ଚାଣକ୍ୟ' ନାଟକ

ପ୍ରତ୍ୟେକ ସାହିତ୍ୟ ରଚନାକାର ସାହିତ୍ୟ ସର୍ଜନା କଲାବେଳେ ତାଙ୍କ ଦୃଷ୍ଟି କେନ୍ଦ୍ରିତ ହୋଇ ରୁହେ ଦେଶ କାଳ ପାତ୍ର ଉପରେ । ତତ୍‌କାଳୀନ ସମୟର ଘଟଣାବଳୀଗୁଡ଼ିକ ତାଙ୍କ ସୃଷ୍ଟି ମଧ୍ୟରେ ସ୍ଥାନିତ ହୋଇ ରହେ । ସାଂପ୍ରତିକ ସମୟରେ ମିଥ୍ ଯେହେତୁ ସାହିତ୍ୟ ସର୍ଜନାର ମୁଖ୍ୟ ସ୍ରୋତ ପାଲଟିଛି । ଏଣୁ ନାଟ୍ୟକାର ରତ୍ନାକର ଚଇନିଙ୍କ ଅଥଚ ଚାଣକ୍ୟ ନାଟକ ଏକ ମିଥ୍‌ଧର୍ମୀ ନାଟକ ହୋଇଥିବା ହେତୁ ସେଥିରେ ଆଧୁନିକ ମଣିଷ ଜୀବନର ବ୍ୟର୍ଥତା , ସ୍ୱପ୍ନଭଙ୍ଗ ଜନିତ ଅସହାୟତା , ଗ୍ଲାନି, ହତାଶାବୋଧ ଆଦି ସ୍ଥାନ ପାଇବା ସ୍ୱାଭାବିକ ।

ନାଟ୍ୟକାର ଚଇନି ଉକ୍ତ ନାଟକଟି ଇତିହାସର କଙ୍କାଳ ଭିତରେ ବର୍ତ୍ତମାନର ପୁଟ ଦେଇ ଠିଆ କରାଇଛନ୍ତି । ସେଥିରେ ରହିଥିବା ପ୍ରତ୍ୟେକ ଚରିତ୍ର ଇତିହାସର ଅଟନ୍ତି ,ମାତ୍ର ତାଙ୍କ ଚିନ୍ତା ଚେତନା ହେଉଛି ସାଂପ୍ରତିକ ସମୟ ଖଣ୍ଡର ଜଣେ ଜଣେ ସ୍ୱପ୍ନଭଙ୍ଗ ମଣିଷର ଏବଂ ଆଶା କଳ୍ପନାର ମୋହଭଙ୍ଗ ଜନିତ ବ୍ୟର୍ଥତା ଓ ଅସହାୟତା ପୀଡିତ ମଣିଷର । ଏବେ କିଛି ବର୍ଷ ହେବ ଆମ ଆଗରେ ଯେଉଁ ଏକ ଉତ୍କଟ ସମସ୍ୟା ଛିଡା ହୋଇଛି, ତାହା ହେଲା ଗଣ ଧର୍ଷଣ । ଆଧୁନିକ ମଣିଷର ପ୍ରବୃତ୍ତି ଏତେ ଭୟଙ୍କର ହୋଇଛି ଯେ ଆସୁରିକ ପ୍ରବୃତ୍ତି ଏହାରି ପାଖରେ ହାର ମାନିବ । ଏ ଧର୍ଷଣର ମାତ୍ରା ଦିନକୁ ଦିନ ଏତେ ବଢି ବଢି ଚାଲିଛି ତାହା ମନେ କଲା ମାତ୍ରେ ଛାତି ଭିତରେ ଗୋଟେ ଭୂମିକମ୍ପ ସୃଷ୍ଟି ହୁଏ । ଏ ସମାଜରେ ଦୁଃଶାସନମାନଙ୍କର ସଂଖ୍ୟା ହେଉଛି ପ୍ରବଳ । ପୁରାଣର ଦୁଃଶାସନ ଥରେ ଦ୍ରୋପଦୀଙ୍କୁ ବସ୍ତ୍ର ହରଣ କରିବାର ପ୍ରୟାସ କରିଥିଲା ; ମାତ୍ର ଅଧୁନା ପ୍ରତି କ୍ଷଣରେ ଦ୍ରୋପଦୀମାନଙ୍କର ଚାଲିଛି ବସ୍ତ୍ର ହରଣ । ନାରୀ ଆଜି ସମାଜରେ ସୁରକ୍ଷିତ ନୁହେଁ , ସେ

ବଂଚିବା ପାଇଁ କରୁଛି ସଂଘର୍ଷ । ତିଳେ ତିଳେ ଭୟ ଜନିତ ଅସହାୟତାରେ ତା ଜୀବନ ହୋଇଛି ଆକ୍ରାମାକ୍ରା, ଯାହା ସମଗ୍ର ମାନବ ସମାଜ ପାଇଁ ଏକ କଳଙ୍କିତ ଅଧ୍ୟାୟ। ଏଇ ନାଟକର ପ୍ରାରମ୍ଭରେ ହିଁ ଦେଖାଯାଉଛି , ଏକ ନାରୀ କଣ୍ଠର ଫୁତ୍କାର। ସେଇ କ୍ଷମତାଶାଳୀ ଦୁର୍ବିତ୍ତମାନଙ୍କ କବଳରୁ ମୁକ୍ତି ପାଇଁ ଚିତ୍କାର କରୁଛି। ମାତ୍ର ସେ ବେସାହାରାକୁ ମୁକ୍ତିଦେବା ପାଇଁ ସବୁ ସମର୍ଥ ପୁରୁଷ ଜଣେ ଜଣେ ଭୀଷ୍ମ, ସେମାନେ ମୂକ ଓ ବଧିର। ଆଜିର ମଣିଷ କ୍ଷମତାଶାଳୀ ଲୋକଙ୍କୁ ସାମନା କରିବାରେ ଅସମର୍ଥ , ଏଠି ଶକ୍ତିଶାଳୀ ନନ୍ଦକୁ ସାମନା କରିବାକୁ କେହି ନାହିଁ। ଯୁଗେ ଯୁଗେ ଚାଲିଥିବ ଏ ନନ୍ଦମାନଙ୍କର ଅତ୍ୟାଚାର। ସମସ୍ତେ ଜଣେ ଜଣେ ଏଠି ପଙ୍ଗୁ ଓ ଅଥର୍ବ। ନାଟକରେ ଏଭଳି ଏକ ଚରିତ୍ର ରହିଛି ଯେ ଶୋଷକମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଅସମର୍ଥ , ଯାହା ବର୍ତ୍ତମାନ ପ୍ରତ୍ୟେକ ମଣିଷର ଏଇ ସମାନ ପରିସ୍ଥିତି। ସେ ନିଜକୁ ନିଜେ କହୁଛି-" ମୁଁ ତ ଗୋଟାଏ ଅଥର୍ବ , ପଙ୍ଗୁ। ବେଲାଳସେନ ଭଳି ଆଜିର ମହାଭାରତ ଯୁଦ୍ଧରେ ମୁଁ ଗୋଟାଏ ନୀରବ ଦର୍ଶକ" ।(୮)। ଏଠି ମଣିଷ କରିବ ଅବା କଣ ? ଯଦି ବିଦ୍ରୋହ କରିବାକୁ ଚେଷ୍ଟା କରେ ତେବେ କ୍ଷମତାଶାଳୀ ଲୋକ ତାକୁ ବେଲାଳସେନ ସଦୃଶ ନୀରବ ଦର୍ଶକ କରିଦେବେ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆଧୁନିକ ମଣିଷର ମୋହଭଙ୍ଗ ଓ ସ୍ୱପ୍ନଭଙ୍ଗ ହୋଇଛି। ସ୍ୱାଧୀନତା ପୂର୍ବରୁ ମଣିଷ ଯେଉଁ ସ୍ୱପ୍ନ ଦେଖିଥିଲା ସ୍ୱାଧୀନତା ପରେ ତାହା ମୋହଭଙ୍ଗ ଘଟିଛି। ସେ ସ୍ୱପ୍ନ ଦେଖିଥିଲା ପରାଧୀନତାରୁ ମୁକ୍ତି ପାଇବା ପରେ ରାମରାଜ୍ୟର ଗଠନ ହେବ, ଏକ ସୁସ୍ଥ ରାଜନୀତିକ ବାତାବରଣଟିଏ ଦେଖିବାକୁ ପାଇବ। ଏହିପରି ସ୍ୱପ୍ନଭଙ୍ଗ ଘଟିଛି ଆଚାର୍ଯ୍ୟ ଚାଣକ୍ୟଙ୍କର, ସେ ଅନ୍ୟାୟ , ଅତ୍ୟାଚାର , ଶୋଷକ ରାଜା ଧନନନ୍ଦଙ୍କୁ ଗାଦିଚ୍ୟୁତ କରିବା ପରେ ଦେଖିଥିଲେ ଅନେକ ସ୍ୱପ୍ନ। ଯେଉଁଠି ସବୁ ପ୍ରଜା ଖୁସିରେ ଶାନ୍ତିପୂର୍ଣ୍ଣ ବାତାବରଣ ମଧ୍ୟରେ ବଂଚିପାରିବେ। ସବୁ ଦରିଦ୍ର କୁଟୀରରେ ଖେଳି ଉଠିବ ଖୁସିର ଲହରୀ। ମାତ୍ର ସୁସ୍ଥ ସମାଜ ଗଠନ କରିବାର , ଶୃଙ୍ଖଳିତ ରାଜନୈତିକ ବ୍ୟବସ୍ଥା ପ୍ରତିଷ୍ଠା କରିବାର ଚରମ ପ୍ରଚେଷ୍ଟା ହୋଇଛି ବ୍ୟର୍ଥ। ସେ ଦେଖିଛନ୍ତି ଚନ୍ଦ୍ରଗୁପ୍ତ ସିଂହାସନ ଆରୋହଣ କରିବାର ଗୋଟିଏ ବର୍ଷ ପରେ ଶାସନର ପ୍ରଥମ ବାର୍ଷିକ ଉତ୍ସବ ପାଳନ କରିଛନ୍ତି। ରାଜପ୍ରସାଦରେ ଝଲସିଛି ରଙ୍ଗୀନ୍ ଆଲୋକମାଳା, କୃତ୍ରିମ ଝରଣା ସୃଷ୍ଟି କରାଯାଇଛି। କିନ୍ତୁ ଗରିବ କୁଡିଆ ପୂର୍ବବତ୍ ଆଲୋକର ଉଜ୍ଜ୍ୱଳତା ଦେଖିବାକୁ ପାଇ ନାହିଁ। ଏପଟେ ରାଜପ୍ରସାଦରେ ଖାଇପିଇ ନାଚ ତାମସାରେ ମାତିଥିଲା ବେଳେ ସେପଟେ ଶୁଭୁଥିଲା ମୁଠାଏ ଅନ୍ନ ପାଇଁ ଗରିବର ହାହାକାର । ଆଚାର୍ଯ୍ୟ ଚାଣକ୍ୟ ଶାସନର ଯେଉଁ ପରିବର୍ତ୍ତନ ଚାହୁଁଥିଲେ , ତାହା ପରିବର୍ତ୍ତନ ଘଟିଛି କେବଳ ନାମର ଓ ବଂଶର ଶାସନର ନୁହେଁ। ସେ ଅନୁଭବ କରିଛନ୍ତି ଏ ନନ୍ଦମାନେ କାଳେ କାଳେ ରହିଥିବେ ଏମାନଙ୍କର ପରିବର୍ତ୍ତନ ନାହିଁ। ଫମ୍ପା ଆଦର୍ଶ ଭିତରେ ସେ ଖୋଜୁଛନ୍ତି ସୁସ୍ଥ ଶାସନ। ସେ ସମ୍ପୂର୍ଣ୍ଣ କ୍ଳାନ୍ତ ଓ ଶ୍ରାନ୍ତ ହୋଇପଡିଛନ୍ତି।ତେଣୁ ସେ ବାହାରି ଯାଉଛନ୍ତି ଏକ ଆଦର୍ଶ ନେତୃତ୍ୱର ସନ୍ଧାନରେ , ଯାହା ପରେ ସମସ୍ତେ ଜୀଇଁପାରିବେ ଆନନ୍ଦପୂର୍ଣ୍ଣ ଜୀବନଯାପନ। ସବୁ ସ୍ୱପ୍ନର ଅବସାନ ହେଲା ପରେ ଅନୁଭବ କରୁଛନ୍ତି -" ସବୁଶେଷ ହୋଇଗଲା। ସବୁ ଉତ୍କଣ୍ଠାର ଅପମୃତ୍ୟୁ ଘଟିଲା। ଏଣିକି କେଉଁଠିକି ଯିବୁ ଚାଣକ୍ୟ ? ନୂତନ ଶାସନ ପଦ୍ଧତି, ନୂତନ କୂଟନୀତି, ନୂତନ ରାଜନୀତିର ନିୟମ ପ୍ରଣୟନ କରିବାକୁ ? ନୂତନ ସିଂହାସନ , ନୂତନ ମୁକୁଟର ସନ୍ଧାନ କରିବାକୁ ? ତେବେ ଆଗେଇଚାଲ ଚାଣକ୍ୟ .. ଚରୈବତି..ଚରୈବତି.." ।(୯)। ସମସ୍ତେ ଆଜି ଫମ୍ପା ରାଜନୀତି ମଧ୍ୟରେ ଖୋଜୁଛନ୍ତି ସୁସ୍ଥତାର ବାତାବରଣ। ବିଶୃଙ୍ଖଳିତ ସମାଜ ବ୍ୟବସ୍ଥା ଭିତରେ କରୁଛନ୍ତି ଆଦର୍ଶର ସନ୍ଧାନ । ପ୍ରତ୍ୟେକ ମଣିଷ ଚାଣକ୍ୟଙ୍କ ଭଳି କରୁଛନ୍ତି ବ୍ୟର୍ଥ ପ୍ରୟାସ , ସେମାନେ ଉଭୟ କ୍ଳାନ୍ତ ବି ଆଉ ଶ୍ରାନ୍ତ ବି।

ନାଟ୍ୟକାର ଚଇନିଙ୍କ 'ଅଥଚ ଚାଣକ୍ୟ' ସୃଷ୍ଟିଟି ଏକ ସଫଳ ମିଥ୍‌ଧର୍ମୀ ନାଟକ। ଏଥିରେ ସାଂପ୍ରତିକ ସମୟକୁ ଉପସ୍ଥାପିତ କରି ମଣିଷର ବ୍ୟର୍ଥତା , ଅସହାୟତାକୁ ବ୍ୟକ୍ତ କରିଛନ୍ତି। ଆଦର୍ଶବାଦର ପ୍ରତୀକ ଆଚାର୍ଯ୍ୟ ଚାଣକ୍ୟ ଭଳି ସେ ଅନୁଭବ କରୁଛନ୍ତି ଏବଂ ପାଠକକୁ କରାଉଛନ୍ତି ଯେ ପୂର୍ବର ନନ୍ଦ ଶାସନ ଏବେର ଶାସନ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ଏଠାରେ ସବୁ ଶାସକ ନନ୍ଦ ଭଳି ଆପଣା ସ୍ୱାର୍ଥରେ ଜଡିତ ,ଅନ୍ୟ ସବୁ ଚାଣକ୍ୟଙ୍କ ଭଳି ଫମ୍ପା ରାଜନୀତି ମଧ୍ୟରେ ତାଙ୍କ ସ୍ଥିତି ଦୋଦୁଲ୍ୟମାନ। ସୁସ୍ଥ ମାନସିକତାକୁ ନେଇ ଏକ ସୁସ୍ଥ ଶାସନ ବ୍ୟବସ୍ଥା ପ୍ରତିଷ୍ଠା କରିବା ନାଟ୍ୟକାରଙ୍କ ହେଉଛି ମୁଖ୍ୟ ଉଦ୍ଦେଶ୍ୟ। ଏହି ଦୃଷ୍ଟିରୁ ନାଟ୍ୟକାରଙ୍କ ଏ ନାଟକ ଯେତିକି ଯୁଗୋପଯୋଗୀ ସେତିକି ହୃଦୟଗ୍ରାହୀ ମଧ୍ୟ।

**ସହାୟକ ଗ୍ରନ୍ଥସୂଚୀ :**


୧. Philip Rahv , Myth And Literature , page - 112 .

୨. ଶ୍ରୀବାସ୍ତବ କୃଷ୍ଣଚନ୍ଦ୍ର , ପ୍ରାଚୀନ ଭାରତ୍ କା ଇତିହାସ ତଥା ସଂସ୍କୃତି , ପୃ - ୨୧୫ ।

୩. ଭାରତ୍ କା ଇତିହାସ , ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ, ପୃ- ୧୦୧/୧୦୨ ।

୪. ଚଇନି ରତ୍ନାକର , ଅଥଚ ଚାଣକ୍ୟ , ଦ୍ୱିତୀୟ ସଂ - ୧୯୮୫, ପୃ - ୫୪ ।

୫. ତତ୍ରୈବ, ପୃ- ୩୫ ।

୬. ଦାସ ହେମନ୍ତ କୁମାର, ଓଡିଆ ନାଟକର ଐତିହାସିକ ବିବର୍ତ୍ତନ(୨ୟ ଭାଗ) , ପ୍ରଥମ ପ୍ରକାଶ - ୨୦୦୬ , ପୃ - ୪୭୧ ।


୭. ଚଇନି ରତ୍ନାକର , ଅଥଚ ଚାଣକ୍ୟ , ଦ୍ୱିତୀୟ ସଂ - ୧୯୮୫, ପୃ -୮୮ ।


୮. ତତ୍ରୈବ ,ପୃ- ୩୪ ।

୯. ତତ୍ରୈବ ,ପୃ- ୮୭ ।

❖ ❖ ❖

## ଖୁସିର ସହିତ ଜଣାଉଛୁ ଯେ, ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।




**PRACHEE SAHITYA SAMAJ PUBLICATION**

At-Niladri Vihar. Po-Naya Bazar, Dist.-Cuttack-753004 (Odisha)

Mob. : 88957 07011



# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**


Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011


## ସମସ୍ତଙ୍କର ପେଟ ପୁରୁଛି,
## କ'ଣ ଗୋଟିଏ ପେଟ ଭୋକିଲା ରହିଯିବ ?



**ମାନସିକ ରୋଗୀଟିକୁ ଖାଦ୍ୟ ଦିଅନ୍ତୁ ❋ FEED THE MENTALLY SICK**

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ମୋର ପାଠ ପଢ଼ିବାରେ ଦାୟିତ୍ୱ ନିଅନ୍ତୁ, ମୁଁ ଦେଶ ଗଢ଼ିବାରେ ସାହାଯ୍ୟ କରିବି



**ଗରିବ ପିଲାଟିକୁ ପାଠ ପଢ଼ାନ୍ତୁ ❋ TEACH A POOR CHILD**

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣ ଟିକିଏ ହାତ ବଢ଼ାନ୍ତୁ
## ବହୁତ ବାଟ ଚାଲିଯିବି



**ଦିବ୍ୟାଙ୍ଗଟିକୁ ସାହାଯ୍ୟ କରନ୍ତୁ * HELP A DIBYANGA**

# PRACHEE PATRIKA

ISSN: 2583-147X (P)
ISSN: 3048-8958 (O)

**Back Cover (Colour)**
**Rs. 2,000/-**

**2nd Inner Cover (Colour)**
**Rs. 1,000/-**

**3rd Inner Cover (Colour)**
**Rs. 1,000/-**

**Ordinary Colour Page**
**Rs. 500/-**

**Black & White**
**(News Print)**
**Full Page : Rs. 2,000/-**
**Half Page : Rs. 1000/-**
**Quarter page:Rs. 500/-**

**For Space booking**
**please contact :**
**The Advertising**
**Manager**
**Niladri Vihar, Naya Bazar,**
**Cuttack - 753004**
**Whatsapp : 8895707011**

## THE RULES AND REGULATION

The fact presented and views expressed in 'Prachee Patrika' are author's and not those of the editor, the editorial board and the institution **'Prachee Centre for Cultural Relations (PCCR)'**. The authors are solely responsible for the presentation of data and their opinion. Authors shall submit on undertaking in writing with the article to the effect that their respective submitted article has not been published earlier anywhere and if found so, not the publishers of Prachee Patrika but they themselves shall be held responsible.

The manuscript should follow the following criteria;

**i)** Font size should be 12

**ii)** Font type should be Ori Sarala 99 Akruti

**iii)** Line gap should be 1.5

**iv)** American Psychological Association (APA) style of writing of manuscript in which the in-text and end-text citation should be strictly followed. Manuscript not written in APA style will be rejected.

**v)** Author(s) Name, Correspondence Address, Designation, WhatsApp No, ORCID ID and e-mail should be provided in the manuscript.

vi) Research article should include Titel, Abstract, Key Word, Introduction, Background, Materials & Methods, Result, Discussion. Conclusion. Acknowledgements. Authors' Contributions. Funding. Availability of Data and Materials, Ethical Statement, Ethical Approval, Informed Consent, Financial Support and Sponsorship, Conflicts of Interest and References.

**vi)** Two copies of the manuscript including the abstract along with the soft copy (CD/Floppy) must be submitted.

All rights reserved. No part of this publication may be reproduced or transmitted in any form or by any means, electronic or mechanical, without permission in writing from the **Prachee Centre for Cultural Relations (PCCR).**

Editorial correspondence, contribution of Articles, Book Reviews, Advertisements and Subscriptions should be addressed to Dr Bibhudatta Khandayatray, Editor, **Prachee Patrika**, Niladri Vihar, Naya Bazar, Cuttack-4.

**E-Mail:** pracheepatrika@rediffmail.com

**Web Site: https://pracheenews.com/**

All communications should be addressed to the Editor.

## RATES OF SUBSCRIPTION

The prachee patrika is the official journal of the, **Prachee Centre for Cultural Relations (PCCR)** is published monthly. All the members of the association are entitled to receive a free copy of the journal. The subscription rates for others are as follows**:**

| | India (INR) | | Overseas (USD $) | |
|---|---|---|---|---|
| | Individual | Institute | Individual | Institute |
| Print | 5000 | 10000 | 150 | 300 |
| Online | N/A | N/A | N/A | N/A |
| Print+Online | N/A | N/A | N/A | N/A |
| Single Issue | 500 | 1000 | 45 | 94 |

If you want to annual subscriber please Xerox this coupon and send us!!!

Name.......................................................................................................................

Address.....................................................................................Pin code ..........................

Mobile No.........................................E-Mail.......................................................................

I am sending, Rs......................,(Bank Draft) Postal extra

Check Number...................................................................Date..........................................

Bank.........................................................Place.......................................................................

Date...............................................Signature.......................................................................

RNI No. : ODIODI/2015/64435 • P.R. No. : CK(C)/96/2025-2027 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ